# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୧/୨୦୨୪ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 21/2024 | Page 14 | ₹ 7.00

୫୦ଶ ଭାଗ ୧୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 147 | ମୂଲ୍ୟ₹୭/-




**ଭିନେଶଙ୍କୁ ଅଲିମ୍ପିକ୍ସ କୋଟା**

ଭାରତୀୟ ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗଟ ପ୍ୟାରିସ ଅଲିମ୍ପିକ୍ସ କୋଟା ହାସଲ କରିଛନ୍ତି।

୧୪

୦୨

**ଦୀପିକାଙ୍କ ଲେଡି ସିଙ୍ଘମ ଲୁକ୍**

'ସିଙ୍ଘମ ଏଗେନ୍'ରେ ଦୀପିକା ପାଦୁକୋନଙ୍କ ଲୁକ୍ ଉପରୁ ପରଦା ହଟିଛି। ନିର୍ଦ୍ଦେଶକ ରୋହିତ ଶେଟ୍ଟୀ ଇନ୍‌ଷ୍ଟାଗ୍ରାମରେ ଏହାର ଫଟୋ ଶେୟାର କରିଛନ୍ତି।



# ମୁଣ୍ଡଜାମିନ ରଖି ପୁତୁରାକୁ ମାରିଲେ କକା

ଟିଟିଲାଗଡ଼,୨୦।୪(ଶରତ ମିଶ୍ର)

ଟଙ୍କା ପାଇଁ ମଣିଷ କେତେ କ୍ରୁର ହୋଇଯାଏ ତାହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ବେଲପଡ଼ା ଗ୍ରାମରେ। ୧୪ ବର୍ଷୀୟ ସମ୍ପର୍କୀୟ ପୁତୁରାକୁ ଅପହରଣ ପରେ ୩ ଲକ୍ଷ ଟଙ୍କା ଦାବି କରି ନ ପାଇବାରୁ ତଣ୍ଟିଚିପି ହତ୍ୟା କରିଛନ୍ତି କକା ରୋହନ ବାଗ। ହତ୍ୟା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଗାଁ ନିକଟ ଯମୁନା ଯୋରରେ ମୃତଦେହକୁ ପୋତିଦେଇଥିଲେ ଅଭିଯୁକ୍ତ। ହେଲେ ମୃତକଙ୍କ ବାପାଙ୍କୁ ଯେଉଁ ଚିଠି ଲେଖି ୩ଲକ୍ଷ ଟଙ୍କା ଦାବି କରିଥିଲେ ଅଭିଯୁକ୍ତ, ସେହି ଚିଠି ହିଁ ତାଙ୍କୁ ଶେଷରେ ଧରାପକାଇଛି। ଶନିବାର ଅଭିଯୁକ୍ତ କକା ରୋହନଙ୍କୁ



ମୃତ ରେହାନ ବାଗ୍

ଗିରଫ କରିଛି ପୋଲିସ। ରୋହନ କିପରି ଗତ ୧୪ତାରିଖରେ ସମ୍ପର୍କୀୟ ପୁତୁରା ରେହାନ ବାଗଙ୍କୁ ଅପହରଣ କରିଥିଲେ ଓ ଟଙ୍କା ନ ପାଇବାରୁ ତଣ୍ଟିଚିପି ହତ୍ୟା କରି ଯୋରରେ ପୋତିଦେଇଥିଲେ ତାହା ପୋଲିସ ଆଗରେ ଗୋଟିଗୋଟି ବଖାଣିଛନ୍ତି। ଅଭିଯୁକ୍ତଙ୍କ ସ୍ୱୀକାରୋକ୍ତି ପରେ ଶନିବାର ପୋଲିସ ତାଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରିଛି। ଏହାସହ ମାଟି ଖୋଳି ଗଳିତ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଆଇପିସି ଦଫା ୩୦୨, ୩୬୬ ଅନୁଯାୟୀ ଏକ ମାମଲା(୧୬୬/୨୪) ରୁଜୁ କରି ଅଭିଯୁକ୍ତ ରୋହନ ବାଗଙ୍କୁ କୋର୍ଟଚାଲାଣ କରଛି ପୋଲିସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ରେଲୱେ ଠିକାଦାରଙ୍କ ଅଧୀନରେ ବିଦ୍ୟୁତ୍ କାର୍ଯ୍ୟରେ ନିୟୋଜିତ ଥିବା ବେଲପଡ଼ା ଗ୍ରାମର କାମନିଧି ବାଗ ଗତ ୧୪ ତାରିଖରେ ପୁଅ ରେହାନ ନିଖୋଜ ଥିବା ନେଇ ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୁଅର ନିଖୋଜ ପରେ ମିଳିଥିବା ଧମକପୂର୍ଣ୍ଣ ଚିଠିକୁ କାମନିଧି ପୋଲିସକୁ ଦେଇଥିଲେ। ଏଥିରେ ୩ଲକ୍ଷ ଟଙ୍କା ଦେଲେ ପୁଅକୁ ଛଡ଼ାଯିବ ବୋଲି ଉଲ୍ଲେଖଥିଲା। ଏହି ଚିଠିକୁ ଆଧାରକରି ପୋଲିସ ଏକ ଟେକ୍ନିକାଲ ଟିମ୍ ଗଠନ କରି ତଦନ୍ତ ଆଗକୁ ବଢ଼ାଇଥିଲା। କେତେଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କ ହସ୍ତାକ୍ଷରକୁ ଯାଞ୍ଚ କରାଯିବା ପରେ ରୋହନ ବାଗ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା, ଯିଏ କି କିଛି କାମଧନ୍ଦା ନ କରି ବେକାର ଥିଲେ। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସବୁ କଥା ସାମ୍ନାକୁ ଆସିଥିଲା।







## ବୌଦ୍ଧ, ବାରିପଦା ଦେଶରେ ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର, ୨୦।୪ (ଅସମାପିକା ସାହୁ)

ରାଜ୍ୟରେ ୪୫ ଡିଗ୍ରୀ ଟପିଲା ପାରଦ। ଶନିବାର ବାରିପଦା ଓ ବୌଦ୍ଧରେ ଚଳିତବର୍ଷର ସର୍ବୋଚ୍ଚ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଏହି ଦୁଇ ସହର ଦେଶର ସବୁଠୁ ଉତ୍ତପ୍ତ ପାଲଟିଥିଲା। ୪୫.୨ ଡିଗ୍ରୀ ସେଲ୍‌ସିୟସରେ ଉଭୟ ସହରର ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଥିଲା। ସେହିପରି ୩୦ ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିବାବେଳେ ୧୩ ସହରରେ ୪୩ ଡିଗ୍ରୀ ଓ ତା'ଠାରୁ ଅଧିକ ରେକର୍ଡ କରାଯାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ନୂଆପଡ଼ାରେ ୪୪, ତାଳଚେର ଓ ବଲାଙ୍ଗୀର ୪୩.୬, ନୟାଗଡ଼, ଅନୁଗୋଳ ଓ କେନ୍ଦୁଝରରେ ୪୩.୫, ଝାରସୁଗୁଡ଼ା ୪୩.୨, ହୀରାକୁଦ ୪୩.୧, ସମ୍ବଲପୁର, ସୁନ୍ଦରଗଡ଼ ଓ ଟିଟିଲାଗଡ଼ରେ ୪୩, ସୋନପୁର ୪୨.୭, ରାଉରକେଲା ୪୨.୬, ଢେଙ୍କାନାଳ ଓ ଭବାନିପାଟଣାରେ ୪୨, ଚାନ୍ଦବାଲି ☞ପୃଷ୍ଠା–୧୧

# ୫ ବିଧାୟକ କଟିଲେ



ବଡ଼ଚଣାର ବିଜେଡି ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ

**ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶନିବାର ଷଷ୍ଠ ପର୍ଯ୍ୟାୟରେ ୯ ବିଧାନସଭା ଆସନ ପାଇଁ ଟିକେଟ ଘୋଷଣା କରିଛନ୍ତି। ଏହି ୯ ଆସନ ମଧ୍ୟରୁ ୪ଟିରେ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି। ବଡ଼ଚଣାରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଏବଂ ଚମ୍ପୁଆରେ ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କୁ ଦଳ ଟିକେଟ ଦେଇଛି। ଏହାକୁ ମୁଖ୍ୟମନ୍ତ୍ରୀଙ୍କ ସରପ୍ରାଇଜ୍ ମନେକରାଯାଉଛି। ଟିକେଟ କଟିଥିବା ୫ ବିଧାୟକ ହେଲେ ଚମ୍ପୁଆର ମୀନାକ୍ଷୀ ମହନ୍ତ, ଆନନ୍ଦପୁରର ଭାଗୀରଥି ସେଠୀ, ସିମୁଳିଆର ଜ୍ୟୋତି ପାଣିଗ୍ରାହୀ, ବଡ଼ଚଣାର ଅମର ପ୍ରସାଦ ଶତପଥୀ ଓ କେନ୍ଦ୍ରାପଡ଼ାର ଶଶିଭୂଷଣ ବେହେରା। ସେହିପରି ବିଜେଡିରୁ ବହିଷ୍କାର ହୋଇଥିବା ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ସ୍ଥାନରେ ଦଳ ବିଦ୍ୟାସ୍ମିତା ମହାଲିକଙ୍କୁ ସୁଯୋଗ ଦେଇଛି।**

ଭୁବନେଶ୍ୱର,୨୦।୪(ଅନିଲ ଦାସ)

ବିଜୁ ଜନତା ଦଳ ଷଷ୍ଠ ପର୍ଯ୍ୟାୟରେ ଆଉ ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ଜରିଆରେ ଶନିବାର ଏହି ଘୋଷଣା କରିଛନ୍ତି। ଚିଲିକାରୁ ରଘୁନାଥ ସାହୁଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ଆନନ୍ଦପୁରରୁ ଅଭିମନ୍ୟୁ ସେଠୀ, ସାରସକଣାରୁ ଦେବାଶିଷ ମାରାଣ୍ଡି, କରଞ୍ଜିଆରୁ ବାସନ୍ତୀ ହେମ୍ବ୍ରମ, ସିମୁଳିଆରୁ ସୁବାସିନୀ ସାହୁ ଓ ରେମୁଣାରୁ ବିଦ୍ୟାସ୍ମିତା ମହାଲିକଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଗଣେଶ୍ୱର ବେହେରାଙ୍କୁ କେନ୍ଦ୍ରାପଡ଼ାରୁ ବିଜେଡି ଟିକେଟ ଦେଇଥିବାବେଳେ ପୂର୍ବତନ ସ୍ୱାଧୀନ ବିଧାୟକ ସନାତନ ମହାକୁଡ଼ଙ୍କୁ ଚମ୍ପୁଆ ଏବଂ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ବଡ଼ଚଣା ଆସନରୁ ବିଜେଡି ପ୍ରାର୍ଥୀ କରିଛି।

ଏହି ତାଲିକାରେ ଦଳ ୪ ମହିଳାଙ୍କୁ ପ୍ରାର୍ଥୀ କରିଥିବାବେଳେ ସର୍ବାଧିକ ୬ ଜଣ ବିଧାୟକଙ୍କୁ ନିରାଶ ହେବାକୁ ପଡ଼ିଛି। ସେମାନଙ୍କ ଉପରେ ଦଳ ଆଉ ଭରସା କରିପାରି ନାହିଁ। ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କ ଟିକେଟ କଟିଥିବା ବେଳେ ସିମୁଳିଆ ବିଧାୟକ ଜ୍ୟୋତି ପାଣିଗ୍ରାହୀ, ବଡ଼ଚଣା ବିଧାୟକ ଅମର ଶତପଥୀ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଏବଂ ସାରସକଣା ବିଧାୟକ ବୁଧାନ ମୁର୍ମୁଙ୍କୁ ବିଜେଡି ଟିକେଟ ଦେଇନି। ତେବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କୁ ଦଳରୁ ବହିଷ୍କାର କରାଯାଇଥିବାରୁ ତାଙ୍କ ସ୍ଥାନରେ ଦଳ ବିଦ୍ୟାସ୍ମିତା ☞ପୃଷ୍ଠା–୧୧

**ଆଜିର ସମ୍ପାଦକୀୟ**

**ହିନ୍ଦୁରାଷ୍ଟ୍ର ସମ୍ଭବ କି**

| ଲଭ୍ ଜିହାଦ ପାଇଁ ଝିଅକୁ ହତ୍ୟା | ପୃଷ୍ଠା ୨ |
|---|---|
| କଂଗ୍ରେସ କର୍ପୋରେଟରଙ୍କ ଅଭିଯୋଗ | |

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ନୀତିର ସ୍କୁଲ ଚଳାଉଛନ୍ତି। ସେ ସମ୍ପୂର୍ଣ୍ଣ ଦୁର୍ନୀତି ବିଜ୍ଞାନ ବିଷୟରେ ପଢ଼ାଉଛନ୍ତି।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## କେଜ୍‌ରିୱାଲ୍‌ଙ୍କୁ ମୃତ୍ୟୁମୁଖକୁ ଠେଲି ଦିଆଯାଉଛି: ଆପ୍

ନୂଆଦିଲ୍ଲୀ,୨୦।୪

ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇ ତିହାର ଜେଲରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଧୀରେ ଧୀରେ ମୃତ୍ୟୁମୁଖକୁ ଠେଲିଦିଆଯାଉଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଶନିବାର ଅଭିଯୋଗ କରିଛି। ଟାଇପ୍-୨ ଡାଇବେଟିସ୍‌ରେ ପୀଡ଼ିତ ଆପ୍ ନେତାଙ୍କୁ ଇନ୍‌ସୁଲିନ୍ ଦିଆଯାଉ ନାହିଁ କି ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଅନୁମତି ମିଳୁନାହିଁ ବୋଲି ଦଳ କହିଛି। କେଜ୍‌ରିୱାଲଙ୍କୁ ଧୀରେ ଧୀରେ ମାରିଦେବା ଲାଗି ଷଡ଼ଯନ୍ତ୍ର ଚାଲିଥିବା ଦଳୀୟ ମୁଖପାତ୍ର ତଥା ଦିଲ୍ଲୀ ମନ୍ତ୍ରୀ ସୌରଭ ଭରଦ୍ୱାଜ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ତିହାର ଜେଲ କର୍ତ୍ତୃପକ୍ଷଙ୍କ ସମେତ ଭାଜପା, କେନ୍ଦ୍ର ସରକାର ଏବଂ ଦିଲ୍ଲୀ ଉପରାଜ୍ୟପାଳଙ୍କୁ ସମାଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃଆରୀ ୧୬ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସବୁଠୁ ବଡ଼ ସମାଲୋଚକ ତଥା ବିରୋଧୀ ନେତା ଆଲେକ୍ସି ନାଭାଲ୍‌ନିଙ୍କର ଆର୍କଟିକ୍ ଜେଲରେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ରାଷ୍ଟ୍ରପତି ନିର୍ବାଚନରେ ନାଭାଲ୍‌ନି ବଡ଼ ଚ୍ୟାଲେଞ୍ଜର ଭାବେ ଉଭା ହୋଇପାରନ୍ତି ବୋଲି ପୁଟିନ୍ ସନ୍ଦେହକରି ତାଙ୍କୁ ଜେଲ ଭିତରେ ବିଷଦେଇ ହତ୍ୟା ☞ପୃଷ୍ଠା–୧୧

## କଂଗ୍ରେସର ଆଉ ୩ ଲୋକ ସଭା, ୧୬ ବିଧାନସଭା ପ୍ରାର୍ଥୀ

ଭୁବନେଶ୍ୱର,୨୦।୪(ଅନିଲ ଦାସ)

କଂଗ୍ରେସ ପକ୍ଷରୁ ଶନିବାର ସମ୍ବଲପୁର, ଆସିକା ଓ କେନ୍ଦୁଝର ଲୋକ ସଭା ସହିତ ୧୬ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। କେନ୍ଦୁଝର ପାଇଁ ଦଳ ପୂର୍ବରୁ ମୋହନ ହେମ୍ବ୍ରମଙ୍କ ନାଁ ଘୋଷଣା କରିଥିଲା। ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ବଦଳାଇଛି। ମୋହନଙ୍କ ବଦଳରେ ବିନୋଦ ନାଏକଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ସମ୍ବଲପୁର ଲୋକ ସଭା ଆସନ ପାଇଁ ଦଳ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରିଥିବାବେଳେ ଆସିକାରେ ଦେବକାନ୍ତ ଶର୍ମାଙ୍କୁ ଛିଡ଼ା କରାଇଛି।

ନିକଟରେ ବିଜେଡି ଛାଡ଼ି କଂଗ୍ରେସରେ ସାମିଲ ହୋଇଥିବା କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କୁ ଦଳ କେନ୍ଦ୍ରାପଡ଼ା ବିଧାନସଭା ଆସନରୁ ପ୍ରାର୍ଥୀ କରିଥିବାବେଳେ ଭାଜପା ଛାଡ଼ି କଂଗ୍ରେସରେ ମିଶିଥିବା ସୋନାଲି ସାହୁଙ୍କୁ ଦଳ ଖୋର୍ଦ୍ଧାରୁ ଟିକେଟ ଦେଇଛି। କଂଗ୍ରେସରୁ ୬ ବର୍ଷ ପାଇଁ ବହିଷ୍କୃତ ହୋଇଥିବା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ବଡ଼ପୁଅ ସିଦ୍ଧାର୍ଥ ରାଉତରାୟଙ୍କୁ ଦଳ ନିମାପଡ଼ାରୁ ପ୍ରାର୍ଥୀ କରିଛି। ଝାରସୁଗୁଡ଼ା ବିଧାନସଭା ଆସନରୁ କଂଗ୍ରେସ ଅମିତା ବିଶ୍ୱାଳଙ୍କୁ ପ୍ରାର୍ଥୀ କରିଥିବାବେଳେ ☞ପୃଷ୍ଠା–୧୧

**କଂଗ୍ରେସର ପ୍ରାର୍ଥୀ ତାଲିକା: ପୃଷ୍ଠା–୫**




# ଟ୍ରାଫିକ୍ ପୋଲିସ ମୁଣ୍ଡରେ ଏସି ହେଲ୍‌ମେଟ୍

ଭୁବନେଶ୍ୱର,୨୦।୪ (ସୂର୍ଯ୍ୟକାନ୍ତ ବେହେରା)

ପ୍ରଚଣ୍ଡ ଖରାତାତିକୁ ଗୁଳୁଗୁଳି ଓ ଝାଞ୍ଜି ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଇତିମଧ୍ୟରେ ରାଜ୍ୟର ତାପମାତ୍ରା ୪୫ଡିଗ୍ରୀ ଡେଇଁଥିବାବେଳେ ସକାଳୁ ଘରୁ ବାହାରିବାକୁ ଡର ଲାଗୁଛି। ଏ ପରିସ୍ଥିତିରେ ନିଜ କର୍ତ୍ତବ୍ୟରୁ ପଛକୁ ହଟି ନାହାନ୍ତି



ଟ୍ରାଫିକ ପୋଲିସ। ଟୋପିଟିଏ ପିନ୍ଧି ଟାଇଁଟାଇଁ ଖରାରେ ସେବା ଯୋଗାଉଥିବା ଏହି ସଜାଗ ପ୍ରହରୀଙ୍କ ସୁରକ୍ଷା କଥା ଚିନ୍ତା କରିଛି କମିଶନରେଟ ପୋଲିସ। ପ୍ରଥମଥର ଟ୍ରାଫିକ କର୍ମଚାରୀଙ୍କ ପାଇଁ ଏୟାର କଣ୍ଡିଶନ୍‌ଡ (ଏସି) ହେଲ୍‌ମେଟ୍ ବ୍ୟବସ୍ଥା କରାଯାଇଛି। ଶନିବାର ଭୁବନେଶ୍ୱର ୧୨୦ ବାଟାଲିୟନ ଟ୍ରାଫିକ୍ ☞ପୃଷ୍ଠା–୧୧

## ସଂକ୍ଷେପରେ

### ମତଦାନର ଦିନକ ପରେ ଭାଜପା ପ୍ରାର୍ଥୀଙ୍କ ପରଲୋକ


କୁନୱାର ସର୍ବେଶ ସିଂ

**ଲକ୍ଷ୍ନୌ,୨୦।୪:** ଉତ୍ତରପ୍ରଦେଶ ମୋରାଦାବାଦର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ କୁନୱାର ସର୍ବେଶ ସିଂଙ୍କର ଶନିବାର ଦିଲ୍ଲୀ ଏମ୍ସରେ ପରଲୋକ ଘଟିଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ମୋରାଦାବାଦ ଆସନରେ ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ଭୋଟ ହୋଇଥିଲା। ତେବେ ଅସୁସ୍ଥତା କାରଣରୁ ସର୍ବେଶ ନିର୍ବାଚନ ପ୍ରଚାରରେ ଭାଗ ନେଇ ନ ଥିଲେ।

### ଶାହାଙ୍କ ସମ୍ପତ୍ତି ୩୬ କୋଟି

**ଗାନ୍ଧୀନଗର, ୨୦।୪:** ଗୁଜରାଟର ଗାନ୍ଧୀନଗର ଲୋକ ସଭା ଆସନରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶାହା ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ତାଙ୍କର ସମୁଦାୟ ୩୬ କୋଟି ଟଙ୍କାର ସମ୍ପତ୍ତି ରହିଛି। ଶାହାଙ୍କର ୨୦ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଥିବାବେଳେ ୧୬ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ସେହିପରି ତାଙ୍କ ପାଖରେ ନଗଦ ୨୪ ହଜାର ୧୧୪ ଟଙ୍କା ଓ ୭୨ ଲକ୍ଷ ଟଙ୍କାର ଅଳଙ୍କାର ରହିଛି। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ଶାହାଙ୍କ ବାର୍ଷିକ ଆୟ ୭୫.୦୯ ଲକ୍ଷ ଟଙ୍କା ରହିଥିଲା। ଏମ୍ପି ଭାବେ ପାଉଥିବା ଦରମା, ଘର ଓ ଜମି ଭଡା ଏବଂ ଚାଷ କାର୍ଯ୍ୟ ଆଦି ତାଙ୍କ ଆୟର ଉତ୍ସ ହୋଇଥିବା ଶାହା ନିଜ ସତ୍ୟପାଠରେ ଦର୍ଶାଇଛନ୍ତି। ତେବେ ତାଙ୍କର କୌଣସି କାର୍ ନାହିଁ ବୋଲି ଏହି ସତ୍ୟପାଠରେ ଶାହା ଦର୍ଶାଇଛନ୍ତି।

### କ୍ୟାନ୍ସରରେ ଫେଶନ ଇନ୍‌ଫ୍ଲୁଏନ୍ସର ସୁରଭି ଜୈନଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨୦।୪:** ଲୋକପ୍ରିୟ ଫେଶନ ଇନ୍‌ଫ୍ଲୁଏନ୍ସର ସୁରଭି ଜୈନଙ୍କର ୩୦ ବର୍ଷ ବୟସରେ ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ହେଲା କ୍ୟାନ୍ସରରେ ପୀଡ଼ିତ ଥିଲେ। ଇନ୍‌ଷ୍ଟାଗ୍ରାମରେ ତାଙ୍କର ବହୁ ପ୍ରଶଂସକ ରହିଛନ୍ତି। ୮ ସପ୍ତାହ ପୂର୍ବରୁ ସେ ଇନ୍‌ଷ୍ଟାଗ୍ରାମରେ ତାଙ୍କର ଶେଷ ଫଟୋ ଶେୟାର କରିଥିଲେ। ସେତେବେଳେ ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।



# ଲଭ୍ ଜିହାଦ ପାଇଁ ଝିଅକୁ ମାରିଦେଲେ

## କଂଗ୍ରେସ କର୍ପୋରେଟରଙ୍କ ଅଭିଯୋଗ

ବେଙ୍ଗାଲୁରୁ,୨୦।୪

ଏପ୍ରିଲ ୨୬ ଏବଂ ମେ’ ୭ରେ କର୍ନାଟକରେ ଲୋକ ସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଜଣେ କର୍ପୋରେଟରଙ୍କ ଝିଅକୁ ହତ୍ୟା ଘଟଣାକୁ ନେଇ ଶାସକ କଂଗ୍ରେସ ଏବଂ ବିରୋଧୀ ଦଳ ଭାଜପା ମଧ୍ୟରେ ବିବାଦ ତୀବ୍ର ରୂପ ଧାରଣ କରିଛି। ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ତଦନ୍ତ ଜାରି ରହିଛି। ଏହା ଏକ ‘ଲଭ୍ ଜିହାଦ’ ଘଟଣା ବୋଲି ଭାଜପା ନେତାମାନେ ଅଭିଯୋଗ କରୁଥିବାବେଳେ ମୃତକଙ୍କ ବାପା ନିରଞ୍ଜନ ହିରେମାଥ ମଧ୍ୟ ଏହି ବୀଭତ୍ସ ହତ୍ୟାକାଣ୍ଡ ପଛରେ ଲଭ୍ ଜିହାଦ ରହିଥିବା ଅଭିଯୋଗ ଆଣିଛନ୍ତି। ଗୋଟିଏ ଗ୍ୟାଙ୍ଗ୍ ଦୀର୍ଘଦିନ ହେଲା ଷଡ଼ଯନ୍ତ୍ର ଚଳାଇଥିଲେ। ସେମାନେ ଝିଅ ନେହା (୨୩)ଙ୍କୁ ବଶ କରାଇବା କିମ୍ବା ମାରିଦେବାକୁ ଯୋଜନା କରିଥିଲେ। ପୂର୍ବରୁ ସେମାନେ ଅନେକ ଥର ଧମକ ମଧ୍ୟ ଦେଇଥିଲେ। ତେବେ ନେହା ସେସବୁ ଧମକ ପ୍ରତି ଧ୍ୟାନ ଦେଇ ନ ଥିଲେ ବୋଲି ନିରଞ୍ଜନ କହିଛନ୍ତି।


ମୃତ ନେହା ହିରେମାଥ

ପ୍ରଥମ ବର୍ଷ ଏମ୍‌ସିଏ ଛାତ୍ରୀ ନେହାଙ୍କୁ ଗୁରୁବାର କେଏଲ୍ଇ ଟେକ୍ନୋଲୋଜିକାଲ ୟୁନିଭର୍ସିଟି ପରିସରରେ ଜଣେ ପୂର୍ବତନ ଛାତ୍ର ୭ ଥର ଛୁରିଭୁସି ହତ୍ୟା କରିଥିଲେ। ଫୟେଜ ଖୋଣ୍ଡୁନାଏକ୍ ନାମକ ଏହି ଛାତ୍ର ଜଣକ ପୂର୍ବରୁ ନେହାଙ୍କ ସହପାଠୀ ଥିଲେ। ପରେ ସେ ପାଠପଢ଼ା ଛାଡ଼ିଦେଇଥିଲେ। ପୂର୍ବରୁ ସେମାନେ ସମ୍ପର୍କରେ ଥିଲେ ଏବଂ ପରେ ନେହା ତାଙ୍କଠାରୁ ଦୂରେଇ ଯାଇଥିଲେ ବୋଲି ଜେରା ବେଳେ ଫୟେଜ କହିଛନ୍ତି। ହତ୍ୟାକାଣ୍ଡକୁ ନେଇ କଂଗ୍ରେସ ଓ ଭାଜପା ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ଲାଗିରହିଛି। ବ୍ୟକ୍ତିଗତ କାରଣକୁ ନେଇ ହତ୍ୟାକାଣ୍ଡ ହୋଇଥିବା କଂଗ୍ରେସ କହୁଥିବାବେଳେ ଭାଜପା ଏହାକୁ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିରେ ଅବନତି ବୋଲି ଅଭିଯୋଗ କରିଛି। ଏହା ପଛରେ ଲଭ୍ ଜିହାଦ ଥିବା ବାପା ନିରଞ୍ଜନ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ରାଜ୍ୟ ଗୃହମନ୍ତ୍ରୀ ଜି. ପରମେଶ୍ୱର ଲଭ୍ ଜିହାଦ ଅଭିଯୋଗକୁ ଖଣ୍ଡନ କରିଛନ୍ତି। କର୍ନାଟକରେ ଆଇନ ଶୃଙ୍ଖଳା ସ୍ଥିତି ବହୁତ ଭଲ ଥିବା ସିଦ୍ଧାରାମାୟା କହିଛନ୍ତି।


ବିହାରର ଭାଗଲପୁରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ନିର୍ବାଚନ ପ୍ରଚାର କରୁଛନ୍ତି।

# ଇସ୍ରାଏଲ୍‌କୁ କଡ଼ା ଜବାବର ଚେତାବନୀ ଦେଲା ଇରାନ

ତେହେରାନ,୨୦।୪

ଇସ୍ରାଏଲ୍ ଯଦି ପୁଣି ଥରେ ଦୁଃସାହସ ଦେଖାଏ ଏବଂ ଇରାନର ସ୍ୱାର୍ଥ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଏ, ତେବେ ଆମର ପରବର୍ତ୍ତୀ ଜବାବ ତୁରନ୍ତ ଓ ସର୍ବାଧିକ ସ୍ତରର ହେବ ବୋଲି ତେହେରାନ୍ ଚେତାବନୀ ଦେଇଛି। ଗତ ଶୁକ୍ରବାର ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ଘଟଣାରେ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ହୋସେଇନ୍ ଅମିରାବଡୋଲଲାହିଆନ୍ ଏଭଳି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଇରାନ ଉପରେ ରାତିଅଧିଆ ଆକ୍ରମଣକୁ ନେଇ ଆମେ ଅନୁଧ୍ୟାନ କରୁଛୁ। ଏହି ଆକ୍ରମଣରେ ଇସ୍ରାଏଲ୍ ସମ୍ପୃକ୍ତ ଥିବା ନେଇ ପ୍ରମାଣିତ ହୋଇ ନ ଥିବାରୁ ଏହାକୁ ଗୁରୁତ୍ୱ ଦିଆଯାଇ ନାହିଁ। କେତେକ ଡ୍ରୋନ୍ ଇରାନ ଭିତରୁ ଉଠି ଖସିବା ପୂର୍ବରୁ କିଛି ଦୂର ପର୍ଯ୍ୟନ୍ତ ଉଡ଼ିଥିଲା। ସେଗୁଡ଼ିକ ଡ୍ରୋନ୍ ନ ଥିଲା ପିଲାଙ୍କ ଖେଳଣା ଥିଲା ବୋଲି ହୋସେଇନ୍ କହିଛନ୍ତି। ଇସ୍ରାଏଲ୍ ଆକ୍ରମଣ କରିଥିବା ନେଇ ଗଣମାଧ୍ୟମ ରିପୋର୍ଟ ଠିକ୍ ନୁହେଁ ବୋଲି ତେହେରାନ୍ ପାଖରେ ଥିବା ସୂଚନାରୁ ଜଣାପଡ଼ିଛି। ତେବେ ଇସ୍‌ଫାହାନ୍ ଉପରେ ୩ଟି ଡ୍ରୋନ୍‌କୁ ଏୟାର ଡିଫେନ୍ସ ମାଡ଼ କରାଯିବାରୁ ବିସ୍ଫୋରଣ ହୋଇଥିଲା ବୋଲି ଇରାନ ଗଣମାଧ୍ୟମ ଏବଂ ଅଧିକାରୀମାନେ କହିଛନ୍ତି। ଏହା ଇସ୍ରାଏଲ୍ ନୁହେଁ ଅନୁପ୍ରବେଶକାରୀଙ୍କ ଆକ୍ରମଣ ବୋଲି ସେମାନେ ଜଣାଇଛନ୍ତି।

# ଭାରତ ଆସିବେନି ମସ୍କ

ନୂଆଦିଲ୍ଲୀ,୨୦।୪

ଟେସ୍‌ଲା ସିଇଓ ଏଲନ୍ ମସ୍କ ତାଙ୍କର ୨ ଦିନିଆ ଭାରତ ଗସ୍ତକୁ ସ୍ଥଗିତ ରଖିଛନ୍ତି। ସେ ଏପ୍ରିଲ ୨୧ରେ ଭାରତରେ ପହଞ୍ଚିବା ସହ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର ଥିଲା। ଆମେରିକାର ବିଦ୍ୟୁତ୍‌ଚାଳିତ କାର୍ ନିର୍ମାତା ଟେସ୍‌ଲା ବିଶ୍ୱର ତୃତୀୟ ବୃହତ୍ କାର୍ ବଜାର ଭାବେ ପରିଚିତ ଭାରତରେ ପ୍ରବେଶ କରିବାକୁ ଯୋଜନା କରିଛି। ଟେସ୍‌ଲାର ବହୁତ ବଡ଼ ଦାୟିତ୍ୱ ଥିବାରୁ ତାଙ୍କର ଭାରତ ଗସ୍ତ ବିଳମ୍ବ ହେଉଥିବା ମସ୍କ ଏକ୍ସ’ରେ ଲେଖିଛନ୍ତି। ଭାରତରେ ଟେସ୍‌ଲା କାର୍ କାରଖାନା ବସାଇବା ପାଇଁ ମସ୍କ ୨ରୁ ୩ ବିଲିୟନ ଡଲାର ନିବେଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମସ୍କଙ୍କ ଗସ୍ତ ସ୍ଥଗିତ ରହିଥିଲେ ମଧ୍ୟ ଭାରତ ସରକାରଙ୍କ ସହ ଟେସ୍‌ଲା କର୍ତ୍ତୃପକ୍ଷଙ୍କ ଆଲୋଚନା ଜାରି ରହିବ।

# ନୂଆ ଆପରାଧିକ ଆଇନକୁ ସିଜେଆଇଙ୍କ ପ୍ରଶଂସା

ନୂଆଦିଲ୍ଲୀ,୨୦।୪

କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିବା ନୂଆ ଆପରାଧିକ ଆଇନକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ପ୍ରଶଂସା କରିଛନ୍ତି। ଏହା ଆପରାଧିକ ନ୍ୟାୟ ଉପରେ ଭାରତର ନ୍ୟାୟିକ ଢାଞ୍ଚାକୁ ନୂତନ ଯୁଗ ଅନୁଯାୟୀ ବଦଳାଇଦେଇଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ‘ଭାରତର ଆପରାଧିକ ନ୍ୟାୟ ବ୍ୟବସ୍ଥା ଉପରେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ପୀଡ଼ିତଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏଥିରେ ଗୁରୁତ୍ୱ ଦିଆଯିବା ସହ ତଦନ୍ତ ଏବଂ ବିଚାର ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରାଯାଇଛି। ୩ ନୂଆ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହେବା ସହ ଦେଶର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ହେବାକୁ ଯାଉଛି। ଆମ ସମାଜ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ, କାରଣ ଆପରାଧିକ ଆଇନ ଭଳି କୌଣସି ଆଇନ ଆମ ସମାଜର ଦୈନନ୍ଦିନ ଆଚରଣଭୁ ପ୍ରଭାବିତ କରି ନ ଥାଏ ବୋଲି ସିଜେଆଇ କହିଛନ୍ତି।


ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

# ଏମ୍‌ସିସି ଉଲ୍ଲଂଘନ: ଶିବକୁମାରଙ୍କ ବିରୋଧରେ ଇସି କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୨୦।୪

ଆଦର୍ଶ ଆଚରଣ ବିଧି (ଏମ୍‌ସିସି)ର ଉଲ୍ଲଂଘନ କରିଥିବା କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ବିରୋଧରେ ନିର୍ବାଚନ କମିଶନ (ଇସି) ଶନିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କାବେରୀ ଜଳ ଚାହୁଁଥିଲେ କଂଗ୍ରେସକୁ ଭୋଟ ଦେବାକୁ ଶିବକୁମାର ଭୋଟରମାନଙ୍କୁ ଧମକ ଦେଇଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ସେ ଏମ୍‌ସିସିର ଉଲ୍ଲଂଘନ କରିଥିବା ନେଇ ଭାଜପା ଅଭିଯୋଗ କରିବାର ଦିନକ ପରେ ଇସି ନୋଟିସ ପଠାଇଛନ୍ତି। ବେଙ୍ଗାଲୁରୁ ରୁରାଲ ଆସନରେ ପ୍ରାର୍ଥୀ ହୋଇଥିବା ଶିବକୁମାରଙ୍କ ଭାଇ ଡି.କେ. ସୁରେଶଙ୍କ ପାଇଁ ପ୍ରଚାର କଲାବେଳେ ଶିବକୁମାର ଏମ୍‌ସିସି ଉଲ୍ଲଂଘନ କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ ବେଙ୍ଗାଲୁରୁ ଏଫ୍‌ଏସ୍‌ଟି ଦ୍ୱାରା ମାମଲା ରୁଜୁ ହୋଇଛି।



# ସ୍ତ୍ରୀଙ୍କୁ ଟଏଲେଟ୍ କ୍ଲିନର ମିଶା ଖାଦ୍ୟ ଦିଆଯାଉଛି: ଇମ୍ରାନ୍

ରାୱଲପିଣ୍ଡି,୨୦।୪

ସ୍ତ୍ରୀ ବୁଶ୍ରା ବିବିଙ୍କୁ ଖାଦ୍ୟରେ ଟଏଲେଟ୍ କ୍ଲିନର ମିଶାଇ ଦିଆଯାଉଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଅଭିଯୋଗ କରିଛନ୍ତି। ରାୱଲପିଣ୍ଡିର ଆଡିଆଲା ଜେଲରେ ୧୯୦ ନିୟୁତ ପାଉଣ୍ଡ ଦୁର୍ନୀତି ମାମଲାର ଶୁଣାଣି ବେଳେ ଇମ୍ରାନ୍ ଉପରୋକ୍ତ ଅଭିଯୋଗ ଆଣିଛନ୍ତି। ଫଳରେ ବୁଶ୍ରାଙ୍କ ସ୍ୱାସ୍ଥ୍ୟ ଖରାପ ହେଉଛି। ଶିଫା ଇଣ୍ଟରନ୍ୟାଶନାଲ ହସ୍ପିଟାଲରେ ବୁଶ୍ରାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ମୁଖ୍ୟ ମେଡିକାଲ ଅଫିସର ଡ. ଅସିମ୍ ୟୁସଫ ପରାମର୍ଶ ଦେଇଥିଲେ। ଜେଲ କର୍ତ୍ତୃପକ୍ଷ ଏହାକୁ ଗ୍ରହଣ ନ କରି ପିଆଇଏମ୍‌ଏସ୍ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଜିଦ୍ ଧରିଥିବା ପିଟିଆଇ ନେତା ଅଭିଯୋଗ କରିଛନ୍ତି।

# ଭାଜପାକୁ ୬୦ କୋଟି ଦେଇଛନ୍ତି ସରଥ ରେଡ୍ଡୀ

ନୂଆଦିଲ୍ଲୀ,୨୦।୪

ତଥାକଥିତ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାର ଅନ୍ୟତମ ଅଭିଯୁକ୍ତ ସରଥ ରେଡ୍ଡୀ ଭାଜପାକୁ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ୬୦ କୋଟି ଟଙ୍କା ଚାନ୍ଦା ଦେଇଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଶନିବାର ଅଭିଯୋଗ ଆଣିଛନ୍ତି। ସେଥିପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସରଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଆପ୍ ନେତା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଇଡି ଚାର୍ଜଶିଟ୍‌ରେ ସରଥଙ୍କୁ ଅବକାରୀ ଦୁର୍ନୀତିର କିଙ୍ଗ୍‌ପିନ୍ ଭାବେ ଅଭିଯୋଗ କରାଯାଇଛି।


ସରଥ ରେଡ୍ଡୀ

### ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ କାର୍ଯ୍ୟାନୁଷ୍ଠାନ ନେଉନି ଇଡି

### ସଞ୍ଜୟ ସିଂଙ୍କ ଅଭିଯୋଗ

ବିନା ପ୍ରମାଣରେ ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ତାଙ୍କୁ ଗିରଫ କରାଯାଇଥିବାବେଳେ ସରଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ସଞ୍ଜୟ ଅଭିଯୋଗ କରିଛନ୍ତି।

## ଫୁର୍‌ସତ୍

# ସର୍ବ ପୁରାତନ ସର୍ପର ଜୀବାଶ୍ମ

ଗାନ୍ଧିନଗର

ଗୁଜରାଟ କଚ୍ଛସ୍ଥିତ ଏକ କୋଇଲା ଖଣିରୁ ସବୁଠାରୁ ପ୍ରାଚୀନ ସାପର ଜୀବାଶ୍ମ ସନ୍ଧାନ କରାଯାଇଛି। ଆଇଆଇଟି ରୁର୍କୀର ଗବେଷକମାନେ ୨୦୦୫ରେ ଏହାକୁ ସନ୍ଧାନ କରିଥିଲେ। କିନ୍ତୁ ସେତେବେଳେ ଏହା ଉପରେ ଗଭୀର ଅଧ୍ୟୟନ କରାଯାଇ ନ ଥିଲା। ଏହି ପ୍ରାଚୀନ ସାପର ଜୀବାଶ୍ମକୁ ବୈଜ୍ଞାନିକମାନେ ‘ବାସୁକି ଇଣ୍ଡିକସ୍’ ନାମ ଦେଇଛନ୍ତି । ଏହା ୫ କୋଟି ବର୍ଷ ତଳର ହୋଇଥିବା ଅନୁମାନ କରାଯାଉଛି। ଏହି ପ୍ରାଚୀନ ସାପ ପ୍ରାୟତଃ ୧୦.୯ରୁ ୧୫.୨ ମିଟରର ଲମ୍ବା ହୋଇଥିବାରୁ ଏହାକୁ ସବୁଠାରୁ ଲମ୍ବା ସାପ ବୋଲି ଗବେଷକମାନେ କହିଛନ୍ତି। ଏହି ସାପର ଗୋଲେଇ ୧୭ ଇଞ୍ଚ ରହିଛି। ଆକାର କାରଣରୁ ଏହି ପ୍ରାଚୀନ ସାପ ଧୀର ଆକ୍ରମଣକାରୀ ପ୍ରବୃତ୍ତିର ହୋଇଥିବା କୁହାଯାଇଛି। ବର୍ତ୍ତମାନ ବିଲୁପ୍ତ ପ୍ରାୟ କଲମ୍ବିଆର ଟିଟାନ୍‌ବୋଆ ପ୍ରଜାତି ସହ ଏହି ପ୍ରାଚୀନ ପ୍ରଜାତିର ସାମଞ୍ଜସ୍ୟ ରହିଥିବା ଗବେଷକମାନେ ଅନୁମାନ କରିଛନ୍ତି। ଏହି ଜୀବାଶ୍ମକୁ କଚ୍ଛର ପନାଧ୍ରୋ ଗାଁରୁ ଗବେଷକମାନେ ସନ୍ଧାନ କରିଛନ୍ତି, ଯାହା ଏବେ ମରୁଭୂମିରେ ପରିଣତ ହୋଇଛି।



# ଆମେରିକୀୟ ଦମ୍ପତିଙ୍କୁ ଦେଢ଼ ଲକ୍ଷ ଡଲାର ଫୋନ୍ ବିଲ୍




**ଫ୍ଲୋରିଡା:** ଛୁଟି କଟାଇବା ପାଇଁ ବିଦେଶ ଯିବା ଏକ ଆମେରିକୀୟ ଦମ୍ପତିଙ୍କ ପାଇଁ ମହଙ୍ଗା ପଡ଼ିଛି। ଆମେରିକାର ଫ୍ଲୋରିଡାରେ ରହୁଥିବା ଏକ ଦମ୍ପତି ଛୁଟି କଟାଇବାକୁ ସୁଇଜରଲାଣ୍ଡ ଯାଇଥିଲେ। ସେଠାରେ ୩ ସପ୍ତାହ ଛୁଟି କାଟି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ସେମାନଙ୍କୁ ୧, ୪୩,୦୦୦ ଡଲାରର ଫୋନ୍ ବିଲ୍ ଆସିଛି। ଫ୍ଲୋରିଡାରେ ରହୁଥିବା ରେନେ ରେମୁଣ୍ଡ(୭୧) ଓ ତାଙ୍କ ସ୍ତ୍ରୀ ଲିଣ୍ଡା(୬୫) କିଛିଦିନ ତଳେ ସୁଇଜରଲାଣ୍ଡରେ ଛୁଟି ବିତାଇବାକୁ ଯାଇଥିଲେ। ତେବେ ଯେତେବେଳେ ସେମାନେ ଛୁଟି ସାରି ଆମେରିକା ଫେରିଲେ, ତାଙ୍କୁ ୧, ୪୩,୦୦୦ ଡଲାରର ଫୋନ୍ ବିଲ୍ ଆସିଥିଲା। ରିପୋର୍ଟ ଅନୁଯାୟୀ, ‘ଟି-ମୋବାଇଲ୍’ ନାମକ ଏକ କମ୍ପାନୀ ଏହି ବିଲ୍ ଉକ୍ତ ଦମ୍ପତିଙ୍କୁ ପଠାଇଥିଲା। ଏନେଇ ରେନେ କହିଛନ୍ତି, ସେ ‘ଟି-ମୋବାଇଲ’ କମ୍ପାନୀର ସେବାକୁ ଗତ ୩୦ ବର୍ଷ ଧରି ବ୍ୟବହାର କରୁଛନ୍ତି। ନିଜ ବିଦେଶ ଯାତ୍ରା ବିଷୟରେ ସେ କମ୍ପାନୀକୁ ଜଣାଇଥିଲେ, କିନ୍ତୁ ଏହାସତ୍ତ୍ୱେ ମଧ୍ୟ ସେମାନେ ତାଙ୍କ ଇଣ୍ଟରନେଟ ଡାଟା ଉପରେ ରୋମିଂ ଚାର୍ଜ ବନ୍ଦ କରି ନ ଥିବାରୁ ଏତେ ପରିମାଣର ବିଲ୍ ଆସିଛି। ଏହି ଦମ୍ପତି ସେମାନଙ୍କ ସୁଇଜରଲାଣ୍ଡ ଯାତ୍ରା ସମୟରେ ଅନେକ ଫଟୋ ଓ ଭିଡିଓ ଉଠାଇଥିଲେ, ଯାହା ଉଭୟେ ଦେଶ ବାହାରେ ଥିବା ନିଜ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କୁ ଶେୟାର କରିଥିଲେ। ଫଳରେ ପ୍ରତିଦିନ ସେମାନଙ୍କର ଲକ୍ଷ ଲକ୍ଷ ଟଙ୍କାର ବିଲ୍ ବଢ଼ି ଚାଲିଥିଲା। ଏହି ବିଲ୍ ସମ୍ପର୍କରେ ରେନେ ‘ଟି-ମୋବାଇଲ୍’ ସେବା ଅପରେଟରଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ତେଣୁ ରେନେ ଏହି ମାମଲାରେ ଆଇନର ଆଶ୍ରୟ ନେଇଛନ୍ତି। ଏନେଇ ରେନେଙ୍କ ଓକିଲ ‘ଟି-ମୋବାଇଲ’ କମ୍ପାନୀର ଅଧ୍ୟକ୍ଷଙ୍କୁ ନୋଟିସ ଜାରି କରିଛନ୍ତି।

# ‘ସଂଘମ୍ ଏଗେନ୍’ରେ ଦୀପିକାଙ୍କ ଆକ୍ସନ ଅବତାର

ମୁମ୍ବାଇ

ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ଖୁବ୍‌ଶୀଘ୍ର ପରଦାରେ ଲେଡି ସିଙ୍ଘମ ଅବତାରରେ ଦେଖିବାକୁ ମିଳିବ। ଚଳିତ ବର୍ଷ ଅଗଷ୍ଟ ୧୫ରେ ରିଲିଜ ହେବାକୁ ଥିବା ‘ସିଙ୍ଘମ୍ ଏଗେନ୍’ ଚଳଚ୍ଚିତ୍ରରେ ସେ ନିଜ ଅଭିନୟ ମାଧ୍ୟମରେ ପ୍ରଶଂସକଙ୍କ ହୃଦୟ ଜିତିବା ପାଇଁ କୌଣସି ମଧ୍ୟ ସୁଯୋଗ ହାତଛଡ଼ା କରୁନାହାନ୍ତି। ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ‘ସିଙ୍ଘମ ଏଗେନ’ ପାଇଁ ଦୀପିକା ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିଛନ୍ତି। ଏବେ ସେ ଏହି ଫିଲ୍ମର ଶୁଟିଂରେ ବ୍ୟସ୍ତ ରହିଛନ୍ତି। ତେବେ ଫିଲ୍ମ ଶୁଟିଂ ସମୟରେ ଦୀପିକାଙ୍କର ଏକ ଫଟୋକୁ ନିର୍ଦ୍ଦେଶକ ରୋହିତ ଶେଟ୍ଟୀ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି। ଏହି ଫଟୋରେ ଦୀପିକାଙ୍କୁ ଖାକି ପୋଷାକରେ ଦେଖିବାକୁ ମିଳିଛି। ଫଟୋରେ ଦୀପିକାଙ୍କ ଶୈଳୀ ଓ ଅନ୍ଦାଜ ବେଶ୍ ଭାଇରାଲ ହେବାରେ ଲାଗିଛି। ରୋହିତଙ୍କ ପୋଷ୍ଟ କରିଥିବା ଏହି ଫଟୋରେ ଅଜୟ ଦେବଗନଙ୍କ ପରି ଦୀପିକା ମଧ୍ୟ ସିଙ୍ଘମ୍‌ର ଆଇକନିକ ଆକ୍ସନ୍ କରୁଛନ୍ତି । ଏହି ପୋଷ୍ଟର କ୍ୟାପ୍‌ସନରେ ରୋହିତ ଦୀପିକାଙ୍କୁ ଲେଡି ସିଙ୍ଘମ ଭାବେ ସମ୍ବୋଧନ କରିଛନ୍ତି। ‘ସିଙ୍ଘମ୍ ଏଗେନ୍’ ଚଳଚ୍ଚିତ୍ରରେ ଦୀପିକାଙ୍କୁ ଶକ୍ତି ଶେଟ୍ଟୀ ଚରିତ୍ରରେ ଦେଖିବାକୁ ମିଳିବ। ଦୀପିକାଙ୍କ ସହ ଏହି ଚଳଚ୍ଚିତ୍ରରେ ଅଜୟ ଦେବଗନ, ରଣବୀର ସିଂ, କରୀନା କପୁର, ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ ମଧ୍ୟ ନଜର ଆସିବେ।






# ୨ ଝିଅଙ୍କ ଆଗରେ ମା'ବାପାଙ୍କ ମୃତ୍ୟୁ

## ବାଇକ୍‌କୁ ପିଟିଲା ଆମ୍ବୁଲାନ୍ସ

ବୌଦ୍ଧ,୨୦।୪ (ଅଜିତ କୁମାର ବାରିକ)

ବୌଦ୍ଧ–କିଆକଟା ମହାନଦୀ ସେତୁ ଉପରେ ଶନିବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ଆମ୍ବୁଲାନ୍ସ ଧକ୍କା ଦେବା ଫଳରେ ଦୁଇ ଝିଅଙ୍କ ସମ୍ମୁଖରେ ମା' ବାପାଙ୍କ ଜୀବନ ଚାଲିଯାଇଛି। ମୃତ ଦମ୍ପତି ହେଲେ ମିଟୁ ବେହେରା (୩୬) ଓ ତାଙ୍କ ସ୍ତ୍ରୀ ମନୋରମା (୩୨)।

ପ୍ରକାଶ ଯେ, ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ସଦେଇପୁର ଗ୍ରାମର ମିଟୁ ସକାଳେ ଶ୍ୱଶୁର ଘର ଅନୁଗୋଳ ଜିଲା ମାଧପୁର ଥାନା ଅନ୍ତର୍ଗତ କମ୍ପଲା ଗ୍ରାମରୁ ଏକ ବାଇକ୍‌ରେ ସ୍ତ୍ରୀ ମନୋରମା ଏବଂ ଦୁଇ ଝିଅ ପୂଜା ଓ ଲଭଲିଙ୍କୁ ଧରି ନିଜ ଗ୍ରାମକୁ ଫେରୁଥିଲେ। ବାଟରେ ସେ ଦୁଇ ଝିଅଙ୍କୁ ମହାନଦୀର ଦୃଶ୍ୟ ଦେଖାଇବା ପାଇଁ ବୌଦ୍ଧ– କିଆକଟା ମହାନଦୀ ସେତୁ କଡ଼ରେ ବାଇକ୍‌କୁ ରଖିଥିଲେ। ଦୁଇ ଝିଅ ବାଇକ୍‌ରୁ ଓହ୍ଲାଇ ବ୍ରିଜ୍‌ର ଫୁଟ୍‌ପାଥ୍ ଉପରେ ଠିଆହୋଇ ମହାନଦୀର ଦୃଶ୍ୟ ଦେଖୁଥିଲେ। ବାଇକ୍ ଉପରେ ମିଟୁ ବସିଥିବା ବେଳେ ପାଖରେ ସ୍ତ୍ରୀ ମନୋରମା ଛିଡା ହୋଇଥିଲେ। ଏହି ସମୟରେ ହଠାତ୍ ଏକ ଆମ୍ବୁଲାନ୍ସ (ଓଡି ୦୨ବିଏଫ ୨୨୧୨) ଆସି ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମିଟୁଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ମନୋରମାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଆମ୍ବୁଲାନ୍ସ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ଅନୁଗୋଳ ଜିଲା କିଆକଟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି। ଆମ୍ବୁଲାନ୍ସକୁ ଜବତ କରାଯାଇ କିଆକଟା ଥାନାକୁ ଅଣାଯାଇଛି। ଏହି ଘଟଣା ପରେ ସଦେଇପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ମୃତ ଦମ୍ପତିଙ୍କ ବଡ଼ ଝିଅର ବୟସ ୧୪ ବର୍ଷ ହୋଇଥିବା ବେଳେ ସାନଝିଅ ୮ ବର୍ଷର ବୋଲି ଜଣାଯାଇଛି।


ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସ

# ଆଉ ୬ ମୃତଦେହ ମିଳିଲା, ମୃତ୍ୟୁସଂଖ୍ୟା ୮

## ମହାନଦୀରେ ଡଙ୍ଗାବୁଡ଼ି ଘଟଣା

ବ୍ରଜରାଜନଗର/ଝାରସୁଗୁଡ଼ା,୨୦।୪ (ବିଜୟ ବରାଡ଼/ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ମହାନଦୀରେ ଡଙ୍ଗାବୁଡ଼ି ଘଟଣାରେ ଶନିବାର ସମସ୍ତ ମୃତଦେହ ମିଳିଛି। ଶୁକ୍ରବାର ୨ମହିଳାଙ୍କ ମୃତଦେହ ମିଳିଥିବାବେଳେ ଶନିବାର ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବାହିନୀ ଆଉ ୬ଜଣଙ୍କ ମୃତଦେହ ସନ୍ଧାନ କରିଛନ୍ତି। ମୃତକମାନଙ୍କ ମଧ୍ୟରେ ୫ଜଣ ମହିଳା ଓ ୩ଜଣ ନାବାଳକ ରହିଛନ୍ତି। ସେମାନେ ହେଲେ ରାଧିକା ନିଶଦ (୪୦), ତେରାସ ବାଈ ରାଠିଆ (୬୦), ଲକ୍ଷ୍ମୀବାଈ ରାଠିଆ (୩୬), ରାଧିକା ରାଠିଆ (୩୫), ଘାସ୍ମିନ ବାଈ ରାଠିଆ (୪୦), ୩ ନାବାଳକ କୁନାଲ ରାଠିଆ (୮), ପିକେଶ୍ୱର ରାଠିଆ (୭) ଓ ନବୀନ ରାଠିଆ (୭)। ସମସ୍ତ ମୃତକ ଛତିଶଗଡ଼ ରାଜ୍ୟ ରାୟଗଡ଼ ଜିଲା ଖର୍ସିଆ ଥାନା ଅନ୍ତର୍ଗତ ଅଞ୍ଜୋଲପାଲି ଗ୍ରାମର। ଏମାନଙ୍କ ମଧ୍ୟରୁ ଗୋଟିଏ ପରିବାରର ୫ସଦସ୍ୟ ରହିଛନ୍ତି। ଏକ ଶୋକାକୁଳ ପରିବେଶରେ ସମସ୍ତ ମୃତଦେହକୁ ଲଖନପୁର ବ୍ଲକ ଚାଣ୍ଡିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଶୁକ୍ରବାର ପୂର୍ବାହ୍ନରେ ରାୟଗଡ ଜିଲା ଅଞ୍ଜୋଲପାଲି ଗ୍ରାମରୁ ପ୍ରାୟ ୫୦ ଯାତ୍ରୀ ଏକ ମିନିବସ୍‌ରେ ବରଗଡ଼ ଜିଲା ଅମ୍ବାଭୋନାସ୍ଥିତ ପଥରସେନିକୁ ପିକ୍‌ନିକ୍ କରିବାକୁ ବାହାରିଥିଲେ। ସେମାନେ ଲଖନପୁର ବ୍ଲକ ଅନ୍ତର୍ଗତ ମହାନଦୀର ଶରଧା ଘାଟରେ ପହଞ୍ଚି ଏକ ଡଙ୍ଗାରେ ବରଗଡ଼ ଜିଲା ବାଞ୍ଜିପାଲି ଘାଟରେ ପହଞ୍ଚି ପିକ୍‌ନିକ୍ ସ୍ପଟ୍ ପଥରସେନି ଯାଇଥିଲେ। ସେଠାରୁ ପିକ୍‌ନିକ୍ ସାରି ଅନ୍ୟ ଏକ ଡଙ୍ଗାରେ ଶରଧା ଘାଟକୁ ବାହାରିଥିଲେ। କିନ୍ତୁ ଘାଟରେ ପହଞ୍ଚିବା ପୂର୍ବରୁ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ଫଳରେ ଡଙ୍ଗାରେ ଥିବା ସମସ୍ତ ଯାତ୍ରୀ ବୁଡ଼ିଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ମତ୍ସ୍ୟଜୀବୀ ପହଞ୍ଚି ୪୦ଜଣଙ୍କୁ ଜୀବନ୍ତ ଉଦ୍ଧାର କରିଥିବାବେଳେ ୨ଜଣଙ୍କ ମୃତଦେହ ଠାବ କରିଥିଲେ। ଏହାସହ ୬ଜଣ ନିଖୋଜ ଥିବା ଜାଣିବାକୁ ପାଇଥିଲେ। ଘଟଣା ପରେ ଝାରସୁଗୁଡ଼ାରୁ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ପୋଲିସ ଡଙ୍ଗା ଚାଳକ ଓ ତାଙ୍କ ସହଯୋଗୀଙ୍କୁ ଝାରସୁଗୁଡ଼ା ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ବିନା ଲାଇଫ ଜାକେଟ୍‌ରେ ଡଙ୍ଗାରେ କାହିଁକି ଏତେସଂଖ୍ୟକ ଲୋକ ଯାଉଥିଲେ ତାହାର ତଦନ୍ତ କରି ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଝାରସୁଗୁଡ଼ା ଏସ୍‌ପି ସ୍ମିଥ୍ ପି. ପରମାର ପ୍ରକାଶ କରିଛନ୍ତି।


ମହାନଦୀରୁ ମୃତଦେହ ଉଦ୍ଧାର କରି ଅଣାଯାଉଛି।

## ସୀମାନ୍ତରେ ୨ ମାଓବାଦୀ ଗିରଫ

ରାଉରକେଲା, ୨୦।୪ (ସଙ୍ଗୀତା ଜେନା)

ଝାଡଖଣ୍ଡ ସୀମାନ୍ତରେ ୨ ମାଓବାଦୀଙ୍କୁ ଗିରଫ କରାଯାଇଥିବା ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଗିରଫ ମାଓବାଦୀ ହେଲେ ପଶ୍ଚିମ ସିଂଭୂମ ଚାଇଁବାସାର ଏରିଆ କମାଣ୍ଡର ସୋମା ହେମ୍ବ୍ରମ୍ ଓ ସହଯୋଗୀ ବିର୍ସା ଖଣ୍ଡାଇତ୍। ସ୍ଥାନୀୟ ପୋଲିସ ପକ୍ଷରୁ ମାମଲା (ନଂ. ୧୫/୨୪) ରୁଜୁ ହୋଇଛି। ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ମାଓବାଦୀଙ୍କୁ ହାଜର କରାଯାଇଥିଲା। ସେମାନଙ୍କ ନାମରେ ଗୋଇଲକେରା, ବନ୍ଦଗାଁ, ଆନନ୍ଦପୁର, ମୁରହୁ, ତାପକାରା ଆଦିରେ ୧୧ଟି ଆପରାଧିକ ମାମଲା ରହିଛି। ସେହିପରି ସହଯୋଗୀ ବିର୍ସାଙ୍କ ନାମରେ ସୋନୁଆ ଥାନା, ଗୋଇଲକେରା, ଗୁଦଡ଼ି ଆଦି ଥାନାରେ ବିଭିନ୍ନ ମାମଲା ରହିଛି।

## ଟର୍ମିନାଲ ଆଗରେ ୩ ଟ୍ୟାଙ୍କର ଜଳିଗଲା

ପାରାଦୀପ,୨୦।୪ (ଶରତ ରାଉତ)

ପାରାଦୀପର ବାଉରିଆପାଳନ୍ଦାଠାରେ ଥିବା ବିପିସିଏଲ୍(ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍) ଟର୍ମିନାଲ ସମ୍ମୁଖରେ ଶନିବାର ଖରାବେଳେ ଆଗ୍ନିକ ଦୁର୍ଘଟଣା ଘଟିଛି। ତେଲ ବୋଝେଇ ପାଇଁ ଆସିଥିବା ୩ଟି ଟ୍ୟାଙ୍କର ଗାଡ଼ିରେ ନିଆଁ ଲାଗି ପୋଡ଼ିଯାଇଛି। ଟର୍ମିନାଲ ଅଗ୍ନିଶମ ଗାଡ଼ି ଏବଂ ପାରାଦୀପ ବନ୍ଦର, କୁଜଙ୍ଗ ଅଗ୍ନିଶମ ଗାଡ଼ିଗୁଡ଼ିକ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହାଦ୍ୱାରା ଏକ ବଡ଼ ବିପଦରୁ ସେଠାରେ ଥିବା ୩ଟି ଟର୍ମିନାଲ ଓ ପାରାଦୀପ ଶିଳ୍ପ ସହର ବର୍ତ୍ତିଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ପ୍ରାଥମିକଭାବେ ଅତ୍ୟଧିକ ଗରମ ଯୋଗୁ ଗାଡିର ବ୍ୟାଟେରିରେ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିବା କୁହାଯାଇଛି। କୁଜଙ୍ଗ ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପରୁ ତେଲ ଖାଲି କରି ଆସି ପହଞ୍ଚିଥିବା ଗାଡିରେ ପ୍ରଥମେ ନିଆଁ ଲାଗିଥିଲା। ଏହି ନିଆଁ ପାଖରେ ଥିବା ଅନ୍ୟ ଦୁଇଟି ଗାଡ଼ିକୁ ବ୍ୟାପିଯାଇଥିଲା। ସୌଭାଗ୍ୟବଶତଃ ୩ଟି ଯାକ ଗାଡ଼ିରେ ତେଲ ନ ଥିଲା। ଖବରପାଇ ବିପିସିଏଲ ଟର୍ମିନାଲ କର୍ତ୍ତୃପକ୍ଷ ତୁରନ୍ତ ଫୋମ୍ ବ୍ୟବହାର କରି ନିଆଁକୁ ଆୟତ୍ତ କରିଥିଲେ।

ସୂଚନାଯୋଗ୍ୟ, ବାଉରିଆପାଳନ୍ଦାଠାରେ ୩ଟି ରାଷ୍ଟ୍ରାୟତ୍ତ ପେଟ୍ରୋଲିୟମ୍ କମ୍ପାନୀର ୪ଟି ଟର୍ମିନାଲ ଅଛି। ସେଥିରେ ଲକ୍ଷାଧିକ ଲିଟର ତେଲ ଗଚ୍ଛିତ ଥାଏ। ପାଖରେ ଗ୍ୟାସ ଟର୍ମିନାଲ ଅଛି। ୪ଟି ଯାକ ଟର୍ମିନାଲରେ ପ୍ରାୟ ୫୦ରୁ ଅଧିକ ଟାଙ୍କି ରହିଛି।


ନିଆଁ ଲାଗି ଜଳିଯାଇଥିବା ଟ୍ୟାଙ୍କର।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ୧୧୪ତମ ଜୟନ୍ତୀ, ସ୍ଥାନ: କ୍ୟାପିଟାଲ ହସ୍ପିଟାଲ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: କ୍ୟାପିଟାଲ ହସ୍ପିଟାଲ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା। ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ବନ୍ୟପ୍ରାଣୀ, ସୋସିଆଲ ମିଡ଼ିଆ ଓ ଲକ୍ଷ୍ମଣରେଖା ସ୍ନେକ ହେଲ୍ପଲାଇନ ପକ୍ଷରୁ ଦିନିକିଆ କର୍ମଶାଳା, ସ୍ଥାନ: ବୁଦ୍ଧ ମନ୍ଦିର ପରିସର, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପା ମିଡିଆ ସେଲ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଏଚ୍ଏସ୍ଆଇ, ଖାରବେଳନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ପେଟ୍ରୋଲ ଏବଂ ଡିଜେଲ ପମ୍ପ ୱାର୍କର୍ସ ୟୁନିୟନର ରୌପ୍ୟ ଜୟନ୍ତୀ, ସ୍ଥାନ: ନ୍ୟୁ ଅଡିଟୋରିୟମ୍, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ସଚିବାଳୟ ମାର୍ଗ, ସମୟ: ଅପରାହ୍ନ ୪ଟା।
- ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ୨ୟ ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।
- ସିଆଇଟିୟୁ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନ୍ୟୁ ଅଡିଟୋରିୟମ୍, ସଚିବାଳୟ ମାର୍ଗ, ସ୍ଥାନ: ଅପରାହ୍ନ ୪ଟା ୩୦।
- ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯ମ ଶ୍ରାଦ୍ଧୋତ୍ସବ, ସ୍ଥାନ: ହୋଟେଲ ରୟାଲ ସୁଇଟ୍, ସତ୍ୟ ନଗର, ସମୟ: ସନ୍ଧ୍ୟା ୬ଟା।

## କଟକ

- ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ନ୍ୟୁରୋ ଅନ୍‌କୋଲୋଜି ମିଟ୍, ସ୍ଥାନ: ହସ୍ପିଟାଲ ସମ୍ମିଳନୀ କକ୍ଷ, ୪ର୍ଥ ମହଲା, ଜଗତପୁର, ସମୟ: ସକାଳ ୮ଟା ୩୦।
- ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ କଟକ ମହାନଗର ଶାନ୍ତି କମିଟି ଓ ଚୌଦ୍ୱାର-କଟକ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ବୈଠକ, ସ୍ଥାନ: କଟକ ଗଣ୍ଡରପୁରସ୍ଥିତ ସେଲିବ୍ରେଶନ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବସୁଧୈବ କୁଟୁମ୍ବକମ୍ ମିଶନ୍‌ର ୯୬ତମ ଅଧିବେଶନ, ସ୍ଥାନ: କଟକ ଲିଙ୍କ୍‌ରୋଡ୍‌ସ୍ଥିତ ଦି ଲିଙ୍କ୍ ଆଇ ହସ୍ପିଟାଲ, ସମୟ: ଅପରାହ୍ନ ୪ଟା ୩୦।
- ଶ୍ରୀଗୁରୁ ପ୍ରଦ୍ୟୁମ୍ନ କିଶୋର ଦେବ ଚାରିଟେବଲ ପକ୍ଷରୁ ସଙ୍ଗୀତ ଓ ଆଧ୍ୟାତ୍ମିକ ଚେତନା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନବମ ବାର୍ଷିକ ଶ୍ରାଦ୍ଧସଭା, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଶ୍ରୀତ୍ରିନାଥଦେବଙ୍କ ୩ ଦିନିଆ ଜନ୍ମବାର୍ଷିକ ଉତ୍ସବ, ସ୍ଥାନ: କନ୍ତପଡ଼ା, ତ୍ରିନାଥ ଛକ, ବଡ଼ମ୍ବା, ସମୟ: ସନ୍ଧ୍ୟା ୭ଟା।
- ଶ୍ୟାମାକାଳୀ ଯଜ୍ଞ କମିଟି ତରଫରୁ ତିନିଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ: ଧୋବଣୀନାଳସ୍ଥିତ ପାଟଳୀପୁରମ, ବଡ଼ମ୍ବା, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ମା' ବାହୁଡେଇ ଦେବୀଙ୍କ ପୀଠରେ ୨୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭ ଅଧିବାସ, ସ୍ଥାନ: ଓଲାଂଶ, ଭୋଦର, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ମା' ମଉନେଇଁଙ୍କ ତ୍ରିଦିବସୀୟ ଯଜ୍ଞଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ମନ୍ଦିର ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ସେଣ୍ଟ ଜାଭିୟର ହାଇସ୍କୁଲର ଅଷ୍ଟମ ବାର୍ଷିକୋତ୍ସବ, ସ୍ଥାନ: ଉକୁଳେଇ, ଅସ୍ତରଙ୍ଗ, ସମୟ: ଅପରାହ୍ନ ୫ଟା।
- ରାମଚରିତମାନସ ନବାହ୍ନ ପାରାୟଣ ପ୍ରବଚନ, ଜ୍ଞାନଯଜ୍ଞ କାର୍ଯ୍ୟକ୍ରମର ଅଷ୍ଟମ ଦିବସ, ସ୍ଥାନ: ମହାବୀରଙ୍କ ପୀଠ, ପୁରୁଣା ବସ୍‌ଷ୍ଟାଣ୍ଡ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।
- ଚୈତ୍ର ଶୁକ୍ଳପକ୍ଷ ପ୍ରଭୁ ଶ୍ରୀ ମଦନମୋହନ, ରାଧାକୃଷ୍ଣ ଏବଂ ଚୈତନ୍ୟ ମହାପ୍ରଭୁଙ୍କ ରାସସ୍ଥଳୀ ଲୀଳାଖେଳ ସହିତ ରାସ ସଙ୍ଗୀତ ଗାନ, ସ୍ଥାନ: ରାସବିହାରୀ ମଠ, ନିମାପଡ଼ା, ସମୟ: ରାତି ୧୦ଟା।

## ଖୋର୍ଦ୍ଧା

- ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ହରିରାଜପୁର ମେଳଣ ପଡ଼ିଆ ସଫେଇ, ସ୍ଥାନ: ହରିରାଜପୁର ମେଳଣ ପଡ଼ିଆ, ସମୟ: ସକାଳ ୬ଟା ୩୦।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା'ରାମଚଣ୍ଡୀଙ୍କ ପୀଠ, ଗଡ଼ମାଣତୀର(ବେଗୁନିଆ), ସମୟ: ସକାଳ ୭ଟା।
- ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଜାନକୀ ବଲ୍ଲଭ ଉଦ୍ୟାନ, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀସଙ୍କଟମୋଚନ ହନୁମାନ ମନ୍ଦିର, ଜରିପୁଟ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରାମ ମନ୍ଦିର, ଶ୍ରୀରାମ ନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, ବାଘମାରୀ ତଳସାହି (ବେଗୁନିଆ), ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ନାଟକ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ନାଟକ ପରିବେଷଣ, ସ୍ଥାନ: ଛତ୍ରପଡ଼ା, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବାଲେଶ୍ୱର ରେଲଷ୍ଟେଶନ ସମ୍ମୁଖ, ସମୟ: ସକାଳ ୯ଟା।
- ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ବାଲେଶ୍ୱର ଜିଲା କମିଟିର ୫ମ ବାର୍ଷିକ ଅଧିବେଶନ ଓ ଦ୍ୱିତୀୟ ଜିଲା ସମ୍ମିଳନୀ, ସ୍ଥାନ: ଉଠାଜଳସେଚନ କର୍ମଚାରୀ ଭବନ, ପଦୁଆଁପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ଜିଲା ହସ୍ତଶିଳ୍ପୀ ଓ ବୁଣାକାର ସମାବେଶ, ସ୍ଥାନ: ଗାନ୍ଧି ସ୍ମୃତିଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମୟୂରଭଞ୍ଜ

- ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳନ, ସ୍ଥାନ: ବାରିପଦା, ସମୟ: ସକାଳ ୬ଟା।
- ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ମୋରଡ଼ା ଷ୍ଟାଡିୟମ, ମୋରଡ଼ା , ସମୟ: ସକାଳ ୬ ଟା।
- ଫେରିଆସ ପକ୍ଷୀ ପଦଯାତ୍ରା, ସ୍ଥାନ: ବାରିପଦା, ସମୟ: ସକାଳ ୭ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ନିଆଁପାଟ ଓ ଗଡାପାଟ, ସ୍ଥାନ: କାନପୁର ମହାଦେବ ମନ୍ଦିର, ନାକିଟୁଆ, ରାସଗୋବିନ୍ଦପୁର, ସମୟ: ଅପରାହ୍ନ ୪ ଟା

## ଭଦ୍ରକ

- ବୈଦିକ ଯଜ୍ଞ ସତ୍‌ସଙ୍ଗ ସମିତିର ୩୭ତମ ବାର୍ଷିକ ମହୋତ୍ସବ, ସ୍ଥାନ: ବୈଦିକ ଯଜ୍ଞ ମଣ୍ଡପ, କାଳୀପଡ଼ିଆ, ଦୋବଲ, ଧାମନଗର, ସମୟ: ଭୋର ୪ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସକାଳ ୯ଟା।
- ମା' ମଙ୍ଗଳା ପୀଠରେ ବାର୍ଷିକୋତ୍ସବ, ସ୍ଥାନ: ଆମ୍ପର, କେନ୍ଦୁଆପଦା, ବନ୍ତ, ସମୟ: ସକାଳ ୯ଟା।
- ରଙ୍ଗରାଗ ସାହିତ୍ୟ ଅନୁଷ୍ଠାନର ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ: ଘଣ୍ଟେଶ୍ୱର, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।
- କଂଗ୍ରେସର ବାଇକ୍ ଶୋଭାଯାତ୍ରା, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଚାନ୍ଦବାଲି ବଜାରପୁର, ସମୟ: ଅପରାହ୍ନ ୫ଟା। ସ୍ଥାନ: ବିଜୟନଗର, ସମୟ: ସନ୍ଧ୍ୟା ୬ଟା।
- କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଚାନ୍ଦବାଲି ଗୋପୀନାଥପୁର ପଞ୍ଚାୟତ, ସମୟ: ସନ୍ଧ୍ୟା ୭ଟା। ସ୍ଥାନ:ନାଲୁଗୁଣ୍ଡା ପଞ୍ଚାୟତ, ସମୟ: ରାତି ୮ଟା।

## କେନ୍ଦୁଝର

- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ବେଲବାହାଲି, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ, ସ୍ଥାନ: ବାଟୋ, ଘସିପୁରା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ଥାନ: ଡିଏଭି ପବ୍ଲିକ ସ୍କୁଲ, ଗୋସାଣୀନୂଆଗାଁ, ସମୟ: ସକାଳ ୯ଟା।

## ଗଞ୍ଜାମ

- ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀ,ସ୍ଥାନ:ଭଞ୍ଜନଗର ବ୍ଲକ ଜାମପଲ୍ଲୀ ତୋଟା, ସମୟ:ପୂର୍ବାହ୍ନ ୧୦ ଟା।
- ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀ, ସ୍ଥାନ:ଜଗନ୍ନାଥପ୍ରସାଦ ବ୍ଲକ ଆମ୍ବତୋଟା, ସମୟ: ଅପରାହ୍ନ ୪ଟା।
- ଭାଜପାର ମିଶ୍ରଣ ପର୍ବ ଓ ବାଇକ୍ ରାଲି , ସ୍ଥାନ:ଏନଏସି ବଡ଼ଦାଣ୍ଡ, ବେଲଗୁଣ୍ଠା, ସମୟ: ସନ୍ଧ୍ୟା ୫ଟା।
- ବିଜେଡି ବିଧାନସଭା ପ୍ରାର୍ଥୀଙ୍କ ପ୍ରସ୍ତୁତି ବୈଠକ, ସ୍ଥାନ:ଆସିକା ବିଜେଡି କାର୍ଯ୍ୟାଳୟ ପାର୍ଶ୍ୱ ପଡିଆ,ସମୟ: ଅପରାହ୍ନ ୫ଟା।
- ମା' ଫୁଲ କେଶିନୀ ଠାକୁରାଣୀଙ୍କ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଠାକୁରାଣୀଙ୍କ ମନ୍ଦିର ପରିସର, ଓଡ଼ିଆସାହି ଆସିକା,ସମୟ:ସନ୍ଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପ୍ରବଚନ, ସ୍ଥାନ:ବୁଗୁଡା,କଦମ୍ବ ମଠ,ସମୟ:ସନ୍ଧ୍ୟା ୭ଟା।

## କନ୍ଧମାଳ

- ନଟରାଜ ନୃତ୍ୟ ସଂଗୀତ ଓ ଚିତ୍ର ଉତ୍ସବ. ସ୍ଥାନ:ଗାନ୍ଧି ସ୍ମୃତି ଭବନ, ସମୟ:ଅପରାହ୍ନ ୫ ଟା।

## ରାୟଗଡ଼ା

- ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ, ସ୍ଥାନ: ରାୟଗଡ଼ାସ୍ଥିତ ଜିଲା ସଂସ୍କୃତି ଭବନ, ସମୟ: ସକାଳ ୮ଟା।
- ରବି ଫସଲ ଧାନ କ୍ରୟ ନିମନ୍ତେ ବୈଠକ, ସ୍ଥାନ: ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଆଇନ ସଚେତନତା ଶିବିର, ସ୍ଥାନ: ଗୁଣପୁରସ୍ଥିତ ବିକ୍ରମପୁର ଏକଲବ୍ୟ ଆଦର୍ଶ ବିଦ୍ୟାଳୟ, ସମୟ: ଅପରାହ୍ନ ୫ଟା ।
- ମା ମୃତ୍ୟାଲାମାଙ୍କ ଚୈତ୍ର ଯାତ୍ରା ପାଇଁ କଳସ ଯାତ୍ରା, ସ୍ଥାନ: ଗୁଣପୁର ମୋତିଲାଲ ନଗର, ସମୟ: ଅପରାହ୍ନ ୫ ଟା।

## ନବରଙ୍ଗପୁର

- ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ, ସ୍ଥାନ: ନବରଙ୍ଗପୁରସ୍ଥିତ ସଦାଶିବ ପାର୍କ, ସମୟ: ସକାଳ ୮ଟା।
- ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର, ସ୍ଥାନ: ବରିଗାଁ, ସମୟ: ମଧ୍ୟାହ୍ନ ୧୨ଟା।
- ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପ୍ରଚାର, ସ୍ଥାନ: କୋଷଗୁମୁଡ଼ା ବ୍ଲକ ଚୁରୁଚୁଣ୍ଡା, ସମୟ: ମଧ୍ୟାହ୍ନ ୧୨ଟା।
- ନବରଙ୍ଗପୁର ବିଜେଡିର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ବିନୋଦ ପ୍ୟାଲେସ, ସମୟ: ମଧ୍ୟାହ୍ନ ୧୨ଟା।

## କୋରାପୁଟ

- ମତଦାନ ନେଇ ସାଇକେଲରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ଜୟପୁର,ସମୟ: ସକାଳ ୬ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ପାଳନ,ସ୍ଥାନ: ଆର୍ଟ ଗ୍ୟାଲେରି କୋରାପୁଟ, ସମୟ: ସକାଳ ୯ଟା।
- ଅଖିଳ ଭାରତ ତୃତୀୟଶ୍ରେଣୀ ଡାକ କର୍ମଚାରୀ ସଂଘ ଓଡ଼ିଶା ପରିମଣ୍ଡଳର ଦ୍ୱିବାର୍ଷିକ ସମ୍ମିଳନୀ ଉଦ୍‌ଯାପନ, ସ୍ଥାନ:ପୁରୁଣାଗଡ଼ସ୍ଥିତ ଅନୁରାଧା ମଙ୍ଗଳ ଭବନ ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- କେରୁକୋଣ୍ଡାରେ ବିଜେଡି ପଞ୍ଚାୟତସ୍ତରୀୟ ବୈଠକ, ସ୍ଥାନ:ତାରିଣୀ ମନ୍ଦିର ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଖଲିଆପାଲି ଗ୍ରାମ, ସମୟ: ସକାଳ ୯ଟା।
- ସତ୍ୟସାଇ ସେବା ସମିତି ପକ୍ଷରୁ ଅମୃତବିନ୍ଦୁ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଶାନ୍ତି ମନ୍ଦିର, ସମୟ: ସକାଳ ୯ଟା।
- ଶ୍ରୀରାମଙ୍କ ବେଶ କାର୍ଯ୍ୟକ୍ରମ, ସ୍ଥାନ: କମଲିବଜାର ରାମଜୀ ମନ୍ଦିର, ସମୟ: ସକାଳ ୯ଟା ୩୦।
- ବିଜେଡି କର୍ମୀ ସମାବେଶ, ସ୍ଥାନ: ରେଢ଼ାଖୋଲ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଛାମୁଣ୍ଡା ହାତୀପଡା, ସମୟ: ପୂର୍ବାହ୍ନ ୧୧ଟା।
- ରେଢ଼ାଖୋଲ ବିଧାନସଭା ପ୍ରାର୍ଥୀଙ୍କ ସମଲେଇଙ୍କ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀରେ ରାମଲୀଳା ନାଟକ, ସ୍ଥାନ: କବରାପାଲି ଗ୍ରାମ, ସମୟ: ରାତି ୧୦ଟା ୩୦।

## ବଲାଙ୍ଗୀର

- ହନୁମାନ ମନ୍ଦିର ରତ୍ନମୁଦ ସ୍ଥାପନ, ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ଖପ୍ରାଖୋଲ ବ୍ଲକ ଘୁନସର, ସମୟ: ପୂର୍ବାହ୍ନ ୧୦ଟା।
- ସାବାସ ସାମାଜିକ ପରିବର୍ତ୍ତନ ସଙ୍ଗଠନ ପକ୍ଷରୁ ଭୀମରାଓ ଆମ୍ବେଡ୍‌କରଙ୍କ ୧୩୪ତମ ଜୟନ୍ତୀ ପାଳନ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲାଠୋର ଗୋଷ୍ଠୀକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ ଲୋଇସିଂହା ସାପ୍ତାହିକ ବଜାର,ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ, ସ୍ଥାନ: ବୁଠୀପଦର,ବୀରମହାରାଜପୁର, ସମୟ: ସକାଳ ୮ ଟା।
- ଶ୍ରୀରାମ ନବମୀର ପଞ୍ଚମ ଦିବସ, ସ୍ଥାନ: ଗୌଡଗାଡ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀରାମ ନବମୀର ପଞ୍ଚମ ଦିବସ, ସ୍ଥାନ: ମେଣ୍ଡାମାଳ ଓ ମୁର୍ଷୁଣ୍ଡି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାମ ନବମୀ ପାଇଁ ପୂଜାର୍ଚ୍ଚନା,ସ୍ଥାନ: ଘିଚାପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସଂକୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମର ଅଷ୍ଟମ ଦିବସ, ସ୍ଥାନ: ଭାଲୁଡୁଙ୍ଗୁରିସ୍ଥିତ ଶୃଙ୍ଗଦର ମଠ,ବୀରମହାରାଜପୁର, ସମୟ: ଅପରାହ୍ନ ୪ ଟା ।
- ଶ୍ରୀରାମଲୀଳାର ଚତୁର୍ଥ ରଜନୀ, ସ୍ଥାନ: ଯୁବରାଜପୁର,ବୀରମହାରାଜପୁର, ସମୟ: ରାତି ୧୧ ଟା।
- ରାମଲୀଳା ନାଟକ ପରିବେଷଣ,ସ୍ଥାନ: ଖଇରମାଲ, ସାଗଯୋରୀ ଓ ଚମ୍ପାମାଳ, ବୀରମହାରାଜପୁର, ସମୟ: ରାତି ୧୧ ଟା।
- ଶ୍ରୀରାମ ଲୀଳା ନାଟକରେ ଭରତ ମିଳନ ପରିବେଷଣ, ସ୍ଥାନ: ଲୁମୁରଜେନା, ବୀରମହାରାଜପୁର, ସମୟ: ରାତି ୧୧ଟା।
- ଶ୍ରୀରାମ ଲୀଳାରେ ଗୟା ତୀର୍ଥ ଲୀଳା ନାଟକ, ସ୍ଥାନ: ଅଡାଲ,ବୀରମହାରାଜପୁର, ସମୟ : ରାତି ୧୧ଟା।

## ରାଉରକେଲା

- ରାମ ଚରିତମାନସ ପାଠ ଉଦ୍‌ଯାପିତ, ସ୍ଥାନ: ଦୁର୍ଗାପୁର ଶୈବ ପୀଠ, ସମୟ: ସକାଳ: ୬ଟା।
- ମାତାପୂଜା, ସ୍ଥାନ : ରେଳବାଇ କଲୋନୀ, ସମୟ: ସକାଳ ୮ଟା।
- ତେଲଙ୍ଗିବାଜା ପକ୍ଷରୁ ସାହିତ୍ୟ ଶିଶୁ ପତ୍ରିକା ଉତ୍ସବ,ସ୍ଥାନ: ଗୁରୁକୁଳ ବୈଦିକ ଆଶ୍ରମ, ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ୱେଷା ପକ୍ଷରୁ ମାସିକ ମାଗଣା ହାଟ ପ୍ରଦର୍ଶିତ, ସ୍ଥାନ: ହନୁମାନ ବାଟିକା ସମୟ: ଅପରାହ୍ନ ୧ଟା।
- କେନ୍ଦ୍ର ସଂଖ୍ୟାଲଘୁ ରାଷ୍ଟ୍ରମନ୍ତ୍ରୀଙ୍କ ରାଉରକେଲା ଗସ୍ତ, ସ୍ଥାନ: ରାଉରକେଲା ବିମାନବନ୍ଦର, ସମୟ: ଅପରାହ୍ନ ୨ଟା୩୦।
- ସାହିତ୍ୟ ମନୋବିଜ୍ଞାନ ଓ ଆଧ୍ୟାତ୍ମିକ ଆଲୋଚନା ଚକ୍ର,ସ୍ଥାନ: କଳିଙ୍ଗ ବିହାର, ଅବସରପ୍ରାପ୍ତ ହଲ, ସମୟ: ଅପରାହ୍ନ ୫ଟା।
- ହନୁମାନ ଟେମ୍ପଲ ଟ୍ରଷ୍ଟ ପକ୍ଷରୁ ଅଖଣ୍ଡ ରାମାୟଣ ପାଠ, ସ୍ଥାନ: କୋଏଲନଗର ଡିବ୍ଲକ, ସମୟ: ଅପରାହ୍ନ ୫ଟା।
- 'ବାସନ୍ତୀ ଦୁର୍ଗାପୂଜା ଭସାଣୀ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ପୁସ୍ତକ ଅନାବରଣ ଉତ୍ସବ,ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା୩୦।
- ବାସନ୍ତୀକ ଦୁର୍ଗା ପୂଜା ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ସେକ୍ଟର-୩ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ବିଜେଡି କର୍ମୀ ସମାବେଶ, ସ୍ଥାନ: କନିକା ପଞ୍ଚାୟତ ଟାଙ୍ଗରଡିହି, ହେମଗିରି, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ମିଶ୍ରଣ ପର୍ବ, ସ୍ଥାନ: ଶଙ୍କର ମ୍ୟାରେଜ ହଲ, ସୁନ୍ଦରଗଡ, ସମୟ: ଅପରାହ୍ନ ୫ଟା।
- ରାମ ନବମୀ ମହୋତ୍ସବ ଉପଲକ୍ଷେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରାମଜୀ ମନ୍ଦିର, ସୁନ୍ଦରଗଡ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- କୁଳିତା ଦିବସ ପାଳନ ସମାରୋହ, ସ୍ଥାନ:ସୋହେଲା, ସମୟ: ସକାଳ ୮ଟା।
- ଶ୍ରୀରାମ ସୀତାଙ୍କ କଲ୍ୟାଣ ମହୋତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ଭାଲୁଡୁଙ୍ଗୁରୀ, ଅତାବିରା, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- କଂଗ୍ରେସର ନିର୍ବାଚନୀ ସଭା, ମିଶ୍ରଣ ପର୍ବ ଓ ବାଇକ୍ ଶୋଭାଯାତ୍ରା, ସ୍ଥାନ: ନର୍ଲା ବ୍ଲକ ରେଖପୁର ଧାନ ମଣ୍ଡି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଜନସମ୍ପର୍କ ଅଭିଯାନ, ସ୍ଥାନ: ଜୁନାଗଡ ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳ ପ୍ରହରୀ ନାମଯଜ୍ଞ, ସ୍ଥାନ: ଖଡ଼ିଆଳ ବ୍ଲକ ଦମାପଲା ଚିଣ୍ଡାଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୧୦।
- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ନୂଆପଡା ସଦର ବ୍ଲକ ଖଇରାନି ପଞ୍ଚାୟତ ପିପଲଛଣ୍ଡି ଗାଁ, ସମୟ: ଅପରାହ୍ନ ୩ଟା।
- କାଞ୍ଚନଜୟା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: କୋମନା ବ୍ଲକ ଉଦ୍ୟାନବନ୍ଧ (କୁରେଶ୍ୱର) ଗାଁ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ବହିରାରେ ଶ୍ରୀରାମ ଲୀଳା ଉତ୍ସବର ପଞ୍ଚମ ସନ୍ଧ୍ୟାରେ ନାଟକ ରାମ ବନବାସ,ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବୌଦ୍ଧ , ସମୟ: ରାତି ୯ଟା।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ପଞ୍ଚମ ଦିବସ ନାଟକ ରାମ ବନବାସ, ସ୍ଥାନ: ଘଣ୍ଟାପଡା ରଘୁନାଥ ଜୀଉ ମନ୍ଦିର, କଣ୍ଟାମାଳ ବ୍ଲକ , ସମୟ: ରାତି ୯ଟା।
- ଘଣ୍ଟାପଡାର ଶ୍ରୀ ଜଗନ୍ନାଥ ନାଟ୍ୟ ସଂସଦର ପଞ୍ଚମ ଦିବସ ନାଟକ ଭରତ ମିଳନ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ,କଣ୍ଟାମାଳ ବ୍ଲକ, ସମୟ: ରାତି ୯ଟା।
- ବରଗାଁ ପଞ୍ଚାୟତ ମଲିକୁଦର ରାମାୟଣ ନାଟକର ପଞ୍ଚମ ଦିବସ ନାଟକ ଭରତ ମିଳନ, ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ,କଣ୍ଟାମାଳ ବ୍ଲକ, ସମୟ: ରାତି ୯ଟା।
- ବୌଦ୍ଧ ସହର ଶ୍ରୀ ରାମଲୀଳା ଯାତ୍ରାର ପଞ୍ଚମ ଦିବସର ନାଟକ ସୀତା ଚୋରି, ସ୍ଥାନ: ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା।
- ବଢିଙ୍ଗା ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: ବଢିଙ୍ଗା ରଘୁନାଥ ମନ୍ଦିର, ବୌଦ୍ଧ ବ୍ଲକ,ସମୟ: ରାତି ୧୦ଟା।
- ଦେବଗଡଠାରେ ରାମଲୀଳା ଯାତ୍ରାର ପଞ୍ଚମ ଦିବସ, ସ୍ଥାନ:ଦେବଗଡ, ହରଭଙ୍ଗା ବ୍ଲକ, ସମୟ: ରାତି ୧୦ଟା।
- ବାଉଁଶୁଣୀ ରାମଲୀଳା ମହୋତ୍ସବର ପଞ୍ଚମ ଦିବସର ନାଟକ ଭରତ ମିଳନ, ସ୍ଥାନ: ବାଉଁଶୁଣୀ ଛକ, ବୌଦ୍ଧ ବ୍ଲକ , ସମୟ: ରାତି ୧୦ଟା।

## ଦେବଗଡ଼

- ବିଶ୍ୱଶାନ୍ତି ଅଷ୍ଟ ପହର ନାମଯଜ୍ଞ, ଅଧିବାସ, କଳସ ଯାତ୍ରା, ସ୍ଥାନ: ରିଆମାଳ ବ୍ଲକ ତିମୁର, ସମୟ: ସକାଳ ୬ଟା।
- ଜିଲା କଂଗ୍ରେସ କମିଟି ପକ୍ଷରୁ ନିର୍ବାଚନୀ ପ୍ରଚାର, ସ୍ଥାନ:ବାରକୋଟ ବ୍ଲକ, ଉଣ୍ଡାସିଙ୍ଗା ଗ୍ରାମ ପଞ୍ଚାୟତ, ସମୟ: ସକାଳ ୯।
- ଜିଲା କଂଗ୍ରେସ କମିଟି ପକ୍ଷରୁ ମିଶ୍ରଣ ପର୍ବ, ସ୍ଥାନ: ହୋଟେଲ ରୋନକ ପ୍ଲାଜା, ସମୟ: ମଧ୍ୟାହ୍ନ ୧୨ଟା।
- ରାମ ନବମୀ ମହୋତ୍ସବର ଚତୁର୍ଥ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ଶିବଶକ୍ତି ମନ୍ଦିର ପୂଜକ ମହାସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତ ଭଣ୍ଡାର ଢେଙ୍କାନାଳ, ସମୟ: ସକାଳ ୮ ଟା ୩୦।
- ଇସ୍କନ ପକ୍ଷରୁ ପ୍ରୀତିଭୋଜନ କାର୍ଯ୍ୟକ୍ରମ, ସ୍ଥାନ: ଇସ୍କନ ମନ୍ଦିର, ଦକ୍ଷିଣକାଳୀ ରୋଡ,ସମୟ: ପୂର୍ବାହ୍ନ ୧୧ଟା।
- ଜିଲା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ଗାନ୍ଧୀମନ୍ଦିର ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ବଚପନ ସ୍କୁଲର ଉଦ୍‌ଘାଟନ, ସ୍ଥାନ: ରାଧାକୁଞ୍ଜ ସାହି, ଜିରିଡାମାଳି, କାମାକ୍ଷାନଗର, ସମୟ: ଅପରାହ୍ନ ୪ଟା।
- ରେନେସା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ହୋଟେଲ ସୂର୍ଯ୍ୟ ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ ଟା ୩୦।
- କାରୁବାକୀ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ୍, ସମୟ: ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ

- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରାହ୍ମଣ ମହାସଂଘ ସାଧାରଣ ସଭା, ସ୍ଥାନ: ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ମା'ଜଗୁଳାଇଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ନାଉଗାଁ ବ୍ଲକ ତିହୁଡ଼ା, ସମୟ: ସକାଳ ୬ଟା।
- ଯୋଗଶିକ୍ଷା, ଗୁରୁ ପୂଜା ଓ ବନ୍ଧୁମିଳନ ଉତ୍ସବ, ସ୍ଥାନ: ଜଗତ୍‌ସିଂହପୁର ବ୍ଲକ କାଠୁଆପଟଣାସ୍ଥିତ ଉଦାସ ଆଶ୍ରମ ପରିସର, ସମୟ: ସକାଳ ୧୦ଟା।
- ଅସହାୟ କଲ୍ୟାଣ ସମିତି ପକ୍ଷରୁ ବୃଦ୍ଧାବୃଦ୍ଧଙ୍କୁ ପୋଷାକ, ଫଳ ଏବଂ ଔଷଧ ବଣ୍ଟନ, ସ୍ଥାନ: ଷଣ୍ଢକୁଦ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପିଇବା ପାଣି ସମସ୍ୟା ପାଇଁ ନଳଭେଡି ଗ୍ରାମବାସୀଙ୍କ ବୈଠକ, ସ୍ଥାନ: ଗଡବିଶୁନିପୁର ପଞ୍ଚାୟତ, ଏରସମା ବ୍ଲକ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- କଳି କଳୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ସଖୀବଟ, ଗୌଡ଼ଗାଁ, ବିଲବଲରାମପୁର, ମାର୍ଶାଘାଇ, ସମୟ:ସକାଳ ୮ଟା।
- ଶ୍ରୀ ତ୍ରିନାଥ ଦେବ ପୂଜା କମିଟି ପକ୍ଷରୁ ନୂତନ ମନ୍ଦିର ପ୍ରତିଷ୍ଠା ଓ ନାମଯଜ୍ଞ, ସ୍ଥାନ: ଭଦକମଳ, ପାଟକୁରା, ଗରଦପୁର, ସମୟ:ସକାଳ ୮ଟା।
- ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ:ତିନିମୁହାଣୀ ସ୍ମୃତିପୀଠ, କେନ୍ଦ୍ରାପଡ଼ା, ସମୟ:ସକାଳ ୯ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ:ଓଉପଦା, ପଟ୍ଟାମୁଣ୍ଡାଇ, ସମୟ:ଅପରାହ୍ନ ୪ଟା।

## ଯାଜପୁର

- ଚତୁର୍ଦ୍ଦଶ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରସୁଲପୁର ବ୍ଲକ୍ ବନ୍ଧଡ଼ିହ ପଞ୍ଚାୟତସ୍ଥିତ ମାରୁତିକୃପା ପରିଷଦ, ସମୟ: ସକାଳ ୬ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳ ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ:ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- କଳିଙ୍ଗ ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ୪ର୍ଥ କଳିଙ୍ଗନଗର ପ୍ରିମିୟର ଲିଗର ସେମିଫାଇନାଲ ମ୍ୟାଚ, ସ୍ଥାନ: ବ୍ୟାସନଗର ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ୩୯ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ପୂର୍ଣ୍ଣାହୁତି, ସ୍ଥାନ: ବ୍ୟାସନଗର ଗୋପବନ୍ଧୁ ଛକ ନିକଟ ହନୁମାନ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଯାଜପୁର ବ୍ଲକ ଜାଫରପୁର ପଞ୍ଚାୟତର ମଠସାହି, ସମୟ: ଅପରାହ୍ନ ୫ଟା।
- ରାଜକିଶୋର ମହାରଣା ସ୍ମୃତି ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ୍ ଅଧୀନ ସାମନ୍ତରାପୁର ପଞ୍ଚାୟତର କୁଲୁଙ୍ଗା ଗୋପୀନାଥଜୀଉ ନୋଡାଲ ସ୍କୁଲ ପରିସର, ସମୟ: ଅପରାହ୍ନ ୫ଟା।
- ବିଡି ଶ୍ରମିକ ସଙ୍ଘର ବାର୍ଷିକ ଉତ୍ସବ, ସ୍ଥାନ: ବ୍ରହ୍ମବରଦା ସ୍ଥିତ ବିଡି ଶ୍ରମିକ କାର୍ଯ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଯାଜପୁର ପୌର ପରିଷଦ ୧ ନମ୍ବର ୱାର୍ଡର ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ନବମୀ ଉତ୍ସବ ଓ ଯଜ୍ଞ ପୂର୍ଣ୍ଣାହୁତି ପର୍ବ, ସ୍ଥାନ: ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ଅରଡ଼ା ଗ୍ରାମ, ସମୟ: ରାତି ୮ଟା।
- ମା' ହିଙ୍ଗୁଳା ଦେବୀଙ୍କ ୫୮ତମ ବାର୍ଷିକ ଯଜ୍ଞ ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ବ୍ୟାସନଗର ଚାନ୍ଦମା, ସମୟ: ରାତି ୧୨ଟା।

## ନୟାଗଡ଼

- ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସ ମ୍ୟାଚ୍, ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ କଲେଜ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ଭାରତ ପ୍ରସିଦ୍ଧ ଐତିହାସିକ ଲଙ୍କାପୋଡି ଯାତ୍ରାର ପଞ୍ଚମ ଦିବସରେ ଗଣ୍ଡାବଧ, ସ୍ଥାନ: ଦଶପଲ୍ଲା ମହାବୀରଙ୍କ ପୀଠ, ସମୟ:ରାତି ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ ସହ କେତୁଯୁକ୍ତ କାରଣରୁ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଉଚ୍ଚସ୍ଥ ଶୁକ୍ର ଏକାଧାରରେ କର୍ମକ୍ଷେତ୍ରରେ ବନ୍ଧୁବର୍ଗଙ୍କ ପ୍ରୀତିଭୋଜନ କରାଇପାରେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଅଭିରୁଚି ପ୍ରଦାନ କରିବା ସହ ସମ୍ମାନ ଦାନରେ ସହାୟକ ହେବ। କିନ୍ତୁ ଅଫିସ୍ କାମରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ମାର୍ମିକ ବିଚାରଧାରା ଶୃଙ୍ଖଳିତ ଜୀବନଯାପନରେ ସହାୟକ ହେବ। ଶନି ଓ ମଙ୍ଗଳଙ୍କ ସଂଯୋଗ କାରଣରୁ ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ। ସଭାସମିତିରେ କିମ୍ବା ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ବ୍ୟବସାୟ ସନ୍ତୋଷଜନକ ନ ହୋଇପାରେ।

**ମିଥୁନ** ଉଚ୍ଚସ୍ଥ ରବିଙ୍କ ଯୋଗୁ ମାନସିକ ଦ୍ୱନ୍ଦ୍ୱର ଅବସାନ ସକାଶେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ପରିବାରର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ମୂଲ୍ୟବାନ୍ ଜିନିଷ କ୍ରୟ କରିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କରି ଅନୁତପ୍ତ ହେବେ।

**କର୍କଟ** ଶୁକ୍ରଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ କେତୁଯୁକ୍ତ ଚନ୍ଦ୍ର ଭାଇଭଉଣୀଙ୍କ ମନାନ୍ତରର କାରଣ ହୋଇପାରେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ଆଜି ବନ୍ଧୁଙ୍କ ସହାୟତାରେ ପୁନଃ ପ୍ରତିଷ୍ଠିତ ହେବ। କର୍ମକ୍ଷେତ୍ରରେ ରବି ଓ ବୃହସ୍ପତି କଡ଼ା ନିର୍ଦ୍ଦେଶ ଦେଇ ଅଧସ୍ତନଙ୍କ ବିରାଗଭାଜନ କରାଇପାରନ୍ତି। ଶିକ୍ଷା, ଗବେଷଣା, ସାହିତ୍ୟାଦିରେ ସମସ୍ୟା ଦୂରେଇଯିବ।

**ସିଂହ** ରାଶ୍ୟାଧିପତି ଭାଗ୍ୟସ୍ଥାନରେ ରହି ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ କରାଇବେ। ଅଷ୍ଟମଭାବସ୍ଥ ରାହୁଙ୍କ ପ୍ରଭାବଜନିତ ପ୍ରତ୍ୟେକ କ୍ଷେତ୍ରରୁ ପୂର୍ଣ୍ଣ ସନ୍ତୋଷ ପାଇବା କଷ୍ଟ ହେବ। ଦୂରଯାତ୍ରାର ପ୍ରସ୍ତୁତି, ବ୍ୟୟବୃଦ୍ଧି ରୋକିବା ପାଇଁ ଯୋଜନା ଯଥାବିଧି ସମ୍ପନ୍ନ ହୋଇପାରିବ। ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି ମିତ୍ର କେହି ଛଳନା କରି ଦୂରେଇ ଯାଇପାରନ୍ତି।

**କନ୍ୟା** ରବିଙ୍କ ଦ୍ୱାରା ସୃଷ୍ଟି ହେଉଥିବା ବିପରୀତ ରାଜଯୋଗ ପ୍ରଭାବରେ ପରୋକ୍ଷ ଭାବରେ ଆପଣଙ୍କ ଅଶା ଚରିତାର୍ଥ ହେବ। ରାଶି ପ୍ରତି ମଙ୍ଗଳଙ୍କ ଦୃଷ୍ଟି ଜନିତ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିଛି। ଉପରିସ୍ଥ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ବୁଧଗ୍ରହ ବୌଦ୍ଧିକତାକୁ ବର୍ଦ୍ଧନ କଲେ ମଧ୍ୟ ବନ୍ଧୁତା କ୍ଷୁଣ୍ଣ କରିବ।

**ତୁଳା** ଆଜିର ଗ୍ରହସ୍ଥିତି ପ୍ରଭାବରୁ କାହାକୁ କିଛି କଡ଼ା କଥା କହିବା ଠିକ୍ ହେବନାହିଁ। ଭଲ ସମ୍ପର୍କ ନ ଥିବା ଲୋକେ ଆଗରେ ଭଲ କଥା କହି ପଛରେ ଚେର କାଟୁଥିବାର ଝଲକ ଦେଖିବାକୁ ମିଳିବ। ସମୟ ପାଇଲେ ବିଳାସ ବ୍ୟସନରେ ସମୟ ଅତିବାହିତ କରିବାକୁ ମନ ବଳିବ। ଆନୁଷ୍ଠାନିକ କାମ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**ବିଛା** ଉଚ୍ଚସ୍ଥ ରବିଙ୍କ ଯୋଗୁ ବଡ଼ଲୋକ ସହ ମିଶିବେ, ଯାହା ଚାହୁଁଥିବେ ପାଇବେ, ହସଖୁସିରେ ନୂଆ ନୂଆ କାମ କରିବେ। ବେକାର ଖର୍ଚ୍ଚ, ବୃଥା ଭ୍ରମଣ, ପରିବାରରେ ଝଗଡ଼ାରୁ ତ୍ରାହି ମିଳିବ ନାହିଁ। ବନ୍ଧୁମେଳରେ ରହିବାର ସୁଯୋଗ ପାଇ ଦୁଃଖ ଭୁଲି ଯାଇପାରନ୍ତି। ସାମାଜିକ ପ୍ରତିଷ୍ଠା ବଢ଼ିବା ସହ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ଧନୁ** ଦୁଃସ୍ଥାନାଧିପ କର୍ମଭାବସ୍ଥ ଯୋଗୁ କୌଣସି କାମ ଶୃଙ୍ଖଳିତ ହେବ ନାହିଁ। ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଅଲଗା ଉଦ୍ଦେଶ୍ୟ ରଖିଥାଇପାରନ୍ତି। ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ, ମାତ୍ର ଉତ୍ତରାଷାଢ଼ା ପାଇଁ ବିଶେଷ ଅସୁବିଧା ହେବନାହିଁ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ହେବ, ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର** ପାପଗ୍ରହଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ମନ ଭିତରର ଅଲଗା ଚିନ୍ତାଧାରାଟି ପୂର୍ଣ୍ଣ ନ ହେବା କାରଣରୁ ଛଟପଟ ହୋଇପାରନ୍ତି। କାର୍ଯ୍ୟବ୍ୟସ୍ତତା ସହ ଭାବପ୍ରବଣତା କାରଣରୁ ଅନ୍ୟମନସ୍କ ରହିବେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ କିମ୍ବା କିଛି ଭୁଲ୍ କରିପାରନ୍ତି। ଆର୍ଥିକ ସ୍ଥିତି କ୍ରମଶଃ ବଦଳିଯିବା କାରଣରୁ ଉଦ୍‌ବିଗ୍ନତା ବୃଦ୍ଧି ପାଇବ।

**କୁମ୍ଭ** ଶନି ସହ ମଙ୍ଗଳ ରାଶିରେ ଥିବାରୁ ମୁଣ୍ଡରେ ଅସଂଖ୍ୟ ଜଞ୍ଜାଳର ବୋଝ ଅସ୍ଥିରତାର କାରଣ ହେବ। ଶ୍ରୁତିରୋଚକ କଥା କହି ଅନ୍ୟମାନଙ୍କୁ ମନେଇ ନେବେ ଓ ଆର୍ଥିକ ଦିଗରୁ ଉପକୃତ ହେବେ। କାମ ଯେତେ ଶୀଘ୍ର ସମାପ୍ତ କରିବାକୁ ଚାହୁଁଛନ୍ତି, ତାହା ହେବା କଷ୍ଟକର ହୋଇପାରେ। ପରକଥାରେ ମୁଣ୍ଡ ପୂରାଇ ଭୁଲ୍ ମାର୍ଗାନୁସରଣ କରିପାରନ୍ତି।

**ମୀନ** ଦ୍ୱିତୀୟସ୍ଥ ବୃହସ୍ପତି ହେତୁ ଅନୁକୂଳତା ପ୍ରାପ୍ତ ହୋଇ ଖୁସି ମନରେ କାମ କରିବା ମଉକା ଜୁଟିବ। ଭାବିଚିନ୍ତି କାମ ନ କଲେ ନେଡି ଗୁଡ଼ କହୁଣିକୁ ବୋହିଯିବାର ଆଶଙ୍କା ଦେଖାଦେଇପାରେ। ଯେତେ ଭଲ କଲେ ମଧ୍ୟ ପଛରେ ନିଜ ଲୋକମାନେ ସମାଲୋଚନା କରିବାକୁ ଛାଡ଼ିବେ ନାହିଁ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ରଶାସନ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

ଆଜି ଏପ୍ରିଲ ୨୧ ତାରିଖ, ଭାରତୀୟ ପ୍ରଶାସନିକ ସେବା ଦିବସ, ସଚିବ ଦିବସ, ଚୈତ୍ର ଶୁକ୍ଳପକ୍ଷର ଅନଙ୍ଗ ତ୍ରୟୋଦଶୀ ରବିବାର, ଶ୍ରୀମନ୍ଦିରରେ ଦମନକ ଯାତ୍ରା, ସୀତାଚୋରି, ଦୟଣାଚୋରି ନୀତି, ରାମଲୀଳା, ମାୟାମୃଗ ପ୍ରସ୍ତାବ, ମହାବୀର ଜୀବନ ଜୟନ୍ତୀ, ରାଶିନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୭ମି. ଗତେ ଘ.୦୯।୩୯ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୮ମି. ଗତେ ଘ.୦୬।୦୩ ମଧ୍ୟେ ରାହୁକାଳ ॥

# ଜଟଣୀ ଦେଖିବ ପୁଣି ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା

ଜଟଣୀ,୨୦।୪
(ରବୀନ୍ଦ୍ରନାଥ ମହାକୁଡ଼)

ଭୁବନେଶ୍ୱର ସଂସଦୀୟ ନିର୍ବାଚନମଣ୍ଡଳୀର ୭ଟି ବିଧାନସଭା ଆସନ ମଧ୍ୟରୁ ଜଟଣୀ ବିଧାନସଭା କ୍ଷେତ୍ର ଅନ୍ୟତମ। ନିକଟରେ କଂଗ୍ରେସ ସନ୍ତୋଷ ଜେନାଙ୍କୁ ଏଠାରୁ ଟିକେଟ ଦେବା ପରେ ଜଟଣୀ ରାଜନୀତି ଚଳଚଞ୍ଚଳ ହୋଇଛି। ପୂର୍ବରୁ ବିଜେଡିରୁ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଏବଂ ଭାଜପାରୁ ବିଶ୍ୱରଞ୍ଜନ ବଡ଼ଜେନା ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ରାଜନୀତିରୁ ଦୂରେଇ ରହିବା ପାଇଁ ଘୋଷଣା କରିବା ପରେ ଜଟଣୀ କଂଗ୍ରେସ ମଙ୍ଗ କିଏ ଧରିବେ ଓ ପ୍ରାର୍ଥୀ କିଏ ହେବେ, ତାହାକୁ ନେଇ ଅନେକ ଆଲୋଚନା ହେଉଥିଲା। ଦଳ ନୂଆ ମୁହଁକୁ ଗୁରୁତ୍ୱ ଦେଇ ସନ୍ତୋଷଙ୍କୁ ପ୍ରାର୍ଥୀ କରିବା ପରେ ଗତ ୨୦୧୯ ନିର୍ବାଚନ ଭଳି ଏଥର ମଧ୍ୟ ଜଟଣୀ ବିଧାନସଭା ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି।

ନିକଟ ଅତୀତକୁ ଦେଖିଲେ, ୨୦୧୪ ନିର୍ବାଚନରେ ବିଜେଡି ଜଟଣୀ ବିଧାନସଭା ଆସନରେ ଭାଗୀରଥି ବଡ଼ଜେନାଙ୍କୁ ପ୍ରାର୍ଥୀ କରିଥିଲା। ସେହିପରି ଭାଜପାରୁ ସୁଦୀପ୍ତ ରାୟ ଏବଂ କଂଗ୍ରେସରୁ ସୁରେଶ କୁମାର ରାଉତରାୟ ପ୍ରାର୍ଥୀ ହୋଇଥିଲେ। ତେବେ ଜଟଣୀ ଭୋଟର ନୂଆ ମୁହଁଙ୍କୁ ପ୍ରାଧାନ୍ୟ ଦେଇଆସୁଥିବାରୁ ୨୦୧୪ରେ ଭାଗୀରଥି ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡିରୁ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, କଂଗ୍ରେସରୁ ସୁରେଶ କୁମାର ରାଉତରାୟ ଏବଂ ଭାଜପାରୁ ନୂତନ ଭାବେ ବିଶ୍ୱରଞ୍ଜନ ବଡ଼ଜେନାଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଏହି ନିର୍ବାଚନରେ କଂଗ୍ରେସର ସୁରେଶ ବିଜେଡିର ବିଭୂତିଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ। ତେବେ ବିଜେଡିର ଗୋଷ୍ଠୀ ବିବାଦ ଭଳି ଭାଜପାର ବିଶ୍ୱରଞ୍ଜନ ନବାଗତ ହୋଇଥିଲେ ମଧ୍ୟ ଦଳୀୟ ଗୋଷ୍ଠୀ କନ୍ଦଳ ପାଇଁ ନିର୍ବାଚନରେ ତୃତୀୟ ସ୍ଥାନରେ ରହିଥିଲେ। ସେହି ସମୟରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ୭ଟି ଆସନରୁ ବିଜେଡି ୬ଟି ଆସନରେ ବିଜୟୀ ହୋଇଥିବା ବେଳେ ଜଟଣୀ ଆସନ ଦଳୀୟ କନ୍ଦଳ ଓ ବିଭୂତିଙ୍କ ଲୋକପ୍ରିୟତା ହ୍ରାସ ପାଇଁ ହରାଇବାକୁ ପଡ଼ିଥିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା।


ବିଶ୍ୱରଞ୍ଜନ ବଡ଼ଜେନା


ବିଭୂତି ଭୂଷଣ ବଳବନ୍ତରାୟ


ସନ୍ତୋଷ ଜେନା

୨୦୨୪ ନିର୍ବାଚନ ଆହୁରି ରୋଚକ ହେବା ନେଇ ଚର୍ଚ୍ଚା ହେଉଛି। କାରଣ ଦୁଇ ପୁରୁଣା ନେତା ବିଜେଡିରୁ ବିଭୂତି ଓ ଭାଜପାରୁ ବିଶ୍ୱରଞ୍ଜନ ପ୍ରାର୍ଥୀ ହୋଇଥିଲେ ହେଁ କଂଗ୍ରେସ ସନ୍ତୋଷଙ୍କୁ ନୂଆମୁହଁ କରିଥିଲେ ମଧ୍ୟ ତାଙ୍କର ବିଭିନ୍ନ ସାମାଜିକ କାର୍ଯ୍ୟରେ ସମ୍ପୃକ୍ତି ଥିବାରୁ ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ହେବ ବୋଲି କୁହାଯାଉଛି। ଏହି ଆସନରୁ କଂଗ୍ରେସ ଓ ବିଜେଡି ଏକାଧିକବାର ଜିତିଥିଲେ ହେଁ ଭାଜପା ଆଜିପର୍ଯ୍ୟନ୍ତ ଖାତା ଖୋଲିପାରି ନାହିଁ। ଚଳିତ ନିର୍ବାଚନରେ ଦଳ ଦ୍ୱିତୀୟ ଥର ପାଇଁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନାକୁ ନେଇ ଲୋକଙ୍କ ନିକଟକୁ ଯିବେ ବୋଲି କହିଛନ୍ତି। ଅନ୍ୟପଟେ ୨୦୦୯ରେ ଥରେ ବିଜେଡିରୁ ବିଜୟୀ ହୋଇଥିବା ବିଭୂତି ପୁଣି ବିଜେଡିରୁ ତୃତୀୟ ଥର ଦଳୀୟ ଟିକେଟ ପାଇ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା, ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଏବଂ ବିକାଶ କାର୍ଯ୍ୟକୁ ନେଇ ଭୋଟରଙ୍କ ପାଖକୁ ଯାଉଛନ୍ତି। କଂଗ୍ରେସ ୨୦୧୯ରେ ଏହି ଆସନ ହାତେଇଥିଲେ ମଧ୍ୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସାନ ପୁଅ ମନ୍ମଥ ରାଉତରାୟ ବିଜେଡି ଟିକେଟ୍‌ରୁ ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ଲଢୁଥିବା ବେଳେ ତାଙ୍କ ବଡ଼ ପୁଅ ସିଦ୍ଧାର୍ଥଙ୍କୁ କଂଗ୍ରେସ ନିମାପଡ଼ା ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ତେବେ ଅନ୍ୟତମ ଆଶାୟୀ ପ୍ରାର୍ଥୀ ସଂଗ୍ରାମ ରାଉତରାୟ ଜଟଣୀ କଂଗ୍ରେସ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିପାରନ୍ତି ବୋଲି କୁହାଯାଉଛି। ତେବେ ସନ୍ତୋଷଙ୍କ ଲୋକ ସମ୍ପର୍କ ଭଲ ଥିବାରୁ ସେ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେବେ ବୋଲି ଚର୍ଚ୍ଚା ହେଉଛି।

## କଂଗ୍ରେସର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ତାଲିକା

| | |
|---|---|
| ସମ୍ବଲପୁର | ଦୁଲାଲ ଚନ୍ଦ୍ର ପ୍ରଧାନ |
| କେନ୍ଦୁଝର | ବିନୋଦ ବିହାରୀ ନାୟକ |
| ଆସିକା | ଦେବକାନ୍ତ ଶର୍ମା |

## କଂଗ୍ରେସର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା

| | |
|---|---|
| ଝାରସୁଗୁଡ଼ା | ଅମିତା ବିଶ୍ୱାଳ |
| ବଡ଼ସାହି | କ୍ଷୀରୋଦ ଚନ୍ଦ୍ର ପାତ୍ର |
| ସୁକିନ୍ଦା | ବିଭୁ ଭୂଷଣ ରାଉତ |
| କନ୍ଧମାଳ | ଶରତ କୁମାର ପ୍ରଧାନ |
| କେନ୍ଦ୍ରାପଡ଼ା | ସିପ୍ରା ମଲ୍ଲିକ |
| ରାଜନଗର | ଅଶୋକ ପ୍ରତିହାରୀ |
| ମହାକାଳପଡ଼ା | ଲୋକନାଥ ମହାରଥୀ |
| ନିମାପଡ଼ା | ସିଦ୍ଧାର୍ଥ ରାଉତରାୟ |
| ପିପିଲି | ଜ୍ଞାନରଞ୍ଜନ ପଟ୍ଟନାୟକ |
| ଜୟଦେବ | କୃଷ୍ଣ ଚନ୍ଦ୍ର ସଗରିଆ |
| ଖୋର୍ଦ୍ଧା | ସୋନାଲି ସାହୁ |
| ଚିଲିକା | ପ୍ରଦୀପ କୁମାର ସ୍ୱାଇଁ |
| ଖଣ୍ଡପଡ଼ା | ମନୋଜ କୁମାର ପ୍ରଧାନ |
| ଦଶପଲ୍ଲା | ନକୁଳ ନାୟକ |
| କବିସୂର୍ଯ୍ୟନଗର | ସଞ୍ଜୟ କୁମାର ମଣ୍ଡଳ |
| ଗୋପାଳପୁର | ଶ୍ୟାମସୁନ୍ଦର ସାହୁ |

# ସରପଞ୍ଚରୁ ବିଧାୟିକା ପ୍ରାର୍ଥୀ

ବାଲେଶ୍ୱର,୨୦।୪(ମାନସ ବିଶ୍ୱାଳ)

## ରେମୁଣାରୁ ବିଦ୍ୟାସ୍ମିତା ବିଜେଡି ପ୍ରାର୍ଥୀ

ବାଲେଶ୍ୱର ଜିଲାର ଦୁଇଟି ବିଧାନସଭା ଆସନର ପ୍ରାର୍ଥୀଙ୍କ ନାମ ବିଜେଡି ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଘୋଷଣା କରିଛି। ରେମୁଣା ବିଧାନସଭା କ୍ଷେତ୍ରରୁ ବିଦ୍ୟାସ୍ମିତା ମହାଲିକ ଓ ସିମୁଳିଆ ବିଧାନସଭା କ୍ଷେତ୍ରରୁ ସୁବାସିନୀ ସାହୁଙ୍କ ନାମ ଘୋଷଣା କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏହି ଦୁଇ ମହିଳାଙ୍କ ସମେତ ଜିଲାରେ ପୂର୍ବରୁ ବସ୍ତା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥିନୀ ଭାବେ ସୁବାସିନୀ ଜେନାଙ୍କ ନାମ ଘୋଷଣା କରାଯାଇଥିଲା। ଜିଲାର ମୋଟ୍ ୮ଟି ନିର୍ବାଚନମଣ୍ଡଳୀ (ସିମୁଳିଆ, ସୋର, ନୀଳଗିରି, ରେମୁଣା, ବାଲେଶ୍ୱର, ବସ୍ତା, ଭୋଗରାଇ ଓ ଜଳେଶ୍ୱର) ମଧ୍ୟରୁ ୬ଟି ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବା ବେଳେ ସେଥିମଧ୍ୟରୁ ୩ବିଧାନସଭା କ୍ଷେତ୍ରରେ ବିଜେଡି ମହିଳା ପ୍ରାର୍ଥୀ ଦେଇଛି।

ରେମୁଣା ବିଧାନସଭା ଆସନ ଲାଗି ପ୍ରାର୍ଥିନୀ ଭାବେ ବିଦ୍ୟାସ୍ମିତା ମହାଲିକଙ୍କ ନାମ ଘୋଷଣା ପରେ ସେ କନକଦୁର୍ଗା ମନ୍ଦିରରେ ପହଞ୍ଚି ମା'ଙ୍କ ଆଶୀର୍ବାଦ ନେଇଥିଲେ। ପରେ କର୍ମୀମାନେ ଏକଜୁଟ ହୋଇ ବିଦ୍ୟାସ୍ମିତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଦ୍ୟାସ୍ମିତା ଜଣେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାରୁ ପତ୍ରିପାଳ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏବେ ପୁଣି ବିଧାୟିକା ପ୍ରାର୍ଥୀ ଭାବେ ବିଦ୍ୟାସ୍ମିତାଙ୍କ ନାମ ଘୋଷଣା ପରେ କର୍ମୀଙ୍କ ମହଲରେ ଉତ୍ସାହ ବୃଦ୍ଧି ପାଇଛି। ନିଜ ନାମ ବିଧାୟିକା ପ୍ରାର୍ଥୀ ଭାବେ ଘୋଷଣା ପରେ ବିଦ୍ୟାସ୍ମିତା ଭାବବିହ୍ୱଳ ହୋଇ ପଡ଼ିଥିଲେ। ଏଥିପାଇଁ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ରେମୁଣା ଅଞ୍ଚଳବାସୀଙ୍କଠାରୁ ସେ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହାସହ ରେମୁଣାବାସୀ ସୁଯୋଗ ଦେଲେ ଅଞ୍ଚଳରେ କୃଷି କ୍ଷେତ୍ରରେ ବିକାଶ କରାଯିବ ବୋଲି ବିଦ୍ୟାସ୍ମିତା କହିଛନ୍ତି। ଅନ୍ୟପଟେ ଏହି ଆସନ ପାଇଁ ଭାଜପାର ପ୍ରାର୍ଥୀ ଭାବେ ଗୋବିନ୍ଦ ଦାସ ଏବଂ କଂଗ୍ରେସ ପ୍ରାର୍ଥୀ ଭାବେ ସୁଦର୍ଶନ ଜେନା ନିର୍ବାଚନ ମଇଦାନରେ ଥିବା ବେଳେ ବିଦ୍ୟାସ୍ମିତାଙ୍କ ନାମ ଘୋଷଣା ପରେ ଏହି ନିର୍ବାଚନମଣ୍ଡଳରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।


ବିଦ୍ୟାସ୍ମିତା ମହାଲିକ



ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅଶୋକ ପଣ୍ଡା ଓ ଭୁବନେଶ୍ୱର ଲୋକ ସଭା ଆସନ ପ୍ରାର୍ଥୀ ମନ୍ମଥ ରାଉତରାୟ ସମର୍ଥକଙ୍କ ଗହଣରେ ୪୯ନଂ ୱାର୍ଡରେ ଶନିବାର ନିର୍ବାଚନ ପ୍ରଚାର କରୁଛନ୍ତି।

# ବିଜେଡିର ୪୦ ଜଣିଆ ଷ୍ଟାର ପ୍ରଚାରକ

ଭୁବନେଶ୍ୱର,୨୦।୪(ଅନିଲ ଦାସ)

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଶନିବାର ବିଜେଡି ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛି । ଏଥିରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୪୦ ଜଣ ରହିଛନ୍ତି।

ଦଳର ଷ୍ଟାର ପ୍ରଚାରକମାନେ ହେଲେ କାର୍ତ୍ତିକ ପାଣ୍ଡିଆନ, ପ୍ରଣବ ପ୍ରକାଶ ଦାସ, ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚନ୍ଦ୍ରଶେଖର ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ଅରୁଣ କୁମାର ସାହୁ, ସଞ୍ଜୟ କୁମାର ଦାସବର୍ମା, ପଦ୍ମନାଭ ବେହେରା, ପ୍ରଦୀପ କୁମାର ଅମାତ, ଏନ୍. ଭାସ୍କର ରାଓ, ସୁବାସ ସିଂହ, ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ନିରଞ୍ଜନ ବିଶି, ମମତା ମହନ୍ତ, ମୁନା ଖାନ୍, ସୁଲତା ଦେଓ, ରବୀନ୍ଦ୍ର କୁମାର ଜେନା, ସରୋଜିନୀ ହେମ୍ବ୍ରମ, ସୁଶାନ୍ତ ସିଂ, ପ୍ରୀତିରଞ୍ଜନ ଘଡ଼େଇ, ପ୍ରଣବ କୁମାର ବଳବନ୍ତରାୟ, ଚିରଞ୍ଜୀବ ବିଶ୍ୱାଳ, ରମେଶ ଚନ୍ଦ୍ର ମାଝି, ସୁଧୀର କୁମାର ସାମଲ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ବିଜୟ ନାୟକ, ଶ୍ରୀମୟୀ ମିଶ୍ର, ସେକ୍ ନିଜାମୁଦ୍ଦିନ, ଈଶ୍ୱର ପାଣିଗ୍ରାହୀ, ଅମରେଶ ଜେନା ଓ ଏଲିନା ଦାସ।

# ପୁନଶ୍ଚ ଗଣେଶ୍ୱର-ସିପ୍ରା ମୁକାବିଲା

କେନ୍ଦ୍ରାପଡ଼ା,୨୦।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବିଧାନସଭା ଆସନରେ ପୁଣିଥରେ ଗଣେଶ୍ୱର ବେହେରା ଏବଂ ଡ.ସିପ୍ରା ମଲ୍ଲିକଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। ଶନିବାର ବିଧାୟକ ଶଶିଭୂଷଣ ବେହେରାଙ୍କ ବଦଳରେ ଗଣେଶ୍ୱରଙ୍କୁ ବିଜେଡି ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ ଏହି ଆସନ ପାଇଁ ସିପ୍ରାଙ୍କୁ ଚୟନ କରିଛି। ଏଠାରେ ଗତ ୩ ନିର୍ବାଚନରେ ଭାଜପା ତୃତୀୟ ସ୍ଥାନରେ ରହିଥିବାବେଳେ ଦଳ ଚଳିତ ନିର୍ବାଚନ ପାଇଁ ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ।

୨୦୦୯ରେ କେନ୍ଦ୍ରାପଡ଼ା ଆସନକୁ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରଖାଯାଇଥିଲା। ସେହିବର୍ଷ ହୋଇଥିବା ନିର୍ବାଚନରେ ସିପ୍ରା ଓ ଗଣେଶ୍ୱର ବିଧାୟକ ପ୍ରାର୍ଥୀ ଭାବେ ମୁହାଁମୁହିଁ ହୋଇଥିଲେ। ସେତେବେଳେ ସିପ୍ରା ବିଜେଡିରୁ ଏବଂ ଗଣେଶ୍ୱର କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ। ଇତିମଧ୍ୟରେ ଉଭୟଙ୍କ ଦଳ ବଦଳ ହୋଇଛି। ୧୫ ବର୍ଷର ବ୍ୟବଧାନ ପରେ ଉଭୟଙ୍କ ମଧ୍ୟରେ ଲଢ଼େଇ ଏକ ରୋଚକ ସ୍ଥିତି ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି।

୨୦୦୯ ନିର୍ବାଚନରେ ୧,୧୮,୬୭୮ ମତଦାତାଙ୍କ ମଧ୍ୟରୁ ୬୨,୪୩୬ଜଣଙ୍କ ଭୋଟ ସିପ୍ରାଙ୍କୁ ମିଳିବା ପରେ ସେ ବିଜୟୀ ହୋଇଥିଲେ। ଦ୍ୱିତୀୟ ସ୍ଥାନରେ ଥିବା ଗଣେଶ୍ୱର ୪୬,୫୦୫ ଭୋଟ ପାଇଥିଲେ। ଭାଜପା ପ୍ରାର୍ଥୀ ବିଜୟ କୁମାର ମଲ୍ଲିକ ୬,୮୬୧ ଭୋଟ ପାଇଥିଲେ। ଏହି ନିର୍ବାଚନ ପରଠାରୁ ସିପ୍ରା ମୁକାବିଲା କରିବା ପାଇଁ ଆଉ ସୁଯୋଗ ପାଇ ନ ଥିଲେ। ଅପରପକ୍ଷେ ଏହି ନିର୍ବାଚନମଣ୍ଡଳୀରେ ଗଣେଶ୍ୱର ଏକାଧିକ ଥର ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇ ଭାଗ୍ୟ ପରୀକ୍ଷା କରିଛନ୍ତି। ୨୦୦୯ରେ ତାଙ୍କୁ ୩୯.୧୯ ପ୍ରତିଶତ ଜନସମର୍ଥନ ମିଳିଥିବାବେଳେ ୨୦୧୪ରେ ୪୩.୧ ପ୍ରତିଶତ ଭୋଟପାଇଥିଲେ। ସେହିପରି ୨୦୧୯ରେ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କଠାରୁ ସେ ମାତ୍ର ୬,୫୮୫ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ଗଣେଶ୍ୱର କେନ୍ଦ୍ରାପଡ଼ା ପୌରାଞ୍ଚଳରୁ ଶଶିଭୂଷଣଙ୍କଠାରୁ ଅଧିକ ଭୋଟ ପାଇଥିଲେ। ଏହି ସଂରକ୍ଷିତ ଆସନରେ ଭୋଟରଙ୍କ ସଂଖ୍ୟା ୨,୨୮,୫୯୬ରେ ପହଞ୍ଚିଛି। ଦଳବଦଳ କରି ୨ ପ୍ରାର୍ଥୀ ମୁହାଁମୁହିଁ ହେଉଥିବା ବେଳେ ଦଳୀୟ ଅସନ୍ତୋଷକୁ ନେଇ ଗଣେଶ୍ୱର ଅଧିକ ଚିନ୍ତାରେ ଅଛନ୍ତି। ଦୀର୍ଘବର୍ଷ ଧରି ବିଜେଡିରେ ରହି କାର୍ଯ୍ୟ କରୁଥିବା ଆଶାୟୀଙ୍କ ଆଶା ଗଣେଶ୍ୱର ଆସିବା ପରେ ମଉଳିଯାଇଛି। ଏଥିପାଇଁ ଗତ ୬ ଓ ୭ ତାରିଖରେ ଆଶାୟୀ ପ୍ରାର୍ଥୀମାନେ ଖୋଲାଖୋଲି ଭାବେ ଗଣେଶ୍ୱରଙ୍କ ପ୍ରାର୍ଥିତ୍ୱ ବିରୋଧରେ ସଭାପତି ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ଭୁବନେଶ୍ୱର ଶଙ୍ଖଭବନ ଆଗରେ ଦଳୀୟ ସମର୍ଥକଙ୍କ ସହ ସିପ୍ରା ବିଧାୟକ ପ୍ରାର୍ଥୀ ହେବା ପାଇଁ ଦାବି କରିଥିଲେ। ଏନେଇ କୌଣସି ପ୍ରତିକ୍ରିୟା ନ ମିଳିବାରୁ ସେ ବିଜେଡି ଛାଡ଼ି କଂଗ୍ରେସରେ ଯୋଗଦେଇଥିଲେ। କଂଗ୍ରେସ ତାଙ୍କୁ ଶନିବାର ଏହି ଆସନରୁ ପ୍ରାର୍ଥୀ କରିବା ପରେ ସ୍ଥିତି ରୋଚକ ହେବ ବୋଲି କୁହାଯାଉଛି।

# ବିଧାୟକ ପ୍ରାର୍ଥିନୀ ସୁବାସିନୀ ସାହୁ

ଖଇରା, ୨୦।୪(ଉତ୍କଳବନ୍ଧୁ ପଣ୍ଡା)

## ସିମୁଳିଆ ପାଇଁ ବିଜେଡି ଖେଳିଲା ମହିଳା କାର୍ଡ

ବାଲେଶ୍ୱର ଜିଲା ସିମୁଳିଆ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା ବେଶ୍ କିଛି ଦିନ ଝୁଲି ରହିବା ପରେ ଏଥିନେଇ ଉତ୍କଣ୍ଠା ବଢିଚାଲିଥିଲା। ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମହିଳା କାର୍ଡ ଖେଳି ଷଷ୍ଠ ପର୍ଯ୍ୟାୟରେ ସୁବାଷିନୀ ସାହୁଙ୍କୁ ସିମୁଳିଆର ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ଜଣାଶୁଣା ବିଜେଡି ନେତା, ଶିଳ୍ପପତି ତଥା କଳା, ସଂସ୍କୃତି ଏବଂ ମାନବ ସମ୍ବଳ ବିଭାଗର ରାଜ୍ୟ ସମ୍ପାଦକ ଶଶି ସାହୁଙ୍କ ସ୍ତ୍ରୀ ସୁବାଷିନୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ ସୁବାଷିନୀଙ୍କ ନାମ ଘୋଷଣା ପରେ ତାଙ୍କର ସମର୍ଥକମାନେ ବାଣ ଫୁଟାଇ ଓ ମିଠାବାଣ୍ଟି ଖୁସି ମନାଇଛନ୍ତି ।

ସୋର ବ୍ଲକ ସଜନପୁର ଗ୍ରାମର ଶଶି ସାହୁ ୨୦୧୨ରେ ଖଇରା-ସିମୁଳିଆକୁ କର୍ମଭୂମି ଭାବେ ବାଛି ମହୋତ୍ସବ ଆୟୋଜନ ମାଧ୍ୟମରେ ଲୋକଙ୍କ ନିକଟତର ହୋଇଥିଲେ। ୨୦୧୪ରେ ସେ ପ୍ରଥମେ ଭାଜପା ଟିକେଟରେ ଲଢି ୨୮ହଜାର ଭୋଟ ପାଇଥିଲେ। ୨୦୧୯ରେ ପଦ୍ମଲୋଚନ ପଣ୍ଡା କଂଗ୍ରେସ ଛାଡି ଭାଜପାରେ ଯୋଗଦେବା ପରେ ସେ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିଲେ। ସେତେବେଳେ ବିଜେଡି ତାଙ୍କୁ ବିଶ୍ୱାସକୁ ନେଇ ପାରି ନ ଥିଲା। ତା' ପରଠାରୁ ସେ ବିଭିନ୍ନ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ସହ ଜଡିତ ହୋଇଥିଲେ। କିଛି ବିଜେଡି ନେତା ଓ ଅର୍ଦ୍ଧାଧିକ ଭାଜପା ନେତାଙ୍କୁ ନେଇ ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର ଆୟୋଜନ କରୁଥିବା ଦେଖିବାକୁ ମିଳିଥିଲା। ସେପଟେ ୨ଥର ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଟିକେଟରୁ ବଞ୍ଚିତ କରାଯାଇଥିବାରୁ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷର ଆଭାସ ଦେଖିବାକୁ ମିଳିଛି। ନିଜ ନାମ ପ୍ରକାଶ ନ କରିବା ସର୍ତ୍ତରେ ଜଣେ ସମର୍ଥକ କହିଛନ୍ତି ସିମୁଳିଆ-ଖଇରାର ବିକାଶ ପାଇଁ ଜ୍ୟୋତି ପାଣିଗ୍ରାହୀଙ୍କର ଅଧିକ ଭୂମିକା ରହିଛି।


ସୁବାଷିନୀ ସାହୁ

# ପ୍ରବଳ ଖରାରେ ବି ଫୁଟିବ ପଦ୍ମ

ଘଣ୍ଟାପଡ଼ା/କନ୍ଧମାଳ,୨୦।୪(ପ୍ରଭାତ କୁମାର ସାହୁ/ଆଦିତେଶ୍ୱର ମିଶ୍ର)

■ପଲସାଗୋରାରେ ଭାଜପାର ବିଶାଳ ଜନ ସମାବେଶ
■ମିଶ୍ରଣ ପର୍ବରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ବୌଦ୍ଧ ଜିଲା କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ପଲସାଗୋରା ମକର ପଡିଆରେ ଭାଜପାର ବିଶାଳ ଜନସମାବେଶ ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସମାବେଶ ଓ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ସେ ପ୍ରଥମେ ମିଶ୍ରଣ ପର୍ବରେ ସାମିଲ ହୋଇଥିବା ବିଜେଡି ଓ ଅନ୍ୟଦଳର ନେତା, କର୍ମୀଙ୍କୁ ସ୍ୱାଗତ କରିବା ସହ ସହଯୋଗ କାମନା କରିଥିଲେ । ଏଥିସହିତ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ଉଭୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରାଇବା ପାଇଁ ଜନସାଧାରଣ ତଥା ଦଳୀୟ କର୍ମୀଙ୍କୁ ନିବେଦନ କରିଥିଲେ। ୪୦ ଡିଗ୍ରୀରୁ ଅଧିକ ଉତ୍ତାପ ଥିବା ସତ୍ତ୍ୱେ ସମାବେଶରେ ବିପୁଳ ଜନ ସମାଗମ ଦେଖି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏଥର ପ୍ରବଳ ଖରାରେ ବି ପଦ୍ମ ଫୁଟିବ ବୋଲି ଭାବବିହ୍ୱଳ ହୋଇ କହିଥିଲେ । ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ବୌଦ୍ଧ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, କିଶୋର ମେହେର, ଖଲିଆପାଲି ପଞ୍ଚାୟତର ସମିତିସଭ୍ୟ କେଦାରନାଥ ସାହୁ, ନାରାୟଣପ୍ରସାଦ ସରପଞ୍ଚ ତାରାକାନ୍ତୀ ମାଝୀ ଓ ଆଦିବାସୀ ନେତା ସତ୍ୟନାରାୟଣ ମାଝୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୟୋଧର ମହାକୁଡ଼, ରମେଶ ସାହୁ, ବୀଣାପାଣି ସାହୁ, ଦପଲା ସରପଞ୍ଚ ଅନ୍ନପୂର୍ଣ୍ଣା ମହାକୁଡ଼, ସୁଶୀଲ ପୁରୋହିତ, ବିଜିତ ପ୍ରଧାନ, ରାମହରୀ ପ୍ରଧାନ ଭାଜପାରେ ସାମିଲ ହୋଇଥିଲେ। ସେହିପରି ରେଙ୍ଗାଲି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ ,ସାରଥୀ ସାହୁ, ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ, ପୂର୍ବତନ ସରପଞ୍ଚ ତେଜରାଜ ସାହୁ, ଆମ୍ବଗାଁ ଗୌନ୍ତିଆ ମୋତିଲାଲ ରଣା, ଜେମାକାନ୍ତ ନାୟକ, ଶିବଶଙ୍କର କର୍ଣ୍ଣ, ଶାନ୍ତନୁ ଥାର୍ଟି, ପଲସାଗୋରା ପୂର୍ବତନ ସରପଞ୍ଚ ଗିରିଶ ଦଳବେହେରା , ପ୍ରଦୀପ ଚାନ୍ଦ, ବରପଦରର ପ୍ରମୋଦ ରଣା ,ଚିରଞ୍ଜିବୀ ବିଶି, ରତନ ପଟ୍ଟନାୟକ, ଘଣ୍ଟାପଡ଼ା ପୂର୍ବତନ ସରପଞ୍ଚ ଲିଙ୍ଗରାଜ ମଲିକଙ୍କ ସମେତ ବହୁ ନେତା ନିଜର ସମର୍ଥକଙ୍କ ସହିତ ଭାଜପାରେ ସାମିଲ ହୋଇଥିଲେ। ସାମିଲ ହୋଇଥିବା ସମସ୍ତ ନେତା ଓ କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ, ଦଳୀୟ ଉପଢୌକନ ଓ ଟୋପି ଦେଇ ଭାଜପାର ବରିଷ୍ଠ ନେତାମାନଙ୍କ ଦ୍ୱାରା ସମର୍ଦ୍ଧିତ କରାଯାଇଥିଲା। ଉକ୍ତ ସମାବେଶ ଓ ମିଶ୍ରଣ ପର୍ବରେ ଭାଜପାର କନ୍ଧମାଳ ବିଧାୟକ ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ, କନ୍ଧମାଳ ଏମ୍‌ପି ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ, ଲୋକସଭା ପ୍ରଭାରୀ ନିରଞ୍ଜନ ମିଶ୍ର, ବିଧାନସଭା ପ୍ରଭାରୀ ପ୍ରେମାନନ୍ଦ ମିଶ୍ର, ଯୁବନେତା ଓମପ୍ରକାଶ ମିଶ୍ର, ୪ ନଂ ଜିଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠୀ, ଶେଷ କୁମାର ମେହେର, ନବୀନ କୁମାର ମହାପାତ୍ର, ମାଗୁଣି ଗାଇଗୌରିଆ, ପଦ୍ମଚରଣ ଦାସ, ଚିତ୍ତରଞ୍ଜନ ପାତ୍ର, ୨ ନଂ ଜିଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ ମଞ୍ଚାସୀନ ଥିଲେ। ଉକ୍ତ ମିଶ୍ରଣ ପର୍ବରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଓ କର୍ମୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା।


ଭାଜପାର ମିଶ୍ରଣପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦଳୀୟ ନେତା ।

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। —ଶ୍ରୀମା



# ହିନ୍ଦୁ ରାଷ୍ଟ୍ର ସମ୍ଭବ କି



**ଆକାର ପଟେଲ**

ଚଳିତ ସପ୍ତାହରେ ବେଙ୍ଗାଲୁରୁରେ ଏକ ସିଭିଲ ସୋସାଇଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେଠାରେ ପ୍ରଶ୍ନ ଉଠିଥିଲା ଯେ, ମୋଦିଙ୍କର ଆସନ୍ନ ତୃତୀୟ କାର୍ଯ୍ୟକାଳରେ ଭାରତ ଏକ ହିନ୍ଦୁ ରାଷ୍ଟ୍ର ହେବାକୁ ଯାଉଛି କି? ହିନ୍ଦୁ ରାଷ୍ଟ୍ର ସମ୍ଭବ କି ନାହିଁ ତାହା ଜାଣିବା ଦରକାର। ଏଥିପାଇଁ ପ୍ରଥମେ ଏହା କ'ଣ ଏବଂ ଏବକାର ସ୍ଥିତିରୁ ହିନ୍ଦୁରାଷ୍ଟ୍ର କିପରି ପୃଥକ୍ ହେବ ତାହା ଉପରେ ପ୍ରଶ୍ନ କରିବା ଦରକାର। ୨୦୦୮ ପର୍ଯ୍ୟନ୍ତ ଓ ଏହା ପରେ ମଧ୍ୟ ଆମ ଭଳି ଗଣତନ୍ତ୍ରରେ ପରିଣତ ହୋଇଥିବା ନେପାଳ ବିଶ୍ୱରେ ଏକମାତ୍ର ହିନ୍ଦୁ ରାଷ୍ଟ୍ର ଥିଲା। ମନୁ ସ୍ମୃତିରେ ନିର୍ଦ୍ଦେଶିତ ଏକ କ୍ଷତ୍ରିୟ (ଛତ୍ରି) ରାଜାଙ୍କଠାରେ କାର୍ଯ୍ୟନିର୍ବାହୀ କ୍ଷମତା ରହିଆସୁଥିବାରୁ ଏହା ଏକ ହିନ୍ଦୁ ରାଷ୍ଟ୍ର ଥିଲା। ନେପାଳର ୧୯୫୯ ସମ୍ବିଧାନ ଆର୍ଯ୍ୟ ସଂସ୍କୃତି ଏବଂ ହିନ୍ଦୁଧର୍ମର ଜଣେ ଅନୁଗତଙ୍କୁ ରାଷ୍ଟ୍ର ମୁଖ୍ୟ ବୋଲି ସ୍ପଷ୍ଟ କରିଛି। ୧୯୬୨ ସମ୍ବିଧାନ ନେପାଳକୁ ଏକ ସ୍ୱାଧୀନ, ଅବିଚ୍ଛେଦ୍ୟ ତଥା ସାର୍ବଭୌମ ହିନ୍ଦୁ ରାଷ୍ଟ୍ର ଭାବରେ ବ୍ୟାଖ୍ୟାକରେ ଏବଂ ରାଜା ଆର୍ଯ୍ୟ ଓ ହିନ୍ଦୁ ବୋଲି ଦୋହରାଇଛି। ରାଜସଭା କିମ୍ବା ଶାସକୀୟ ପରିଷଦରେ ମୁଖ୍ୟ ବ୍ରାହ୍ମଣ (ବଡ଼ ଗୁରୁଜୟୁ) ଏବଂ କାର୍ଯ୍ୟନିର୍ବାହୀ ପୁରୋହିତ (ମୋଲ୍ ପୁରୋହିତ)ଙ୍କୁ ଅନ୍ତର୍ଭୁକ୍ତ କରେ। ନେପାଳର ୧୯୯୦ ସମ୍ବିଧାନ ଦେଶକୁ 'ବହୁରାଷ୍ଟ୍ରୀୟ, ବହୁଭାଷୀ, ଗଣତାନ୍ତ୍ରିକ, ସ୍ୱାଧୀନ, ଅବିଭକ୍ତ, ସାର୍ବଭୌମ, ହିନ୍ଦୁ ଏବଂ ସାମ୍ବିଧାନିକ ରାଜତନ୍ତ୍ର' ବୋଲି ଦର୍ଶାଏ। ଏହା ରାଜାଙ୍କର 'ଆର୍ଯ୍ୟତା' ଏବଂ 'ହିନ୍ଦୁତା'ର ପୁନରାବୃତ୍ତି କରେ। ୧୯୫୯ ସମ୍ବିଧାନରେ ସେପରି କୌଣସି ଧାର୍ମିକ ସ୍ୱାଧୀନତା ନ ଥିଲା। ଏଥିରେ ଦର୍ଶାଯାଇଛି ଯେ, କୌଣସି ବ୍ୟକ୍ତି ଅନ୍ୟକୁ ଧର୍ମାନ୍ତରୀକରଣ କରି ନିଜ ଧର୍ମକୁ ଆଣିବାର ଅଧିକାର ନାହିଁ। ଜଣେ ନାଗରିକ କେବଳ ପ୍ରାଚୀନ କାଳରୁ ଚଳିଆସୁଥିବା ନିଜ ଧର୍ମର ଅଭ୍ୟାସ ଓ ପାଳନ କରିପାରେ। ଅର୍ଥାତ୍ କୌଣସି ପ୍ରଚାରକୁ ଅନୁମତି ଦିଆଯାଇ ନ ଥିଲା ଏବଂ ନେପାଳରେ ଏ ପର୍ଯ୍ୟନ୍ତ ଏହି ନୀତି ବଳବତ୍ତର ରହିଛି। ତିନୋଟି କାରଣ ଯୋଗୁ ନେପାଳ ଏକ ହିନ୍ଦୁ ରାଷ୍ଟ୍ର ଥିଲା। ପ୍ରଥମେ, ନିୟମାନୁସାରେ ଏକ ବଂଶାନୁକ୍ରମିକ କ୍ଷତ୍ରିୟ ମାଧ୍ୟମରେ ଶାସନ ଜାତିଭିତ୍ତିକ ଥିଲା; ଦ୍ୱିତୀୟରେ, ରାଜାଙ୍କ କୋର୍ଟରେ ଜାତିଭିତ୍ତିକ ପରାମର୍ଶଦାତା ଥିଲେ; ତୃତୀୟରେ କୌଣସି ଧାର୍ମିକ ସ୍ୱାଧୀନତା ନାହିଁ ଏବଂ ପ୍ରଚାରପ୍ରସାର ନିଷେଧ କରାଯାଇଛି। ଏଠାରେ ଭାରତ ତୁଳନାରେ ନେପାଳ ଅଧିକ ବାସ୍ତବ ଥିଲା ଓ ରହିଛି ମଧ୍ୟ। ଆମ ସମ୍ବିଧାନର ଧାରା ୨୫ରେ କୁହାଯାଇଛି ଯେ, ଧର୍ମକୁ ମୁକ୍ତ ଭାବରେ ପ୍ରଚାର କରିବା ହେଉଛି ଏକ ମୌଳିକ ଅଧିକାର। କିନ୍ତୁ ଭାରତର ଅନେକ ରାଜ୍ୟର ଆଇନରେ ଧର୍ମ ପ୍ରଚାରକୁ ଏକ ଅପରାଧ ଭାବେ ଗଣାଯାଇଛି। ତେଣୁ ଅଧିକାର ପ୍ରାୟତଃ କାଗଜରେ ହିଁ ରହିଛି।

ନେପାଳର ସମ୍ବିଧାନ ଅନୁଯାୟୀ ନିର୍ଦ୍ଦିଷ୍ଟ ଜାତି ବଂଶାନୁକ୍ରମ ଏବଂ ଜାତିଭିତ୍ତିକ ଭେଦଭାବ ମାନବ ଅଧିକାରର ବୈଶ୍ୱିକ ଘୋଷଣାନାମା ଏବଂ ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ରତା, ସମାନତା ଏବଂ ସ୍ୱାଧୀନତା ଦେଉଥିବା ପ୍ରତ୍ୟେକ ଆଧୁନିକ ଆଇନ ଏବଂ ପାଳନର ବିରୋଧ କରେ। ଏହି କାରଣରୁ, ଭାରତରେ କିପରି ଏହାର ନକଲ କରାଯାଇପାରିବ ତାହା ଦେଖିବା କଷ୍ଟକର। ନେପାଳରେ ବଂଶାନୁକ୍ରମିକ ରାଜା ଯେଭଳି ରହିଥିଲେ ତାହା ଆମର ନାହାନ୍ତି। କିନ୍ତୁ ଯଦି ଏହା ହିନ୍ଦୁ ରାଷ୍ଟ୍ର ନୁହେଁ ତେବେ ଭାଜପା ଓ ଆର୍‌ଏସ୍‌ଏସ୍ ଏ ବିଷୟରେ କ'ଣ କହୁଛନ୍ତି? ସେମାନେ ହିନ୍ଦୁ ରାଷ୍ଟ୍ର କଥା ବାରମ୍ବାର କହୁଥିଲେ ବି ତାହାକୁ ବ୍ୟାଖ୍ୟା କରିନାହାନ୍ତି। ଆର୍‌ଏସ୍‌ଏସ୍ କହୁଥିବା ହିନ୍ଦୁରାଷ୍ଟ୍ରର କୌଣସି ଡ୍ରାଫ୍ଟ କିମ୍ବା ସମ୍ବିଧାନ ନାହିଁ। ହିନ୍ଦୁରାଷ୍ଟ୍ର କହିବାର କାରଣ ହେଉଛି, ସେମାନଙ୍କ ନଜର କେବଳ ସଂଖ୍ୟାଲଘୁଙ୍କ ଉପରେ ରହୁଛି। ସେମାନେ ଯେଉଁ ପ୍ରକାର ହିନ୍ଦୁ ରାଷ୍ଟ୍ର କଥା କହୁଛନ୍ତି ତାହା ଆଇନ ଅନୁଯାୟୀ ନିଶ୍ଚିତ କରାଯାଇପାରେ ଯେ, କୌଣସି ଅଣ-ହିନ୍ଦୁ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ହୋଇପାରିବେ ନାହିଁ ଏବଂ କେବଳ ହିନ୍ଦୁମାନେ ଏହି ନିର୍ଦ୍ଦିଷ୍ଟ ପଦବୀରେ ରହିପାରିବେ। ଏଠାରେ ବିଚାର କରିବା ଉଚିତ ଯେ, ଆମର ଏପରି ନିୟମ ନାହିଁ, ଏହା ମଧ୍ୟ ଆବଶ୍ୟକ ନୁହେଁ। ଏହି ଦେଶରେ କୌଣସି ମୁସଲମାନ ମୁଖ୍ୟମନ୍ତ୍ରୀ ନାହାନ୍ତି, କଶ୍ମୀର ବ୍ୟତୀତ କୌଣସି ରାଜ୍ୟରେ ମୁସଲମାନ ମୁଖ୍ୟମନ୍ତ୍ରୀ ଭାବରେ ପୂର୍ଣ୍ଣ ୫ବର୍ଷ କାର୍ଯ୍ୟ କରିନାହାନ୍ତି। ଅବଶ୍ୟ ଭାରତରେ ଏଯାବତ ମୁସଲମାନ ପ୍ରଧାନମନ୍ତ୍ରୀ ହୋଇପାରିନାହାନ୍ତି। ଏହି ପ୍ରକାର ହିନ୍ଦୁ ରାଷ୍ଟ୍ର ଏହାର ଧାର୍ମିକ ସଂଖ୍ୟାଲଘୁମାନଙ୍କ ବିରୋଧରେ ଅନ୍ୟ କିଛି ଭେଦଭାବପୂର୍ଣ୍ଣ ବିଷୟ ଗ୍ରହଣ କରିପାରେ। ୧୯୩୦ ଦଶକରେ ଜର୍ମାନୀ ଏକ ନିୟମ ପ୍ରଣୟନ କରିଥିଲା ଯାହା ସମ୍ପ୍ରଦାୟ ମଧ୍ୟରେ ଆନ୍ତଃ ବିବାହକୁ ରୋକିଥିଲା। ଭାରତରେ, ୨୦୧୮ ପରେ ୭ଟି ଭାଜପା ରାଜ୍ୟ ଆଇନ ପ୍ରଣୟନ କରିଛନ୍ତି ଯାହା ମୁସଲମାନ ଏବଂ ହିନ୍ଦୁଙ୍କ ମଧ୍ୟରେ ବିବାହର ଅପରାଧୀକରଣ କରିଛି। ଜର୍ମାନୀ ଆଇନ ଇହୁଦୀମାନଙ୍କୁ ନାଗରିକତ୍ୱରୁ ବାଦ୍ ଦେଇଥିଲା ଏବଂ ଭାରତ ମୁସଲମାନଙ୍କୁ ବାଦ୍ ଦେଇ ସିଏଏ ଗ୍ରହଣ କରିଛି। ବିଶେଷକରି ୨୦୧୯ଠାରୁ ଭାରତ ଲକ୍ଷ୍ୟଭିତ୍ତିକ ଆଇନ ଓ ନୀତିରେ ଅନେକ କାର୍ଯ୍ୟ କରିଛି, ଯେଉଁଥିରେ ନମାଜ, ହିଜାବ, ଗୋମାଂସ, ବୁଲ୍‌ଡୋଜର, ତଲାକ ଇତ୍ୟାଦି ଭଳି ଏପରି ଅନେକ କିଛି ଆମେ ଏକ ନିର୍ଦ୍ଦିଷ୍ଟ ହିନ୍ଦୁ ରାଷ୍ଟ୍ରରେ ଦେଖିପାରିବା।

ତେବେ ପ୍ରଶ୍ନ ହେଉଛି, ଯଦି ଆମେ ମୁସଲମାନଙ୍କୁ ଭୁଲ୍‌ବଶତଃ ରାଜନୈତିକ କାର୍ଯ୍ୟାଳୟରୁ ବାଦ୍ ଦେଇସାରିଛୁ ଏବଂ ଯଦି ନାଜି ଜର୍ମାନୀ ଓ ପାକିସ୍ତାନ ଭଳି ଆଇନ ମାଧ୍ୟମରେ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ପ୍ରତିଦିନ ହଇରାଣ କରୁଛୁ, ତା'ହେଲେ ହିନ୍ଦୁ ରାଷ୍ଟ୍ର କାହିଁକି ଆବଶ୍ୟକ କରୁଛୁ କିମ୍ବା ବର୍ତ୍ତମାନର ଆଇନଗୁଡ଼ିକର ପରିବର୍ତ୍ତନ କରିବାକୁ ଚାହୁଁଛୁ? ବର୍ତ୍ତମାନର ସମ୍ବିଧାନ ଏବଂ ଆଇନ ଅଣ-ହିନ୍ଦୁମାନଙ୍କ ପ୍ରତି ଭେଦଭାବ ପ୍ରୟୋଗ କରିବାକୁ ଆମକୁ ଯଥେଷ୍ଟ ସ୍ୱାଧୀନତା ଦେଉଥିବାବେଳେ ଆମେ ନିଜକୁ ବହୁବାଦୀ, ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ବୋଲି ଦର୍ଶାଉଛୁ। ଧର୍ମନିରପେକ୍ଷ ସାମ୍ବିଧାନିକ ତଥା ଆଇନଗତ ସ୍ଥିତିରୁ ହିନ୍ଦୁ ରାଷ୍ଟ୍ରକୁ ପରିବର୍ତ୍ତନ କରିବାରେ ଆମେ କୌଣସି ବିଶେଷ ସୁବିଧା କିମ୍ବା ଲାଭ ପାଇବା ଭଳି ମନେହେଉନାହିଁ। ତେବେ ତୃତୀୟ ପାଳି ଯଦି ଆସେ ସେଥିରୁ ଆମେ କ'ଣ ଆଶା କରିପାରିବା?

Email:aakar.patel@gmail.com

# ଗଣତନ୍ତ୍ରରେ ସ୍ୱଚ୍ଛତାର ଆହ୍ୱାନ



**ଅନିଲ ବିଶ୍ୱାଳ**

ବିଭିନ୍ନ ରାଜନୈତିକ ଦଳକୁ ମିଳିଥିବା ଇଲେକ୍ଟୋରାଲ ବଣ୍ଡ୍ ବାବଦରେ ଏବେ ସାରା ଦେଶରେ ଚର୍ଚ୍ଚା। ଯେହେତୁ ଏହି ବିଷୟଟିରେ ଦେଶର ସମସ୍ତ ରାଜନୈତିକ ଦଳ ପକ୍ଷଭୁକ୍ତ, ସେଦୃଷ୍ଟିରୁ ଏହା ଉପରେ ଏକ ଅନାସକ୍ତ ଆଲୋଚନା କରିବାର ଆବଶ୍ୟକତା ରହିଛି। କେବଳ ସମାଲୋଚନାରେ ଏହି ବିଷୟର ଚର୍ଚ୍ଚା ସୀମିତ ନ ରହି ବରଂ ସମସ୍ୟା ଓ ସମାଧାନ ଉପରେ ଆଲୋଚନା ହେବାର ବେଶି ପ୍ରାସଙ୍ଗିକତା ରହିଛି। ରାଜନୀତିରେ କଳାଟଙ୍କାର ବ୍ୟବହାର, ରାଜନୈତିକ ଦଳଗୁଡ଼ିକ ଭିତରେ ଏନେଇ ସ୍ୱଚ୍ଛତା ଓ ନିରପେକ୍ଷତା ନ ରହିବା ଏବେକାର ବିଶ୍ୱ ଗଣତନ୍ତ୍ରରେ ଏକ ବୃହତ୍ତମ ସମସ୍ୟା ଭାବରେ ଲମ୍ବା ସମୟ ଧରି ରହିଆସିଛି। ଏହାର ସମାଧାନ କେମିତି ହେବ ତାହା ଗଣତନ୍ତ୍ରର ଆଲୋଚକମାନଙ୍କ ପାଇଁ ଏକ ଆହ୍ୱାନ। ରାଜନୈତିକ ଦଳଗୁଡ଼ିକର ଆର୍ଥିକ କାରବାରରେ ସ୍ୱଚ୍ଛତା ଆଣିବାର ରାସ୍ତା ବାହାର କରି କିଭଳି ଭଲ, ସ୍ୱଚ୍ଛ ଓ ବିଜ୍ଞ ଲୋକ ନିର୍ବାଚନରେ ଭାଗ ନେଇପାରିବେ, ସେଥିପାଇଁ ଅନୁକୂଳ ବ୍ୟବସ୍ଥା ସୃଷ୍ଟି କରିବାର ଆବଶ୍ୟକତା ରହିଛି। କାରଣ ଆଜିବି ରାଜନୈତିକ ଦଳଗୁଡ଼ିକ ନିର୍ବାଚନରେ ପ୍ରାର୍ଥୀ ଚୟନ କଲାବେଳେ ଦେଖୁଛନ୍ତି କାହାକୁ ପ୍ରାର୍ଥୀ କଲେ ସେ ନିର୍ବାଚନରେ ବେଶି ପଇସା ଖର୍ଚ୍ଚ କରିପାରିବ।

ଆମେରିକା ଯାହା ବିଶ୍ୱରେ ସବୁଠାରୁ ପୁରୁଣା ଗଣତନ୍ତ୍ର, ସେଠାରେ ମଧ୍ୟ ବ୍ୟୟବହୁଳ ନିର୍ବାଚନୀ ଖର୍ଚ୍ଚ ଏକ ସମସ୍ୟା। ୨୦୧୬ରେ ହୋଇଥିବା ନିର୍ବାଚନରେ ସେଠାରେ ୭ ବିଲିୟନ ଡଲାର ଖର୍ଚ୍ଚ ହୋଇଥିବା ବେଳେ ୨୦୨୦ରେ ଏହା ଦୁଇଗୁଣ ବଢ଼ି ୧୪ ବିଲିୟନ ଡଲାର ହୋଇଥିଲା। ଏକ ସର୍ଭେ ଅନୁସାରେ ୬୪% ଆମେରିକାନ୍ ଭାବନ୍ତି ଯେ ରାଜନୈତିକ ଦଳଗୁଡ଼ିକର ସ୍ୱଚ୍ଛତା ଆଣିବା ଅସମ୍ଭବ ଏବଂ ୭୮% ଭାବନ୍ତି ଯେ ରାଜନୈତିକ ଦଳଗୁଡ଼ିକ ଚାନ୍ଦା ଗ୍ରହଣ କରୁଥିବା କମ୍ପାନୀମାନଙ୍କ ସ୍ୱାର୍ଥରେ କାମ କରନ୍ତି। ଆମେରିକାରେ ୨୦୨୦ ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକୁ ସବୁଠାରୁ ଅଧିକ ଚାନ୍ଦା ଦେଉଥିବା ବ୍ୟକ୍ତି ହେଉଛନ୍ତି ସେଲ୍‌ଡନ ଆଡଲ୍‌ସନ, ଯିଏ ହୋଟେଲ ବ୍ୟବସାୟ ସହିତ ବିଭିନ୍ନ ଦେଶରେ ଜୁଆଘର ବ୍ୟବସାୟ ଚଳାନ୍ତି, ଯାହାକୁ କ୍ୟାସିନୋ ବୋଲି କୁହନ୍ତି। ଏମିତିକି ଅନେକଥର ସେ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଅନ୍ତର୍ଜାତୀୟ ସଂସ୍ଥା ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ୨୦୦୭ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବ୍ୟବସାୟିକ ସଂସ୍ଥାଗୁଡ଼ିକର ରାଜନୈତିକ ଦଳଗୁଡ଼ିକ ଉପରେ ପ୍ରଭାବ ୟୁରୋପ ଏବଂ ଲାଟିନ୍ ଆମେରିକାର ପ୍ରାୟ ସମସ୍ତ ଦେଶରେ ଏକ ସାଧାରଣ କଥା। କିନ୍ତୁ ଏହାର ସମାଧାନ କ'ଣ, ତାହା ଏକ ବିତର୍କର ବିଷୟ।

ଭାରତରେ ରାଜନୈତିକ ଦଳକୁ ଚାନ୍ଦା ଦେବାର ଇତିହାସ କିଛି କମ୍ ନାହିଁ। ସ୍ୱାଧୀନତା ପୂର୍ବରୁ ମଧ୍ୟ ରାଜନୈତିକ ଦଳଗୁଡ଼ିକ କର୍ପୋରେଟ ଫଣ୍ଡିଙ୍ଗ ନେଉଥିଲେ। ସ୍ୱାଧୀନତା ପରେ ଟାଟା, ବିର୍ଲା ଭଳି ବ୍ୟବସାୟିକ ସଂସ୍ଥାଗୁଡ଼ିକ ପ୍ରମୁଖ ରାଜନୈତିକ ଦଳ ଯଥା କଂଗ୍ରେସ, ସ୍ୱତନ୍ତ୍ର ପାର୍ଟିକୁ ଦାନ ବା ଚାନ୍ଦା ଦେଉଥିଲେ। ୧୯୬୯ରେ ପ୍ରଥମେ ଇନ୍ଦିରା ଗାନ୍ଧୀ ହିଁ ଏହି ଫଣ୍ଡିଙ୍ଗକୁ ବେଆଇନ ଘୋଷଣା କରିଥିଲେ। କୌଣସି ଦଳ ବ୍ୟବସାୟିକ ସଂସ୍ଥାଗୁଡ଼ିକଠାରୁ ଅର୍ଥ ଆଣିପାରିବେ ନାହିଁ ବୋଲି ନିୟମ କରାଗଲା। ସେହି ସମୟରେ ସ୍ୱତନ୍ତ୍ର ପାର୍ଟିର ନେତାମାନେ ଅଭିଯୋଗ କରିଥିଲେ ଯେ, ସ୍ୱତନ୍ତ୍ର ପାର୍ଟିକୁ ଆର୍ଥିକ ସ୍ତରରେ ଦୁର୍ବଳ କରିବା ପାଇଁ ଏହି ନିୟମ ଅଣାଯାଇଛି ଏବଂ କଂଗ୍ରେସ ଦଳ ସରକାରରେ ଥିବାରୁ କଂଗ୍ରେସ ଦଳର କିଛି ଅସୁବିଧା ହେବ ନାହିଁ। ସ୍ୱତନ୍ତ୍ର ପାର୍ଟି ଉପରେ ଏହି ନିୟମର ପ୍ରଭାବ ମଧ୍ୟ ପଡ଼ିଥିଲା। ୧୯୭୧ ନିର୍ବାଚନ ଥିଲା ସ୍ୱତନ୍ତ୍ର ପାର୍ଟିର ଶେଷ ନିର୍ବାଚନ। ୧୯୬୭ ନିର୍ବାଚନରେ ୪୪ ଆସନ ଜିତିଥିବା ଦଳ ୧୯୭୧ରେ ଜିତିଲା ମାତ୍ର ୮ଟି। ଅଭିଯୋଗ ହୁଏ, ୧୯୬୯ ପରେ ଦେଶରେ ଲାଇସେନ୍ସ ରାଜ, କଳାବଜାର, ଟିକସ ଫାଙ୍କି ଏବଂ ରାଜନୈତିକ ନେତାଗୁଡ଼ିକୁ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଚୋରାରେ ସୁଟ୍‌କେସରେ ଟଙ୍କା ଯୋଗାଣର ପରମ୍ପରା ଆରମ୍ଭ ହୋଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ରାଜୀବ ଗାନ୍ଧୀ ପରୋକ୍ଷରେ ମଧ୍ୟ ସ୍ୱୀକାର କରିଥିଲେ। କାରଣ ଏକଥା ସତ୍ୟ ଯେ ରାଜନୈତିକ ନେତାମାନେ ଅର୍ଥ ଚାହାନ୍ତି ଆଉ ବ୍ୟବସାୟୀମାନେ ନିୟମ ଫାଙ୍କି ଅର୍ଥ ରୋଜଗାର ଚାହାନ୍ତି। ଷ୍ଟାନେଲ କୋଚାନେକ ଏକ ସୁନ୍ଦର ବହି ଏ ସମ୍ପର୍କରେ ଲେଖିଛନ୍ତି, ଯାହାର ନାଁ ହେଉଛି ବ୍ରିଫ୍‌କେସ ପଲିଟିକ୍ସ ଅଫ୍ ଇଣ୍ଡିଆ। ସେ ଲେଖିଛନ୍ତି, କିଭଳି ଭାବରେ ବ୍ରିଫ୍‌କେସ ପଲିଟିକ୍ସ କାରଣରୁ ରାଜନୈତିକ ଦଳଗୁଡ଼ିକ ଦୁର୍ବଳ ହୋଇଗଲେ କିନ୍ତୁ ନେତାମାନେ ଧନୀ ହୋଇଗଲେ। ଯେବେ ରାଜୀବ ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ହେଲେ ସେ ସେହି ପ୍ରତିବନ୍ଧକକୁ ୧୯୮୫ରେ ଉଠାଇ ଦେଇଥିଲେ। କର୍ପୋରେଟ୍ ଓ ରାଜନୈତିକ ଦଳଗୁଡ଼ିକ ଭିତରେ ଏକ ସ୍ୱଚ୍ଛ ସମ୍ପର୍କ ଏବଂ ଆର୍ଥିକ ବିନିମୟ ପାଇଁ ରାଜୀବ ଗାନ୍ଧୀ ପ୍ରୟାସ କରିଥିଲେ। ଉଦ୍ଦେଶ୍ୟ ଥିଲା ମୁକ୍ତ ଉଦାର ଅର୍ଥନୀତିର ପ୍ରୋତ୍ସାହନ ଏବଂ ଲାଇସେନ୍ସରାଜକୁ ବନ୍ଦ କରିବା। ପରବର୍ତ୍ତୀ ସମୟରେ ୧୯୯୬ରେ ଇଲେକ୍ଟୋରାଲ ଟ୍ରଷ୍ଟ ବ୍ୟବସ୍ଥା ଆପଣାଗଲା। ନିର୍ବାଚନ ପରିଚାଳନାକୁ ନେଇ ଅନେକ ନିୟମ ବିଭିନ୍ନ ଦଳର ସରକାର ସମୟରେ ଆସିଛି। ସରକାରୀ ଗଣମାଧ୍ୟମରେ



ମାଗଣା ପ୍ରଚାର ବ୍ୟବସ୍ଥା, ନିର୍ବାଚନ ଖର୍ଚ୍ଚରେ ଅଙ୍କୁଶ, ନିର୍ବାଚନରେ ବ୍ୟବସାୟିକ ସଂସ୍ଥାର ପ୍ରଭାବ ରୋକିବା ଆଦି ଉପରେ ରୋକ୍ ପାଇଁ ଅନେକ ନିୟମ ଆସିଛି। ୨୦୧୭ରେ ଇଲେକ୍ଟୋରାଲ ବଣ୍ଡ୍ ନିୟମ ଆସିଲା। ଇଲେକ୍ଟୋରାଲ ବଣ୍ଡ୍ ଓ ଇଲେକ୍ଟୋରାଲ ଟ୍ରଷ୍ଟ ଭିତରେ ଯେଉଁ ଫରକ ଅଛି, ତାହା ହେଲା ଇଲେକ୍ଟୋରାଲ ବଣ୍ଡରେ ବ୍ୟବସାୟିକ ସଂସ୍ଥାଗୁଡ଼ିକ ସିଧାସଳଖ ବ୍ୟାଙ୍କ ଦେଣନେଣ ମାଧ୍ୟମରେ ରାଜନୈତିକ ଦଳକୁ ଚାନ୍ଦା ଦେଇପାରିଲେ। ଇଲେକ୍ଟୋରାଲ ଟ୍ରଷ୍ଟ ବ୍ୟବସ୍ଥାରେ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଏକ ଟ୍ରଷ୍ଟକୁ ଦାନ ଦେଉଥିଲେ। ଟ୍ରଷ୍ଟ ତାକୁ ରାଜନୈତିକ ଦଳଗୁଡ଼ିକୁ ଦେଉଥିଲା। ଏହି ବ୍ୟବସ୍ଥାରେ ଏହା ଜାଣିବା କଷ୍ଟଥିଲା ଯେ କେଉଁ ବ୍ୟବସାୟିକ ସଂସ୍ଥା କେଉଁ ଦଳକୁ କେତେ ଟଙ୍କା ଦେଲା। କାରଣ ଗୋଟିଏ ଟ୍ରଷ୍ଟରେ ଅନେକ ବ୍ୟବସାୟିକ ସଂସ୍ଥାର ଅର୍ଥ ଜମା ହେଉଥିଲା। ସେଠାରୁ ପୁଣି ଅନେକ ଦଳଙ୍କୁ ଅର୍ଥ ଦିଆଯାଉଥିଲା। ତେଣୁ କିଏ କାହା ପାଇଁ ଉଦ୍ଦିଷ୍ଟ କରି ଚାନ୍ଦା ଦେଇଥିଲା ତାହା କେବଳ ଟ୍ରଷ୍ଟକୁ ଜଣାଥିଲା ଆଉ ସମସ୍ତ ଟ୍ରଷ୍ଟ ଥିଲେ ବେସରକାରୀ। କିନ୍ତୁ ଇଲେକ୍ଟୋରାଲ ବଣ୍ଡ୍ ବ୍ୟବସ୍ଥାରେ କିଏ କାହା ପାଇଁ ବଣ୍ଡ୍ କିଣିଛି, ତାହାର ସମସ୍ତ ତଥ୍ୟ ଏକ ସରକାରୀ ବ୍ୟାଙ୍କ ପାଖରେ ଉପଲବ୍ଧ ରହିଲା। କିନ୍ତୁ ଏହି ସମସ୍ତ ତଥ୍ୟକୁ ସାଧାରଣରେ ପ୍ରକାଶ ନ କରିବା ପାଇଁ ସରକାର ନିୟମ କରିଥିଲେ। କାରଣ, କିଏ କାହାକୁ କେତେ ଚାନ୍ଦା ଦେଲା ତାହା ଯଦି ରାଜନୈତିକ ଦଳଗୁଡ଼ିକ ଜାଣନ୍ତି, ତା'ହେଲେ ସେମାନେ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଉପରେ ରାଜନୈତିକ ଚାପ ପକାଇ ପାରନ୍ତି ବା ହଇରାଣ କରିପାରନ୍ତି ଏଭଳି ଆଶଙ୍କା ମଧ୍ୟ ଥିଲା। ଏବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସେହି ସମସ୍ତ ତଥ୍ୟ ସାର୍ବଜନୀନ ହେବା ପରେ ଜଣାପଡ଼ିଛି ଯେ, ଦେଶର ପ୍ରାୟ ସମସ୍ତ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଅର୍ଥ ପାଇଛନ୍ତି। ଯେଉଁମାନେ କହୁଛନ୍ତି ଏହି ବ୍ୟବସ୍ଥାରେ ତ୍ରୁଟି ଅଛି, ସେମାନେ କିନ୍ତୁ ମିଳିଥିବା ଅର୍ଥକୁ ଆମେ ଫେରାଇଦେବୁ, ଏ କଥା କହିବା ପାଇଁ ସେମାନଙ୍କର ସତ୍‌ସାହସ ଅଛି କି? ଏହା ହିଁ ଦର୍ଶାଉଛି ଭାରତୀୟ ରାଜନୈତିକ ବ୍ୟବସ୍ଥାର ସବୁଠାରୁ ଦୁଃଖଦ ଚିତ୍ର। ସମସ୍ତେ ଚାହାନ୍ତି କ୍ଷମତା ଆଉ ଅନ୍ୟକୁ ଦୋଷାରୋପ। କେହି ଚାହାନ୍ତିନାହିଁ ବ୍ୟବସ୍ଥାରେ ପରିବର୍ତ୍ତନ।

ବିଭିନ୍ନ ସମୟରେ ଆଗରୁ ଅଦାଲତମାନେ ମଧ୍ୟ ନିର୍ବାଚନରେ କଳାଟଙ୍କାର ଅପବ୍ୟବହାର, ରାଜନୈତିକ ଦଳଗୁଡ଼ିକର ଚାନ୍ଦା ଆଦାୟ ଆଦିକୁ ନେଇ ନିଜର ବ୍ୟଗ୍ରତା ଦେଖାଇଛନ୍ତି। କିନ୍ତୁ ଏହାର ସମାଧାନର ରାସ୍ତା କ'ଣ ତାହା ଆଜିବି ଅସମାହିତ ହୋଇ ରହିଛି। ରାଜନୈତିକ ଦଳଗୁଡ଼ିକ ଅର୍ଥ ପାଇଲେ ସେମାନେ ନିର୍ବାଚନରେ ପ୍ରାର୍ଥୀ ଚୟନ କରିବା ବେଳେ ଭଲ ପ୍ରାର୍ଥୀ ବାଛିପାରିବେ। ଭଲ, ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ ଆର୍ଥିକ କ୍ଷମତା ଏକ ବାଧକ ହେଉଛି। ଆଉ ଯଦି ଆର୍ଥିକ ଆଧାରରେ ପ୍ରାର୍ଥୀ ଦିଆଯାଏ, ତା'ହେଲେ ଖଣି ମାଫିଆ, ବାଲି ମାଫିଆ, ସୁନା ବେପାରୀମାନେ ରାଜନୀତି କରିବେ ସିନା ଭଲ ଲୋକ କିନ୍ତୁ ନିର୍ବାଚନରେ ଟିକେଟ ପାଇବେ ନାହିଁ। ଗଣତନ୍ତ୍ରରେ ସ୍ୱଚ୍ଛତାର ଆହ୍ୱାନକୁ ସାମ୍ନା କରି ଏହାର ସମାଧାନର ରାସ୍ତା କାଢ଼ିବା ପାଇଁ ପଡ଼ିବ।

ହରିରାଜପୁର, ଜଟଣୀ
ମୋ: ୯୪୩୮୫୬୭୯୨୯୦

# ଜରାଗ୍ରସ୍ତ ଜନନୀ



**ରବିନାରାୟଣ ସାମଲ**

ସାଧାରଣ ନିର୍ବାଚନ ଗଣତନ୍ତ୍ରର ମହାପର୍ବ। ସଂଖ୍ୟାଧିକ ଭୋଟ ପାଇଥିବା ପ୍ରାର୍ଥୀ ହେବେ ଲୋକ ପ୍ରତିନିଧି। ବିପକ୍ଷରେ ମିଳିତ ମତଦାନ ସଂଖ୍ୟା ଅଧିକ ହେଲେ ବି ଯାଏଆସେ ନାହିଁ। ନିକଟତମ ପ୍ରତିଦ୍ୱନ୍ଦ୍ୱୀଠାରୁ ଖଣ୍ଡେ ମାତ୍ର ଭୋଟ ଅଧିକ ପାଇଲେ ହେଲା। ମୁକ୍ତ-ଅବାଧ-ନିରପେକ୍ଷ ମୋହରଟା ବାଜିଗଲେ ପ୍ରାର୍ଥୀ ହୋଇଯିବେ ପ୍ରତିନିଧି, ଆପାତତଃ ପାଞ୍ଚ ବର୍ଷ ପାଇଁ।

ଚଳିତବର୍ଷ ନିର୍ବାଚନ ହେବ ନିଆରା। ବିରୋଧୀ ଶିବିରର କେତେ ଜଣ ଛାମୁଆ ନେତା ଜେଲ୍‌ରେ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପ-ମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ, ବିଆର୍‌ଏସ୍ ନେତ୍ରୀ କେ. କବିତା ବନ୍ଦୀ ଜୀବନ ବିତାଉଛନ୍ତି। ଅପରାଧ? ଦିଲ୍ଲୀ ମଦ ନୀତିରେ ଦୁର୍ନୀତି। ଅର୍ଥ ଆତ୍ମସାତ୍ ନୁହେଁ! ସେଇଥିପାଇଁ ତ ସଞ୍ଜୟ ସିଂଙ୍କୁ ସୁପ୍ରିମ୍‌କୋର୍ଟ ଜାମିନ ମଞ୍ଜୁର କରିଦେଲେ କିଛି ପ୍ରାଇମା ଫାସି ନାହିଁ ବୋଲି।

ଇଡି, ଆଇଟି, ସିବିଆଇ ଓ ଏନ୍‌ଆଇଏ ଆଉ କେତେ ଜଣଙ୍କୁ ସମନ୍ ପଠାଉଛି, ଦିନ ଦିନ ଧରି ଜେରା କରୁଛି। ନିଜ ଦଳ ବା ପ୍ରାର୍ଥୀ ସପକ୍ଷରେ ପ୍ରଚାର କରିବାର ସୁଯୋଗ ସେମାନଙ୍କର ନାହିଁ। ଅନ୍ୟପକ୍ଷରେ ଶାସକ ଦଳର ନେତାମାନେ ଘୂରି ବୁଲୁଛନ୍ତି। ଇଡି, ଆଇଟି ସେମାନଙ୍କ ଛାଇ ମାଡ଼ୁ ନାହାନ୍ତି।

କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଏପରି ତତ୍ପରତା ଦେଖି ସାଧାରଣରେ ଗୋଟିଏ ଧାରଣା ସୃଷ୍ଟି ହେଲାଣି ଯେ ନରେନ୍ଦ୍ର ମୋଦି ଇଡି, ଆଇଟି ଭଳି ସଂସ୍ଥାକୁ ବ୍ୟବହାର କରି ବିରୋଧୀଙ୍କ ମୁହଁ ବନ୍ଦ କରିଦେବାକୁ ଚାହୁଁଛନ୍ତି। ସେପଟେ କେଜ୍‌ରିୱାଲଙ୍କ ଗିରଫ ପରେ ଜର୍ମାନ୍, ଆମେରିକା ଏବଂ ଏପରିକି ଜାତିସଂଘ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। 'ବିଚାର ପ୍ରକ୍ରିୟାରେ ନିରପେକ୍ଷତା ଓ ମୌଳିକ ଗଣତାନ୍ତ୍ରିକ ନୀତି ଅନୁପାଳନ କରାଯିବା ବିଧେୟ' ବୋଲି ସେମାନେ ଆଶା ବ୍ୟକ୍ତ କରିଛନ୍ତି। ମାତ୍ର ଆମର ବୈଦେଶିକ ବିଭାଗ 'ଏହା ଭାରତର ଆଭ୍ୟନ୍ତରୀଣ ବ୍ୟାପାର' ବୋଲି କହି ସେମାନଙ୍କ ସମାଲୋଚନାକୁ ନାପସନ୍ଦ କରିଛି।

'ଗଣତନ୍ତ୍ରର ମହାପର୍ବ' ପାଳନ ହେବାକୁ ଯାଉଥିଲା ବେଳେ ବାସ୍ତବରେ ଗଣତନ୍ତ୍ର ଏବେ ମହାବିପଦରେ। ସାଧାରଣ ନାଗରିକଙ୍କର ବାକ୍ ସ୍ୱାଧୀନତା ଅପହୃତ। ସରକାରଙ୍କ ବିରୋଧରେ ଯିଏ ପଦେ କହିଲା, ସିଏ ହେଲା ଦେଶଦ୍ରୋହୀ। ଆଇଟି ଆଇନର ଦୁରୁପଯୋଗ କରାଯାଇ ସାମାଜିକ ଗଣମାଧ୍ୟମରେ ୟୁଜର୍‌ମାନଙ୍କ ପୋଷ୍ଟିଂକୁ ବ୍ଲକ୍ କରି ଦିଆଯାଉଛି। ଟିଭି ଚ୍ୟାନେଲ ଓ ସମ୍ବାଦପତ୍ର ଉପରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କଟକଣା ଜାରି କରିଛି। ସରକାର ବା ଶାସକ ଦଳ ବିରୋଧରେ ଯିଏ ମତମନ୍ତବ୍ୟ ଦେଲା ତାକୁ ହାଜତ ଭିତରକୁ ଯିବାକୁ ପଡ଼ୁଛି।

ଏଠାରେ ଭୀମା କୋରେଗାଓଁ ମାମଲା ଉଲ୍ଲେଖଯୋଗ୍ୟ। ରୋନା ୱିଲସନ୍, ଫାଦର ଷ୍ଟାନ୍ ସ୍ୱାମୀ, ବରବରା ରାଓ, ସୁଧା ଭରଦ୍ୱାଜ, ଅରୁଣ ଫେରେରିଆ, ଭେରନ୍ ଗନ୍‌ସାଲ୍‌ଭେ ପ୍ରମୁଖ ବିଶିଷ୍ଟ ସାମ୍ବାଦିକ, ଶିକ୍ଷାବିତ୍ ଓ ମାନବିକ ଅଧିକାର




କର୍ମୀଙ୍କ ସମେତ ୧୬ ଜଣଙ୍କୁ ୟୁଏପିଏ ଆଇନ ବଳରେ ଗିରଫ କରି ୬ ବର୍ଷ ହେଲା ଜେଲରେ ରଖାଯାଇଛି। ସେମାନଙ୍କ ମଧ୍ୟରୁ ଫାଦର୍ ଷ୍ଟାନ୍‌ଙ୍କ ହାଜତରେ ମୃତ୍ୟୁ ହୋଇଯାଇଛି। ନିକଟରେ ପ୍ରଫେସର୍ ରୋନା ୱିଲସନ୍‌ଙ୍କୁ ସୁପ୍ରିମ୍‌କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ, କୁହାଯାଉଥିବା ଅଭିଯୁକ୍ତମାନଙ୍କ କମ୍ପ୍ୟୁଟର୍‌ରେ ନାଗପୁର ପୋଲିସ ଆପତ୍ତିଜନକ ଇ-ମେଲ୍ ସଂଯୁକ୍ତ କରି ସେମାନଙ୍କ ବିରୋଧରେ ୟୁଏପିଏ ଆଇନ ଲାଗୁ କରିଛି। ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସର ପ୍ରଫେସର ଆଲ୍‌ଫା ଶାହାଙ୍କ ଲିଖିତ ପୁସ୍ତକରେ ଏହି ତଥ୍ୟ ବିଶଦ ଭାବେ ଉପସ୍ଥାପିତ ହୋଇଛି।

ହଥ୍‌ରସ୍ ବଳାତ୍କାର ଘଟଣାର ରିପୋର୍ଟ ସଂଗ୍ରହ କରିବାକୁ ଯାଉଥିଲା ବେଳେ ସାମ୍ବାଦିକ ସିଦ୍ଦିକ୍ କପନ୍ ଓ ତାଙ୍କର ତିନି ଜଣ ସହଯୋଗୀଙ୍କୁ ଗିରଫ କରାଯାଇ ଦୁଇ ବର୍ଷ ଜେଲରେ ରଖାଗଲା। କଶ୍ମୀର୍‌ର ସାମ୍ବାଦିକ ଅସିଫ୍ ସୁଲତାନ ଓ ସାଜାଦ୍ ଗୁଲ୍, ଝାଡ଼ଖଣ୍ଡର ସାମ୍ବାଦିକ ରୂପେଶ ସିଂ ଏବଂ ମହାରାଷ୍ଟ୍ରର ସାମ୍ବାଦିକ ଗୌତମ ନଭଲେଖା ବର୍ତ୍ତମାନ ଜେଲରେ ଅଛନ୍ତି। ସେମାନେ ସମସ୍ତେ ମାନବାଧିକାର କର୍ମୀ। ଉତ୍ତରପ୍ରଦେଶର ସାମ୍ବାଦିକ ପୱନ ଜୟସ୍ୱାଲ, ଜେଏନ୍‌ୟୁ ଛାତ୍ର ଓମର୍ ଖଲିଦ୍‌ଙ୍କୁ ୟୁଏପିଏ ବଳରେ ଗିରଫ କରାଯାଇ ଜେଲକୁ ପଠାଇ ଦିଆଯାଇଛି। ଖ୍ୟାତନାମା ସାମ୍ବାଦିକା ତଥା ମହିଳା ଅଧିକାର ସୁରକ୍ଷା କର୍ମୀ ପଦ୍ମଶ୍ରୀ ତିସ୍ତା ଶିତଲବାଦଙ୍କୁ ମଧ୍ୟ ଦୁଇ ବର୍ଷ ତଳେ ଗିରଫ କରାଯାଇଥିଲା। ଗୁଜରାଟ ଦଙ୍ଗାରେ ପୀଡ଼ିତା ଜାକିଆ ଜାଫ୍ରୀ ଓ ବିଲ୍‌କିସ୍ ବାନୁଙ୍କ ପାଇଁ ସେ ଲଢ଼େଇ କରୁଥିବାରୁ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ଆଣି ଗୁଜରାଟ ପୋଲିସ ତାଙ୍କୁ ଗିରଫ କରିଥିଲା।

୨୦୧୫-୨୦ ମଧ୍ୟରେ ଦେଶଦ୍ରୋହ ମାମଲାରେ ୫୪୮ ଜଣ ଗିରଫ ହୋଇଥିଲା ବେଳେ ୟୁଏପିଏ ବଳରେ ୧୦,୫୫୨ ଜଣ ଗିରଫ ହୋଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଉଭୟ ଦେଶଦ୍ରୋହ ଓ ୟୁଏପିଏରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଜଣେ ହେଲେ ବି ଶାସକ ଦଳର ସଭ୍ୟ କେହି ନାହାନ୍ତି। ସେମାନେ ସବୁ ଗୋଟା ତୁଳସୀ!

ଗଣତନ୍ତ୍ରର ଚାରିଟି ସ୍ତମ୍ଭ- ନ୍ୟାୟପାଳିକା, କାର୍ଯ୍ୟପାଳିକା, ବିଧାୟିକା ଓ ଗଣମାଧ୍ୟମ ବର୍ତ୍ତମାନ ଦୁର୍ବଳ। ଏଗୁଡ଼ିକ ଭୁଶୁଡ଼ି ପଡ଼ିବା କିଛି ଅସମ୍ଭବ ନୁହେଁ। ଶାସକ ଦଳର ଚାପ ଯୋଗୁଁ ଏଗୁଡ଼ିକ ନିଜର ନିରପେକ୍ଷତାକୁ ହରାଇ ବସିଛନ୍ତି। ସେଇଥିପାଇଁ ତ ଗଣତନ୍ତ୍ରର ପରିଭାଷା ଏଠାରେ ବଦଳିଯାଇଛି। ଆବ୍ରାହମ୍ ଲିଙ୍କନ୍ ଯଦି ବଞ୍ଚିଥାନ୍ତେ, ତେବେ ସେ ଏସବୁ ଦେଖି ଗଣତନ୍ତ୍ରର ସଂଜ୍ଞା ପୁନଃ ନିରୂପଣ କରିଥା'ନ୍ତେ।

ସ୍ୱିଡେନ୍‌ସ୍ଥିତ ଭି-ଡେମ୍ ଇନ୍‌ଷ୍ଟିଚ୍ୟୁଟ୍ ବିଶ୍ୱର ୧୭୯ଟି ଗଣତାନ୍ତ୍ରିକ ଦେଶକୁ ନେଇ ୨୦୨୩ରେ ଏକ ସର୍ଭେ କରିଥିଲା। ଏହି ୧୭୯ଟି ଦେଶ ମଧ୍ୟରୁ ଭାରତର ର୍‌ୟାଙ୍କ୍ ଥିଲା ୧୦୮। ୨୦୨୨ ତୁଳନାରେ ୪ଟି ସ୍ଥାନ ତଳେ। 'ମୋଦିଙ୍କ ଅଧୀନରେ ଭାରତ ଗଣତନ୍ତ୍ରର ମାନ୍ୟତା ହରାଇଛି' ବୋଲି ଭି-ଡେମ୍ ମନ୍ତବ୍ୟ ଦେଇଥିଲା। ୱାଶିଂଟନ୍‌ସ୍ଥିତ ସଂସ୍ଥା ଫ୍ରିଡମ୍ ହାଉସ୍ ଭାରତର ଶାସନ ବ୍ୟବସ୍ଥା ସମ୍ବନ୍ଧରେ ପ୍ରତିକୂଳ ମନ୍ତବ୍ୟ ଦେଇଥିଲା।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ଅନେକ ସମୟରେ ଦେଖାଯାଏ ଗରିବ ପିଲାମାନେ ଦାମୀ ବହି କିଣିପାରନ୍ତି ନାହିଁ। ସାଙ୍ଗସାଥୀ କିମ୍ବା ଲାଇବ୍ରେରିରୁ ବହି ଆଣି ପଢ଼ିଥାନ୍ତି। ଏଭଳି ସମସ୍ୟାର ସାମ୍ନା କରିଥିଲେ ଅକ୍ଷୟ କଶ୍ୟପ, ଯେଉଁଥିପାଇଁ ସେ ସେକେଣ୍ଡହ୍ୟାଣ୍ଡ ବା ବ୍ୟବହାର ହୋଇଥିବା ପୁରୁଣା ବହି ସଂଗ୍ରହ କରି ତାହାକୁ ଶସ୍ତାରେ ପିଲାମାନଙ୍କୁ ବିକ୍ରି କରୁଛନ୍ତି। ମୁଜାଫରପୁରରେ ରହୁଥିବା ଅକ୍ଷୟ ତାଙ୍କ ସାଙ୍ଗ ଶ୍ରୀଜ୍ଞାନ କୁମାରଙ୍କ ସହ ମିଶି ୨୦୨୨ରେ ଅନ୍‌ଲାଇନ ପ୍ଲାଟ୍‌ଫର୍ମ 'କିତାବୱାଲା' ଆରମ୍ଭ କରିଥିଲେ। ସେମାନେ ଏବେ ସୁଦ୍ଧା ୬,୦୦୦ ବହି ବିକ୍ରି କରିସାରିଲେଣି ଓ ଦୁଇ ବର୍ଷ ମଧ୍ୟରେ ଏଥିରୁ ସେମାନେ ୮ ଲକ୍ଷ ଟଙ୍କା ପାଇଛନ୍ତି। ସେମାନେ ସ୍କୁଲ, କଲେଜ ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଆବଶ୍ୟକ ବହି ଯୋଗାଇ ଦେଉଛନ୍ତି। ଅକ୍ଷୟ ଓ ଶ୍ରୀଜ୍ଞାନ ପ୍ରଥମେ ୮୦୦ ଟଙ୍କାର ପୁରୁଣା ବହି କିଣି ଏହି ବ୍ୟବସାୟ ଆରମ୍ଭ କରିଥିଲେ। ଏବେ ମୁଜାଫରପୁରରୁ ତାଙ୍କ ବ୍ୟବସାୟକୁ ପାଟନା ଓ ବିହାରର ଅନ୍ୟ ଅଞ୍ଚଳକୁ ସମ୍ପ୍ରସାରିତ କରିପାରିଛନ୍ତି। ସେମାନେ ପ୍ରତିଦିନ ୨୦୦-୨୫୦ ଗ୍ରାହକଙ୍କୁ ବହି ଯୋଗାଇ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୧ ଏପ୍ରିଲ ୧୯୭୫**

- ଭାରତର ପ୍ରଥମ ବୈଜ୍ଞାନିକ ଉପଗ୍ରହ 'ଆର୍ଯ୍ୟଭଟ୍ଟ' ସୋଭିଏତ ରୁଷର ଏକ ମହାକାଶଯାନ ଘାଟୀରୁ ସୋଭିଏତ୍ ରକେଟ୍‌ବାହକ ସହାୟତାରେ ମହାଶୂନ୍ୟକୁ ଛଡ଼ାଯାଇଛି।
- ଭାରତର ପ୍ରଥମ ଉପଗ୍ରହକୁ ଅନ୍ତରୀକ୍ଷକୁ କ୍ଷେପଣ କରାଯିବାର ସ୍ମାରକୀ ଉପଲକ୍ଷେ ଏକ ସ୍ୱତନ୍ତ୍ର ଡାକଟିକଟ ଉନ୍ମୋଚନ।

## ଚିରନ୍ତନୀ

ଗାଇ ବିଦାୟର ଡାକ
ନୀଡ଼େ ଚଳେ ଶୁକ କାକ
ସନ୍ଧ୍ୟା ଆସେ ଗଭୀର ବିଷାଦେ,
ଦୂରଗ୍ରାମେ ଜଳେ ଦୀପ
ଦୂର ବନଗିରି ନୀପ
ମଉଳଇ କିବା ଅବସାଦେ!

(ଆଶ୍ଲେଷ ସ୍ୱର୍ଗ)
—କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 4 | | | 3 | | | |
| | 7 | | | | | 2 | 3 | |
| | 6 | | 9 | | | | 1 | |
| | 4 | | | 8 | | 7 | | |
| 7 | 2 | | 6 | | | | | |
| | | | | | 1 | | 5 | |
| 1 | | | | | | | | 9 |
| | | 9 | | | | | 6 | |
| | 5 | | | | | | 7 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 6 | 9 | 1 | 5 | 8 | 4 | 2 |
| 1 | 5 | 8 | 7 | 4 | 2 | 3 | 9 | 6 |
| 2 | 4 | 9 | 3 | 8 | 6 | 1 | 5 | 7 |
| 4 | 6 | 1 | 5 | 2 | 9 | 7 | 8 | 3 |
| 8 | 3 | 5 | 6 | 7 | 4 | 2 | 1 | 9 |
| 7 | 9 | 2 | 8 | 3 | 1 | 4 | 6 | 5 |
| 5 | 8 | 3 | 4 | 6 | 7 | 9 | 2 | 1 |
| 6 | 2 | 4 | 1 | 9 | 3 | 5 | 7 | 8 |
| 9 | 1 | 7 | 2 | 5 | 8 | 6 | 3 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବାଙ୍ଗିରିପୋଷି ପର୍ଯ୍ୟନ୍ତ ଟ୍ରେନ୍ ଚଳାଯାଉ

ମହାଶୟ,

କଳାହାଣ୍ଡି ଜିଲା ଜୁନାଗଡ଼ରୋଡ଼ ରେଳ ଷ୍ଟେସନରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ଏକ୍ସପ୍ରେସ ଟ୍ରେନ (ଜୁନାଗଡ଼ ରୋଡ-ଭୁବନେଶ୍ୱର ଏକ୍ସପ୍ରେସ୍) ପ୍ରତ୍ୟହ ଚଳାଚଳ କରୁଛି। ଏହି ଟ୍ରେନରେ ଅବିଭକ୍ତ ବାଲେଶ୍ୱର, ମୟୂରଭଞ୍ଜର ଲୋକ ଉପକୃତ ହେଉନାହାନ୍ତି। ଏ ଅଞ୍ଚଳର ଅନେକ ଲୋକ ଅବିଭକ୍ତ କଳାହାଣ୍ଡିରେ ଚାକିରି କରିଛନ୍ତି ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି। ସେମାନେ ଭୁବନେଶ୍ୱର ପର୍ଯ୍ୟନ୍ତ ଆସି ବସ୍ ଯୋଗେ ଆସୁଛନ୍ତି। ଅଧିକ ଖର୍ଚ୍ଚାନ୍ତ ଓ ହଇରାଣ ହେଉଛନ୍ତି। ତେଣୁ ସେହି ଟ୍ରେନକୁ ବାଙ୍ଗିରିପୋଷି(ବାରିପଦା) ପର୍ଯ୍ୟନ୍ତ ଚଳାଚଳ କରାଇଲେ ଯାତ୍ରୀମାନେ ଉପକୃତ ହୁଅନ୍ତେ।

**— କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କର୍ମଜୀବୀ ମହିଳାଙ୍କ ସୁରକ୍ଷା ଉପରେ ସଚେତନତା ଶିବିର



ସଚେତନତା ଶିବିରରେ ଯୋଗଦେଇଥିବା ଅତିଥିମାନେ ।

ଯାଜପୁର ଟାଉନ,୨୦।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଡ. ଜୀବନଜ୍ୟୋତି ରଥଙ୍କ ଅଧ୍ୟକ୍ଷତାରେ ସିଭିଲ କୋର୍ଟ ଭିଡ଼ିଓ କନଫେରନ୍ସ କକ୍ଷରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କୁ ଯୌନ ଉତ୍ପୀଡ଼ନ ନିଶିଦ୍ଧ, ପ୍ରତିରୋଧ ଏବଂ ନ୍ୟାୟ ପ୍ରଦାନ ଆକ୍ଟ-୨୦୧୩ ସମ୍ବନ୍ଧୀୟ ଏହି ସଚେତନତା ଶିବିରରେ ଜିଲା ଓ ଦୌରା ଜଜ୍, ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଯୋଗଦେଇ ମହିଳାମାନଙ୍କୁ କାର୍ଯ୍ୟ କ୍ଷେତ୍ରରେ ସମସ୍ତ ଅଧିକାରୀ ଏବଂ ସଂସ୍ଥା ମୁଖ୍ୟମାନେ ସମ୍ମାନ ପ୍ରଦର୍ଶନ କରିବା ବିଧେୟ ବୋଲି କହିଥିଲେ।

ବୈଠକରେ ଯାଜପୁର ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଅଦାଲତ (ପୋକ୍ସୋ) କୋର୍ଟ ଅଭିଜିତ ପଲେଇ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜ୍ୟୋତିର୍ମୟୀ ଦାସ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ମନସ୍ୱିନୀ ରଥ, ଦେୱାନୀ ବିଚାର ପତି ପାରସ ପାଢ଼ୀ, ଜେଏମଏସସି ସୁନାରାମ ମାଝି ଯୋଗଦେଇ କାର୍ଯ୍ୟ କ୍ଷେତ୍ରରେ ଯୌନ ଉତ୍ପୀଡ଼ନ ପ୍ରତିରୋଧ, ନିରୋଧ ଏବଂ ସମାଧାନ ଦିଗରେ ଆଲୋକପାତ କରିଥିଲେ। ଶିବିରରେ ମହିଳାମାନଙ୍କୁ କେତେକାଂଶ ସ୍ଥାନରେ ଯୌନ ଉତ୍ପୀଡ଼ନ ପୂର୍ବକ ଖରାପ ଇଙ୍ଗିତ ଦେବା, ଖରାପ ଭାଷା ବ୍ୟବହାର କରିବା ଏବଂ ଖରାପ ଲେଖା ଦେଖାଇବା ଦଣ୍ଡନୀୟ ଅପରାଧ ହୋଇଥିବାରୁ ମହିଳାମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ଏବଂ ସମୁଚିତ ନ୍ୟାୟ ପ୍ରଦାନ ଦିଗରେ ସରକାରଙ୍କ ପକ୍ଷରୁ ଏହି ଆଇନ ଲାଗୁ କରାଯାଇଛି ବୋଲି କୁହାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦାସ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଏବଂ ଆଇନ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ଉପସ୍ଥାନ ପୂର୍ବକ କର୍ମଶାଳାକୁ ସଞ୍ଚାଳନ କରିଥିଲେ।

# ମଧୁବନ ହିଙ୍ଗୁଳା ଯଜ୍ଞ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ରସୁଲପୁର,୨୦।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚି ପଞ୍ଚାୟତ ମଧୁବନ ସ୍ଥିତ ମା'ହିଙ୍ଗୁଳାଙ୍କ ୮୭ତମ ଯଜ୍ଞ ଉତ୍ସବ ଆସନ୍ତା ୨୨ତାରିଖରୁ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ପଞ୍ଚାୟତର ପାଞ୍ଚଗୋଛିଆ ଓ ପାଳସାହି ଗ୍ରାମର ମୁରବୀ, ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପୂଜା ଓ ଯଜ୍ଞ ଉତ୍ସବକୁ ଶୃଙ୍ଖଳିତ, ରୌଦ୍ରତାପ ନିୟନ୍ତ୍ରିତ, ପଲିଥିନମୁକ୍ତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଯଜ୍ଞ ପଡ଼ିଆରେ ପାନୀୟଜଳ ବ୍ୟବସ୍ଥା, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ବିଶ୍ରାମସ୍ଥଳର ସୁବିଧା କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଯୁବତୀଯୁବକଙ୍କୁ ଆକର୍ଷିତ ପାଇଁ ଯାତ୍ରା ପଡିଆରେ ସେଲଫି ପଏଣ୍ଟ ଓ ଫଟୋଜୋନ ସ୍ଥାପନ କରିବାକୁ ଯୋଜନା କରାଯାଇଛି। କୁନିକୁନି ପିଲାଙ୍କୁ ଆକର୍ଷିତ କରିବା ପାଇଁ ଯାତ୍ରା ପଡିଆରେ ଦୋଳି ଓ ମୀନାବଜାରର ଖୋଲିବାର କାର୍ଯ୍ୟକ୍ରମ ରହିଛି। ଯଜ୍ଞ ଓ ପୂଜା କାର୍ଯ୍ୟରେ ପାରମ୍ପରିକ ରୀତିନୀତି ପାଳନ କରିବା ପାଇଁ ପୂଜା କମିଟି କାର୍ଯ୍ୟକର୍ତ୍ତା ଗୁରୁତ୍ୱ ଦେଇଛନ୍ତି। ଯଜ୍ଞ ଅବସରରେ ସହଯୋଗୀ ଗ୍ରାମରେ ବାର୍ଷିକ ଯଜ୍ଞ ଆଜ୍ଞାମାଣ ପହଞ୍ଚିବ ଓ ପ୍ରତି ଘରେ ଆମିଷ ଦ୍ରବ୍ୟ ନିଷେଧ ରହିବ, ଗାଁରେ ପଣାପାଣି ଦିଆଯିବ, ରାତ୍ରି ସମୟରେ ପାକ ନିଷେଧ ନିତି ପାଳନ ହେବ। ସେ ସବୁ ଦିଗରେ ବାର୍ତ୍ତା ପହଞ୍ଚା ଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି।

ଯଜ୍ଞ ଉତ୍ସବ ଅବ୍ୟହତି ପୂର୍ବରୁ ଗାଁରେ ସମସ୍ତ ନୀତି ନିର୍ଘଣ୍ଟକୁ ନିଷ୍ଠାର ସହ ପାଳନ କରାଯାଉଛି ବୋଲି ଜଣାପଡିଛି। ୨୨ତାରିଖରୁ ଅଙ୍କୁରାରୋପଣ, ଅଧିବାଶ ଓ କୁଣ୍ଡମଣ୍ଡଳ ପ୍ରସ୍ତୁତି ଆଦି କାର୍ଯ୍ୟ ସମ୍ପନ୍ନ ହେବ। ୨୩ ତାରିଖରେ ଯଜ୍ଞ ଆରମ୍ଭ ଓ ସୂର୍ଯ୍ୟପୂଜା, ମା'ଙ୍କ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହେବ। ପ୍ରତ୍ୟେହ ମା'ଙ୍କ ନିକଟରେ ବଡ଼ ସିଂହାର ବେଶ ଓ ନାନାଦି ପୂଜା ବିଧି ଅନୁଷ୍ଠିତ ହେବ। ମା' ଭକ୍ତଙ୍କୁ ବିଭିନ୍ନ ବେଶରେ ଦର୍ଶନ ଦେବେ। ସନ୍ଧ୍ୟାରେ ଆଳତି ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ୨୬ତାରିଖ ପ୍ରାତଃ ସମୟରେ ପୂର୍ଣ୍ଣାହୂତି ଉତ୍ସବ ଅନୁଷ୍ଠିତ ହେବ। ୪ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଯଜ୍ଞ ଉତ୍ସବ ଅବସରରେ ମା'ଙ୍କ ଦର୍ଶନକୁ ଶୃଙ୍ଖଳିତ କରିବା ଓ ଭକ୍ତମାନଙ୍କ ପାଇଁ ମନ୍ଦିରରେ ପ୍ରସାଦ ସେବନ ବନ୍ଦୋବସ୍ତ ପାଇଁ କମିଟି ପକ୍ଷରୁ ସ୍ଥିର କରାଯାଇଛି। ଯଜ୍ଞ ଶେଷରେ ମା'ଙ୍କ ପୀଠରେ ଯାତ୍ରା ପରିବେଷଣ କରାଯିବର କାର୍ଯ୍ୟକ୍ରମ ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଛି।

# ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ



ବ୍ରହ୍ମବରଦା,୨୦।୪ (ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ ବନ୍ଧଡ଼ିହ ପଞ୍ଚାୟତସ୍ଥିତ ମାରୁତିକୃପା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଚତୁର୍ଦ୍ଦଶ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଶନିବାର ପ୍ରାତଃରୁ ଅନୁଷ୍ଠାନର ମୁଖ୍ୟକର୍ତ୍ତା ରଞ୍ଜିତ ବେହେରା ଓ ତାଙ୍କସ୍ତ୍ରୀ ଗୀତାଞ୍ଜଳି ବେହେରାଙ୍କ ସମେତ ୮୪ ଭକ୍ତ ବ୍ରାହ୍ମଣୀରୁ ଜଳ ଆଣି ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ରାମମନ୍ଦିର ପ୍ରାଙ୍ଗଣ ଯଜ୍ଞସ୍ଥଳରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପରେ ମୁଖ୍ୟ ପୁରୋହିତ ବିଷ୍ଣୁମୋହନ ତ୍ରିପାଠୀଙ୍କ ଦ୍ୱାରା ଯଜ୍ଞ ଆରମ୍ଭ ହୋଇଥିଲା। ୨୨ ତାରିଖ ସୋମବାର ଯଜ୍ଞ ଶେଷ ହେବ ବୋଲି ମାରୁତିକୃପା ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରଥମ ଦିନ କଳସ ଯାତ୍ରା ସହିତ ଅଗ୍ନି ସ୍ଥାପନ, ସନ୍ଧ୍ୟାରେ ଭଜନ କୀର୍ତ୍ତନ ଦ୍ୱିତୀୟ ଦିନ ଯଜ୍ଞଆହୁତି, ସୁନ୍ଦରାକାଣ୍ଡ, ସନ୍ଧ୍ୟାରେ ପ୍ରବଚନ, ତୃତୀୟ ଦିନ ପୂର୍ଣ୍ଣାହୁତି, ରାଧାକୃଷ୍ଣ ଭଜନ ସହିତ ଭକ୍ତଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଯଜ୍ଞରେ ବନ୍ଧଡ଼ିହ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଉଛନ୍ତି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଅର୍ଜ୍ଜୁନ ଚରଣ ମହାନ୍ତି, ସଭାପତି ରଞ୍ଜିତ ବେହେରା, ଉପ-ସଭାପତି ସନ୍ତୋଷ ସାହୁ, ସମ୍ପାଦକ ଶ୍ରୀକାନ୍ତ ସାହୁ, କୋଷାଧ୍ୟକ୍ଷ କୁଳମଣି ବେହେରାଙ୍କ ସମେତ, ଗ୍ରାମର ବହୁ ନେତୃମଣ୍ଡଳୀ ଓ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

# ଅଗ୍ନିବିପନ୍ନଙ୍କୁ ସହାୟତା

ଖଇରା, ୨୦।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କଇଥଗଡିଆ ପଞ୍ଚାୟତ ଅଧୀନ ପାତ୍ରଖୁଣ୍ଟା ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ସୁନ୍ଦର ଜେନାଙ୍କ ୪ ବଖରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଥିରେ ତାଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା କୁହାଯାଉଛି। ଖବରପାଇ ଖଇରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ନିର୍ବାଚନ କାର୍ଯ୍ୟରେ ଦିବ୍ୟାଙ୍ଗଙ୍କ ଟ୍ରାଇ ସାଇକେଲ

ଯାଜପୁର ଟାଉନ,୨୦।୪(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ସାମାଜିକ ସୁରକ୍ଷା ବିଭାଗ କାର୍ଯ୍ୟାଳୟ ରହିଛି। ସରକାରୀ ଯୋଜନା ସମ୍ପର୍କରେ ଜାଣିବାକୁ ଦିବ୍ୟାଙ୍ଗମାନେ ଏଠାକୁ ଆସୁଛନ୍ତି। ଏଠାରେ ଗୋଟିଏ ମହଲାରୁ ଅନ୍ୟ ମହଲା ଓ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ଦବ୍ୟାଙ୍ଗଙ୍କୁ ଯିବାପାଇଁ ଟ୍ରାଇ ସାଇକେଲ ବ୍ୟବସ୍ଥା କରାଯାଇଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦିବ୍ୟାଙ୍ଗଙ୍କ ପାଇଁ ରଖାଯାଇଥିବା ଏହି ସାଇକେଲ୍ ଏବେ ନିର୍ବାଚନ କାର୍ଯ୍ୟରେ ଲାଗିଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ନିର୍ବାଚନୀ ସାମଗ୍ରୀ ଯଥା ; ଲାଇଟ୍, ବାକ୍ସ, ଟ୍ରଙ୍ଗ୍ ରହିଥିବା ବେଳେ ତାହାକୁ ମରାମତି ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଦିବ୍ୟାଙ୍ଗଙ୍ଗ ପାଇଁ ଥିବା ଟ୍ରାଇ୍ ସାଇକେଲ କାମ ଚଳାଇଦେଉଛି। ଯାହାକି ଦିବ୍ୟାଙ୍ଗଙ୍କୁ ଅସମ୍ମାନ ମୂଳକ କାର୍ଯ୍ୟ କରାଯାଇଥିବା ଅଭିଯୋଗ ହେଉଛି। କିଏ, କାହିଁକି ଓ କାହା ଅନୁମତିରେ ଦିବ୍ୟାଙ୍ଗ ପାଇଁ ଥିବା ଟ୍ରାଇ ସାଇକେଲକୁ ନିର୍ବାଚନୀ ସାମଗ୍ରୀ ବୁହା କାର୍ଯ୍ୟରେ ଲଗାଇଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲାପାଳ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।



ଟ୍ରାଇ ସାଇକେଲ୍‌ରେ ନିର୍ବାଚନ ସାମଗ୍ରୀ ପରିବହନ କରାଯାଉଛି।

## ଚେକ୍ ବାଉନ୍ସ ମାମଲା
# ୬ ମାସ ଜେଲ ସହ ୧.୫ ଲକ୍ଷ ଜରିମାନା

ବାରିପଦା,୨୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବେତନଟୀସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଶନିବାର ଏକ ଚେକ୍ ବାଉନ୍ସ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଏ. ଅଭିନାଶ ନାଇଡୁ ମାମଲାର ବିଚାର କରି ଅଭିଯୁକ୍ତ ବେତନଟୀ ଅଞ୍ଚଳର ସଞ୍ଜୀବ କୁମାର ଭୂୟାଁଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ମାସ ଜେଲ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏଥିସହ ୧ ଲକ୍ଷ ୫୦ ହଜାର ଟଙ୍କାର ଜରିମାନା ପୈଠ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଦୁଇମାସ ଅତିରିକ୍ତ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ସଞ୍ଜୀବ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ବେତନଟୀ ଶାଖାରୁ ୨ ଲକ୍ଷ ଟଙ୍କା ଋଣ ନେଇଥିଲେ। ଋଣ ପରିଶୋଧ କରିବା ପାଇଁ ୧ ଲକ୍ଷ ୧୭ ହଜାର ୨୪୭ ଟଙ୍କାର ବ୍ୟାଙ୍କ ଚେକ୍‌ଦେଇଥିଲେ। ହେଲେ ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନ ଥିବାରୁ ଉକ୍ତ ଚେକ୍ ବାଉନ୍ସ ହୋଇଯାଇଥିଲା। ଏନେଇ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ କୋର୍ଟରେ ଏକ ମାମଲା (ନଂ.୩୫/୨୨) ରୁଜୁ ହୋଇଥିଲା। ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ମାମଲା ପରିଚାଳନା କରୁଥିଲେ।

# ଧର୍ମ ପରାୟଣା ମହିଳାଙ୍କ ପରଲୋକ

ପାଣିକୋଇଲି,୨୦।୪(ବିକାଶ ମଲ୍ଲିକ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି ଗ୍ରାମର ଧର୍ମପରାୟଣା ମହିଳା ଭାଗିରଥି ସିଂ(୭୯)ଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କ ସ୍ୱାମୀ ରାମନନ୍ଦ ସିଂ ଗତ ବର୍ଷ ଜୁନ ୧ରେ ପରଲୋକ ଗମନ କରିବା ପରେ ଭାଗିରଥି ପକ୍ଷାଘାତ ରୋଗରେ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ଶନିବାର ସକାଳେ ବାରୁଣୀ ମହାଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ମାଧବ ସିଂ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଶୋକବ୍ୟକ୍ତ କରିଛନ୍ତି।

**ପୂର୍ବତଟ ରେଳପଥ**

Tender Notice No.: MSM-ROH-SLRA-3-24
ତାରିଖ: 15.04.2024

| | |
|---|---|
| କାର୍ଯ୍ୟର ନାମ: | ଚାରି ବର୍ଷର ସମୟାବଧି ନିମନ୍ତେ ସର୍ଲା ଠାରେ ଆରଓଏଚ୍ ଡିପୋର ପରିଚାଳନା ଏବଂ ରକ୍ଷଣା ବେକ୍ଷଣ ସହିତ ୱାଗନ୍ ଗୁଡିକର ମରାମତି ଏବଂ ଆରଓଏଚ୍ କାର୍ଯ୍ୟ। |
| କାର୍ଯ୍ୟର ଆନୁମାନିକ ମୂଲ୍ୟ : | ଟ.29,16,40,191.61 |

ଟେଣ୍ଡର କାଗଜାତ୍ ମୂଲ୍ୟ: ଟ.11,800/-, EMD : ଟ.16,08,200/-
କାର୍ଯ୍ୟ ସମାପ୍ତିର ଅବଧି : 48 (ଅଠଚାଳିଶ) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.06.05.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)
ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ମେକାନିକାଲ ଇଞ୍ଜିନିୟର, ସମ୍ବଲପୁର
PR-33/P/24-25

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମା'

ଯାଜପୁର ଟାଉନ,୨୦।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

## ନାବାଳିକା ଅପହରଣ ଘଟଣାରେ ପୋଲିସ ଚୁପ୍

୧ ମାସରୁ ଉର୍ଦ୍ଧ୍ୱ ହେବ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଖୋଜିପାଉନି। ତେଣୁ ତାଙ୍କ ମା' ସ୍ଥାନୀୟ ପୋଲିସଠାରୁ ନ୍ୟାୟ ନ ପାଇ ଶନିବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଝିଅକୁ ଫେରାଇ ଦିଅ ବୋଲି କୋହଭରା କଣ୍ଠରେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

ମାର୍ଚ୍ଚ ୧୬ ତାରିଖରେ ଧର୍ମଶାଳା ଥାନା ଅନ୍ତର୍ଗତ ସାନନହନଗରା ଗ୍ରାମର ଜଣେ ୧୬ବର୍ଷିୟା ନାବାଳିକା ନିଜ ଘର ପାଖରେ ଥିବା ପାହାଡ଼ ନିକଟକୁ ଯାଇଥିଲେ। ଏହି ସମୟରେ ୪ ଯୁବକ ମୋଟରସାଇକେଲ ଯୋଗେ ଆସି ନାବାଳିକାଙ୍କୁ ଜୋରଜବରଦସ୍ତ ଉଠାଇ ନେଇଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଦୌଡି ଆସିଥିଲେ। ମାତ୍ର ସେତେବେଳକୁ ଯୁବକମାନେ ନାବାଳିକାଙ୍କୁ ଅପହରଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ବହୁ ଖୋଜାଖୋଜି କରିଥିଲେ ମଧ ନିରାଶ ହୋଇଥିଲେ। ଅପହରଣ ସମୟରେ ନାବାଳିକାଙ୍କ ମା' ମମତା ବେହେରା ୨ ଜଣଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ନାମରେ ଥାନାରେ ଏତଲା ଦାଏର କରିଛନ୍ତି। ପୋଲିସ ଏକ ଅପହରଣ ମାମଲା ନଂ.୨୦।୨୪ ରୁଜୁ କରି ବସି ପଡ଼ିଛି। ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ବୋଲି ନାବାଳିକାଙ୍କ ମା' ଜିଲାପାଳଙ୍କୁ ଜଣାଇଛନ୍ତି।

**Horticulture Company Machinery Sales**

Mushroom & Spawn Production Company, located at Bhubaneswar, intends to sell all its Well-maintained machinery, including the followings: Wheat Cooker, Autoclave Horizontal Boiler, Boiler, Laminar Flow and Autoclave Oven, all essential for Mushroom Cultivation.
For Enquiries, please contact us with the provided details:
Email Address: modernkishan663@gmail.com
Mobile Number: +91 9437386907

**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

जनता को सूचित किया जाता है कि गिरवी रखे गए सोने के गहनों की नीलामी यूनिमोनी फाइनेंशियल सर्विसेज लिमिटेड द्वारा 24.04.2024 को सुबह 10:00 बजे नीचे दिए गए संबंधित केंद्रों पर आयोजित की जाएगी। नीलाम किए जाने वाले सोने के आभूषण हमारे विभिन्न ग्राहकों के ऋण खातों से संबंधित हैं जो अपना बकाया चुकाने में विफल रहे हैं। नीलामी के हमारे नोटिस इन उधारकर्ताओं को विधिवत जारी कर दिए गए हैं। नीलाम किए जाने वाले सोने के आभूषण हमारे विभिन्न ग्राहकों के अतिदेय ऋण खातों से संबंधित हैं, जिनका शाखा नाम के साथ नीचे उल्लेख किया गया है।

Auction Centre Address & Loan Nos: BHUBANESWAR (BUU - Plot No - 44, Ashok Nagar, Unit Ii, Bhubaneswar - 751001, Contact no : 9937043634) 2057859.

(Reserves the right to alter the number of accounts to be auctioned &/ postpone / cancel the auction without any prior notice.)

# ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଗୋପବନ୍ଧୁ ନଗର,୨୦।୪(ଶାନ୍ତନୁ କୁମାର ମଣ୍ଡୁଆଲ): ବଳାତ୍କାର ଅଭିଯୋଗରେ ୨ ବର୍ଷ ଧରି ଫେରାରଥିବା ଜଣେ ଯୁବକଙ୍କୁ ଖୁଣ୍ଟା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଖୁଣ୍ଟା ଥାନା କମଳି ଗ୍ରାମର ଚିତ୍ତରଞ୍ଜନ ବଗାଳ। ଅଭିଯୁକ୍ତ ୨୦୨୧ରେ ଜଣେ ଯୁବତୀଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ପୀଡ଼ିତାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ପୋଲିସ ତାଙ୍କ ଘରୁ ଗିରଫ କରି କୋର୍ଟଚାଲାଣ କରିଛି।

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 2157/PSC Dt.20.04.24**
**(DR - IV) (2PH-03-2024-25)**

No. D-11: It is for information of all provisional qualified candidates that the Document Verification for recruitment to the post of **Homoeopathic Medical Officers,** pursuant to Advertisement No. 05 of 2023-24 will be held from **29.04.2024 to 02.05.2024** at the office of OPSC 19, Dr. P.K. Parija Road, Cuttack - 753001 as per the programme detailed below.

The candidates are required to report **30 minutes before** the commencement of document verification in each time slot allotted in the scheduled programme.

**PROGRAMME FOR PHYSICAL VERIFICATION OF ORIGINAL CERTIFICATES/DOCUMENTS**

| Date of Verification | Time of Verification | Roll Nos. of Candidates to be verified | Team to Verify |
|---|---|---|---|
| 29.04.2024 | 10.30 A.M. to 12.15 P.M. | 100009, 100014, 100015, 100018, 100019, 100020, 100022, 100028, 100035, 100036 = **10 Candidates** | Team - I |
| | | 100044, 100045, 100046, 100054, 100058, 100062, 100066, 100067, 100069, 100073 = **10 Candidates** | Team - II |
| | 12.15 P.M. to 01.30 P.M. | 100074, 100078, 100079, 100085, 100086, 100105, 100108, 100113, 100117, 100121 = **10 Candidates** | Team - I |
| | | 100124, 100126, 100128, 100133, 100134, 100136, 100138, 100140, 100145, 100150 = **10 Candidates** | Team - II |
| | 02.30 P.M. to 04.00 P.M. | 100152, 100160, 100167, 100169, 100171, 100172, 100173, 100177, 100180, 100181 = **10 Candidates** | Team - I |
| | | 100182, 100183, 100188, 100190, 100196, 100197, 100199, 100207, 100212, 100219 = **10 Candidates** | Team - II |
| | 04.00 P.M. to 5.30 P.M. | 100222, 100229, 100231, 100233, 100235, 100236, 100238, 100241, 100243, 100244 = **10 Candidates** | Team - I |
| | | 100250, 100253, 100258, 100261, 100267, 100269, 100270, 100271, 100272, 100276 = **10 Candidates** | Team - II |
| 30.04.2024 | 10.30 A.M. to 12.15 P.M. | 100280, 100281, 100282, 100284, 100289, 100290, 100291, 100298, 100305, 100309 = **10 Candidates** | Team - I |
| | | 100314, 100319, 100324, 100335, 100336, 100337, 100340, 100349, 100354, 100359 = **10 Candidates** | Team - II |
| | 12.15 P.M. to 01.30 P.M. | 100366, 100373, 100375, 100376, 100378, 100382, 100384, 100391, 100393, 100397 = **10 Candidates** | Team - I |
| | | 100403, 100405, 100409, 100411, 100412, 100417, 100419, 100424, 100426, 100427 = **10 Candidates** | Team - II |
| | 02.30 P.M. to 04.00 P.M. | 100430, 100432, 100435, 100437, 100441, 100446, 100448, 100450, 100451, 100469 = **10 Candidates** | Team - I |
| | | 100472, 100476, 100477, 100478, 100479, 100480, 100483, 100485, 100486, 100488 = **10 Candidates** | Team - II |
| | 04.00 P.M. to 5.30 P.M. | 100489, 100490, 100492, 100510, 100511, 100512, 100517, 100519, 100528, 100529 = **10 Candidates** | Team - I |
| | | 100531, 100534, 100535, 100536, 100544, 100546, 100547, 100550, 100558, 100563 = **10 Candidates** | Team - II |
| 01.5.2024 | 10.30 A.M. to 12.15 P.M. | 100566, 100568, 100575, 100582, 100584, 100587, 100591, 100592, 100593, 100597 = **10 Candidates** | Team - I |
| | | 100600, 100601, 100602, 100605, 100607, 100614, 100615, 100616, 100621, 100626 = **10 Candidates** | Team - II |
| | 12.15 P.M. to 01.30 P.M. | 100635, 100636, 100640, 100646, 100647, 100652, 100655, 100659, 100662, 100663 = **10 Candidates** | Team - I |
| | | 100665, 100670, 100674, 100676, 100681, 100684, 100689, 100695, 100696, 100700 = **10 Candidates** | Team - II |
| | 02.30 P.M. to 04.00 P.M. | 100701, 100706, 100709, 100712, 100716, 100718, 100720, 100721, 100722, 100725 = **10 Candidates** | Team - I |
| | | 100727, 100728, 100733, 100734, 100736, 100738, 100743, 100744, 100745, 100749 = **10 Candidates** | Team - II |
| | 04.00 P.M. to 5.30 P.M. | 100752, 100759, 100760, 100762, 100768, 100769, 100771, 100773, 100777, 100779 = **10 Candidates** | Team - I |
| | | 100782, 100783, 100784, 100801, 100803, 100815, 100817, 100821, 100828, 100833 = **10 Candidates** | Team - II |
| 02.05.2024 | 10.30 A.M. to 12.15 P.M. | 100837, 100847, 100849, 100851, 100852, 100860, 100869, 100871, 100872, 100874 = **10 Candidates** | Team - I |
| | | 100877, 100880, 100882, 100890, 100891, 100892, 100894, 100897, 100901, 100904 = **10 Candidates** | Team - II |
| | 12.15 P.M. to 01.30 P.M. | 100908, 100910, 100913, 100918, 100919, 100941, 100942, 100946, 100948, 100949 = **10 Candidates** | Team - I |
| | | 100950, 100951, 100953, 100957, 100960, 100965, 100966, 100976, 100977, 100981 = **10 Candidates** | Team - II |
| | 02.30 P.M. to 04.00 P.M. | 100984, 100990, 100996, 101000, 101004, 101005, 101007, 101008, 101011, 101013 = **10 Candidates** | Team - I |
| | | 101014, 101018, 101019, 101021, 101023, 101024, 101025, 101027, 101029, 101031 = **10 Candidates** | Team - II |
| | 04.00 P.M. to 5.30 P.M. | 101037, 101047, 101054, 101057, 101058, 101060, 101062, 101063, 101068, 101069 = **10 Candidates** | Team - I |
| | | 101070, 101071, 101073, 101081, 101090, 101094, 101099, 101100, 101102 = **09 Candidates** | Team - II |

It is also made clear that the candidature of these candidates for the above recuritment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment of terms & conditions laiddown in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VRIFICATION:**

1. Hard copy of online application from Mentioning Roll No. at the Top Right-Hand Corner. Application forms are available in the website of the Commission.
   The candidates are requied to download the same using their respective username and password/OTP etc. through OPSC e-Chayan Portal via **www.opscechayan.in**.
2. Three (03) Passport Size Photographs tagged with the Application Form.
3. H.S.C. or Equivalent Certificate in support of declaration of age.
4. BHMS Degree Certificate and Marksheets from any recognized Unviersity in India including fail marks.
5. Attempt/Chance Certificate in respect of BHMS Degree issued by the Competent Authority, if any.
6. Conversion Certificate/Conversion Formula in case of award of grades/credits/hours in BHMS Degree.
7. Internship Completion Certificate issued within 16.06.2023.
8. Medical Registration Certificate under the Odisha State Board of Homoeopathic Medicine issued within 16.06.2023.
9. Required Odia Test Pass Certificate issued within 16.06.2023.
10. Caste Certificate by Birth in support of claim as SCs/STs/S.E.B.Cs (Please see and refer Note - 2 of the Advertisement) issued within 16.06.2023.
11. Recent SEBC Certificate (issued within 17.06.2020 to 16.06.2023), whereever applicable.
12. Permanent Disability Certificate indicating percentage of disability (i.e., 40% and more) issued within 16.06.2023.
13. Discharge Certificates issued within 16.06.2023 by the Commanding Officer of the Unit last served along with affidavit to the effect not being appointed against any civil post after retirement from military service, in case of Ex-Servicemen candidate.
14. No Objection Certificate issued by the Competent Authority in case of in-service candidates; whereever applicable.
15. Any proof of photo Identity.
16. Attestation form duly filled-in by the candidate and signed by a Gazetted Officer (to be downloaded from the website of the Commission).
17. The candidates are required to mention "Submitted by me" and put their full signature and date of verification on each Xerox copy of documents.
18. Any other documents as per Para - 10 of the Advertisement.
19. The candidates are required to fill up the Declaration Form enclosed herewith mentioning the marks secured by them in each professional examination (only the pass marks, not fail marks) and sign at the space provided with date of document verification.

OIPR-12002/11/0014/2425 Sd./- Secretary

# ୧୫ ଦିନ ପରେ ମଇଦାନକୁ ଓହ୍ଲାଇଲେ ପ୍ରଶାନ୍ତ

## ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ

■ ସକାଳେ ଚିରଞ୍ଜୀବଙ୍କୁ ଭେଟିଥିଲେ

ଜଗତ୍‌ସିଂହପୁର, ୨୦।୪ (ପ୍ରମୋଦ କୁମାର ନାୟକ)



ମା’ସାରଳାଙ୍କ ମନ୍ଦିରରେ ସମର୍ଥକଙ୍କ ସହ ପ୍ରଶାନ୍ତ ମୁଦୁଲି।

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କ ନାମ ଘୋଷଣା ହେବାର ୧୫ ଦିନ ପରେ ସେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଏନେଇ ଶନିବାର ସେ ମା’ସାରଳାଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏଥିସହ ସ୍ଥାନୀୟ ସାନବଜାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏତେ ଦିନ ପରେ ନିର୍ବାଚନ ମଣ୍ଡଳୀରେ ପ୍ରଶାନ୍ତଙ୍କ ଆବିର୍ଭାବ ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର ବିଷୟ ହୋଇଛି। କାରଣ ଗତ ୩ ତାରିଖରେ ବିଜେଡି ପ୍ରାର୍ଥୀ ଭାବେ ତାଙ୍କ ନାଁ ଘୋଷଣା ସତ୍ତ୍ୱେ ସେ ନିର୍ବାଚନ ମଣ୍ଡଳୀରେ ସର୍ବସାଧାରଣରେ ବୁଲି ନ ଥିଲେ। ଏପରି କି ଯେଉଁଦିନ ତାଙ୍କ ନାଁ ବିଜେଡି ପ୍ରାର୍ଥୀ ତାଲିକାରେ ଆସିଥିଲା, ସେଦିନ ଆତସବାଜୀ ନ ଫୁଟାଇବା ପାଇଁ ସେ କୁଆଡେ ସମର୍ଥକମାନଙ୍କୁ ପରାମର୍ଶ ଦେଇଥିଲେ। ସେ ଏଭଳି ଆଭିମୁଖ୍ୟ ନେବା ପଛର ରହସ୍ୟ କ’ଣ ତାକୁ ନେଇ କିଛି ଦିନ ହେଲା ଆଲୋଚନା ଚାଲିଛି। ତେବେ ଶନିବାର ସକାଳେ କଂଗ୍ରେସ ଛାଡି ନୂଆକରି ବିଜେଡିରେ ସାମିଲ ହୋଇଥିବା ପୂର୍ବତନ ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ଭେଟି ପୁଣିଥରେ ସହଯୋଗ କାମନା ପରେ ପ୍ରଶାନ୍ତ ନିର୍ବାଚନ ମଣ୍ଡଳୀରେ ପ୍ରଚାର ଆରମ୍ଭ କରିଥିବା କୁହାଯାଉଛି।

ବିଜେଡିରେ ଅମରେନ୍ଦ୍ର ଦାସ ଥିଲାବେଳେ ତାଙ୍କ ସହ ପ୍ରଶାନ୍ତଙ୍କ ସମାନ୍ତରାଳ ଦଳୀୟ ସଙ୍ଗଠନ ଚାଲିଥିଲା। ପ୍ରଶାନ୍ତ ବିଜେଡି ପ୍ରାର୍ଥୀଭାବେ ଘୋଷଣା ହେବାପରେ ଅମରେନ୍ଦ୍ର ଦଳ ଛାଡି ଭାଜପାରେ ମିଶିଥିଲେ। ଏହା ପ୍ରଶାନ୍ତଙ୍କୁ ଆଶ୍ୱସ୍ତି ଦେଇଥିଲେ ସୁଦ୍ଧା ଚିରଞ୍ଜୀବଙ୍କୁ ନେଇ ଚିନ୍ତାରେ ଥିଲେ। କାରଣ ଚିରଞ୍ଜୀବ ବିଜେଡିରେ ମିଶିଲା ପରେ ଏହି ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। କିନ୍ତୁ ଦଳ ପ୍ରଶାନ୍ତଙ୍କ ଉପରେ ପୁଣିଥରେ ଆସ୍ଥାପ୍ରକଟ କରି ପ୍ରାର୍ଥୀ ଘୋଷଣା କଲା। ଏଥିଯୋଗୁ କିଛି ଦିନ ହେବ ବିଜେଡିରେ ଅଡୁଆ ବଢିଯାଇଛି। ବିଶେଷକରି ଚିରଞ୍ଜୀବ ଓ ତାଙ୍କ ସମର୍ଥକମାନେ ଅସନ୍ତୁଷ୍ଟ ଥିବାରୁ ପ୍ରଶାନ୍ତଙ୍କ ରକ୍ତଚାପ ବଢ଼ିଯାଇଥିଲା। ଚିରଞ୍ଜୀବଙ୍କୁ ମନାଇବା ପାଇଁ ପ୍ରଶାନ୍ତ ଚେଷ୍ଟା ଜାରି ରଖିଥିଲେ। ଏଥିସହ ଚିରଞ୍ଜୀବଙ୍କ ମାଧ୍ୟମରେ ତାଙ୍କ ସମର୍ଥକମାନଙ୍କୁ ଯୋଡ଼ିବା ପାଇଁ ଉଦ୍ୟମ କରିଥିଲେ। ଯେଉଁ କାରଣରୁ ଚିରଞ୍ଜୀବ ଗତ ୧୯ ତାରିଖରେ ଫୁଲନଖରା ନିକଟ ତାଙ୍କ ଫାର୍ମହାଉସରେ ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳର ଆଗଧାଡିଆ କଂଗ୍ରେସ ନେତା, କର୍ମୀ ଓ ନୂଆକରି ବିଜେଡିରେ ମିଶିଥିବା ଲୋକଙ୍କୁ ଡାକିଥିଲେ। ସେଠାରେ ସେ ଟିକେଟ ମିଳି ନ ଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ମାତ୍ର ଥରଟିଏ ପ୍ରଶାନ୍ତଙ୍କୁ ଜିତାଇବା କଥା ଉଠାଇ ନ ଥିଲେ। ଯେହେତୁ ଚିରଞ୍ଜୀବଙ୍କୁ ତାଙ୍କ ସମର୍ଥକମାନେ ପ୍ରାର୍ଥୀ ରୂପରେ ଦେଖିବାକୁ ଚାହୁଁଥିଲେ ଏବଂ ତାହା ହେଲାନାହିଁ, ତେଣୁ ଉପସ୍ଥିତ ନେତା ଓ କର୍ମୀଙ୍କ ମନରେ ନିରାଶ ଭାବ ଥିଲା। ଏ ପରିସ୍ଥିତିରେ ପ୍ରଶାନ୍ତଙ୍କ ନାଁ ଉଠାଇବା ବୋଧହୁଏ ଉଚିତ ହେବ ନାହିଁ ଭାବି ଚିରଞ୍ଜୀବ ନୀରବ ରହିଥିବା କୁହାଯାଉଛି। ଅନ୍ୟପଟେ ପ୍ରଶାନ୍ତଙ୍କୁ ଅନ୍ତରରେ ଚିରଞ୍ଜୀବ ଗ୍ରହଣ କରିପାରୁ ନ ଥିବା ମଧ୍ୟ ଚର୍ଚ୍ଚା ଚାଲିଛି। ଆଗକୁ ଦେଖିବାର ଅଛି ପରିସ୍ଥିତିରେ ସୁଧାର ଆସୁଛି କି ଅଧିକ ବିଗିଡିଯାଉଛି।

# ପଙ୍କପାଳରେ ଭାଜପାର ମିଶ୍ରଣ ପର୍ବ



ଭାଜପାର ମିଶ୍ରଣ ପର୍ବରେ ଯୋଗଦେଇଥିବା କର୍ମୀମାନେ।

କୁଜଙ୍ଗ,୨୦।୪(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉଭୟ ବିଜେଡି ଓ କଂଗ୍ରେସର ଶତାଧିକ କର୍ମୀ ଆନୁଷ୍ଠାନିକଭାବେ ଭାଜପାରେ ଯୋଗଦେଇଛନ୍ତି । ପଙ୍କପାଳ ପଞ୍ଚାୟତର ପ୍ରମୁଖ ନେତା ସହଦେବ ନାୟକ, ନରେନ୍ଦ୍ର ସାହୁ, ବିଜୟ ଦାଶ, ଅମରେନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ପ୍ରଧାନ, ରଞ୍ଜିତ ମଲ୍ଲିକ, ତ୍ରିଲୋଚନ ମିଶ୍ର, ଫକିର ସାହୁ, ଉତ୍ତମ ଚରଣ ସାହାଣି, ଧୀରେନ୍ଦ୍ର ଜେନାଙ୍କ ସମେତ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ପାରାଦୀପ ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ସମସ୍ତଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ପଙ୍କପାଳ ମଣ୍ଡଳ ସଭାପତି ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦିଲୀପ ବେହେରା, ପଦ୍ମନାଭ ମିଶ୍ର, ଗୌରାଙ୍ଗ ବିଶ୍ୱାଳ, ସୁଦାମ ମଲ୍ଲ, ପୂର୍ବତନ ମଣ୍ଡଳ ସଭାପତି ଅନିରୁଦ୍ଧ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱର୍ଣ୍ଣକାର ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

କୁଜଙ୍ଗ,୨୦।୪ (ମନୋଜ ପ୍ରଧାନ): କୁଜଙ୍ଗ ସ୍ୱର୍ଣ୍ଣକାର ସଂଘର ନୂତନ କର୍ମକର୍ତ୍ତା ଚୟନ ଉତ୍ସବ ଶନିବାର କୁଜଙ୍ଗସ୍ଥିତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୂତନ ସଭାପତିଭାବେ ତୀର୍ଥାନନ୍ଦ ମହାପାତ୍ର(ଟିଟୁ), ସମ୍ପାଦକ ଭାବେ ପ୍ରତାପ ସାହୁ, ମୁଖ୍ୟ ଉପଦେଷ୍ଟାଭାବେ ଦେବେନ୍ଦ୍ର ସାହୁ ଓ ସୁଶାନ୍ତ ସାହୁ ମନୋନୀତ ହୋଇଥିବାବେଳେ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଅଶୋକ ସାହୁ, ଶୈଳେନ୍ଦ୍ର ସାହୁ, ପ୍ରଣବ ସାହୁ, ହେମନ୍ତ ସାହୁ, କାବୁ ସାହୁ, ଅରୁଣ ସାହୁ, ଛବୀନ୍ଦ୍ର ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଛି। ସଂଘ ପକ୍ଷରୁ ନୂତନ କର୍ମକର୍ତ୍ତାମାନଙ୍କୁ ଉପଢ଼ୌକନ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଛି।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ବାଲିକୁଦା, ୨୦।୪(ତାପସ ସ୍ୱାଇଁ): ଓଷକଣା ପଞ୍ଚାୟତ ପାଣିତିରା ଗାଁରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ମଞ୍ଜୁଲତା ମଲ୍ଲିକ ଓ ଲିଜା ମଲ୍ଲିକଙ୍କର ଦୁଇ ବଖରା ଚାଳଘର ଜଳିଯାଇଛି। ଏହି ନିଆଁରେ ଉଭୟଙ୍କ ଘରର ସମସ୍ତ ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ଜଳିଯାଇଛି। ନିଆଁ ଦେଖି ପଡ଼ୋଶୀ ଡାକ ପକାଇବାରୁ ସମସ୍ତେ ନିଦରୁ ଉଠି ପଡ଼ି ଧାଇଁଥିଲେ । ଅଗ୍ନିକାଣ୍ଡର କାରଣ ଜଣା ପଡ଼ିନାହିଁ। ଗାଁ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା । ଖବରପାଇ ବାଲିକୁଦା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏଥିରେ ଉଭୟ ବିପନ୍ନଙ୍କ ଘରର ଲକ୍ଷାଧିକ ଟଙ୍କାର ଆସବାବପତ୍ର ଓ ଧାନ, ଚାଉଳ ଆଦି ପୋଡ଼ିଯାଇଛି ।

# ମତଦାନ ସଚେତନତା: ଦସ୍ତଖତ ଅଭିଯାନ, ସେଲ୍ଫି ପଏଣ୍ଟ ଉଦ୍‌ଘାଟିତ

ଜଗତ୍‌ସିଂହପୁର, ୨୦।୪ (ପ୍ରମୋଦ କୁମାର ନାୟକ)




ଜିଲାପାଳ ସେଲ୍‌ଫି ପଏଣ୍ଟରେ ଫଟୋ ଉଠାଉଛନ୍ତି।

ଜଗତ୍‌ସିଂହପୁର ଜିଲାରେ ଜୁନ ୧ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଜିଲାରେ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ମତଦାତାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ବ୍ଲକ ତଥା ପଞ୍ଚାୟତସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିଛି। ଏହି ଉପଲକ୍ଷେ ଜିଲାପାଳ ଅନୁପମ ଶାହା ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ ମତଦାନର ମହତ୍ତ୍ୱ ପ୍ରତିପାଦିତ କରିଥିଲେ। ଏହାପରେ ଜିଲାପାଳ ସେଲ୍ଫି ପଏଣ୍ଟ ଉଦ୍‌ଘାଟନ କରି ସେଠାରେ ଫଟୋ ଉଠାଇ ଥିଲେ। ଜୁନ ୧ରେ ମତଦାନ ଦେବାକୁ ବାର୍ତ୍ତା ଦେଇଥିଲେ। ଦସ୍ତଖତ ଅଭିଯାନରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲାପାଳ ସସ୍ମିତ ରାଉତ, ଉପଜିଲାପାଳ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଭୋଟ ଉପରେ ସଚେତନତା ବାର୍ତ୍ତା ଦେବା ସହ ଦସ୍ତଖତ କରିଥିଲେ।

ପୂର୍ବତଟ ରେଳପଥ
Tender Notice No.: MSM-ROH-SLRA-3-24
ତାରିଖ: 15.04.2024
କାର୍ଯ୍ୟର ନାମ: ଚାରି ବର୍ଷର ସମୟାବଧି ନିମନ୍ତେ ସର୍ଲା ଠାରେ ଆରଓଏଚ୍ ଡିପୋର ପରିଚାଳନା ଏବଂ ରକ୍ଷଣା ବେକ୍ଷଣ ସହିତ ୱାଗନ୍ ଗୁଡ଼ିକର ମରାମତି ଏବଂ ଆରଓଏଚ୍ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.29,16,40,191.61
ଟେଣ୍ଡର କାଗଜାତ୍ ମୂଲ୍ୟ: ଟ.11,800/-, EMD : ଟ.16,08,200/-
କାର୍ଯ୍ୟ ସମାପ୍ତିର ଅବଧି : 48 (ଅଠଚାଳିଶ) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.06.05.2024 ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଉଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ମେକାନିକାଲ ଇଞ୍ଜିନିୟର, ସମ୍ବଲପୁର
PR-33/P/24-25

# ଶତ ପ୍ରତିଶତ ମତଦାନ ଆମର ଲକ୍ଷ୍ୟ



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

ରଘୁନାଥପୁର,୨୦।୪ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ପକ୍ଷରୁ ବ୍ଲକ ସଭାକକ୍ଷରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଫିସର ଭାବେ ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ଭୋଇ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସେ କହିଥିଲେ, ଜଣେ ସଚେତନ ନାଗରିକ ଭାବେ ଭୋଟକେନ୍ଦ୍ରକୁ ଯାଇ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବା ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଶୁଭଙ୍କର। ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ମଲ୍ଲିକ ଏଥିରେ ଯୋଗଦେଇ କହିଥିଲେ, ନିଜେ ଭୋଟ ଦେବା ସହ ଅନ୍ୟକୁ ଏଥିପ୍ରତି ସଚେତନ କରାଇବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଶତ ପ୍ରତିଶତ ମତଦାନ ଆମର ଲକ୍ଷ୍ୟ ରହିବା ଉଚିତ ବୋଲି ସେ ପ୍ରକାଶ କରିଥିଲେ। ସେହିପରି ବିଏଲ୍‌ଓ ଜ୍ଞାନରଞ୍ଜନ ଦାସ ବୁଥ୍‌ରେ କିପରି ମତଦାନ କରାଯିବ ଓ କାହା ମାଧ୍ୟମରେ ମତଦାନ ହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ସଚେତନତା ବୈଠକରେ ସମିତି ସଭ୍ୟା ପ୍ରମିଳା ବେହେରା, ପଞ୍ଚାୟତ ମହିଳା ସଂଘ ସଭାପତି ଲିଲୀପ୍ସା ପଣ୍ଡା ଓ ସମ୍ପାଦିକା ଅହଲ୍ୟା ସ୍ୱାଇଁ, ଏମ୍‌ବିକେ ଅନୁସୂୟା ସାମନ୍ତରାୟ, ସମସ୍ତ ସିଆର୍‌ପି, ମହିଳା ଗ୍ରୁପ୍ ସଦସ୍ୟ, ୱାର୍ଡସଭ୍ୟା ଓ ସାଧାରଣଜନତା ଉପସ୍ଥିତ ଥିଲେ।

**Horticulture Company Machinery Sales**

Mushroom & Spawn Production Company, located at Bhubaneswar, intends to sell all its Well-maintained machinery, including the followings: Wheat Cooker, Autoclave Horizontal Boiler, Boiler, Laminar Flow and Autoclave Oven, all essential for Mushroom Cultivation.
For Enquiries, please contact us with the provided details:
Email Address: modernkishan663@gmail.com
Mobile Number: +91 9437386907

**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175
ସାର୍ବଜନିକ ସୂଚନା
जनता को सूचित किया जाता है कि गिरवी रखे गए सोने के गहनों की नीलामी यूनिमोनी फाइनेंशियल सर्विसेज लिमिटेड द्वारा 24.04.2024 को सुबह 10:00 बजे नीचे दिए गए संबंधित केंद्रों पर आयोजित की जाएगी। नीलाम किए जाने वाले सोने के आभूषण हमारे विभिन्न ग्राहकों के ऋण खातों से संबंधित हैं जो अपना बकाया चुकाने में विफल रहे हैं। नीलामी के हमारे नोटिस इन उधारकर्ताओं को विधिवत जारी कर दिए गए हैं। नीलाम किए जाने वाले सोने के आभूषण हमारे विभिन्न ग्राहकों के अतिदेय ऋण खातों से संबंधित हैं, जिनका शाखा नाम के साथ नीचे उल्लेख किया गया है।
Auction Centre Address & Loan Nos: BHUBANESWAR (BUU - Plot No - 44, Ashok Nagar, Unit Ii, Bhubaneswar - 751001, Contact no : 9937043634) 2057859.
(Reserves the right to alter the number of accounts to be auctioned &/ postpone / cancel the auction without any prior notice.)

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 2157/PSC Dt.20.04.24**
**(DR - IV) (2PH-03-2024-25)**

No. D-11: It is for information of all provisional qualified candidates that the Document Verification for recruitment to the post of **Homoeopathic Medical Officers,** pursuant to Advertisement No. 05 of 2023-24 will be held from **29.04.2024 to 02.05.2024** at the office of OPSC 19, Dr. P.K. Parija Road, Cuttack - 753001 as per the programme detailed below.
The candidates are required to report **30 minutes before** the commencement of document verification in each time slot allotted in the scheduled programme.

**PROGRAMME FOR PHYSICAL VERIFICATION OF ORIGINAL CERTIFICATES/DOCUMENTS**

| Date of Verification | Time of Verification | Roll Nos. of Candidates to be verified | Team to Verify |
|---|---|---|---|
| 29.04.2024 | 10.30 A.M. to 12.15 P.M. | 100009, 100014, 100015, 100018, 100019, 100020, 100022, 100028, 100035, 100036 = **10 Candidates** | Team - I |
| | | 100044, 100045, 100046, 100054, 100058, 100062, 100066, 100067, 100069, 100073 = **10 Candidates** | Team - II |
| | 12.15 P.M. to 01.30 P.M. | 100074, 100078, 100079, 100085, 100086, 100105, 100108, 100113, 100117, 100121 = **10 Candidates** | Team - I |
| | | 100124, 100126, 100128, 100133, 100134, 100136, 100138, 100140, 100145, 100150 = **10 Candidates** | Team - II |
| | 02.30 P.M. to 04.00 P.M. | 100152, 100160, 100167, 100169, 100171, 100172, 100173, 100177, 100180, 100181 = **10 Candidates** | Team - I |
| | | 100182, 100183, 100188, 100190, 100196, 100197, 100199, 100207, 100212, 100219 = **10 Candidates** | Team - II |
| | 04.00 P.M. to 5.30 P.M. | 100222, 100229, 100231, 100233, 100235, 100236, 100238, 100241, 100243, 100244 = **10 Candidates** | Team - I |
| | | 100250, 100253, 100258, 100261, 100267, 100269, 100270, 100271, 100272, 100276 = **10 Candidates** | Team - II |
| 30.04.2024 | 10.30 A.M. to 12.15 P.M. | 100280, 100281, 100282, 100284, 100289, 100290, 100291, 100298, 100305, 100309 = **10 Candidates** | Team - I |
| | | 100314, 100319, 100324, 100335, 100336, 100337, 100340, 100349, 100354, 100359 = **10 Candidates** | Team - II |
| | 12.15 P.M. to 01.30 P.M. | 100366, 100373, 100375, 100376, 100378, 100382, 100384, 100391, 100393, 100397 = **10 Candidates** | Team - I |
| | | 100403, 100405, 100409, 100411, 100412, 100417, 100419, 100424, 100426, 100427 = **10 Candidates** | Team - II |
| | 02.30 P.M. to 04.00 P.M. | 100430, 100432, 100435, 100437, 100441, 100446, 100448, 100450, 100451, 100469 = **10 Candidates** | Team - I |
| | | 100472, 100476, 100477, 100478, 100479, 100480, 100483, 100485, 100486, 100488 = **10 Candidates** | Team - II |
| | 04.00 P.M. to 5.30 P.M. | 100489, 100490, 100492, 100510, 100511, 100512, 100517, 100519, 100528, 100529 = **10 Candidates** | Team - I |
| | | 100531, 100534, 100535, 100536, 100544, 100546, 100547, 100550, 100558, 100563 = **10 Candidates** | Team - II |
| 01.5.2024 | 10.30 A.M. to 12.15 P.M. | 100566, 100568, 100575, 100582, 100584, 100587, 100591, 100592, 100593, 100597 = **10 Candidates** | Team - I |
| | | 100600, 100601, 100602, 100605, 100607, 100614, 100615, 100616, 100621, 100626 = **10 Candidates** | Team - II |
| | 12.15 P.M. to 01.30 P.M. | 100635, 100636, 100640, 100646, 100647, 100652, 100655, 100659, 100662, 100663 = **10 Candidates** | Team - I |
| | | 100665, 100670, 100674, 100676, 100681, 100684, 100689, 100695, 100696, 100700 = **10 Candidates** | Team - II |
| | 02.30 P.M. to 04.00 P.M. | 100701, 100706, 100709, 100712, 100716, 100718, 100720, 100721, 100722, 100725 = **10 Candidates** | Team - I |
| | | 100727, 100728, 100733, 100734, 100736, 100738, 100743, 100744, 100745, 100749 = **10 Candidates** | Team - II |
| | 04.00 P.M. to 5.30 P.M. | 100752, 100759, 100760, 100762, 100768, 100769, 100771, 100773, 100777, 100779 = **10 Candidates** | Team - I |
| | | 100782, 100783, 100784, 100801, 100803, 100815, 100817, 100821, 100828, 100833 = **10 Candidates** | Team - II |
| 02.05.2024 | 10.30 A.M. to 12.15 P.M. | 100837, 100847, 100849, 100851, 100852, 100860, 100869, 100871, 100872, 100874 = **10 Candidates** | Team - I |
| | | 100877, 100880, 100882, 100890, 100891, 100892, 100894, 100897, 100901, 100904 = **10 Candidates** | Team - II |
| | 12.15 P.M. to 01.30 P.M. | 100908, 100910, 100913, 100918, 100919, 100941, 100942, 100946, 100948, 100949 = **10 Candidates** | Team - I |
| | | 100950, 100951, 100953, 100957, 100960, 100965, 100966, 100976, 100977, 100981 = **10 Candidates** | Team - II |
| | 02.30 P.M. to 04.00 P.M. | 100984, 100990, 100996, 101000, 101004, 101005, 101007, 101008, 101011, 101013 = **10 Candidates** | Team - I |
| | | 101014, 101018, 101019, 101021, 101023, 101024, 101025, 101027, 101029, 101031 = **10 Candidates** | Team - II |
| | 04.00 P.M. to 5.30 P.M. | 101037, 101047, 101054, 101057, 101058, 101060, 101062, 101063, 101068, 101069 = **10 Candidates** | Team - I |
| | | 101070, 101071, 101073, 101081, 101090, 101094, 101099, 101100, 101102 = **09 Candidates** | Team - II |

It is also made clear that the candidature of these candidates for the above recuritment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment of terms & conditions laiddown in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VRIFICATION:**

1. Hard copy of online application from Mentioning Roll No. at the Top Right-Hand Corner. Application forms are available in the website of the Commission.
   The candidates are required to download the same using their respective username and password/OTP etc. through OPSC e-Chayan Portal via **www.opscechayan.in.**
2. Three (03) Passport Size Photographs tagged with the Application Form.
3. H.S.C. or Equivalent Certificate in support of declaration of age.
4. BHMS Degree Certificate and Marksheets from any recognized Unviersity in India including fail marks.
5. Attempt/Chance Certificate in respect of BHMS Degree issued by the Competent Authority, if any.
6. Conversion Certificate/Conversion Formula in case of award of grades/credits/ hours in BHMS Degree.
7. Internship Completion Certificate issued within 16.06.2023.
8. Medical Registration Certificate under the Odisha State Board of Homoeopathic Medicine issued within 16.06.2023.
9. Required Odia Test Pass Certificate issued within 16.06.2023.
10. Caste Certificate by Birth in support of claim as SCs/STs/S.E.B.Cs (Please see and refer Note - 2 of the Advertisement) issued within 16.06.2023.
11. Recent SEBC Certificate (issued within 17.06.2020 to 16.06.2023), whereever applicable.
12. Permanent Disability Certificate indicating percentage of disability (i.e., 40% and more) issued within 16.06.2023.
13. Discharge Certificates issued within 16.06.2023 by the Commanding Officer of the Unit last served along with affidavit to the effect not being appointed against any civil post after retirement from military service, in case of Ex-Servicemen candidate.
14. No Objection Certificate issued by the Competent Authority in case of in-service candidates; whereever applicable.
15. Any proof of photo Identity.
16. Attestation form duly filled-in by the candidate and signed by a Gazetted Officer (to be downloaded from the website of the Commission).
17. The candidates are required to mention "Submitted by me" and put their full signature and date of verification on each Xerox copy of documents.
18. Any other documents as per Para - 10 of the Advertisement.
19. The candidates are required to fill up the Declaration Form enclosed herewith mentioning the marks secured by them in each professional examination (only the pass marks, not fail marks) and sign at the space provided with date of document verification.

OIPR-12002/11/0014/2425 Sd./- Secretary

# ସୀତାଙ୍କୁ ବିବାହ କଲେ ଶ୍ରୀରାମ


ସୀତା ରାମଙ୍କୁ ବରଣମାଳା ପ୍ରଦାନ କରୁଛନ୍ତି।


ରାମ-ପର୍ଶୁରାମ ଭେଟ।

## ଦଶପଲ୍ଲା କାଷ୍ଠମୁଖା ରାମଲୀଳାର ଚତୁର୍ଥ ଦିବସ

ନୟାଗଡ଼ /ଦଶପଲ୍ଲା, ୨୦।୪ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ଲୋକକଳା, ଲୋକ ସଂସ୍କୃତିର ଐତିହ୍ୟ ବହନ କରୁଥିବା ଦଶପଲ୍ଲାର ଭାରତ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ମହୋତ୍ସବ ଚତୁର୍ଥ ଦିବସରେ କାଷ୍ଠ ମୁଖା ରାମଲୀଳାରେ ଶିବ ଧନୁ ଭାଙ୍ଗି ରାମଚନ୍ଦ୍ର ସୀତାଙ୍କୁ ବିବାହ କରନ୍ତି । ମିଥିଳା ନରେଶ ରାମ ଓ ସୀତାଙ୍କ ବିବାହ ସମ୍ପର୍କରେ ରାଜା ଦଶରଥଙ୍କୁ ଅବଗତ କରାନ୍ତି । ଦଶରଥ ଖବର ପାଇବା ପରେ ପୁତ୍ର ଭରତ ଓ ଶତ୍ରୁଘ୍ନଙ୍କୁ ସାଥିରେ ଧରି ମିଥିଳା ରାଜ୍ୟରେ ପହଞ୍ଚନ୍ତି। ଜନକଙ୍କ ଆଉ ଜଣେ ଝିଅ ଓ ଜନକଙ୍କ ଭ୍ରାତା କୁଶଧ୍ୱଂଜଙ୍କ ସୁକୀର୍ତି ଓ ଶାଳିନୀ ଥିବାର ଜାଣିପାରି ରାଜା ଦଶରଥ ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ବିବାହ ପାଇଁ ପ୍ରସ୍ତାବ ଦିଅନ୍ତି । ରାଜା ଦଶରଥଙ୍କ ପ୍ରସ୍ତାବ ଶୁଣି ମୁନି ଋଷ ଓ ମିଥିଳା ନରେଶ ସହମତି ପ୍ରକାଶ କରନ୍ତି । ରାମଙ୍କ ସହ ସୀତା, ଲକ୍ଷ୍ମଣଙ୍କ ସହ ଉର୍ମିଳା, ଭରତଙ୍କ ସହ ସୁକୀର୍ତି ଓ ଶତ୍ରୁଘ୍ନଙ୍କ ସହ ଶାଳିନୀଙ୍କ ବିବାହ ହୁଏ । ମିଥିଳା ଓ ଅଯୋଧାବାସୀ ଖୁସିରେ ମସଗୁଲ ହୋଇ ପଡିଥିଲେ । ଶେଷରେ ରାଜା ଦଶରଥ ୪ ପୁତ୍ର ଓ ବୋହୂଙ୍କୁ ଧରି ନିଜ ରାଜ୍ୟକୁ ଶୋଭାଯାତ୍ରା ସହ ବୀବବାଦ୍ୟ ବଜାଇ ଫେରୁଥିଲେ । ପର୍ଶୁରାମ ବୀରବାଦ୍ୟ ଶୁଣି ଚମକି ପଡିଥିଲେ । ବୀରଶୂନ୍ୟ କରିଥିବା ରାଜ୍ୟରେ ବୀରବାଦ୍ୟ ଶୋଭାଯାତ୍ରାକୁ ଅଟକାଇ ଯୁଦ୍ଧ ଡାକରା ଦେଲେ । ଯୁଦ୍ଧରେ ରାମଙ୍କ ଦ୍ୱାରା ପରାସ୍ତ ହେବା ପରେ ଶ୍ରୀରାମ ଭାଗବାନଙ୍କ ଅବତାର ଜାଣି ତପସ୍ୟାକୁ ଚାଲିଯାଇଥିଲେ।

# ପଣାଯାତ୍ରା ଉଦ୍‌ଯାପିତ

### ମୋବାଇଲ ଲୁଟେରା ସକ୍ରିୟ

ନୟାଗଡ଼,୨୦।୪(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣାସହରର ଆରାଧ୍ୟା ଦେବୀ ମା'ଦକ୍ଷିଣକାଳୀଙ୍କ ପୀଠରେ ଗତ ୧୪ରୁ ଆରମ୍ଭ ହୋଇଥିବା ପଣାସଂକ୍ରାନ୍ତି ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଛି । ଶନିବାର ସନ୍ଧ୍ୟାରେ ପ୍ରବଳ ଭିଡ଼ ହୋଇଥିଲା । ଚଳିତ ବର୍ଷ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା କମ୍ ଦେଖା ଦେଇଥିଲା । ରାସ୍ତା ପାର୍ଶ୍ୱରେ ବାଇକ୍ ଷ୍ଟାଣ୍ଡ ଯୋଗୁ ବେଳେବେଳେ ଟ୍ରାଫିକ ସମସ୍ୟା ଦେଖା ଦେଉଥିଲା । ମୋଟାମୋଟି ଭାବେ ପଣାଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ତେବେ ମୋବାଇଲ ଚୋର ଯାତ୍ରାରେ ସକ୍ରିୟ ହୋଇ ଉଠିଥିଲେ । ୧୧ରୁ ଊର୍ଦ୍ଧ୍ୱ ମୋବାଇଲ ଚୋରି ହୋଇଥିବାବେଳେ ଥାନାରେ ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ।

# ଅଜଣା ବ୍ୟକ୍ତିଙ୍କୁ ପୋଲିସ ଜିମାଦେଲେ ଗ୍ରାମବାସୀ

## ପିଲାଚୋର ସନ୍ଦେହ

ଖଣ୍ଡପଡ଼ା,୨୦।୪ (ଅଜୟ କୁମାର ମହାରଣା)

ଗତ କିଛିଦିନ ହେଲା ଅଜଣା ବ୍ୟକ୍ତିଙ୍କୁ ଏଣେତେଣେ ବୁଲୁଥିବାର ଦେଖି ଆତଙ୍କତ ପ୍ରକାଶ ପାଉଛି। ସଂପୃକ୍ତ ବ୍ୟକ୍ତିମାନେ ପିଲାଚୋରି କରିବାକୁ ଆସୁଥିବା ସନ୍ଦେହ କରାଯାଉଛି। ଗତ ସପ୍ତାହରେ ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ଅଞ୍ଚଳରେ କେତେକ ଅଜଣା ବ୍ୟକ୍ତି ସନ୍ଧ୍ୟା ଓ ରାତିରେ ସନ୍ଦେହଜନକ ଭାବେ ବୁଲାବୁଲି କରୁଥିଲେ। ସେମାନଙ୍କୁ ଧରି ଗ୍ରାମବାସୀ ପଚରାଉଚରା କରି ଛାଡିଦେଇଥିଲେ। ଶନିବାର ପୂର୍ବାହ୍ନ ୯ଟା ସମୟରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ରୟତିଢୋଲମରା ଗ୍ରାମସ୍ଥିତ ନେଳୀ ପୋଖରୀ ହୁଡା ତଳେ ଲୁଚିକରି ଏକ ଅଜଣା ବ୍ୟକ୍ତି ବୁଲୁଥିବା ଦେଖି ଗ୍ରାମ କେତେଜଣ ବ୍ୟକ୍ତି ତାକୁ ଧରି ପଚରା ଉଚରା କରିଥିଲେ । ସେମାନେ କୌଣସି ସନ୍ତୋଷ ଜନକ ଉତ୍ତର ନ ଦେଇ ଦୌଡ଼ି ଖସି ପଳାଇବୁ ପ୍ରୟାସ କରିଥିଲେ । ଏହା ଦେଖି ଗ୍ରାମବାସୀ ତାଙ୍କୁ ଧରି ପିଲାଚୋର ସନ୍ଦେହରେ କୋସକା ଫାଣ୍ଡିକୁ ଫୋନ୍ କରିଥିଲେ। ଖବର ପାଇ କୋସକା ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ବେହେରା ଓ ତାଙ୍କ ସହକର୍ମୀ ଘଟଣା ସ୍ଥଳରେ ପହଞ୍ଚ ଥିଲେ। ଗ୍ରମବାସୀ ସେମାନଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ।


ଗ୍ରାମବାସୀ ଜଣେ ଅଜଣା ବ୍ୟକ୍ତିଙ୍କୁ ପୋଲିସ ଜିମା ଦେଇଛନ୍ତି।

# ସରକାରୀ କଟକଣା ମାନୁନାହାନ୍ତି ଅଧିକାରୀ



## ପ୍ରଚଣ୍ଡ ଖରାରେ ଚାଲିଛି କାମ

ଓଡ଼ଗାଁ,୨୦।୪ (ଆଦର୍ଶ କୁମାର ପଟ୍ଟନାୟକ)

ସକାଳ ୮ଟାରୁ ପ୍ରଚଣ୍ଡ ଖରାରେ ସିଝୁଛି ସାରା ଓଡ଼ିଶା । ଏଥିରୁ ନୟାଗଡ଼ ଜିଲା ଓଡ଼ଗାଁ ବାଦ ଯାଇନି। ଏପଟେ ରାଜ୍ୟ ସରକାର ସମସ୍ତ ସ୍କୁଲ, କଲେଜକୁ ଛୁଟି ଘୋଷଣା କରିଥିବା ବେଳେ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଶ୍ରମିକମାନେ କାର୍ଯ୍ୟ ନ କରିବା ଉପରେ କଟକଣା ଜାରି କରିଛନ୍ତି । ହେଲେ ଅଧିକାଂଶ ସ୍ଥାନରେ ସରକାରଙ୍କ ଏହି କଟକଣାକୁ ଅବମାନନା କରାଯାଉଛି। ପ୍ରଚଣ୍ଡ ଖରାରେ ମହିଳାମାନଙ୍କୁ ନେଇ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଶୁକ୍ରବାର ମଧ୍ୟାହ୍ନ ସାଢେ ୧୨ଟାରେ ୧୧ଜଣ ମହିଳା ଖେଳ ପଡ଼ିଆରୁ ଘାସ ବାଛୁଥିବା ଦେଖିବାକୁ ମିଳିଥିଲା। ଗତ କିଛିଦିନ ତଳେ ଓଡ଼ଗାଁ ଏନଏସି ନୂତନ କାର୍ଯ୍ୟାଳୟ ଛାତ ଉପରେ ଶ୍ରମିକମାନେ କାମ କରୁଥିବା ବେଳେ ଶୁକ୍ରବାର କଲେଜ କାମରେ ମହିଳାଙ୍କୁ ଲଗାଇବା ସରକାରଙ୍କ କଟକଣାକୁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବାରମ୍ବାର ଶ୍ରମିକମାନଙ୍କୁ ନେଇ କାର୍ଯ୍ୟ କରୁଥିବା ଠିକାଦାର ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଏପଟେ ସରକାରଙ୍କ ଏହି ଘୋଷଣା କେବଳ କାଗଜକଲମରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଖରାରୁ ନିସ୍ତାର ନ ଥିବା ବେଳେ ମହିଳାଙ୍କୁ କାର୍ଯ୍ୟରେ ଲଗାଇବା ପଛରେ କାହାରି ହାତ ରହିଛି, ଏହାର ତଦନ୍ତ ପାଇଁ ଦାବି ହୋଇଛି। ଏହି ଘଟଣାରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଓ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରେ ଦିନ ୧୧ ପରେ ବାହାରେ କାମ କରିବାକୁ କଟକଣା କରାଯାଇଛି । ଏଥିରେ ଯଦି ବ୍ୟତିକ୍ରମ କରାଯାଉଛି ତା'ର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଭୟ କହିଛନ୍ତି ।

**ପୂର୍ବତଟ ରେଳପଥ**

Tender Notice No.: MSM-ROH-SLRA-3-24
ତାରିଖ: 15.04.2024

| | |
|---|---|
| କାର୍ଯ୍ୟର ନାମ: | ଚାରି ବର୍ଷର ସମୟାବଧି ନିମନ୍ତେ ସର୍ଲା ଠାରେ ଆରଓଏଚ୍ ଡିପୋର ପରିଚାଳନା ଏବଂ ରକ୍ଷଣା ବେକ୍ଷଣ ସହିତ ୱାଗନ୍ ଗୁଡିକର ମରାମତି ଏବଂ ଆରଓଏଚ୍ କାର୍ଯ୍ୟ । |
| କାର୍ଯ୍ୟର ଆନୁମାନିକ ମୂଲ୍ୟ : | ଟ.29,16,40,191.61 |
| ଟେଣ୍ଡର କାଗଜାତ୍ ମୂଲ୍ୟ: ଟ.11,800/-, EMD : ଟ.16,08,200/- | |
| କାର୍ଯ୍ୟ ସମାପ୍ତିର ଅବଧି : | 48 (ଅଠଚାଳିଶ) ମାସ |

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.06.05.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ମେକାନିକାଲ ଇଞ୍ଜିନିୟର, ସମ୍ବଲପୁର
PR-33/P/24-25

# ହତ୍ୟା ଅଭିଯୁକ୍ତ ଜେଲ ଗଲେ

## କଂସା ଢାଳରେ ପିଟି ଯୁବ ବ୍ୟବସାୟୀଙ୍କୁ ହତ୍ୟା ଘଟଣା

ଭାପୁର,୨୦।୪(ଭାରତ କୁମାର ବେହେରା)

ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଶାଳପଡ଼ା ଛକର ଯୁବ ବ୍ୟବସାୟୀଙ୍କ ହତ୍ୟା ଘଟଣାରେ ଶନିବାର ଅଭିଯୁକ୍ତ ପ୍ରଦୀପ୍ତ ଶତପଥୀଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗୁରୁବାର ଯୁବ ବ୍ୟବସାୟୀ ଅରୁଣ କୁମାର ରାଉତଙ୍କୁ(୪୫) ପ୍ରଦୀପ୍ତ ଏକ କଂସା ଢାଳରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

ସୂଚନା ଅନୁଯାୟୀ, ପଦ୍ମାବତୀ ପଞ୍ଚାୟତ ତଳମାରଡା ଗ୍ରାମର ଅରୁଣ କୁମାର ରାଉତ ଗତ ୫ବର୍ଷ ହେଲା ଶାଳପଡ଼ା ଛକରେ ଏକ ହାର୍ଡୱେର ଦୋକାନ କରି ପରିବାର ସହ ରହୁଥିଲେ। ତେବେ ସେହି ହାର୍ଡୱାର ଦୋକାନକୁ ଅରୁଣଙ୍କ ସାନଭାଇ ମାନସ ରଞ୍ଜନ ବୁଝାବୁଝି କରୁଥିଲେ। ୨୦୨୦ ଅକ୍ଟୋବର କରୋନା ସମୟରେ ମାନସ ଅସୁସ୍ଥ ହୋଇ ହାଇଟେକ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ପରଲୋକ ଘଟିଥିଲା। ସାନଭାଇଙ୍କ ପରଲୋକ ପରେ ଅରୁଣ ସେହି ଦୋକାନ ଚଳାଇଥିଲେ। ମାନସ ବ୍ୟବସାୟ କରୁଥିବା ବେଳେ ଶାଳପଡା ଗ୍ରାମର ପ୍ରଦୀପ୍ତଙ୍କ ଠାରୁ ଲକ୍ଷାଧିକ ଟଙ୍କା କରଜ ନେଇଥିଲେ। ସାନଭାଇର ପରଲୋକ ପରେ ବଡ଼ଭାଇ ପ୍ରଦୀପ୍ତଙ୍କୁ କିଛି ଟଙ୍କା ଦେଇଥିଲେ । ପରବର୍ତ୍ତୀ ସମୟରେ ଅବଶିଷ୍ଟ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ମାସ ପରେ ମାସ ଗଡ଼ି ଚାଲିଥିଲେ ମଧ୍ୟ ଅରୁଣ ଟଙ୍କା ଶୁଝି ପାରି ନ ଥିଲେ। ଏନେଇ ଉଭୟଙ୍କ ମଧ୍ୟରେ କିଛି ଦିନ ହେବ ଝଗଡ଼ା ଲାଗି ଥିଲା । ଗୁରୁବାର ସକାଳେ ଧାର ଟଙ୍କାକୁ ନେଇ ଅରୁଣ ଓ ପ୍ରଦୀପ୍ତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପ୍ରଦୀପ୍ତ ଉତ୍ତେଜିତ ହୋଇ ପାଖରେ ଥିବା ଏକ ବଡ଼ କଂସା ଢାଳରେ ଅରୁଣଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅରୁଣଙ୍କ ସ୍ତ୍ରୀ କାଦମ୍ବିନୀ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

**Horticulture Company Machinery Sales**

Mushroom & Spawn Production Company, located at Bhubaneswar, intends to sell all its Well-maintained machinery, including the followings: Wheat Cooker, Autoclave Horizontal Boiler, Boiler, Laminar Flow and Autoclave Oven, all essential for Mushroom Cultivation.
For Enquiries, please contact us with the provided details:
Email Address: modernkishan663@gmail.com
Mobile Number: +91 9437386907

**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

जनता को सूचित किया जाता है कि गिरवी रखे गए सोने के गहनों की नीलामी यूनिमोनी फाइनेंशियल सर्विसेज लिमिटेड द्वारा 24.04.2024 को सुबह 10:00 बजे नीचे दिए गए संबंधित केंद्रों पर आयोजित की जाएगी। नीलाम किए जाने वाले सोने के आभूषण हमारे विभिन्न ग्राहकों के ऋण खातों से संबंधित हैं जो अपना बकाया चुकाने में विफल रहे हैं। नीलामी के हमारे नोटिस इन उधारकर्ताओं को विधिवत जारी कर दिए गए हैं। नीलाम किए जाने वाले सोने के आभूषण हमारे विभिन्न ग्राहकों के अतिदेय ऋण खातों से संबंधित हैं, जिनका शाखा नाम के साथ नीचे उल्लेख किया गया है।

Auction Centre Address & Loan Nos: BHUBANESWAR (BUU - Plot No - 44, Ashok Nagar, Unit Ii, Bhubaneswar - 751001, Contact no : 9937043634) 2057859.

*(Reserves the right to alter the number of accounts to be auctioned &/ postpone / cancel the auction without any prior notice.)*

# ଅଗ୍ନିକାଣ୍ଡରେ ୨ବଖରା ଜଳିଗଲା

**ଦଶପଲ୍ଲା,୨୦।୪(ପ୍ରକାଶ କୁମାର ପାଣି):** ଶନିବାର ଦଶପଲ୍ଲା ବ୍ଲକର କନ୍ଧ ଢାପଦର ଗ୍ରାମରେ ଅଗ୍ନି କାଣ୍ଡ ଘଟି ୨ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜାନୀ ଏହି ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଚୂଲିରୁ ନିଆଁ ଉଡ଼ି ଏହି ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ବହୁ ଧନ ସମ୍ପତ୍ତି ପୋଡ଼ି ଯାଇଛି ।

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 2157/PSC Dt.20.04.24**
**(DR - IV) (2PH-03-2024-25)**

No. D-11: It is for information of all provisional qualified candidates that the Document Verification for recruitment to the post of **Homoeopathic Medical Officers,** pursuant to Advertisement No. 05 of 2023-24 will be held from **29.04.2024 to 02.05.2024** at the office of OPSC 19, Dr. P.K. Parija Road, Cuttack - 753001 as per the programme detailed below.
The candidates are required to report **30 minutes before** the commencement of document verification in each time slot allotted in the scheduled programme.

**PROGRAMME FOR PHYSICAL VERIFICATION OF ORIGINAL CERTIFICATES/DOCUMENTS**

| Date of Verification | Time of Verification | Roll Nos. of Candidates to be verified | Team to Verify |
|---|---|---|---|
| 29.04.2024 | 10.30 A.M. to 12.15 P.M. | 100009, 100014, 100015, 100018, 100019, 100020, 100022, 100028, 100035, 100036 = **10 Candidates** | Team - I |
| | | 100044, 100045, 100046, 100054, 100058, 100062, 100066, 100067, 100069, 100073 = **10 Candidates** | Team - II |
| | 12.15 P.M. to 01.30 P.M. | 100074, 100078, 100079, 100085, 100086, 100105, 100108, 100113, 100117, 100121 = **10 Candidates** | Team - I |
| | | 100124, 100126, 100128, 100133, 100134, 100136, 100138, 100140, 100145, 100150 = **10 Candidates** | Team - II |
| | 02.30 P.M. to 04.00 P.M. | 100152, 100160, 100167, 100169, 100171, 100172, 100173, 100177, 100180, 100181 = **10 Candidates** | Team - I |
| | | 100182, 100183, 100188, 100190, 100196, 100197, 100199, 100207, 100212, 100219 = **10 Candidates** | Team - II |
| | 04.00 P.M. to 5.30 P.M. | 100222, 100229, 100231, 100233, 100235, 100236, 100238, 100241, 100243, 100244 = **10 Candidates** | Team - I |
| | | 100250, 100253, 100258, 100261, 100267, 100269, 100270, 100271, 100272, 100276 = **10 Candidates** | Team - II |
| 30.04.2024 | 10.30 A.M. to 12.15 P.M. | 100280, 100281, 100282, 100284, 100289, 100290, 100291, 100298, 100305, 100309 = **10 Candidates** | Team - I |
| | | 100314, 100319, 100324, 100335, 100336, 100337, 100340, 100349, 100354, 100359 = **10 Candidates** | Team - II |
| | 12.15 P.M. to 01.30 P.M. | 100366, 100373, 100375, 100376, 100378, 100382, 100384, 100391, 100393, 100397 = **10 Candidates** | Team - I |
| | | 100403, 100405, 100409, 100411, 100412, 100417, 100419, 100424, 100426, 100427 = **10 Candidates** | Team - II |
| | 02.30 P.M. to 04.00 P.M. | 100430, 100432, 100435, 100437, 100441, 100446, 100448, 100450, 100451, 100469 = **10 Candidates** | Team - I |
| | | 100472, 100476, 100477, 100478, 100479, 100480, 100483, 100485, 100486, 100488 = **10 Candidates** | Team - II |
| | 04.00 P.M. to 5.30 P.M. | 100489, 100490, 100492, 100510, 100511, 100512, 100517, 100519, 100528, 100529 = **10 Candidates** | Team - I |
| | | 100531, 100534, 100535, 100536, 100544, 100546, 100547, 100550, 100558, 100563 = **10 Candidates** | Team - II |
| 01.5.2024 | 10.30 A.M. to 12.15 P.M. | 100566, 100568, 100575, 100582, 100584, 100587, 100591, 100592, 100593, 100597 = **10 Candidates** | Team - I |
| | | 100600, 100601, 100602, 100605, 100607, 100614, 100615, 100616, 100621, 100626 = **10 Candidates** | Team - II |
| | 12.15 P.M. to 01.30 P.M. | 100635, 100636, 100640, 100646, 100647, 100652, 100655, 100659, 100662, 100663 = **10 Candidates** | Team - I |
| | | 100665, 100670, 100674, 100676, 100681, 100684, 100689, 100695, 100696, 100700 = **10 Candidates** | Team - II |
| | 02.30 P.M. to 04.00 P.M. | 100701, 100706, 100709, 100712, 100716, 100718, 100720, 100721, 100722, 100725 = **10 Candidates** | Team - I |
| | | 100727, 100728, 100733, 100734, 100736, 100738, 100743, 100744, 100745, 100749 = **10 Candidates** | Team - II |
| | 04.00 P.M. to 5.30 P.M. | 100752, 100759, 100760, 100762, 100768, 100769, 100771, 100773, 100777, 100779 = **10 Candidates** | Team - I |
| | | 100782, 100783, 100784, 100801, 100803, 100815, 100817, 100821, 100828, 100833 = **10 Candidates** | Team - II |
| 02.05.2024 | 10.30 A.M. to 12.15 P.M. | 100837, 100847, 100849, 100851, 100852, 100860, 100869, 100871, 100872, 100874 = **10 Candidates** | Team - I |
| | | 100877, 100880, 100882, 100890, 100891, 100892, 100894, 100897, 100901, 100904 = **10 Candidates** | Team - II |
| | 12.15 P.M. to 01.30 P.M. | 100908, 100910, 100913, 100918, 100919, 100941, 100942, 100946, 100948, 100949 = **10 Candidates** | Team - I |
| | | 100950, 100951, 100953, 100957, 100960, 100965, 100966, 100976, 100977, 100981 = **10 Candidates** | Team - II |
| | 02.30 P.M. to 04.00 P.M. | 100984, 100990, 100996, 101000, 101004, 101005, 101007, 101008, 101011, 101013 = **10 Candidates** | Team - I |
| | | 101014, 101018, 101019, 101021, 101023, 101024, 101025, 101027, 101029, 101031 = **10 Candidates** | Team - II |
| | 04.00 P.M. to 5.30 P.M. | 101037, 101047, 101054, 101057, 101058, 101060, 101062, 101063, 101068, 101069 = **10 Candidates** | Team - I |
| | | 101070, 101071, 101073, 101081, 101090, 101094, 101099, 101100, 101102 = **09 Candidates** | Team - II |

It is also made clear that the candidature of these candidates for the above recuritment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment of terms & conditions laiddown in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VRIFICATION:**

1. Hard copy of online application from Mentioning Roll No. at the Top Right-Hand Corner. Application forms are available in the website of the Commission.
   The candidates are requied to download the same using their respective username and password/OTP etc. through OPSC e-Chayan Portal via **www.opscechayan.in.**
2. Three (03) Passport Size Photographs tagged with the Application Form.
3. H.S.C. or Equivalent Certificate in support of declaration of age.
4. BHMS Degree Certificate and Marksheets from any recognized Unviersity in India including fail marks.
5. Attempt/Chance Certificate in respect of BHMS Degree issued by the Competent Authority, if any.
6. Conversion Certificate/Conversion Formula in case of award of grades/credits/ hours in BHMS Degree.
7. Internship Completion Certificate issued within 16.06.2023.
8. Medical Registration Certificate under the Odisha State Board of Homoeopathic Medicine issued within 16.06.2023.
9. Required Odia Test Pass Certificate issued within 16.06.2023.
10. Caste Certificate by Birth in support of claim as SCs/STs/S.E.B.Cs (Please see and refer Note - 2 of the Advertisement) issued within 16.06.2023.
11. Recent SEBC Certificate (issued within 17.06.2020 to 16.06.2023), whereever applicable.
12. Permanent Disability Certificate indicating percentage of disability (i.e., 40% and more) issued within 16.06.2023.
13. Discharge Certificates issued within 16.06.2023 by the Commanding Officer of the Unit last served along with affidavit to the effect not being appointed against any civil post after retirement from military service, in case of Ex-Servicemen candidate.
14. No Objection Certificate issued by the Competent Authority in case of in-service candidates; whereever applicable.
15. Any proof of photo Identity.
16. Attestation form duly filled-in by the candidate and signed by a Gazetted Officer (to be downloaded from the website of the Commission).
17. The candidates are required to mention "Submitted by me" and put their full signature and date of verification on each Xerox copy of documents.
18. Any other documents as per Para - 10 of the Advertisement.
19. The candidates are required to fill up the Declaration Form enclosed herewith mentioning the marks secured by them in each professional examination (only the pass marks, not fail marks) and sign at the space provided with date of document verification.

**OIPR-12002/11/0014/2425** **Sd./- Secretary**

**ସଂକ୍ଷେପରେ**

## ଗାଡ଼ି ଧକ୍କାରେ ଗୃହରକ୍ଷୀଙ୍କ ମୃତ୍ୟୁ

ନୀଳଗିରି, ୨୦।୪(ପ୍ରଶାନ୍ତ ବିଶ୍ୱାଳ): ନୀଳଗିରି ମେଡିକାଲ ରାସ୍ତା ନିକଟରେ ଏକ କ୍ଷୀର ଗାଡ଼ି ଧକ୍କାରେ କାର୍ଯ୍ୟରତ ଗୃହରକ୍ଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଛୋଟକାନପୁର ଗ୍ରାମର ଲକ୍ଷ୍ମୀଧର ଜେନା (୫୮) ନୀଳଗିରି ଥାନା ଅଧୀନରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ସକାଳ ୮ଟାରେ ସେ ନୀଳଗିରି ମେଡିକାଲ ନିକଟ ରାସ୍ତାରେ ସାଇକେଲ ଯୋଗେ ଯାଉଥିବା ବେଳେ ପଛପଟୁ ଏକ କ୍ଷୀର ଗାଡି ଲକ୍ଷ୍ମୀଧରଙ୍କ ସାଇକେଲକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ପରେ ସ୍ଥିତି ସଙ୍ଗୀନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୀଳଗିରି ପୋଲିସ ଏକ ମାମଲା (ନଂ.୧୨୬/୨୪) ରୁଜୁ କରି ଅଭିଯୁକ୍ତ ଗାଡ଼ିଚାଳକଙ୍କୁ କୋର୍ଟଚାଲାଣ କରିବା ସହିତ ଏକ ଚାରିଚକିଆ ଗାଡ଼ି ଜବତ କରିଛି।

## ଷ୍ଟେଶନରୁ ମୋବାଇଲ ଲୁଟେରା ଗିରଫ

ରୂପସା, ୨୦।୪(ବାଞ୍ଛାନିଧି ଦେ): ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ବାଲେଶ୍ୱର ଜିଲା ଅଧୀନ ରୂପସା ରେଳଷ୍ଟେଶନରୁ ଶନିବାର ଆରପିଏଫ୍ ପୋଲିସ ଜଣେ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରୂପସା ଥାନା ମିରିଗିମୁଣ୍ଡି ଗ୍ରାମର ଯୁବକ ଲକ୍ଷ୍ମୀଧର ଦଳାଇ। ଏ ସମ୍ପର୍କରେ ବାଲେଶ୍ୱର ଜିଆରପି ଥାନା ପୋଲିସ ଏକ ମାମଲା (ନଂ.୭୨/୨୪ ) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଶୁକ୍ରବାର ରାତିରେ ବାଘାଯତୀନ ଏକ୍ସପ୍ରେସ ଟ୍ରେନରୁ ଜଣେ ମହିଳା ଯାତ୍ରୀଙ୍କଠାରୁ ଲୁଟେରା ଜଣକ ମୋବାଇଲ ଲୁଟ କରି ଚମ୍ପଟ୍ ମାରିଥିଲେ। ଏନେଇ ମହିଳା ଜଣକ ଆରପିଏଫ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ଆରପିଏଫ୍ ଥାନା ଆଇଆଇସି କୁନ୍ଦନ କୁମାର ଝା ସଦଳବଳେ ଷ୍ଟେଶନ ପରିସରରେ ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ଲକ୍ଷ୍ମୀଧରଙ୍କୁ ପ୍ଲାଟ୍‌ଫର୍ମରୁ କାବୁ କରି ଜିଆର୍‌ପି ଥାନା ପୋଲିସ ଜିମା ଦେଇଥିଲେ।

## ସାପ କାମୁଡାରେ ଚାଷୀଙ୍କ ମୃତ୍ୟୁ

ଜଳେଶ୍ୱର,୨୦।୪(ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ବରଡ଼ିହା ପଞ୍ଚାୟତର ମାରୁଡ଼ିହ ଗାଁର ରମେଶ ବିନ୍ଧାଣି (୬୩) ଶନିବାର ପୂର୍ବାହ୍ନରେ ବିଲରେ କାମ କରୁଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଶାଳବଣି ହସ୍ପିଟାଲକୁ ନେଇଆସିଥିଲେ। ସେଠାରେ ଚିକିତ୍ସା ନ ମିଳିବାରୁ ଦେଢ଼ଘଣ୍ଟା ବିଳମ୍ବରେ ହାତୀଗଡ଼ ହସ୍ପିଟାଲକୁ ନେଇଆସିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ରମେଶ ମୃତ୍ୟୁ ଘଟିଥିଲା। ରମେଶଙ୍କ ମୃତ୍ୟୁରେ ତାଙ୍କ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପୁଅ ଭୁବନ ବିନ୍ଧାଣି ଦାବି କରିଛନ୍ତି।

# ବେଆଇନ ପାର୍କିଂରୁ ଜରିମାନା ଆଦାୟ

### ପରିବହନ ବିଭାଗ ଓ ପୋଲିସର ଚଢ଼ାଉ

ପାଣିକୋଇଲି,୨୦।୪(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଦାମୋଦରପୁର ଗ୍ରାମଠାରୁ ଓଭରବ୍ରିଜ୍ ପର୍ଯ୍ୟନ୍ତ ସର୍ଭିସ୍ ରୋଡ୍‌ରେ ବେଆଇନ ଭାବେ ପାର୍କିଂ ହୋଇଥିବା ଟ୍ରକ୍‌ଗୁଡ଼ିକରୁ ଜରିମାନା ଆଦାୟ କରାଯାଇଛି। ଯାଜପୁର ଜିଲା ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନଙ୍କ ନିର୍ଦ୍ଦେଶାନୁସାରେ ବିଭାଗର ଏମ୍‌ଭିଆଇ ଦୀପକ କୁମାର ସେଠୀ, ଜୁନିୟର ଏମ୍‌ଭିଆଇ ପ୍ରଦୀପ କୁମାର ବେହେରା, ଟ୍ରାଫିକ ଇନ୍ସପେକ୍ଟର ରଜତ ଶତପଥୀ, ଅତିରିକ୍ତ ଟ୍ରାଫିକ ଇନିସ୍‌ପେକ୍ଟର ରାଜେଶ ମଙ୍ଗରାଜ, କନଷ୍ଟେବଳ ବିଜନ ସେଠୀ, ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ, ଏସ୍‌ଆଇ ପ୍ରକାଶ ପ୍ରଧାନ, ଏଏସ୍‌ଆଇ ପ୍ରତାପ ଗଡ଼ନାୟକ ପ୍ରମୁଖ ମିଳିତ ଭାବେ ଗୁରୁବାର ସନ୍ଧ୍ୟାରେ ଚଢ଼ାଉ କରି ସର୍ଭିସ୍ ରୋଡ୍‌କୁ ବେଅଇନ ଭାବେ ଅବରୋଧ କରି ରଖିଥିବା ୧୩ଟି ଟ୍ରକରୁ ୬୦ ହଜାର ଟଙ୍କା ଜରିମାନା ଆଦାୟ କରିବା ସହିତ ଗୋଟିଏ ଟ୍ରକକୁ ଥାନାକୁ ଉଠାଇ ନେଇଯାଇଛନ୍ତି। ପୋଲିସ ଓ ପରିବହନ ବିଭାଗର ଏପରି କାର୍ଯ୍ୟାନୁଷ୍ଠାନ ଫଳରେ ଟ୍ରକ୍ ଏବଂ ଗ୍ୟାରେଜ ମାଲିକଙ୍କ ମନରେ ଛନକା ପଶିଯାଇଛି। ଏଭଳି ନିୟମିତ ଭାବେ ଚଢ଼ାଉ କରାଯିବା ସହ ବେଆଇନ ରାସ୍ତା ଅବରୋଧ କରୁଥିବା ଟ୍ରକ୍‌ଗୁଡ଼ିକରୁ ଜରିମାନା ଆଦାୟ କରାଯିବ ଓ ଆବଶ୍ୟକସ୍ଥଳରେ ଟ୍ରକ୍‌ମାଲିକଙ୍କ ନାମରେ ମାମଲା ମଧ୍ୟ ରୁଜୁ କରାଯିବ ବୋଲି ପୋଲିସ ଓ ପରିବହନ ବିଭାଗ ସୂଚନା ପ୍ରଦାନ କରିଛି।

ଏହି ରାସ୍ତାକୁ କେତେଜଣ ଟ୍ରକ ମାଲିକ ଓ ଗ୍ୟାରେଜ ମାଲିକ ନିଜ କବ୍‌ଜାରେ ରଖିଥିଲେ। ଫଳରେ ହାଟସାହି, ଖାନ୍ଦରାପୁର, ସୋତି, ମଣିପରୁ, ବାଟୁଳ, କାଙ୍କଲାପାଟଣା ଓ ଦାମୋଦରପୁର ଗ୍ରାମର ସ୍କୁଲ ଏବଂ କଲେଜକୁ ଯିବାଆସିବା କରୁଥିବା ଛାତ୍ରୀଛାତ୍ରୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଥିଲେ। ଯଦି କୌଣସି ବ୍ୟକ୍ତି ଏହାକୁ ବିରୋଧ କଲେ ତେବେ ସେ ସମ୍ପୃକ୍ତ ଟ୍ରକର କର୍ମଚାରୀ ଓ ମାଲିକଙ୍କ ସମେତ ଗ୍ୟାରେଜ ମାଲିକଙ୍କ ରୋଷର ଶିକାର ହେଉଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।


ବେଆଇନ ଭାବେ ପାର୍କିଂ ହୋଇଥିବା ଟ୍ରକ୍‌କୁ ପୋଲିସ ଥାନାକୁ ନେଉଛି।

# ଯାଜପୁର ଜିଲା ଲେଖିକା ସଂସଦ ତରଫରୁ ଜଳଛତ୍ର

ଯାଜପୁରରୋଡ୍,୨୦।୪ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଝାଟିଆସାହି ଗ୍ରାମ ଶନି ମନ୍ଦିର ପରିସରରେ ଜିଲା ଲେଖିକା ସଂସଦ ତରଫରୁ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅସହ୍ୟ ଗରମ ଓ ଗୁଳୁଗୁଳି ସତ୍ତ୍ୱେ ମନ୍ଦିର ପରିସରରେ ଶହଶହ ଭକ୍ତଙ୍କ ସମାଗମ ହୋଇଥିଲା। ଲେଖିକା ସଂସଦ ତରଫରୁ ସମସ୍ତ ଭକ୍ତଙ୍କୁ ଥଣ୍ଡା ପାଣି ଓ ଦହି ସରବତ ପ୍ରଦାନ କରାଯାଇଥିଲା। ସଂସଦ ସଭାପତି ହିରଣ୍ମୟୀ ମହାନ୍ତି, ସମ୍ପାଦିକା ରାଜେଶ୍ୱରୀ ସିଂ, ସନ୍ଧ୍ୟାରାଣୀ ଘଡ଼ାଇ, ମଧୁସ୍ମିତା ନାୟକ, ଜଲ୍ପନା ପଣ୍ଡା, ପ୍ରମୋଦିନୀ ଦାସ, ମଞ୍ଜୁଲତା ନାୟକ, ମିରିନା ମହାନ୍ତି, ପ୍ରତିଭା ପାତ୍ର, ଅଶାନ୍ତି ସାମଲ, ବିଜୟଲକ୍ଷ୍ମୀ ମହାପାତ୍ର, ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ଲବଙ୍ଗଲତା ପରିଡ଼ା ଓ ଜୟନ୍ତୀ ଜେନା ପ୍ରମୁଖ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ଯୁବକ ସଂଘ ସଦସ୍ୟମାନେ ସହଯୋଗ କରିଥିଲେ।


ଲେଖିକା ସଂସଦ ତରଫରୁ ଶନି ମନ୍ଦିରରେ ଭକ୍ତଙ୍କୁ ଦହି ସରବତ ପ୍ରଦାନ କରାଯାଉଛି।

# ପୋଡୁଚାଷ ପାଇଁ ଜଙ୍ଗଲ କାଟି ୨ ଗିରଫ

କାଳିଆପାଣି,୨୦।୪(ଅସିତ ମହାନ୍ତ): ଯାଜପୁର ଜିଲାର ନଗଡ଼ା ଜଙ୍ଗଲରେ ପୋଡୁ ଚାଷ ପାଇଁ ଜଙ୍ଗଲ କାଟିବା ୨ ଜୁଆଙ୍ଗଙ୍କୁ ମହଙ୍ଗା ପଡ଼ିଛି। ବନ ବିଭାଗ ମନା କରିବା ସତ୍ତ୍ୱେ ସେମାନେ ୨ ଏକରରୁ ଊର୍ଦ୍ଧ୍ୱ ନଗଡ଼ା ପାହାଡ ତଳ ଅଞ୍ଚଳ ଅଶୋକଝର ଗାଁ ନିକଟ ଜଙ୍ଗଲର ଗଛ କାଟି ସଫା କରିଛନ୍ତି। ନିଆଁ ଲଗାଇ ଜଙ୍ଗଲ ପୋଡ଼ିବା ଅଭିଯୋଗରେ ଶନିବାର ୨ଜଣଙ୍କୁ ବନ ବିଭାଗ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ି ଜେଲକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଅଶୋକଝରର ଗାଁର ମାଧବ ପଧାନ(୪୫) ଓ ବଇସ ପଧାନ(୪୦)। ଉଭୟେ ପୋଡୁଚାଷ ପାଇଁ ନିଆଁ ଲଗାଇବାରୁ ଅଞ୍ଚଳରେ ବହୁ ଗଛ ନଷ୍ଟ ହୋଇଯାଇଛି। ରାଂସୋଳ ଫରେଷ୍ଟର ନରେଶ କୁମାର ଟୁଡୁ, ଗାର୍ଡ ଇପସିତ୍ର ରାୟ ନାୟକ, ଗୌରାଙ୍ଗ ମାରାଣ୍ଡି, କର୍ମଚାରୀ ରବି ମହାନ୍ତ ଓ ଶଙ୍କର ମହାନ୍ତ ପ୍ରମୁଖ ଅଶୋକଝର ଗାଁରେ ପହଞ୍ଚି ଉଭୟଙ୍କୁ ଗିରଫ କରିଥିଲେ। ଏନେଇ ନଂ.୫।୨୪ରେ ଏକ ମାମଲା ରୁଜୁ ହୋଇଛି।


ଗିରଫ ୨ ଅଭିଯୁକ୍ତ।

## ବଡ଼କଇଞ୍ଛି ପଞ୍ଚାୟତରେ ଆକାଶ ସମ୍ବର୍ଦ୍ଧିତ

ରସୁଲପୁର,୨୦।୪(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଛି ପଞ୍ଚାୟତରେ କୋରେଇ ଭାଜପା ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମଧୁବନସ୍ଥିତ ରାମ ମନ୍ଦିରରେ ରାମ ନବମୀ ଉତ୍ସବକୁ କମିଟି ପକ୍ଷରୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମନ୍ଦିର ପକ୍ଷରୁ ଅନୁଷ୍ଠିତ ଆଳତି ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ଯୋଗଦେଇଥିଲେ। ମନ୍ଦିର ପରିଚାଳନା କମିଟି ଓ ପାଳସାହି ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ବିରାଟ ପଟୁଆରରେ ମନ୍ଦିର ପରିସରକୁ ପାଛୋଟି ଅଣାଯାଇଥିଲା। ମନ୍ଦିର ପରିସରରେ ପୂଜକ ଓ ପୂଜା କମିଟି କାର୍ଯ୍ୟକର୍ତ୍ତା ଆକାଶଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ସେ ଗ୍ରାମର ମୁରବୀମାନଙ୍କ ସହ ଆଲୋଚନା କରିଥିଲେ। ଚଳିତ ନିର୍ବାଚନରେ ତାଙ୍କ ସପକ୍ଷରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବିଧାୟକ ଥିବା ବେଳେ ସେ କୋରେଇବାସୀଙ୍କ ଦୁଃଖସହ ସାମିଲଥିଲେ। ପରେ ବି ସେ ମଇଦାନ ଛାଡ଼ିନାହାନ୍ତି। ଏଥର ତାଙ୍କୁ ବିଧାୟକ ହେବାର ସୁଯୋଗ ଦେଲେ ସେ ଲୋକଙ୍କ ସମସ୍ୟା ସମାଧାନ କରିବା ସହ ତାଙ୍କର ରହିଯାଇଥିବା ଅଧୁରାସ୍ୱପ୍ନକୁ ପୂରଣ କରି ଅବହେଳିତ କୋରେଇକୁ ବିକାଶର ଶୀର୍ଷରେ ପହଞ୍ଚାଇବାକୁ ପ୍ରୟାସ କରିବେ ବୋଲି କହିଥିଲେ। ଦାସନାୟକଙ୍କ ଆଗମନକୁ ନେଇ ପଞ୍ଚାୟତର ଭାଜପା କର୍ମୀ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ତାଙ୍କ ସହ ଯାଜପୁର ସଂସଦୀୟ କ୍ଷେତ୍ରର ଦଳୀୟ ପ୍ରାର୍ଥୀ ରବିନାରାୟଣ ବେହେରା ଉପସ୍ଥିତ ରହି ଭୋଟ ପ୍ରଚାର କରିଥିଲେ।

## ଧର୍ମଶାଳା ତହସିଲ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଧର୍ମଶାଳା,୨୦।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ତହସିଲଦାର ଶୁଭଙ୍କର ମହାନ୍ତିଙ୍କ ଅନୁରୋଧକ୍ରମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀମାନେ ତହସିଲ କାର୍ଯ୍ୟାଳରେ ପହଞ୍ଚି ୪୦ ଜଣ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ପ୍ରଦାନ କରିଛନ୍ତି। କର୍ମଚାରୀମାନଙ୍କ ଏପରି ପ୍ରତ୍ୟେକ ମାସରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ତହସିଲଦାର ମହାନ୍ତି ସୂଚନା ଦେଇଛନ୍ତି।

# ହାଇଲେଭଲ କେନାଲରେ ପାଣି ଛାଡ଼ିବାକୁ ଦାବି

ବଡ଼ଚଣା,୨୦।୪(ଦିଲୀପ କୁମାର ମହାନ୍ତି): ଚାଷୀମାନଙ୍କ ସୁବିଧା ପାଇଁ ବ୍ରିଟିଶ ଅମଳରୁ ନିର୍ମାଣ ହୋଇଥିବା ହାଇଲେଭଲ କେନାଲ ଏବେ ଶୁଖିଲା ପଡ଼ିଛି। ତେଣୁ ତୁରନ୍ତ ଏଥିରେ ପାଣି ଛାଡ଼ିବାକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। କଟକ ଜିଲାର ବିରୂପା ନଦୀରୁ ବାହାରି ଯାଜପୁର ଜିଲାର ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଥିବା ୫୨ କି.ମି. ବିଶିଷ୍ଟ ଏହି କେନାଲର ପାଣି ବଡ଼ଚଣା ସମେତ ଧର୍ମଶାଳା ଅଞ୍ଚଳର ବହୁ ଚାଷୀଙ୍କ ଚାଷ କାର୍ଯ୍ୟ ସହ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟରେ ଲାଗେ। ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଗ୍ରାମାଞ୍ଚଳରେ ଥିବା ପୋଖରୀଗୁଡ଼ିକରୁ ପାଣି ଶୁଖିଯାଇଛି। ଫଳରେ ଜନସାଧାରଣଙ୍କ ସମେତ ପଶୁପକ୍ଷୀ ପାଣି ପାଇଁ ଉହଳବିକଳ ହେଉଛନ୍ତି।

ବଡ଼ଚଣାର ବୈରୀ, ସୋଲର, ଛତିଆ, ବନ୍ତଳା, ଚଣ୍ଡିତଳ, ଖଇରା, ବଡ଼ଘୁମୁରି, ବଡ଼ଚଣା, ଧାନମଣ୍ଡଳ, ସୁଙ୍ଗୁଡା, ଶାନ୍ତିପୂର ଓ ରାଧାଦେଇପୁର ଆଦି ପଞ୍ଚାୟତର ଜନସାଧାରଣ ଏହି କେନାଲ ପାଣିରେ ଚାଷ କାର୍ଯ୍ୟ କରିଥାନ୍ତି। ସେମାନଙ୍କ ଗୋରୁ ଏହି ପାଣି ଉପରେ ନିର୍ଭର କରନ୍ତି। ମାତ୍ର ଏବେ କେନାଲରେ ପାଣ ନାହିଁ। ସେହିପରି କେନାଲ କଡ଼ରେ ଥିବା ପଞ୍ଚାୟତଗୁଡ଼ିକର ଚାଷଜମି ସହ ବିଭିନ୍ନ ସ୍ଥାନରେ ଥିବା ଗଡ଼ିଆ ପୋଖରୀରେ ପାଣିନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି କେନାଲରେ ପାଣି ଛାଡ଼ିବା ଦିଗରେ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେବାକୁ ଚାଷୀ ତ୍ରିଲୋଚନ ନାୟକ, ମାଧବାନନ୍ଦ ମହାପାତ୍ର, ସରପଞ୍ଚ ବିଜୟ ସ୍ୱାଇଁ, ଜନାର୍ଦ୍ଦନ ରାଉତରାୟ, ଡମ୍ବରୁଧର ମଲ୍ଲିକ, ବୈକୁଣ୍ଠ ବରାଳ, ସମିତି ସଭ୍ୟ ମଧୁସୂଦନ ବଳ, ସରପଞ୍ଚ ନବଦୀପ ନାୟକ, ସମବାୟବିତ ସଞ୍ଜୟ ସ୍ୱାଇଁ, ପ୍ରଶାନ୍ତ ଜେନା, ଶ୍ରୀବତ୍ସ ବିଶ୍ୱାଳ ଓ ପ୍ରଫୁଲ୍ଲ ଜେନା ପ୍ରମୁଖ ଦାବି କରିଛନ୍ତି।

## ରାସ୍ତା ଜାମ୍ କରୁଛି ଭାରିଯାନ




କାଏମା,୨୦।୪(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଓଭରବ୍ରିଜ୍ ପାଖ ସର୍ଭିସ୍ ରୋଡ୍ ଦେଇ ବହୁ ସଂଖ୍ୟକ ଚିପ୍ସ ଓ ପଥର ବୋଝେଇ ଭାରିଯାନ ଚଳଚଳା କରିବା ଯୋଗୁ ରାସ୍ତା ଜାମ ହେଉଛି। ଫଳରେ ଯାତ୍ରୀ ଓ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଯାଇଛି। ଦିନତମାମ ହାଇୱା ଓ ଡମ୍ପର ସ୍ଥାନୀୟ କ୍ରଶରରୁ ଓଭର ଲୋଡ୍ ସାମଗ୍ରୀ ନେଇ ଏହି ରାସ୍ତାଦେଇ ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ସାମଗ୍ରୀ ପରିବହନ ସମୟରେ ପାଲ ଘୋଡ଼ାଇବା ନିୟମ ରହିଥିଲେ ବି କେତେଜଣ ଡ୍ରାଇଭର ଏହାକୁ ମାନୁନାହାନ୍ତି। ଜାରକା ବସ୍ ଷ୍ଟାଣ୍ଡ୍‌ଠାରୁ ଧର୍ମଶାଳା ମହାବିଦ୍ୟାଳୟକୁ ଯିବା ପାଇଁ ରାସ୍ତାର ଦୂରତା କମ୍ ହେଉଥିବାରୁ ଅନେକ କଲେଜ ପିଲା ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ସେହିପରି ଏହି ରାସ୍ତା ପାର୍ଶ୍ୱରେ ମଧ ଶିଶୁ ଉଦ୍ୟାନ ରହିଛି। ଏହି କାରଣରୁ ସନ୍ଧ୍ୟାରେ ଛୋଟଠୁ ବଡ଼ ସମସ୍ତେ ଉକ୍ତ ରାସ୍ତା ଉପରେ ଯିବା ଆସିବା କରିଥାନ୍ତି। ତେଣୁ ଏହା ଉପରେ ପ୍ରଶାସନ ଦୃଷ୍ଟିଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଧର୍ମଶାଳା,୨୦।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୩୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନବଘନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଇଡକୋର ଅବସରପ୍ରାପ୍ତ ଡିଜିଏମ୍ ପୁଷ୍ପରାଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରି ପିଲାମାନଙ୍କୁ ଶିକ୍ଷା ଉପରେ ବିଭିନ୍ନ ପ୍ରକାର ଉପଦେଶ ଦେଇଥିଲେ। ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇ ଶିକ୍ଷକଠାରୁ ଜଣେ ମା' ତାର ପିଲାକୁ ଭଲ ମଣିଷ କରିପାରିବ, ଏଥିରେ ସନ୍ଦେହ ନାହିଁ ବୋଲି କହିଥିଲେ। ଯାଜପୁର ଜିଲା ପୂର୍ବତନ ସାଂସଦ ରୀତା ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାହେଉଛି ଗତି ଓ ପ୍ରଗତି। ଶିକ୍ଷା ବିନା ଗୋଟିଏ ମୂଲ୍ୟବୋଧ ଜୀବନ ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭାପତି କିଶୋର ଚନ୍ଦ୍ର ନାୟକ ସ୍କୁଲର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ ସମ୍ପାଦକ ବୈକୁଣ୍ଠନାଥ ସାହୁ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୋଷାଧକ୍ଷ ଅନିରୁଧ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ନିର୍ମଳ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରମାନେ ବିବେକାନନ୍ଦଙ୍କ ବାଣୀ ପାଠ କରିବା ସହିତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।



ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଲାଇଫ୍ ଜ୍ୟାକେଟ୍ ବିନା ୬୩ ଘାଟରେ ନୌଚଳାଚଳ

କେନ୍ଦ୍ରାପଡ଼ା,୨୦।୪ (ଜଗନ୍ନାଥ ଧଳ): ହୀରାକୁଦ ଡ୍ୟାମ୍ ଉପର ମହାନଦୀରେ ଶୁକ୍ରବାର ଘଟିଥିବା ଡଙ୍ଗା ବୁଡ଼ି ଘଟଣାରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ୪ ଜଣ ନିଖୋଜ ଥିବା ବେଳେ ସୌଭାଗ୍ୟବଶତଃ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ତେବେ ଏହି ଘଟଣା କେନ୍ଦ୍ରାପଡ଼ା ଜିଲାର ଡଙ୍ଗା ଚଳଚଳ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୨୦୨୩ରେ ଏକମାଣିଆ କେରଡ଼ାଗଡ଼ ଫେରିଘାଟରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଇଥିବା ଭୁଟଭୁଟ ବୁଡ଼ି ଯାଇଥିଲା। ଏଥିରେ ନାଉରିଆଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୨ ଜୁନ୍ ୧୬ରେ ରାଜନଗର ବ୍ଲକ ତାଳଚୁଆ ଥାନା ଅଧୀନ ଏକ ମାଛଧରା ଟ୍ରଲର ବୁଡ଼ି ଯାଇଥିଲା । ୨୦୨୦ ଜୁନ୍ ୧୯ରେ ମହାକାଳପଡ଼ା ବ୍ଲକ ପୀତାପାଟ ନିକଟରେ ଡଙ୍ଗା ଓଲଟି ପଡିଥିଲା । ଏଥିରେ ଥିବା ୫ ଶ୍ରମିକ ବହୁ କଷ୍ଟରେ ନିଜ ନିଜର ଜୀବନ ବଞ୍ଚାଇଥିଲେ । ଏହି ସ୍ଥାନରେ ୨୦୧୩ ମାର୍ଚ୍ଚ ୧ରେ ଡଙ୍ଗା ବୁଡ଼ିରେ ଜଗତସିଂହପୁର ଜିଲାର ୧୩ କିଶୋର କ୍ରିକେଟ୍ ଖେଳାଳୀଙ୍କ ଜୀବନ ଯାଇଥିଲା । ସେହିପରି ୨୦୧୯ ଜାନୁୟାରୀ ୨ରେ ନିପାଣିଆଠାରେ ଡଙ୍ଗା ବୁଡ଼ି ଘଟଣାରେ ୧୦ ମହିଳା ଓ ଶିଶୁଙ୍କ ପ୍ରାଣହାନୀ ଘଟିଥିଲା। ଏତେସବୁ ଡଙ୍ଗାବୁଡ଼ି ଘଟଣାରେ ଜିଲା ପ୍ରଶାସନକୁ କୌଣସି ଶିକ୍ଷା ମିଳିବା ପରି ଜଣା ପଡୁନାହିଁ। ଜିଲାର ୬୩ ଘାଟରେ ଅନବରତ ଡଙ୍ଗା ଚାଲିଥିବା ବେଳେ ଶତାଧିକ ଡଙ୍ଗା ଘାଟ ଅଛି । ନିରାପଦ ଯାତ୍ରା ପାଇଁ ବୋଟ୍ ରୁଲସ୍ ହୋଇଥିଲେ ମଧ୍ୟ ମାଛଧରା ବୋଟ୍‌ରେ ଯାତ୍ରୀ ପରିବହନ ଜିଲାବାସୀଙ୍କ ଜୀବନମରଣ ସମସ୍ୟା ହୋଇଛି।

ସାମାଜିକ କର୍ମୀ ପ୍ରତାପ ପାଢ଼ୀ କହିଛନ୍ତି, ପଦନୀପାଳ, ଏକମାଣିଆ, ସିଂହଗାଁ, ବତୀଘର ଆଦି ୧୭ ପଞ୍ଚାୟତ ଅଦ୍ୟାବଧି ନଦୀ ଘେରାବନ୍ଦୀରେ ଅଛି । ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳରେ ଥିବା ହୁକିଟୋଲା, ହାବେଳିଖଟି, ବତୀଘର, ବରୁଣେଇ ଆଦି ପର୍ଯ୍ୟଟନସ୍ଥଳକୁ ବିପଦଜନକ ଭାବେ ପର୍ଯ୍ୟଟକ ଡଙ୍ଗା, ଭୁଟୁଭୁଟି, ମାଛଧରା ବୋଟ୍ ଆଦିରେ ଯାଉଛନ୍ତି । ନୌକା ଅଥବା ଦେଶୀ ଡଙ୍ଗା ସ୍ଥାନୀୟ ଅଞ୍ଚଳରେ ଯାତାୟତ ମାଧ୍ୟମ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ୨୦୦୪ର ବୋଟ୍ ରୁଲସ୍ କାର୍ଯ୍ୟକାରୀ ହେଉନାହିଁ। ଲାଇଫ୍ ଜ୍ୟାକେଟ୍ ନ ଥାଇ ପର୍ଯ୍ୟଟକ ଓ ଯାତ୍ରୀ ଡଙ୍ଗାରେ ଯାଉଛନ୍ତି। ଫଳରେ ନୌପରିବହନ ଏବେ ବିପଦଜ୍ଜନକ ବୋଲି ସେ ମତ ଦେଇଛନ୍ତି। ସାମାଜିକ କର୍ମୀ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାରଙ୍କ ବୋଟ୍ ରୁଲସ ଅନୁଯାୟୀ ଜିଲାରେ ଥିବା ଅଧିକାଂଶ ବୋଟ୍, ଡଙ୍ଗା ଓ ଏହାର ଚାଳକ ବୀମାଭୁକ୍ତ ହୋଇନାହାନ୍ତି। ଏପରିକି ଫିଟ୍‌ନେସ ନ ଥିବା ବୋଟ୍‌ରେ ଯାତ୍ରୀ ଯାତାୟତ କରୁଛନ୍ତି। କୌଣସି କାରଣରୁ ଡଙ୍ଗାବୁଡ଼ି ହେଲେ ମୃତ ଯାତ୍ରୀଙ୍କୁ କ୍ଷତିପୂରଣ ମିଳିବା ସମ୍ଭବ ନୁହେଁ । ଏବେ ୬୦ରୁ ଊର୍ଦ୍ଧ୍ୱ ବୋଟ୍ ଫିଟ୍‌ନେସ ନ ଥାଇ ଜାତୀୟ ଉଦ୍ୟାନ ମଧ୍ୟରେ ଚାଲୁଥିବା ସେ ପ୍ରକାଶ କରିଛନ୍ତି । ମହାକାଳପଡ଼ାର ବିଭୁତି ଭୂଷଣ ରାଉତ କହିଛନ୍ତି, ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ଡଙ୍ଗା ବୁଡ଼ିର କାରଣ ହୋଇଛି । ବାହାକୁଦ ଓ ଖରିନାସୀ ସେତୁ ଅଦ୍ୟାବଧି ନିର୍ମାଣ ଶେଷ ହୋଇନାହିଁ। ସେହିପରି ବର୍ଷାଋତୁରେ ଜିଲାର ଅଧିକାଂଶ ସ୍ଥାନରେ ଡଙ୍ଗା ହିଁ ଯାତାୟତର ମାଧ୍ୟମ ହୋଇଛି । ପ୍ରତିଦିନ ଡଙ୍ଗାରେ ଅଞ୍ଚଳବାସୀ ଯାତାୟତ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତଦାରଖ ହେଉ ନ ଥିବା ସେ ଦର୍ଶାଇଛନ୍ତି । ଏସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, ଦେଶୀ ଡଙ୍ଗା ଓ ବୋଟ୍ ଚାଳକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ହେଉଛି । ନିୟମ ବର୍ହିଭୂତ କୌଣସି ଡଙ୍ଗା ଅଥବା ବୋଟ୍ ନଦୀରେ ଯାତାୟତ କଲେ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।


ମାଛଧରା ବୋଟ୍‌ରେ ଚାଲିଛି ଯାତ୍ରୀ ପରିବହନ।

# ଲାଇଫ୍ ଜାକେଟ୍ ବିନା ୬୩ ଘାଟରେ ନୌଚଳାଚଳ

କେନ୍ଦ୍ରାପଡ଼ା,୨୦।୪ (ଜଗନ୍ନାଥ ଧଳ)



ଏକ ଡ଼ଙ୍ଗାରେ ଲୋକମାନେ ନଦୀ ପାର୍ ହେଉଛନ୍ତି।

ହୀରାକୁଦ ଡ୍ୟାମ୍ ଉପର ମହାନଦୀରେ ଶୁକ୍ରବାର ଘଟିଥିବା ଡଙ୍ଗା ବୁଡ଼ି ଘଟଣାରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ୪ ଜଣ ନିଖୋଜ ଥିବା ବେଳେ ସୌଭାଗ୍ୟବଶତଃ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ତେବେ ଏହି ଘଟଣା କେନ୍ଦ୍ରାପଡ଼ା ଜିଲାର ଡଙ୍ଗା ଚଳଚଳ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୨୦୨୩ରେ ଏକମାଣିଆ କେରଡ଼ାଗଡ଼ ଫେରିଘାଟରେ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଇଥିବା ଭୁଟୁଭୁଟ ବୁଡ଼ି ଯାଇଥିଲା । ଏଥିରେ ନାଉରିଆଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୨ ଜୁନ୍ ୧୬ରେ ରାଜନଗର ବ୍ଲକ ତାଳଚୁଆ ଥାନା ଅଧୀନ ଏକ ମାଛଧରା ଟ୍ରଲର ବୁଡ଼ି ଯାଇଥିଲା । ୨୦୨୦ ଜୁନ୍ ୧୯ରେ ମହାକାଳପଡ଼ା ବ୍ଲକ ପୀତାପାଟ ନିକଟରେ ଡଙ୍ଗା ଓଲଟି ପଡିଥିଲା । ଏଥିରେ ଥିବା ୫ ଶ୍ରମିକ ବହୁ କଷ୍ଟରେ ନିଜ ନିଜର ଜୀବନ ବଞ୍ଚାଇଥିଲେ । ଏହି ସ୍ଥାନରେ ୨୦୧୩ ମାର୍ଚ୍ଚ ୧ରେ ଡଙ୍ଗା ବୁଡ଼ିରେ ଜଗତସିଂହପୁର ଜିଲାର ୧୩ କିଶୋର କ୍ରିକେଟ୍ ଖେଳାଳୀଙ୍କ ଜୀବନ ଯାଇଥିଲା । ସେହିପରି ୨୦୧୯ ଜାନୁୟାରୀ ୨ରେ ନିପାଣିଆଠାରେ ଡଙ୍ଗା ବୁଡ଼ି ଘଟଣାରେ ୧୦ ମହିଳା ଓ ଶିଶୁଙ୍କ ପ୍ରାଣହାନୀ ଘଟିଥିଲା । ଏତେସବୁ ଡଙ୍ଗାବୁଡ଼ି ଘଟଣାରେ ଜିଲା ପ୍ରଶାସନକୁ କୌଣସି ଶିକ୍ଷା ମିଳିବା ପରି ଜଣା ପଡୁନାହିଁ । ଜିଲାର ୬୩ ଘାଟରେ ଅନବରତ ଡଙ୍ଗା ଚାଲିଥିବା ବେଳେ ଶତାଧିକ ଡଙ୍ଗା ଘାଟ ଅଛି । ନିରାପଦ ଯାତ୍ରା ପାଇଁ ବୋଟ୍ ରୁଲସ୍ ହୋଇଥିଲେ ମଧ୍ୟ ମାଛଧରା ବୋଟ୍‌ରେ ଯାତ୍ରୀ ପରିବହନ ଜିଲାବାସୀଙ୍କ ଜୀବନମରଣ ସମସ୍ୟା ହୋଇଛି ।

ଏସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ କହିଛନ୍ତି, ପଦନୀପାଳ, ଏକମାଣିଆ, ସିଂହଗାଁ, ବତୀଘର ଆଦି ୧୭ ପଞ୍ଚାୟତ ଅଦ୍ୟାବଧି ନଦୀ ଘେରାବନ୍ଦୀରେ ଅଛି । ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳରେ ଥିବା ହୁକିଟୋଲା, ହାବେଳିଖଟି, ବତୀଘର, ବରୁଣେଇ ଆଦି ପର୍ଯ୍ୟଟନସ୍ଥଳକୁ ବିପଦଜନକ ଭାବେ ପର୍ଯ୍ୟଟକ ଡଙ୍ଗା, ଭୁଟୁଭୁଟି, ମାଛଧରା ବୋଟ୍ ଆଦିରେ ଯାଉଛନ୍ତି । ନୌକା ଅଥବା ଦେଶୀ ଡଙ୍ଗା ସ୍ଥାନୀୟ ଅଞ୍ଚଳରେ ଯାତାୟତ ମାଧ୍ୟମ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ୨୦୦୪ର ବୋଟ୍ ରୁଲସ୍ କାର୍ଯ୍ୟକାରୀ ହେଉନାହିଁ। ଲାଇଫ୍ ଜ୍ୟାକେଟ୍ ନ ଥାଇ ପର୍ଯ୍ୟଟକ ଓ ଯାତ୍ରୀ ଡଙ୍ଗାରେ ଯାଉଛନ୍ତି । ଫଳରେ ନୌପରିବହନ ଏବେ ବିପଦଜ୍ଜନକ ବୋଲି ସେ ମତ ଦେଇଛନ୍ତି । ସାମାଜିକ କର୍ମୀ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାରଙ୍କ ବୋଟ୍ ରୁଲସ ଅନୁଯାୟୀ ଜିଲାରେ ଥିବା ଅଧିକାଂଶ ବୋଟ୍, ଡଙ୍ଗା ଓ ଏହାର ଚାଳକ ବୀମାଭୁକ୍ତ ହୋଇନାହାନ୍ତି । ଏପରିକି ଫିଟ୍‌ନେସ ନ ଥିବା ବୋଟ୍‌ରେ ଯାତ୍ରୀ ଯାତାୟତ କରୁଛନ୍ତି । କୌଣସି କାରଣରୁ ଡଙ୍ଗାବୁଡ଼ି ହେଲେ ମୃତ ଯାତ୍ରୀଙ୍କୁ କ୍ଷତିପୂରଣ ମିଳିବା ସମ୍ଭବ ନୁହେଁ । ଏବେ ୬୦ରୁ ଉର୍ଦ୍ଧ୍ୱ ବୋଟ୍ ଫିଟ୍‌ନେସ ନ ଥାଇ ଜାତୀୟ ଉଦ୍ୟାନ ମଧ୍ୟରେ ଚାଲୁଥିବା ସେ ପ୍ରକାଶ କରିଛନ୍ତି । ରାଜନଗର ବ୍ଲକ ଗୁପ୍ତିର ନରେନ୍ଦ୍ର କୁମାର ଦାସ କୁହନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ୧୭୦୦ରୁ ଉର୍ଦ୍ଧ୍ୱ ଲୁଣା କୁମ୍ଭୀର ଅଛନ୍ତି । ଏହି ଅଞ୍ଚଳକୁ ଗୁପ୍ତି, ଚାନ୍ଦବାଲି, ଖୋଳା, ଜୟନଗର, ଖରିନାସୀ, ବାହାକୁଦ, ଜମ୍ବୁ ଅଞ୍ଚଳରୁ ବୋଟ୍ ଆତଯାତ ହେଉଛି । ଏଥିରେ କେତେକ ନାବାଳକ ଚାଳକ ହୋଇଥିବା ଲକ୍ଷ୍ୟ କରାଯାଇଛି । ଅର୍ଥ ଲୋଭରେ ଅଧିକ ଯାତ୍ରୀ ଡଙ୍ଗା ଅଥବା ବୋଟ୍‌ରେ ପରିବହନ ହେଉଥିଲେ ମଧ୍ୟ କୌଣସି ସରକାରୀ କଟକଣା ନାହିଁ । ମହାକାଳପଡ଼ାର ବିଭୁତି ଭୂଷଣ ରାଉତ କହିଛନ୍ତି, ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ଡଙ୍ଗା ବୁଡ଼ିର କାରଣ ହୋଇଛି । ବାହାକୁଦ ଓ ଖରିନାସୀ ସେତୁ ଅଦ୍ୟାବଧି ନିର୍ମାଣ ଶେଷ ହୋଇନାହିଁ । ସେହିପରି ବର୍ଷାଋତୁରେ ଜିଲାର ଅଧିକାଂଶ ସ୍ଥାନରେ ଡଙ୍ଗା ହିଁ ଯାତାୟତର ମାଧ୍ୟମ ହୋଇଛି । ପ୍ରତିଦିନ ଡଙ୍ଗାରେ ଅଞ୍ଚଳବାସୀ ଯାତାୟତ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତଦାରଖ ହେଉ ନ ଥିବା ସେ ଦର୍ଶାଇଛନ୍ତି । ଏସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, ଦେଶୀ ଡଙ୍ଗା ଓ ବୋଟ୍ ଚାଳକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ହେଉଛି । ନିୟମ ବର୍ହିଭୂତ କୌଣସି ଡଙ୍ଗା ଅଥବା ବୋଟ୍ ନଦୀରେ ଯାତାୟତ କଲେ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

- ଅନେକ ଥର ଡଙ୍ଗା ବୁଡ଼ି ପରେ ବି ଚେତା ପଶୁନି
- ମାଛଧରା ବୋଟ୍‌ରେ ଚାଲିଛି ଯାତ୍ରୀ ପରିବହନ
- କାର୍ଯ୍ୟକାରୀ ହେଉନାହିଁ ବୋଟ୍ ଚାଳନା ନିୟମ

# ଏମ୍ପି ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପଙ୍କ ଶକ୍ତି ପ୍ରଦର୍ଶନ

## କେନ୍ଦ୍ରାପଡ଼ା ବିକାଶରେ ବାଧକ ଶାସକ ଦଳ



ବଳଦେବଜୀଉ ମନ୍ଦିରରେ ଏମ୍ପି ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଏବଂ ଅନ୍ୟମାନେ।

କେନ୍ଦ୍ରାପଡ଼ା,୧।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଅର୍ଥନୈତିକ କ୍ଷେତ୍ରରେ ଦୁର୍ବଳ । ଏହି ଜିଲାର ଅଧିବାସୀଙ୍କୁ କର୍ମ ନିଯୁକ୍ତି ବଦଳରେ କେବଳ ପ୍ରତିଶ୍ରୁତି ମିଳୁଛି । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି ପରି ମୌଳିକ ସୁବିଧା ଜିଲାବାସୀ ପାଉନାହାନ୍ତି । ଶିଳ୍ପ ପ୍ରତିଷ୍ଠା ସ୍ୱପ୍ନ ଦେଖାଇ ଯୁବବର୍ଗଙ୍କୁ ଶାସକ ଦଳ ସର୍ବଦା ଠକି ଆସିଛନ୍ତି । ଏହାର ଜବାବ ମାଗିବା ସମୟ ଆସିଛି ବୋଲି କଂଗ୍ରେସର କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଇଂ. ସିଦ୍ଧାର୍ଥ ସ୍ୱରୂପ ଦାସ ଶ୍ରୀବଳଦେବଜୀଉଙ୍କ ଦର୍ଶନ ସରିବା ପରେ ମତ ରଖିଛନ୍ତି । ସୋମବାରଠାରୁ ପ୍ରାର୍ଥୀ ଇଂ.ଦାସ କଂଗ୍ରେସର ଦଳୀୟ ପ୍ରଚାର ଆରମ୍ଭ କରିଛନ୍ତି । ଏଥିପାଇଁ ସଂସଦୀୟ ନିର୍ବାଚନ କ୍ଷେତ୍ର ସାଲେପୁରଠାରୁ ବାହାରି ସନ୍ଧ୍ୟାରେ ବଳଦେବଜୀଉଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେନ୍ଦ୍ରାପଡ଼ା ପ୍ରତି ଅବହେଳାକୁ ତୀବ୍ର ସମାଲୋଚନା କରିଥିଲେ । ସେ କହିଥିଲେ, କେନ୍ଦ୍ରରେ ଗତ ୧୦ ବର୍ଷ ଶାସନ କରୁଥିବା ଶାସକ ଭାଜପା ସରକାର ଓ ରାଜ୍ୟରେ ଗତ ୨୪ ବର୍ଷ ଧରି ଶାସନ କରୁଥିବା ବିଜେଡି ସରକାର କେନ୍ଦ୍ରାପଡ଼ା ବିକାଶ ପ୍ରତି ଆଦୌ ଧ୍ୟାନ ଦେଇନାହାନ୍ତି । ଏହି ଜିଲାରେ ଜାତୀୟ ଉଦ୍ୟାନ ଭିତରକନିକା ଥିଲେ ମଧ୍ୟ ଏହାକୁ ଶ୍ରୀହୀନ ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି । ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଜିଲାର ୧୬ ପଞ୍ଚାୟତକୁ ସିଧାସଳଖ ରାସ୍ତା ନାହିଁ । ଦମକଳ, ଆମ୍ବୁଲାନ୍ସ ପରି ଅତ୍ୟାବଶ୍ୟକ ଯାନ ସେହି ଅଞ୍ଚଳ ପାଇଁ ଅପହଞ୍ଚ ହୋଇଛି । କୃଷିଭିତ୍ତିକ ଏହି ଜିଲାରେ ଜଳ ପରିଚାଳନା ଏକ ବଡ଼ ସମସ୍ୟା ହୋଇଛି । କଂଗ୍ରେସ ସରକାର ରାଜ୍ୟ ଓ ଦେଶରେ ଥିବା ବେଳେ ଯେଉଁ ଉନ୍ନୟନ ଯୋଜନା ହୋଇଥିଲା, ଦୀର୍ଘ ବର୍ଷ ପରେ ମଧ୍ୟ କେନ୍ଦ୍ରାପଡ଼ା ଅବହେଳିତ ଅଛି । ଏହାକୁ ନେଇ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି । ଚଳିତ ନିର୍ବାଚନରେ ଶାସକ ଦଳ ପାଇଁ କଂଗ୍ରେସ ଭାରି ପଡିବ ବୋଲି ସେ ଏହି ଅବସରରେ କହିଛନ୍ତି । କଂଗ୍ରେସର ଏହି କ୍ରାନ୍ତି ଯାତ୍ରା ଅବସରରେ ବିଭିନ୍ନ ସ୍ଥାନରେ ଉତ୍ସାହିତ ସମ୍ବର୍ଦ୍ଧନା ମିଳିଥିଲା । କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥୀ ଡ. ସିପ୍ରା ମଲିକ, ପାଟକୁରା ପ୍ରାର୍ଥୀ ରତିକାନ୍ତ କାନୁନଗୋ, ମହାକାଳପଡ଼ା ପ୍ରାର୍ଥୀ ଲୋକନାଥ ମହାରଥୀ, ମାହାଙ୍ଗା ପ୍ରାର୍ଥୀ ଦେବେନ୍ଦ୍ର ସାହୁ, ଆଳି ପ୍ରାର୍ଥୀ ଡ. ଦେବସ୍ମିତା ଶର୍ମା, ରାଜନଗରର ଅଶୋକ ପ୍ରତିହାରୀ ପ୍ରମୁଖ ଏହି ରାଲିରେ ଭାଗ ନେଇଥିଲେ । ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ଏହି ରାଲିରେ ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ବରିଷ୍ଠ ନେତା ହଳଧର ସେଠୀ, ଫକୀର ଚରଣ ଖଟୁଆ, ରଶ୍ମିରଞ୍ଜନ ଚୌଧୁରୀ, ସଞ୍ଜୟ ରାଉତ, ବିଧୁଭୂଷଣ ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବିଜେଡିରେ ମିଶିଲେ ବିଜୟ କେତନ ସ୍ୱାଇଁ



ନୀବନଙ୍କ ଆଶୀର୍ବାଦ ନେବା ପାଇଁ ଆସିଥିବା ବିଜୟ କେତନ ସ୍ୱାଇଁ ଓ ତାଙ୍କ ସମର୍ଥକ।

## ନବୀନଙ୍କୁ ଭେଟି ଆଶୀର୍ବାଦ ନେଲେ

ପଟ୍ଟାମୁଣ୍ଡାଇ,୨୦।୪(କଳ୍ପତରୁ ନାୟକ)

ରାଜନଗର ଆସନର ପୂର୍ବତନ ଭାଜପା ପ୍ରାର୍ଥୀ, ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବାର୍ଷିଆନ ନେତା ବିଜୟକେତନ ସ୍ୱାଇଁ ଶୁକ୍ରବାର ଭାଜପା ଛାଡି ଭୁବନେଶ୍ୱର ଶଙ୍ଖ ଭବନରେ ବିଜେଡିରେ ସାମିଲ ହୋଇଥିଲେ । ଶଙ୍ଖ ଭବନରେ ଆୟୋଜିତ ସ୍ୱତନ୍ତ୍ର ମିଶ୍ରଣ ପର୍ବରେ ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ର, ଜିଲା ବିଜେଡି ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରାଜନଗର ବିଧାୟକ ଧ୍ରୁବ ସାହୁ ଓ ରାଜ୍ୟ ବିଜେଡି ପର୍ଯ୍ୟବେକ୍ଷକ ଡ଼ ପ୍ରିୟବ୍ରତ ମାଝୀ ବିଜୟଙ୍କୁ ଶଙ୍ଖ ଉତ୍ତରୀୟ ପ୍ରଦାନ କରି ଦଳରେ ସାମିଲ କରିଥିଲେ । ବିଜୟଙ୍କ ସହିତ ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଜୟନ୍ତ ମଲିକ, ଅଣ୍ଡରା ନାଏବ ସରପଞ୍ଚ ବାବାଜୀ ମଲିକ, ପୂର୍ବତନ ନାଏବ ସରପଞ୍ଚ ପ୍ରଶାନ୍ତ ଜେନା,ଗଗନ ମହାଳିକ,ଜ୍ୟୋତିର୍ମୟୀ ବିଶ୍ୱାଳ, ଦଳିତ ସଂଘ ଜିଲା ସମ୍ପାଦକ ଶାନ୍ତନୁ ଦାସ, ଗାଙ୍ଗପଡା ସରପଞ୍ଚ ଅଶ୍ୱିନୀ ପାତ୍ର, ସମିତି ସଭ୍ୟା ସନ୍ଧ୍ୟାରାଣୀ ସେଠୀ, ନାଏବ ସରପଞ୍ଚ ମୌସୁମୀ ପରିଡା, ବାରୋ ସରପଞ୍ଚ ଗୋପୀନାଥ ମଲିକ, ସାନମାଣତିଆ ପୂର୍ବତନ ସରପଞ୍ଚ ଜୟପ୍ରକାଶ ଗିରି, ପଳସିଂହା ପୂର୍ବତନ ସମିତି ସଭ୍ୟ ଏମ୍.ଡି.ନିଆତ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଆବାହକ ପ୍ରଫେସର ଉମେଶ ପରିଡ଼ା ଓ ନଗର ଭାଜପା ଉପସଭାପତି ଦିବ୍ୟକାନ୍ତ ବିଶ୍ୱାଳ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ । ଶଙ୍ଖ ଭବନରେ ମିଶ୍ରଣ ପର୍ବ ପରେ ସନ୍ଧ୍ୟାରେ ବିଜୟ କେତନ ରାଜନଗର ବିଧାୟକ ଧ୍ରୁବ ସାହୁ ଓ ରାଜ୍ୟ ବିଜେଡି ମୁଖପାତ୍ର ଡ଼ ପ୍ରିୟବ୍ରତ ମାଝିଙ୍କ ସହିତ ନବୀନ ନିବାସ ଯାଇ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନବୀନ ଓଡ଼ିଆ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଆଶୀର୍ବାଦ ଭିକ୍ଷା କରିଥିଲେ ।

# ଅଟକି ରହିଛି ଲୁଣାନଦୀ ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ

## ଜବରଦଖଲ ଉଚ୍ଛେଦ ପରେ କାର୍ଯ୍ୟାନୁଷ୍ଠାନ ଶୂନ୍

ଡେରାବିଶ,୨୦।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଲୁଣାନଦୀର ଦାନପୁର ସେତୁକୁ ସଂଯୋଗ କରୁଛି କେନ୍ଦ୍ରାପଡ଼ା ମୁଖ୍ୟ କେନାଲ୍ ଉପରେ ନିର୍ମିତ ହୋଇଥିବା ସେତୁ । ସେତୁ ନିର୍ମାଣର ଇତିମଧ୍ୟରେ ୭ ବର୍ଷ ବିତିଲାଣି । ୨୦୧୬ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ଏହି ସେତୁକୁ ସଂଯୋଗୀକରଣ ରାସ୍ତା ନ ଥିବାରୁ ଅସ୍ଥାୟୀ ଭାବେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀନରେ ଥିବା ବ୍ରିଟିଶ ସରକାରଙ୍କ ଅମଳର ଅଣଓସାରିଆ ଲକ୍ ପୋଲ ଦେଇ ଯାଇଥିବା ରାସ୍ତାକୁ ବ୍ୟବହାର କରାଯାଉଛି । କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ହୋଇଥିବା ଏହି ସେତୁର ସଂଯୋଗୀକରଣ ରାସ୍ତାକୁ କେତେଜଣ ଲୋକ ଜବରଦଖଲ କରିଥିଲେ । ଏ ସଂକ୍ରାନ୍ତରେ ବାରମ୍ବାର ଦାବି ହେବା ପରେ ଗତ ଜାନୁଆରୀରେ ଜିଲା ପ୍ରଶାସନ ପକ୍ଷରୁ ସଂଯୋଗୀକରଣ ରାସ୍ତାରୁ ଅବରୋଧ ଉଚ୍ଛେଦ କରାଯାଇଥିଲା । ପୂର୍ତ୍ତ ବିଭାଗ ପକ୍ଷରୁ ୨କୋଟି ୬୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଉକ୍ତ ରାସ୍ତା ପାଇଁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି । ମାତ୍ର ରାସ୍ତାର ପାର୍ଶ୍ୱରେ ନିର୍ମିତ ହେବାକୁ ଥିବା ଗାର୍ଡ଼ ୱାଲ୍ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ଅନୁମୋଦନ ହୋଇ ନ ଥିବାରୁ ଏହି କାର୍ଯ୍ୟ ମାସାଧିକ କାଳ ହେବ ଅଟକି ରହିଛି । ଅନ୍ୟପକ୍ଷେ ବିପଦସଙ୍କୁଳ ଅବସ୍ଥାରେ ଥିବା ବ୍ରିଟିଶ ଅମଳର ଲକ୍ ପୋଲ ଦେଇ ଦୈନିକ ଶତାଧିକ ବାଲି ବୋଝେଇ ହାଇୱା ସହ ଯାତ୍ରୀବାହୀ ବସ୍ ଓ ଅନ୍ୟ ଯାନବାହାନ ଯିବା ଆସିବା କରୁଥିବାରୁ କୌଣସି ସମୟରେ ଅଘଟଣକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଭବାନୀଶଙ୍କର ପଣ୍ଡା କହିଛନ୍ତି । ତୁରନ୍ତ ଏହି ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ପଣ୍ଡା ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି ।

ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରେ ସେ କହିଛନ୍ତି, କେନ୍ଦ୍ରାପଡ଼ା ମୁଖ୍ୟ କେନାଲ୍‌ରେ ନିର୍ମିତ ହୋଇଥିବା ସେତୁଟି ବହୁ ଉଚ୍ଚ ହୋଇଛି । ସଂଯୋଗୀକରଣ ରାସ୍ତା ପାର୍ଶ୍ୱରେ ଏକ ପୋଖରୀ ଥିବାରୁ ରାସ୍ତା ପାର୍ଶ୍ୱରେ ଏକ ଗାର୍ଡ଼ ୱାଲ ନିର୍ମାଣର ଆବଶ୍ୟକତା ରହିଛି । ଏଥିପାଇଁ ଏହାର ଏକ ଡିଜାଇନ୍ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଯାଇଛି । ଏହି ଡିଜାଇନ୍ ଯୋଜନା ଓ ସମନ୍ୱୟ ବିଭାଗର ଅନୁମୋଦନ ମିଳିବା ପରେ ତୁରନ୍ତ ଏହି କାର୍ଯ୍ୟ କରାଯିବ ।



ଦାନପୁର ସେତୁ ସଂଯୋଗୀକରଣ ରାସ୍ତା।

# ପୂର୍ବତନ ଏମ୍ପି ଗୟାଚାନ୍ଦ ଭୂୟାଁଙ୍କ ସ୍ମୃତିସଭା




ପୂର୍ବତନ ଏମ୍ପି ଗୟାଚାନ୍ଦ ଭୂୟାଁଙ୍କ ସ୍ମୃତିସଭାରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

କେନ୍ଦ୍ରାପଡ଼ା,୨୦।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ପୂର୍ବତନ ଏମ୍ପି ଗୟାଚାନ୍ଦ ଭୂୟାଁଙ୍କ ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ମାଧପୁରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ଜଜ୍ କୁଞ୍ଜବିହାରୀ ସ୍ୱାଇଁ, ସ୍ତମ୍ଭକାର ଦିଲୀପ କୁମାର ବିଶୋଇ, କବି ନିରାକାର ଦାସ, ଡ. ବାସନ୍ତୀ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ସ୍ୱର୍ଗତ ଭୂୟାଁଙ୍କ କେନ୍ଦ୍ରାପଡ଼ା ଜିଲା ପ୍ରତି ଅବଦାନକୁ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଖବରଦାତା ଚିତ୍ତରଞ୍ଜନ ଦାସ, ସାମାଜିକ କର୍ମୀ ମିନତୀ ମହାରଣା, ଶ୍ରୀନିବାସ ପ୍ରଧାନ, ଶିବାନୀ ଦାସ ଓ ମଞ୍ଜୁଳା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାକୁ ପୂଜ୍ୟପୂଜା ସଂସଦର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ ।

# ନଳିନୀବାବୁ ଥିଲେ ଅନନ୍ୟ ଜନନାୟକ

## ନଳିନୀକାନ୍ତଙ୍କୁ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ରାଜନଗର,୨୦।୪(ଭାସ୍କର ରାଉତରାୟ)



ରାଜନଗରରେ ନଳିନୀ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

ଉପକୂଳ ଓଡ଼ିଶା କାହିଁକି ସମଗ୍ର ରାଜ୍ୟର ଯୁବବର୍ଗଙ୍କ ଜନପ୍ରିୟ ନେତା ଥିଲେ ନଳିନୀକାନ୍ତ ମହାନ୍ତି। ଓଡ଼ିଶା ଜନମାନସରେ ସେ ଥିଲେ ଅନନ୍ୟ ଜନନାୟକ। ନଦୀ, ନାଳ ଘେରା ସବୁଠୁ ଉପାନ୍ତ ଅଞ୍ଚଳ ଭାବେ ରାଜ୍ୟରେ ପରିଚିତ ଥିବା ରାଜନଗର ଓ ମହାକାଳପଡ଼ାରେ ନଳିନୀବାବୁଙ୍କ ବିକାଶର ସ୍ୱର୍ଣ୍ଣିମ ସ୍ୱାକ୍ଷର ଆଜି ଯୁବପିଢୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି । ଦିବଂଗତ ନଳିନୀବାବୁ ପରକୁ ଆପଣାର କରିବାର ସ୍ୱତନ୍ତ୍ର ପରିଚୟ, ଦୁଃଖିରଙ୍କଙ୍କ ପାଇଁ ସଦା ଜାଗ୍ରତ ପ୍ରହରୀ ଭାବେ ଜୀବନ ତମାମ ସଂଗ୍ରାମ ଜାରି ରଖିଥିଲେ ବୋଲି ତାଙ୍କ ୧୨ତମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଶନିବାର ରାଜନଗରର ତ୍ରିନାଥ ବଜାରସ୍ଥିତ ବିଜେଡି ସାଂସଦ ପ୍ରାର୍ଥୀଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ମହିମା ଧର୍ମର ସାଧୁ ବ୍ରହ୍ମାବଧୂତ ନିତ୍ୟାନନ୍ଦ ବାବା, ନଟବର ବାବା, ଶଙ୍କର ବାବା, ସୁଜନ ବାବା, ଦୁଃଖବନ୍ଧୁ ବାବା, ଦୁଷ୍ମନ୍ତ ବାବା ଓ ସାଧୁ ଅନ୍ତର୍ଯ୍ୟାମୀ ଦାସ, ମାନସ ଦାସ, ଗୋବିନ୍ଦ ଦାସ, ପରୀକ୍ଷିତ ଦାସ, ହନୁମାନ ଦାସ ପ୍ରମୁଖ ଅଖଣ୍ଡ ନାମଧୂନୀ ସ୍ଥାପନ କରିଥିଲେ। ଶନିବାର ସକାଳେ ପୂର୍ଣ୍ଣାହୂତି ପରେ ତ୍ରିନାଥବଜାର ନିକଟରେ ଥିବା ନଳିନୀ ବାବୁଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ବିଧାୟକ, ବିଜୁ ଜନତା ଦଳର କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ତଥା ତାଙ୍କ ପୁଅ ଅଂଶୁମାନ ମହାନ୍ତିଙ୍କ ସହିତ ରାଜନଗର ବିଧାୟକ ଧ୍ରୁବ ସାହୁ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲଟି ଅଧ୍ୟକ୍ଷ ହେମନ୍ତ ସାହୁ, ରାଜନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଶ୍ରମିକ ନେତା ନୃସିଂହ ଚରଣ ଆଚାର୍ଯ୍ୟ, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କୁମାର ଜେନା, ସନ୍ତୋଷ କୁମାର ମହାନ୍ତି, ଗୋବର୍ଦ୍ଧନ ପ୍ରଧାନ, ବିଜୟ ନାୟକ, ଅରୁଣ ସାହୁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭୂଇଁରୁ ଉଠିପାରୁନି ସାନମଙ୍ଗ କଲ୍ୟାଣ ମଣ୍ଡପ

ଆଳି,୨୦।୪(ବନମାଳୀ ସେନାପତି)



କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ତିଆରି ହୋଇଥିବା ପିଲର।

ରାଜ୍ୟ ସରକାର ଗ୍ରାମାଞ୍ଚଳର ଲୋକମାନଙ୍କୁ ସହରାଞ୍ଚଳ ଭଳି ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା ନିମନ୍ତେ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ବାସ୍ତବରେ ଏକାଧିକ ଯୋଜନା ଗ୍ରାମାଞ୍ଚଳର ଲୋକମାନଙ୍କ ନିକଟରେ ପହଞ୍ଚି ପାରୁନି । ପ୍ରତି ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ସରକାର ପଦକ୍ଷେପ ନେଇ ଆବଶ୍ୟକ ଅର୍ଥ ଯୋଗାଇ ଦେଇଥିଲେ । ହେଲେ କେଉଁଠି କଲ୍ୟାଣ ମଣ୍ଡପ ଶିଳାନ୍ୟାସରେ ଅଟକିଛି ତ ଆଉ କେଉଁଠି ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ସାରି କେବଳ ପିଲର ନିର୍ମାଣ ପରେ କାମ ବନ୍ଦ ହୋଇ ପଡିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କଲ୍ୟାଣ ମଣ୍ଡପ କାର୍ଯ୍ୟକ୍ଷମ ହେଲେ ଗ୍ରାମାଞ୍ଚଳର ଲୋକମାନେ ସେଠାରେ ବିବାହ, ବ୍ରତ ଭଳି କାର୍ଯ୍ୟକ୍ରମ କରି ପାରିବେ । ଗ୍ରାମବାସୀଙ୍କୁ ଏହି ସୁବିଧା ଯୋଗାଇ ଦେବା ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର ହୋଇଛି । ହେଲେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କ ମନମୁଖି ନୀତି ଯୋଗୁ ତାହା ବାଟବଣା ଅବସ୍ଥାରେ ପଡି ରହିଛି ବୋଲି ଅଭିଯୋଗ ହୋଇଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସାନମଙ୍ଗ ପଞ୍ଚାୟତରେ । ଉକ୍ତ ପଞ୍ଚାୟତରେ ୨୦୧୮ରୁ ଆରମ୍ଭ ହୋଇଥିବା କଲ୍ୟାଣ ମଣ୍ଡପ କାର୍ଯ୍ୟ କେବଳ ପିଲରରେ ଅଟକି ରହିଛି । ଏହି କଲ୍ୟାଣ ମଣ୍ଡପ ବାବଦରେ ୨୦୧୮-୧୯ ଆର୍ଥୀକ ବର୍ଷରେ ଚର୍ତୁଦଶ ଅର୍ଥ ପାଣ୍ଠିରୁ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ସାରିଛି । ପିଲାର ନିର୍ମାଣ ପରଠାରୁ କଲ୍ୟାଣ ମଣ୍ଡପ କାର୍ଯ୍ୟ କିନ୍ତୁ ଆଗୋଇ ପାରିନାହିଁ । ଉକ୍ତ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ ଦାୟିତ୍ୱ କନିଷ୍ଠଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଉପରେ ନ୍ୟସ୍ତ ହୋଇଛି । ହେଲେ ପଞ୍ଚାୟତରେ ଅଧପନ୍ତରିଆ ହୋଇ ପଡ଼ିଥିବା ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ବଦଳରେ ଦାୟିତ୍ୱରେ ଥିବା ଯନ୍ତ୍ରୀମାନେ ଆଡ଼ ଆଖିରେ ଚାହୁଁ ନାହାନ୍ତି । କେବଳ ଏହି କଲ୍ୟାଣ ମଣ୍ଡପ ନୁହେଁ, ପଞ୍ଚାୟତ ଖେଳପଡିଆ, ଗ୍ରାମୀଣ ପାର୍କ ଭଳି ଅନେକ ପ୍ରକଳ୍ପ ଯନ୍ତ୍ରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ନିର୍ମାଣ ହୋଇପାରି ନାହିଁ ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ଆଳି ବିଡ଼ିଓ ମିନତୀ ଜଗଦେବଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲା । ହେଲେ ତାହା ସମ୍ଭବ ହୋଇ ପାରିନାହିଁ।

## ସଂକ୍ଷେପରେ

### ନାବାଳିକା କଲେଜ ଛାତ୍ରୀ ଅପହୃତ ଅଭିଯୋଗ

ଦିଗପହଣ୍ଡି,୨୦।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ଅଧୀନ ଏକ ଗ୍ରାମର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ଦିଗପହଣ୍ଡି ନିକଟ ଏକ ଗାଁରେ ଥିବା କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷ କଳା ଶ୍ରେଣୀରେ ପଢୁଥିଲେ। ଗତ ୭ ତାରିଖ ପୂର୍ବାହ୍ନରେ ଛାତ୍ରୀ ଜଣକ କଲେଜ ଯାଉଛନ୍ତି କହି ଘରୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ କଲେଜରୁ ନ ଫେରିବା ପରେ ପରିବାର ଲୋକେ ସମ୍ପର୍କୀୟଙ୍କ ସହାୟତାରେ ବିଭିନ୍ନ ଗ୍ରାମକୁ ଯାଇ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ଏ ନେଇ ନାବାଳିକାଙ୍କ ମା' ଥାନାରେ ଏତଲା ଦେଇଥିଲେ। ମା'ଙ୍କ ଏତଲା ଭିତ୍ତିରେ ଦିଗପହଣ୍ଡି ଆଇଆଇସି ବାବା ଶଙ୍କର ସରାଫ୍ ଥାନା ମାମଲା ନଂ.(୧୮୭/୨୪) ଅନୁଯାୟୀ ମକଦ୍ଦମା ରୁଜୁ କରିଛନ୍ତି। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ସଦଳବଳ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ାଉ କରିଥିଲେ ମଧ୍ୟ ଅପହୃତା ଛାତ୍ରୀ କିମ୍ବା ଅପହର୍ତ୍ତାଙ୍କ ସନ୍ଧାନ ମିଳିପାରିନାହିଁ।

### ବ୍ଲକ ବିଜେଡିର ନିର୍ବାଚନୀ ପ୍ରସ୍ତୁତି ବୈଠକ

ଜି.ଉଦୟଗିରି,୨୦।୪(ଶିଶିର ପଟ୍ଟନାୟକ)

ଜି. ଉଦୟଗିରି ବ୍ଲକ ବିଜେଡି ତରଫରୁ ଶୁକ୍ରବାର ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟକାରୀ ସଭାପତି ଉଦୟନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ସାଧାରଣ ନିର୍ବାଚନରେ କିପରି ଦଳ ଭଲ ବ୍ୟବଧାନରେ ବିଜୟଲାଭ କରିବ ସେଥିପାଇଁ ରଣନୀତି ପ୍ରସ୍ତୁତ ହୋଇଥିଲା। ଦଳୀୟ କର୍ମୀମାନେ ନିଜକୁ କିଭଳି ପ୍ରସ୍ତୁତ କରିବେ ତାହା ଉପରେ ଉପସ୍ଥିତ ସମସ୍ତ କର୍ମୀଙ୍କୁ ଗୁରୁମନ୍ତ୍ର ଦିଆଯାଇଛି। ତୃଣମୂଳସ୍ତରରୁ କିଭଳି କର୍ମୀମାନେ ସଙ୍ଗଠିତ ହୋଇ କାମ କରିବେ ସେଥିପାଇଁ ଶପଥ ନେଇଛନ୍ତି। ଏହି ବୈଠକରେ ଜି. ଉଦୟଗିରି ବ୍ଲକ ଅନ୍ତର୍ଗତ ୮ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସଭାପତି, ସଭାନେତ୍ରୀ, କାର୍ଯ୍ୟକାରୀ ସଭାପତି ଏବଂ ବହୁ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ। ସଭା ଶେଷରେ ଏମ୍‌ପି ପ୍ରତିନିଧି ସାମନ୍ତ କୁମାର ଦିଗାଲ ଧନ୍ୟବାଦ ଦେଇଥିଲେ।

### 'ଅସତୀ ତୁଳସୀ ସତୀ ଚଉରା' ନାଟକ ମଞ୍ଚସ୍ଥ

ଶେରଗଡ, ୨୦।୪: (ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ଼ ବ୍ଲକ ଅନ୍ତର୍ଗତ ଅଲାରିଗଡ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ସାମାଜିକ ନାଟକ 'ଅସତୀ ତୁଳସୀ ସତୀ ଚଉରା' ମଞ୍ଚସ୍ଥ ହୋଇଯାଇଛି। ଶ୍ରୀ ସ୍ୱପ୍ନେଶ୍ୱର ଯୁବ ନାଟ୍ୟସଂସଦ ପକ୍ଷରୁ ଗ୍ରାମର ତରୁଣ କଳାକାରମାନେ ନିଖୁଣ ଅଭିନୟ କରିଥିଲେ। ସତୀତ୍ୱର ପରାକାଷ୍ଠା ସହ ସମାଜରେ କିପରି ନିଜ ଦୈନନ୍ଦିନ ଜୀବନରେ ସାମାଜିକ ଚଳନିରେ ବଞ୍ଚି ସମାଜକୁ ଏକ ଶିକ୍ଷା ଦେଇଛନ୍ତି ତାହା ଥିଲା ନାଟକର ଅସଲ ବିଷୟ ବସ୍ତୁ। ନାଟକ ଆରମ୍ଭ ହେବା ପୂର୍ବରୁ ଆୟୋଜିତ ସଭାରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଉପାଧ୍ୟକ୍ଷ ସୁଧାସ୍ମିତା ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବିଜେଡି ସାଧାରଣ ସମ୍ପାଦକ ଦେବାନନ୍ତ ମହାପାତ୍ର, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅଲାରିଗଡ ସରପଞ୍ଚ ସାରସ ସ୍ୱାଇଁ, ବରିଷ୍ଠ ନେତା ହୀନ ବେହେରା, ସମିତିସଭ୍ୟା ଜୟନ୍ତୀ ମାଳା ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ।

# ନିର୍ଭୀକ ହୋଇ କାର୍ଯ୍ୟ ସମ୍ପାଦନ କର

## ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ



ବୈଠକରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ଅନ୍ୟ ଅଧିକାରୀମାନେ।

ଛତ୍ରପୁର,୨୦।୪(ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲାରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀମାନଙ୍କ ଖର୍ଚ୍ଚ କିଭଳି ତଦାରଖ କରିବେ ସେ ସମ୍ପର୍କିତ ଏକ ପ୍ରଶିକ୍ଷଣ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ନିଯୁକ୍ତ ଥିବା ସହକାରୀ ଖର୍ଚ୍ଚ ନିରୀକ୍ଷଣ ଅଧିକାରୀ ବିଭିନ୍ନ ସ୍କ୍ୱାର୍ଡ ଟିମମାନଙ୍କୁ କିଭଳି ପ୍ରାର୍ଥୀମାନଙ୍କ ଖର୍ଚ୍ଚ ବିବରଣୀ ତଦାରଖ କରିବେ ସେ ସମ୍ପର୍କରେ ଜିଲା ଗସ୍ତରେ ଥିବା ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୌରଭ ଦୁବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବ୍ରହ୍ମପୁର ଲୋକସଭା ନିମନ୍ତେ ନିଯୁକ୍ତ ଥିବା ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୌରଭ ଦୁବେ ଏବଂ ଚିକିଟି ବିଧାନସଭା, ବ୍ରହ୍ମପୁର ବିଧାନସଭା, ଗୋପାଳପୁର ବିଧାନସଭା ଏବଂ ଛତ୍ରପୁର ବିଧାନସଭା ନିମନ୍ତେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଶ୍ରୀ କାଞ୍ଚି ଗୁପ୍ତା, ଗଞ୍ଜାମ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଲୋକସଭା ରିଟର୍ଣ୍ଣିଂ ଅଧିକାରୀ ତଥା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ବିଭିନ୍ନ ଖର୍ଚ୍ଚ ସମ୍ପର୍କିତ ତଥ୍ୟ ପ୍ରଦାନ କରି କିଭଳି ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ଅବାଧ, ମୁକ୍ତ ନିର୍ବାଚନ ହେବ ସେ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜନସାଧାରଣ ନିର୍ବାଚନ ଖର୍ଚ୍ଚ ସମ୍ପର୍କିତ କୌଣସି ତଥ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କ ଦୃଷ୍ଟିକୁ ନେବାକୁ ଚାହିଁଲେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୌରଭ ଦୁବେଙ୍କ ଯୋଗାଯୋଗ ନମ୍ବର ୯୬୯୨୨୦୧୫୩୦ ଏବଂ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଶ୍ରୀ କାଞ୍ଚି ଗୁପ୍ତାଙ୍କ ଯୋଗାଯୋଗ ନମ୍ବର ୯୬୯୨୧୯୪୧୫୭କୁ ଫୋନ ନମ୍ବରରେ ଜଣାଇପାରିବେ। ଗଞ୍ଜାମ ଜିଲାପାଳ ଶ୍ରୀ ପରିଡା ନିର୍ବାଚନ କାର୍ଯ୍ୟ ଯେପରି ସଠିକ ଭାବେ ହୋଇପାରିବ ସେଥି ସକାଶେ ସମସ୍ତେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

# କଂଗ୍ରେସର ଖଣ୍ଡପଡ଼ା, ଦଶପଲ୍ଲା ପାଇଁ ପ୍ରାର୍ଥୀ ଘୋଷଣା

ନୟାଗଡ଼,୨୦।୪ (ଲୋକନାଥ ମିଶ୍ର)


ମନୋଜ କୁମାର ପ୍ରଧାନ


ନକୁଳ ନାୟକ।

ନୟାଗଡ଼ ଜିଲାର ଖଣ୍ଡପଡ଼ା ଓ ଦଶପଲ୍ଲା ପାଇଁ କଂଗ୍ରେସର ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। କଂଗ୍ରେସ ପକ୍ଷରୁ ପ୍ରକାଶ ପାଇଥିବା ୧୬ ବିଧାନସଭା ଓ ୩ ଲୋକସଭା ଆସନ ପାଇଁ ପ୍ରାର୍ଥୀ ତାଲିକାରେ ନୟାଗଡ଼ ଜିଲାର ଦୁଇ ନିର୍ବାଚନମଣ୍ଡଳୀର ନାଁ ରହିଛି। ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ଓ ଦଶପଲ୍ଲା ପାଇଁ ନକୁଳ ନାୟକଙ୍କ ନାମ ରହିଛି।

# ବିଜେଡିରେ ଯୋଗ ଦେଲେ ସନ୍ନ୍ୟାସୀ ପ୍ରଧାନ

ନୟାଗଡ଼,୨୦।୪(ଲୋକନାଥ ମିଶ୍ର)

- ଭାଇରାଲ ଅଡିଓରେ କଥା ଦେଇ କଥା ରଖିଲେ ଭାଜପା ନେତା
- ସହଯୋଗ ପାଇଁ ନିବେଦନ କରିଥିଲେ ରଣପୁର ବିଧାୟକ

ଶନିବାର ଭୁବନେଶ୍ୱରର ଶଙ୍ଖ ଭବନରେ ବିଜେଡିର ମିଶ୍ରଣ ପର୍ବରେ ଭାଜପା ନେତା ତଥା ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସନ୍ନ୍ୟାସୀ ପ୍ରଧାନ ବିଜେଡିରେ ମିଶିଛନ୍ତି । ସନ୍ନ୍ୟାସୀଙ୍କ ସହଯୋଗୀ ପୂର୍ବତନ ଜିଲା ପରିଷଦ ସଭ୍ୟ ଭାଗବତ ସେଠୀ ମଧ୍ୟ ଅନୁରୂପ ଭାବେ ବିଜେଡିରେ ଯୋଗଦେଇଛନ୍ତି । ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ର, ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ସନ୍ନ୍ୟାସୀଙ୍କ ମିଶ୍ରଣ ପର୍ବକୁ ଅନୁଧ୍ୟାନ କଲେ ଜଣାପଡେ ଭାଇରାଲ ଅଡିଓରେ ରଣପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନ (ବାଦଲ )ଙ୍କୁ କଥା ଦେଇ କଥା ରଖିଛନ୍ତି ଭାଜପା ନେତା ସନ୍ନ୍ୟାସୀ । ସହଯୋଗ ପାଇଁ ନିବେଦନ କରିଥିଲେ ବାଦଲ । ବାଦଲ ଓ ସନ୍ନ୍ୟାସୀଙ୍କ ଅଡିଓର ବାର୍ତ୍ତାଳପରେ ବୁଝାମଣା ଭିତରେ ସନ୍ନ୍ୟାସୀ ବିଜେଡି ଛାଡି ଭାଜପାକୁ ଯାଇଥିଲେ । ସନ୍ନ୍ୟାସୀଙ୍କ କଥାକୁ ବାଦଲ ସ୍ୱୀକାର କରିଥିଲେ । ଉଭୟଙ୍କ ବାର୍ତ୍ତାଳପର ଅଡିଓ ସମ୍ପର୍କିତ ଖବର ଧରିତ୍ରୀରେ ଗତ ୧୬ ତାରିଖରେ ପ୍ରକାଶ ପାଇଥିଲା।

# ଖଣ୍ଡପଡ଼ା ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ହେଲାନି

## ବିଜେଡିର ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

ନୟାଗଡ଼,୨୦।୪(ଲୋକନାଥ ମିଶ୍ର)

୨୦୦୨୪ ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ଶନିବାର ୯ ବିଧାନସଭା ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ତେବେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ସମେତ ୧୩ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା କରିନି । ପ୍ରତିଥର ପ୍ରାର୍ଥୀ ତାଲିକା ପ୍ରକାଶନ ବେଳେ ସାଧରଣରେ ଉତ୍କଣ୍ଠା ପ୍ରକାଶ ପାଇଥାଏ ଖଣ୍ଡପଡାରୁ କିଏ ପ୍ରାର୍ଥି ହେଲା । ସବୁ ଥର ପରି ଷଷ୍ଠ ଥର ମଧ୍ୟ ଆଶାୟୀ ପ୍ରାର୍ଥୀ ଓ ସାଧାରଣ ଲୋକଙ୍କୁ ନିରାଶ ହେବାକୁ ପଡିଛି। ମୁଖ୍ୟମନ୍ତ୍ରୀ ଖଣ୍ଡପଡ଼ାକୁ ବାଦ୍ ଦେଇ ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲେ। ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ସୌମ୍ୟ ରଞ୍ଜନ ପଟ୍ଟନାୟକ ୨୦୧୯ ନିର୍ବାଚନରେ ବିଜେଡି ଟିକେଟ୍‌ରେ ବିଜୟୀ ହୋଇଥିଲେ। ତେବେ ୨୦୨୪ ନିର୍ବାଚନ ପୂର୍ବରୁ ସୌମ୍ୟଙ୍କୁ ଦଳ ବହିଷ୍କାର କରିଥିଲା। ସୌମ୍ୟଙ୍କ ବହିଷ୍କାର ପରେ ଏଠାରେ ଆଶାୟୀଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଦଳ କାହାରିକୁ ଭରସା କରି ପାରୁନି ବୋଲି କୁହାଯାଉଛି । ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ଖଣ୍ଡପଡ଼ା ବ୍ଲକ ଭାଇସ ଚେୟାରମ୍ୟାନ ଶିଶିର ସାହୁ, ଅନଙ୍ଗ ପଟ୍ଟନାୟକ, ଗୟାଧର ପରିଡା ପ୍ରମୁଖ ଟିକେଟ୍ ଦୌଡରେ ଅଛନ୍ତି । ସେହିପରି ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ଭାଜପାର ନେତା ହୋଇଥିଲେ ହେଁ ତାଙ୍କ ନାଁ ଟିକେଟ ଲବିରେ ରହିଛି । ଭାଜପାରୁ ଇସ୍ତଫା ଦେଇ ସେ ବିଜେଡିରୁ ପ୍ରାର୍ଥୀ ହୋଇ ପାରନ୍ତି ବୋଲି କୁହାଯାଉଛି । ପୂର୍ବରୁ ସିଦ୍ଧାର୍ଥ ବିଜେଡିରୁ ହିଁ ବିଧାୟକ ହୋଇଥିଲେ । ଅନ୍ୟପକ୍ଷେ ଭାପୁର ବ୍ଲକ୍ ଚେୟାରମ୍ୟାନ ସାବିତ୍ରୀ ପ୍ରଧାନ ଓ ଖଣ୍ଡପଡ଼ା ବ୍ଲକ ବିଜେଡି ମହିଳା ସଭାନେତ୍ରୀ ମିନତୀ ସାହୁ ମଧ୍ୟ ଅନୁରୂପ ଟିକେଟ୍ ଲବିରେ ଅଛନ୍ତି । କିଛି ବ୍ୟକ୍ତି ଚର୍ଚ୍ଚାରେ ନ ଥିଲେ ମଧ୍ୟ ଟିକେଟ୍ ହାତେଇବାକୁ କସରତ ଜାରି ରଖିଛନ୍ତି । ଅପରପକ୍ଷେ ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ତାଙ୍କ ଝିଅ ତନୟା ପଟ୍ଟନାୟକଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଥିଲା।

### ନିଖିଳ ଉତ୍କଳ ଆଳିୟ ଖଣ୍ଡାୟତ ସମାଜର କର୍ମକର୍ତ୍ତା ଚୟନ

କବିସୂର୍ଯ୍ୟନଗର,୨୦।୪(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବନଦେବୀ ମନ୍ଦିରରେ ନିଖିଳ ଉତ୍କଳ ଆଳିୟ ସିଆଳିଆ ମଣ୍ଡଳ ଖଣ୍ଡାୟତ ସମାଜର କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳର ସମସ୍ତ ଜାତିଭାଇ ଏକତ୍ରିତ ହୋଇ ସମାଜରେ ସଂସ୍କାର ଆଣିବା ସହ ବିଭିନ୍ନ ଉନ୍ନତି ମୂଳକ ଯୋଜନା ପ୍ରସ୍ତୁତ କରିଥିଲେ। ସଭାପତି ଶିବରାମ ସ୍ୱାଇ, ଉପସଭାପତି ଶିଶିର ନାହାକ, ସଂଗଠନ ସମ୍ପାଦକ କେଳିକର ନାହାକ, ସମ୍ପାଦକ ଲଡୁ କିଶୋର ସ୍ୱାଇଁ, ସହସମ୍ପାଦକ ଗୌରହରୀ ସ୍ୱାଇଁ, କୋଷାଦକ୍ଷ ରାମଚନ୍ଦ୍ର ନାହାକ, ତିନି କେନ୍ଦ୍ରୀୟ ପ୍ରତିନିଧି ଯଥାକ୍ରମେ କଳିକେଶ୍ୱର ବିଶ୍ୱାଳ, ପ୍ରଭାକର ଜେନା ଓ ଚିତ୍ରସେନ ପରିଡ଼ା। ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଫୁଲମାଳ, ଉତ୍ତରୀୟ ଦେଇ ସ୍ୱାଗତ, ସମ୍ବର୍ଦ୍ଧନା ଦେବା ସହ ଶପଥ ପାଠ କରାଯାଇଥିଲା।

# ସକାଳୁଆ ଅଫିସ, ଚୌକି ଖାଲି



ନୟାଗଡ଼,୨୦।୪(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ କାର୍ଯ୍ୟାଳୟରେ ସକାଳୁଆ ଅଫିସରେ ଚୌକି ଖାଲିଥିବାର ଦେଖିବାକୁ ମିଳିଛି । ଶନିବାର ସକାଳ ପ୍ରାୟ ୮ଟାରେ ମୁଖ୍ୟ କିରାଣୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଟେବୁଲ ଖାଲି ପଡିଥିଲା। ଏପରି କି ଡିଏଫ୍‌ଓଙ୍କ ଚୌକି ମଧ୍ୟ ଖାଲିଥିଲା । ପଚାରିବାରୁ ଉତ୍ତର ମିଳିଥିଲା ଡିଏଫ୍‌ଓ କ୍ଷେତ୍ର ପରିଭ୍ରମଣରେ ଯାଇଛନ୍ତି। ଅନ୍ୟମାନେ ଆସିବେ । ଅପେକ୍ଷା କରନ୍ତୁ, କ'ଣ କାମ ଥିଲା କି ବୋଲି ପ୍ରଶ୍ନ ପଚାରି ଜଣେ କର୍ମଚାରୀ ଚାଲି ଯାଇଥିଲେ।

# ଆସିକା ବିଧାୟିକାଙ୍କ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



କବିସୂର୍ଯ୍ୟନଗର, ୨୦।୪:

କବିସୂର୍ଯ୍ୟନଗର ବ୍ଲକ ବାଲ୍ୟାସରା ପଞ୍ଚାୟତରେ ଆସିକା ବିଜେଡି ବିଧାୟିକା ପ୍ରାର୍ଥିନୀ ତଥା ବିଧାୟିକା ମଞ୍ଜୁଳା ସ୍ୱାଇଁ ଘରେ ଘରେ ଶଙ୍ଖ ଅଭିଯାନ ଆରମ୍ଭ କରିଛନ୍ତି। ଘରକୁ ଘର ବୁଲି ଶଙ୍ଖ ଚିହ୍ନ ଲେବଲ ମାରିବା ସହ ଲୋକଙ୍କୁ ବିଜେଡିର ବିକାଶମୂଳକ କାର୍ଯ୍ୟ ବିଷୟରେ ବୁଝାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନାର ଉପଲବ୍ଧି କିପରି ଜନସାଧାରଣ ଏହାର ଫାଇଦା ପାଇପାରୁଛନ୍ତି ଓ ଷଷ୍ଠ ଥର ରେକର୍ଡ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ନିର୍ବାଚିତ କରିବା ପାଇଁ ଅନୁରୋଧ କରିଥିଲେ । ଜିଲା ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ଆମପୁଆ ସମିତି ସଭ୍ୟ ଅଶ୍ୱିନୀ ସ୍ୱାଇଁ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଆସିକା ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଲୁଧର ସାହୁ, ଜିଲା ପରିଷଦ ସଂଗୀତା ସ୍ୱାଇଁ, ଆମ୍ବପୁଆ ସରପଞ୍ଚ ଅମୀୟ କୁମାର ମାହୁନ୍ତ, ବରିଡା ଏ ସରପଞ୍ଚ ଗୀତାଞ୍ଜଳି ସାହୁ, କନିଆରୀ ସରପଞ୍ଚ ରବୀନ୍ଦ୍ର ବେହେରା, କନିଆରୀ ସମିତି ସଭ୍ୟ ଶଙ୍କର ବେହେରା, ବାଲ୍ୟସରା ସରପଞ୍ଚ ରବୀନ୍ଦ୍ର ପୋଲାଇ ଓ ସମିତିସଭ୍ୟା ମମତା ଖଣ୍ଡୁଆଳ, ସୁନାରିଖୋଳ ସରପଞ୍ଚ ରାଧାକୃଷ୍ଣ ରେଡି ଓ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ଭୂୟାଁ, ଶିଆଳିଆ ସମିତିସଭ୍ୟ କଣ୍ଟୁପାଣି ନାହାକ ସମେତ ପ୍ରାକ୍ତନ ଆମ୍ବପୁଆ ସରପଞ୍ଚ ହିମାଂଶୁ ଶେଖର ରାଉତ ଓ ସମିତି ସଭ୍ୟ ଧନୁର୍ଦ୍ଧର ସାମଲ, ରଜନୀ ମଣ୍ଡଳ, ପଞ୍ଚୁ ସ୍ୱାଇଁ, ବିପ୍ର ପୋଲାଇ, ହରି ପ୍ରଧାନ, ନୀଳାଞ୍ଚଳ ମଣ୍ଡଳ, ବିପିନ ଦଳାଇ ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଆଦି ବହୁ ସରପଞ୍ଚ, ସମିତିସଭ୍ୟ, କର୍ମୀ ଯୋଗ ଦେଇଥିଲେ।

### ରାତ୍ରି ପାଟ୍ରୋଲିଂ ବେଳେ ୨ ଲକ୍ଷରୁ ଅଧିକ ଟଙ୍କା ଜବତ

ଖଜୁରିପଡ଼ା,୨୦।୪(ବିଦୁର ବେହେରା):

ଖଜୁରିପଡ଼ା ପୋଲିସ ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଗାଡ଼ିରୁ ୨ ଲକ୍ଷ ୪ ହଜାର ୨୦୦ ଟଙ୍କା ଜବତ କରିଛି। ଖଜୁରୀପଡା ସ୍ଥିତ ଗଡ଼ପଦରଠାରେ ନାକା ଗେଟ କରି ସବୁଦିନ ଜିଲା ଭିତରକୁ ଏବଂ ବାହାରକୁ ଯାଉଥିବା ସମସ୍ତ ଗାଡି ମୋଟର ଯାଞ୍ଚ ଚାଲିଥିଲା। ଶୁକ୍ରବାର ରାତି ଦୁଇଟା ବେଳେ ଏକ ଡାଲା ଗାଡ଼ି ଓଡି ଜିରୋ ୨ ସିଏ ୫୧୫୫ ରେ ଖଣ୍ଡପଡା ଅନଳାପାଙ୍ଗ ଅଞ୍ଚଳର ଚିତ୍ତରଞ୍ଜନ ସାହୁ ଟଙ୍କା ନେଇ ଯାଉଥିଲେ। ଏହି ଟଙ୍କା କଣ ପାଇଁ ନେଉଥିଲେ ପୋଲିସ ପଚାରିବାରୁ ସେ କୌଣସି ସଠିକ ଉତ୍ତର ଦେଇ ପାରିନଥିଲେ । ଫଳରେ ଫ୍ଲାଇଙ୍ଗ ସ୍କ୍ୱାଡ ଏବଂ ପୋଲିସ ଉକ୍ତ ଟଙ୍କା ଜବତ କରିଥିଲା। ଟଙ୍କା ଗଣନା ବେଳେ ଖଜୁରୀପଡା ଅତିରିକ୍ତ ତହସିଲଦାର ବ୍ରହ୍ମାନନ୍ଦ ଥାଟୀ ଉପସ୍ଥିତ ଥିଲେ।

# ଯନ୍ତ୍ର ଖୋଳୁଛି ପୋଖରୀ



ନୟାଗଡ଼,୨୦।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ସିଘାଂପଡା ପଞ୍ଚାୟତ ଖୁଣ୍ଟୁବନ୍ଧ ଶିବ ମନ୍ଦିର ପୋଖରୀକୁ ଜେସିବ ଖୋଳୁଛି । ସକାଳ, ଦ୍ୱିପ୍ରହର ଓ ସନ୍ଧ୍ୟାରେ ମେଶିନ ଖୋଳୁଛି ପୋଖରୀ । ବିଡିଓ, ଯନ୍ତ୍ରୀ ଆସି କାମ ତଦାରଖ କରି କାମ ଠିକ୍ ଚାଲିଛି ବୋଲି କହୁଛନ୍ତି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟକୁ ଶ୍ରମିକ କାମ କରିବାର ନିୟମ ଥିବାବେଳେ ଯନ୍ତ୍ର କରୁଥିଲେ ହେଁ କାହାର ପ୍ରତିବାଦ କରିବାର ନାହିଁ । ତେବେ ମଷ୍ଟର ରୋଲରେ ଶ୍ରମିକ କାମ କରୁଥିବା ଦେଖାଯାଉଛି । ଏଭଳି ଘଟଣା ଜିଲାସାରା ହେଉଛି ବୋଲି ଅଭିଯୋଗ ରହିଛି । ପ୍ରକାଶଯେ ୨୦୨୨-୨୩ ଆର୍ଥିକ ବର୍ଷରେ ଖୁଣ୍ଟୁବନ୍ଧ ଶିବ ମନ୍ଦିର ପୋଖରୀ କାର୍ଯ୍ୟ ଓ ଗାର୍ଡୱାଲ ନିର୍ମାଣ ପାଇଁ ୭ ଲକ୍ଷ ୬୫ ହଜାର ମଞ୍ଜୁର ହୋଇଛି । କାର୍ଯ୍ୟ ଆରମ୍ଭ କେବେ ହୋଇଛି ସୂଚନାଫଳକରେ ତଥ୍ୟ ନାହିଁ । ଏହା ପରେ ବି କାମ ଚାଲୁ ରହିଛି ।

# ଜହମି ଗ୍ରାମରେ ୨୪ ପ୍ରହର ନାମଯଜ୍ଞ


ଭକ୍ତମାନେ କଳସ ଯାତ୍ରାରେ ଯାଉଛନ୍ତି।

ରମ୍ଭା,୨୦।୪(ବନବାସୀ ସେଠୀ): ଗଞ୍ଜାମ ବ୍ଲକ ସାନ ରାମଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଜହମି ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀ ଚୈତନ୍ୟ ମଠ ନିକଟରେ ଶ୍ରୀରାମନବମୀ ତିଥିଠାରୁ ୨୪ ପ୍ରହର ନାମଯଜ୍ଞ ମହନ୍ତ ପ୍ରେମାନନ୍ଦ ଦାସ ଓ ସହଯୋଗୀ ପ୍ରଫୁଲ୍ଲ କୁମାର ପାଢ଼ି, ନୀଳ ରଥଙ୍କ ପୌରୋହିତ୍ୟରେ ସମ୍ପୂର୍ଣ୍ଣ ହୋଇଯାଇଛି। କାର୍ଯ୍ୟକ୍ରମରେ ପୁରୋହିତ ବିଜୟ ଚନ୍ଦ୍ର ତ୍ରିପାଠୀ ଓ କର୍ତ୍ତା ରୂପେ ପ୍ରମୋଦ ନାହାକ, ଦମୟନ୍ତୀ ନାହାକ ରହିଥିବା ବେଳେ ଦିବାରାତ୍ର ସଙ୍କୀର୍ତ୍ତନ ମଣ୍ଡଳୀ କାର୍ଯ୍ୟକ୍ରମରେ ଜହମି, ଡିଆଁଡେଇଁ, ମଧୁରଚୁଆ -୧, ୨, ବୁରୁଡି, କଣ୍ଟାପଡ଼ା, ଝରେଡି, ବିଟି ନୂଆଁଗାଁ, ସିପକୁଦା, ପଣସଡିହ, ସାନ ରାମଚନ୍ଦ୍ରପୁର, ସୁବଳୟା, ମିଞ୍ଚିପୋଟଣା, ବିରୁଲିଗଡ଼, ମାଳି ଜଗନ୍ନାଥପୁର, ଛତ୍ରପୁର ରିକାପଲ୍ଲୀ ୧୮ଟି ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଉପଦେଷ୍ଟା ରୂପେ ଚନ୍ଦ୍ରଶେଖର ନାୟକ ରହିଥିବା ବେଳେ ମା' ଭବାନୀ କ୍ଲବ୍ ଜହମି ତଥା ଗ୍ରାମବାସୀ, ସଦସ୍ୟବୃନ୍ଦ ଏବଂ ସଭାପତି ସତ୍ୟବାନ୍ ମହାପାତ୍ର, ରାମଚନ୍ଦ୍ର ନାହାକ, ସତ୍ୟବ୍ରତ ନାୟକ, ପ୍ରସନ୍ନ ନାୟକ, ରଞ୍ଜନ ନାୟକ, ହୀନ ମହାପାତ୍ର, ମନୋଜ, ବସନ୍ତ, ହେମନ୍ତ, ଅଶୋକ, ରଣଜିତ, କାଳିଆ, ରାକେଶ, ପ୍ରଭାତ, ରଞ୍ଜନ, ପିଙ୍କୁ, ସୂର୍ଯ୍ୟକାନ୍ତ ପ୍ରମୁଖ ଶତାଧିକ ଯୁବଗୋଷ୍ଠୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବରିଷ୍ଠ କଳାକାର ସମ୍ବାରି ନାହାକଙ୍କୁ ଭଗବାନ୍ ନାହାକ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସଂକୀର୍ତ୍ତନ ଶେଷକରି ଗ୍ରାମର ଶତାଧିକ ମହିଳା ପୁରୁଷ କଳସ ଯାତ୍ରା ଉଦ୍‌ଯାପିତ କରିଥିଲେ।

# ଛତ୍ରପୁର ଲାଗି ଜଣେ, ବ୍ରହ୍ମପୁର ପାଇଁ ୩ ନାମାଙ୍କନ ଦାଖଲ



କୃଷ୍ଣଚନ୍ଦ୍ର ନାୟକ , ଝସକେତନ ପାଢ଼ୀ ଓ କେ.ଅନିଲ କୁମାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ଛତ୍ରପୁର, ୨୦।୪(ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲାରେ ତୃତୀୟ ଦିବସରେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ୩ ଜଣ ଏବଂ ଛତ୍ରପୁର ବିଧାନସଭା ଆସନ ପାଇଁ ଜଣେ ଶନିବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ତଥା ରିଟର୍ଣ୍ଣିଂ ଅଫିସର ଦେବଦତ୍ତ ମହନ୍ତଙ୍କ ଠାରେ ଛତ୍ରପୁର ବିଧାନସଭାର ବିଧାୟକ ପ୍ରାର୍ଥୀ ଭାବେ ଭାଜପା ପକ୍ଷରୁ କୃଷ୍ଣଚନ୍ଦ୍ର ନାୟକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ମନୋଜ ପଟ୍ଟନାୟକ ଓ ଝଶକେତନ ପାଢ଼ୀ ଓ ଭାଜପା ପାର୍ଥି ଭାବେ କେ. ଅନିଲ କୁମାର ଗଞ୍ଜାମ ଅତିରିକ୍ତ ଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଦେବବ୍ରତ ସାହୁଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି।

# ନିର୍ମାଣ ହେବ ବନ୍ୟା ନିୟନ୍ତ୍ରଣ ଘେରିବନ୍ଧ

- ୨.୬୫କୋଟି ଟଙ୍କା ମଞ୍ଜୁର
- ୫-ଟି ଅଧକ୍ଷ, ବିଧାୟିକାଙ୍କୁ କୃତଜ୍ଞତା ଜଣାଇଲେ ରାଉତରାପୁରବାସୀ

ରସୁଲପୁର,୨୦।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକର ରାଉତରାପୁର ପଞ୍ଚାୟତ ବ୍ରାହ୍ମଣୀ ନଦୀର ଡାହାଣ ପାର୍ଶ୍ୱରେ ଅବସ୍ଥିତ। ନଦୀକବଳରେ ପଞ୍ଚାୟତର ଅଧିକାଂଶ ସରକାରୀ ଜମି ରହିଛି। ତେଣୁ ନଦୀପଠାରେ ଥିବା ଜମିକୁ ସୁରକ୍ଷା ଦେବା ପାଇଁ ଘେରିବନ୍ଧ ନିର୍ମାଣ କରିବାକୁ ଦୀର୍ଘଦିନରୁ ହେଉଥିବା ଦାବିପୂରଣ ହୋଇଛି। ଉକ୍ତ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବାରୁ ରାଉତରପୁର ପଞ୍ଚାୟତବାସୀ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଘେରିବନ୍ଧ ନିର୍ମାଣ ହେଲେ ପଞ୍ଚାୟତର ଜନସାଧାରଣଙ୍କ ହିତକାରୀ ପ୍ରକଳ୍ପ ନିର୍ମାଣ ଓ ଗଠନମୂଳକ ପ୍ରକଳ୍ପ ସ୍ଥାପନରେ ସହାୟକ ହେବ ବୋଲି ମନେ କରି ପଞ୍ଚାୟତ ପକ୍ଷରୁ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ଗତ ଜୁଲାଇରେ ୫-ଟି ଅଧକ୍ଷଙ୍କ ଯାଜପୁର ଜିଲା ଗସ୍ତବେଳେ ଜଣାଇଥିଲେ। ଏହାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇ ପ୍ରସ୍ତାବିତ ସ୍ଥାନରେ ଘେରିବନ୍ଧ ନିର୍ମାଣ ପାଇଁ ୨.୬୫କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ ନିର୍ମାଣ ସରିଲେ ୪ଲକ୍ଷ ବର୍ଗଫୁଟର ଜମିକୁ ବନ୍ୟା ନିୟନ୍ତ୍ରଣ ହୋଇପାରିବ। ଏହି କ୍ଷେତ ଉପରେ ଘରକରି ବସବାସ କରୁଥିବା ଜନବସତି ବନ୍ୟା ଦାଉରୁ ସୁରକ୍ଷିତ ରହିପାରିବେ। ବଳକା ସରକାରୀ ଜମିରେ ଶ୍ମଶାନ ଘାଟ, ପଞ୍ଚାୟତ ଲାଇବ୍ରେରୀ ସମେତ ପଞ୍ଚାୟତର ଅନ୍ୟ ଉନ୍ନୟନ ପ୍ରକଳ୍ପ ନିର୍ମାଣ ସମ୍ଭବପର ହୋଇପାରିବ। ଉକ୍ତ ଦାବିଗୁଡିକ ଓ ତା'ର ବାସ୍ତବତା ସମ୍ପର୍କରେ ଅବଗତ ହୋଇ ବିଧାୟିକା ଦାସ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ପ୍ରକଳ୍ପ କିପରି କାର୍ଯ୍ୟକାରୀ ହୋଇପାରିବ ସେ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପ୍ରକଳ୍ପର ଗୁରୁତ୍ୱକୁ ନେଇ ସରକାରଙ୍କୁ ଅବଗତ କାଇବା ପରେ ପ୍ରକଳ୍ପକୁ ମଞ୍ଜୁରୀ ମିଳିଲା ବୋଲି ସରପଞ୍ଚ ସାହୁ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ ହେବା ନେଇ ଜାରକା ଜଳସେଚନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସରପଞ୍ଚ ରାଉତ, ସମିତିସଭ୍ୟ ପ୍ରିୟରଞ୍ଜନ ସାହୁ ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଇ ଆସନ୍ତା ୬ମାସ ମଧ୍ୟରେ ଶେଷ କରାଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଚଳିତବର୍ଷ ନଦୀରେ ବନ୍ୟା ଆସିବା ପୂର୍ବରୁ କାମ ଶେଷ କରିବା ଉପରେ ବିଭାଗ ଗୁରୁତ୍ୱ ଦେଉଛି ବୋଲି ସୂଚନା ମିଳିଛି।


ଅଧିକାରୀମାନେ ପ୍ରକଳ୍ପ ସ୍ଥଳ ପରଦର୍ଶନ କରୁଛନ୍ତି।

# ସୁକିନ୍ଦା ବିଜେଡିରେ ଭିତିରି କଳି

## ଦାନଗଦି ବ୍ଲକ ବିଜେଡି ସଭାପତି ନିଲମ୍ବିତ

ଯାଜପୁର/କଳିଙ୍ଗନଗର(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ),୨୦।୪

ଯାଜପୁର ଜିଲାର ଦାନଗଦି ଓ ସୁକିନ୍ଦା ବ୍ଲକକୁ ନେଇ ଗଠିତ ସୁକିନ୍ଦା ନିର୍ବାଚନମଣ୍ଡଳୀର ବିଜେଡିର ଭିତିରି କଳି ପଦାରେ ପଡ଼ିଛି। ଏହାପରେ ଦାନଗଦି ବ୍ଲକ ବିଜେଡି ସଭାପତି ଦିଲୀପ କୁମାର ନାୟକଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ତାଙ୍କ ସ୍ଥାନରେ ସୁରେଶ କୁମାର ଦାସଙ୍କୁ ନୂତନ ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ତେବେ ଦିଲୀପ ନାୟକଙ୍କୁ ନିଲମ୍ବନ ଖବର ପାଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରାୟ ୩ ଦଶନ୍ଧି ଧରି ଘଡେଇ ପରିବାର ହାତରେ ରହିଛି ସୁକିନ୍ଦା ବିଧାନସଭା ଆସନ। ୨୦୧୯ରେ ଏଠାରେ ବିଜେଡି ସହ ଭାଜପାର ଟକ୍କର ହୋଇଥିଲା। ସେତେବେଳେ ବହୁ କଂଗ୍ରେସ ନେତା ଓ କର୍ମୀ ବିଭିନ୍ନ ପ୍ରତିଶ୍ରୁତି ପାଇ ବିଜେଡିରେ ସାମିଲ ହୋଇ ଦଳ ପାଇଁ କାମ କରିଥିଲେ। କଳିଙ୍ଗନଗର ବିଭିନ୍ନ କାରଖାନା ଓ ଖଣି ଅଞ୍ଚଳରେ ଠିକାଦାର ପରିବହନ କାମ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ବହୁଦିନ ଅପେକ୍ଷା ପରେ ମିଳିଥିବା ପ୍ରତିଶ୍ରୁତି ପୂରଣ ହେଉ ନ ଥିବା ଅନୁଭବ କରି କେତେଜଣ ବିଜେଡି କର୍ମୀ ଭାଜପାରେ ମିଶିଥିବାବେଳେ କେତେଜଣ ଯୋଗାଯୋଗରେ ରହିଛନ୍ତି, ଯାହାକି ଶୁକ୍ରବାର ଭାଜପାର ଏକ ରୁଦ୍ଧଦ୍ୱାର ବୈଠକରୁ ସୂଚନା ମିଳିଛି। ଏଥିଯୋଗୁ ଦାନଗଦି ବ୍ଲକ ବିଜେଡି ସଭାପତି ଦିଲୀପ କୁମାର ନାୟକଙ୍କୁ ଦଳ ବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗରେ ନିଲମ୍ବନ କରାଯାଇଛି। ତେବେ ବିରୋଧୀ ଭାଜପା ସହ କେତେଜଣ କର୍ମୀଙ୍କ ଭିତିରିଆ ଯୋଗାଯୋଗକୁ ନେଇ ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କ ଚିନ୍ତା ବଢିଯାଇଛି ବୋଲି ଚର୍ଚ୍ଚା ହେଉଛି। ୨୦୧୯ରେ ବିଜେଡିରୁ ପ୍ରୀତିରଞ୍ଜନ ଘଡେଇ(ଡାନି) ୧୬,୭୩୦ ଭୋଟ ବ୍ୟବଧାନରେ ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତଙ୍କୁ ପରାସ୍ତ କରିଥିଲେ। ଏହାପରେ ସୁକିନ୍ଦା ପଞ୍ଚାୟତ ନିର୍ବାଚନରେ ବି ବିଜେଡି ଅପରାଜିତ ଇନିଂସ ଖେଳିଥିଲା। ତେବେ ଏଥର କର୍ମୀଙ୍କ ବିଦ୍ରୋହ ଡାନିଙ୍କ ଅଡୁଆ ବଢ଼ାଇପାରେ ବୋଲି କୁହାଯାଉଛି। ଏହି ନିର୍ବାଚନମଣ୍ଡଳୀର ଧୂଳିଗଡ଼, ମଙ୍ଗଳପୁର, ଜଖପୁରା, କିମ୍ବିରିଗଡ଼ିଆ, ଖପୁରିଆ, ରାଛିପୁର ଆଦି ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ଭାଜପାର ରୁଦ୍ଧଦ୍ୱାର ବୈଠକରେ ଉପସ୍ଥିତ ଥିଲେ। ତେବେ ନିଲମ୍ବିତ ହୋଇଥିବା ବିଜେଡି ନେତା ଦିଲୀପ ନାୟକଙ୍କ ସଂଗଠନ ଦକ୍ଷତାକୁ ଦେଖି ତାଙ୍କୁ ଦାନଗଦି ବ୍ଲକ ସଭାପତି ନିଯୁକ୍ତି ମିଳିଥିଲା। ନିଲମ୍ବନ ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କହିଛନ୍ତି, କଂଗ୍ରେସ ଛାଡ଼ି ବିଜେଡିରେ ବହୁ ସମର୍ଥକ ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ଖାଲି ପଦପଦବୀରେ ବସାଇ ଅଣଦେଖା କରାଯାଉଛି। ତେଣୁ ନିଜ ସମର୍ଥକମାନଙ୍କ ସହିତ ବିଚାର ଓ ପରାମର୍ଶ କରି ଆଗାମୀ ଦିନରେ କେଉଁ ଦଳରେ ସାମିଲ ହେବେ ତାହା ଖୁବ୍‌ଶୀଘ୍ର ଜଣାଇବେ ବୋଲି ସେ କହିଛନ୍ତି।

# କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକ ନିଲମ୍ବିତ

କେନ୍ଦ୍ରାପଡ଼ା,୨୦।୪(ଜଗନ୍ନାଥ ଧଳ)

ଲାଞ୍ଚ ମାଗୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଅବକାରୀ ବିଭାଗ ଆକ୍ସନ ମୁଡ୍‌କୁ ଆସିଛି। କେନ୍ଦ୍ରାପଡ଼ା ଜିଲା ଅବକାରୀ ଅଧୀକ୍ଷକ ଦେବୀପ୍ରସାଦ ମିଶ୍ରଙ୍କୁ ଏହି କାରଣରୁ ଶୁକ୍ରବାର ନିଲମ୍ବିତ କରାଯାଇଛି । ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ କାର୍ଯ୍ୟାଳୟ ନିର୍ଦ୍ଦେଶନାମା (ନଂ.୨୫୬୭) ଅନୁଯାୟୀ ଅଧୀକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅନ୍ୟ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେ ସମ୍ବଲପୁରସ୍ଥ ଡେପୁଟି କମିଶନରଙ୍କ କାର୍ଯ୍ୟାଳୟରେ ରହିବାକୁ ପଡ଼ିବ । ଅଧୀକ୍ଷକ ମିଶ୍ର ଜଣେ ବ୍ୟକ୍ତିଙ୍କ ଅବକାରୀ ଲାଇସେନ୍ସ ରିନୁ ପାଇଁ ଲାଞ୍ଚ ମାଗୁଥିବାର ଭିଡିଓ ଭାଇରାଲ ହୋଇଥିଲା । ଏନେଇ ଜିଲାପାଳଙ୍କ ରିପୋର୍ଟ ଓ ବିଭାଗୀୟ ତଦନ୍ତ ପରେ ତାଙ୍କୁ ନିଲମ୍ବନ କରାଯାଇଛି ।


ପାଣିକୋଇଲି ପୋଲିସ ପକ୍ଷରୁ ଶନିବାର ଫ୍ଲାଗ ମାର୍ଚ୍ଚ କରାଯାଉଛି।

# ପାଣିକୋଇଲିରେ ପୋଲିସର ଫ୍ଲାଗ ମାର୍ଚ୍ଚ

ପାଣିକୋଇଲି,୨୦।୪(ବିକାଶ ମଲ୍ଲିକ):

ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ପାଣିକୋଇଲି ପୋଲିସ ପକ୍ଷରୁ ଶନିବାର ତୃତୀୟ ଦଫା ଫ୍ଲାଗ ମାର୍ଚ୍ଚ କରାଯାଇଛି। ମୂଳାପାଳ ପଞ୍ଚାୟତର ଧନତ୍ରୀ, ଗୋବିନ୍ଦପୁର, କରଦା ପଞ୍ଚାୟତର ରାଣୀଗୋଡ଼ା, ଭକଣ୍ଡରୀ, ପଥରପଦା ପଞ୍ଚାୟତର ଖସାଗଡ଼ିଆ ଓ ଓଟିନ୍ଦା ଗ୍ରାମରେ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଛି। ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ, ଏସ୍‌ଆଇ ପ୍ରକାଶ ଚନ୍ଦ୍ର ପ୍ରଧାନ, ବିଶ୍ୱରଞ୍ଜନ ଦାସ ପ୍ରମୁଖ ସିଆର୍‌ପିଏଫ୍ ଯବାନମାନଙ୍କ ସହ ଏହି ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଥିଲେ।

# ଖରସ୍ରୋତାରେ ବୁଡ଼ି ମୃତ୍ୟୁବରଣ କରିଥିବା ୨ ଭାଇଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଲେ ଦୁଇ ନେତା

ଯାଜପୁରରୋଡ,୨୦।୪(ପବିତ୍ର ରଞ୍ଜନ ମହାନ୍ତି):

ଖରସ୍ରୋତା ନଦୀରେ ବୁଡି ମୃତ୍ୟୁବରଣ କରିଥିବା ବ୍ୟାସନଗର ଶିବାନନ୍ଦ କଲୋନୀର ୨ ଭାଇ ଶାଶ୍ୱତ ସ୍ୱାଇଁ ଓ ସ୍ୱସ୍ତିକ ସ୍ୱାଇଁଙ୍କ ପରିବାରକୁ ବିଜେଡିର ଦୁଇ ହେଭି ୱେଟ ନେତା ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶଙ୍କ ସାନ ଭାଇ ଭବପ୍ରସାଦ ଦାସ(ଲଲ) ଓ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ(ଡାନି) ମୃତକଙ୍କ ଜେଜବାପା ବିପଦ ଭଞ୍ଜନ ସ୍ୱାଇଁଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ଏହାସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି। ଅଞ୍ଚଳବାସୀ ଦୁଇ ନେତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବ୍ରାହ୍ମଣୀ ବନ୍ଧରୁ ଖସି ବାଇକ୍ ଚାଳକଙ୍କ ମୃତ୍ୟୁ

- ହତ୍ୟା ଅଭିଯୋଗ ଆଣିଲେ ପରିବାର, ଜଣେ ଅଟକ
- ଥାନା ଆଗରେ ମୃତଦେହ ରଖି ନ୍ୟାୟ ଦାବି କଲେ ଗ୍ରାମବାସୀ

ଧର୍ମଶାଳା,୨୦।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅଧୀନ ଭାଲୁଖାଇ ଗ୍ରାମର ବ୍ରାହ୍ମଣୀ ନଦୀବନ୍ଧରୁ ଖସିପଡ଼ି ଶନିବାର ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ପୁଅ ଶରତ ବାରିକ(୪୭)ବୋଲି ଜଣାପଡିଛି। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପରେ ଗ୍ରାମବାସୀ ମୃତଦେହ ଥାନା ଆଗରେ ରଖି ହତ୍ୟା ଅଭିଯୁକ୍ତଙ୍କୁ ଦଣ୍ଡ ପ୍ରଦାନ ପାଇଁ ଦାବି କରିଛନ୍ତି।

ପୂର୍ବାହ୍ନରେ ଶରତ ଏକ ବାଇକ ଯୋଗେ ବ୍ରହ୍ମବରଦାରୁ କୁଆଖିଆ ଅଭିମୁଖେ ଯାଉଥିଲେ। ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ଭାଲୁଖାଇ ନିକଟରେ ବାଇକଟି ତଳକୁ ଖସି ପଡିଥିଲା। ଦୁର୍ଘଟଣାଗ୍ରସ୍ତ ଶରତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହି ଘଟଣା ପଛରେ କିଛି ରହସ୍ୟ ରହିଥିବା ଶରତଙ୍କ ପୁତୁରା ଅବିନାଶ ବାରିକ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ଦାଦା ଶରତଙ୍କ ସହିତ ଧର୍ମଶାଳା ଥାନା ଅଧୀନ ଚୋରମୁହାଁ ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଦୀପକ ରଞ୍ଜନ ସାମଲଙ୍କ ମଧ୍ୟରେ ଟଙ୍କା ଧାରଉଦ୍ଧାରକୁ ନେଇ ଗାଳିଗୁଲଜ ଓ ବଚସା ହୋଇଥିଲା। ପରେ ଶରତ ବାଇକରେ ଘରକୁ ଯାଉଥିବାବେଳେ ସମ୍ପୃକ୍ତ ବ୍ୟକ୍ତି ତାଙ୍କ କାର ନେଇ ବାଇକକୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ଶରତ ବନ୍ଧ ତଳକୁ ଖସି ପଡ଼ିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା ଓ ସେଥିପାଇଁ ତାଙ୍କର ମୃତ୍ୟୁହେଲା। ଏ ସମ୍ପର୍କରେ ଥାନା ଅଧିକାରୀ ତପନ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କାର ବାଇକକୁ ଧକ୍କା ଦେଇନାହିଁ। ବାଇକ ବନ୍ଧ ତଳକୁ ଖସିଲା ପରେ ଯାଇ କାର ସେଠାରେ ପହଞ୍ଚିଥିଲା। କାରରେ ଧକ୍କା ଦେଲା ଭଳି ଚିହ୍ନବର୍ଣ୍ଣ ନାହିଁ। ତେବେ ଅଭିଯୋଗ ପରେ ଦୀପକଙ୍କୁ ଥାନାରେ ଅଟକ ରଖାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଦଳ ପହଞ୍ଚି ତଦନ୍ତ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟତା ସାମ୍ନାକୁ ଆସିବ।

# ପ୍ରବଳ ଗ୍ରୀଷ୍ମରେ ମୁଗ ଚାଷ ପ୍ରଭାବିତ ଆଶଙ୍କା

ଧର୍ମଶାଳା,୨୦।୪(ବଟକୃଷ୍ଣ ପରିଡ଼ା):

ଚଳିତଥର ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମୁଗ ଚାଷ ଭଲ ହୋଇଛି। ମାତ୍ର ସପ୍ତାହେ ହେବ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଫୁଲଫଳ ଧରିଥିବା ମୁଗଚାଷ କ୍ଷତିଗ୍ରସ୍ତ ହେବା ନେଇ ଚାଷୀମାନେ ଆଶଙ୍କାବ୍ୟକ୍ତ କରିଛନ୍ତି। ଧର୍ମଶାଳା ବ୍ଲକ ଅଧୀନ ଚହଟା, ଚୋରମୁହାଁ, ଭବାନୀପୁର, ବଡ଼କାଏମା, ପାଟପୁର, ମିର୍ଜାପୁର, କ୍ଷେତ୍ରପାଳ, ଜାରକା, ଥାନୁଆଳ, ମଧୁସୁଦନପୁର, ମହିଶରା, ସମ୍ପାରୁ, ଅଣ୍ଡିଆ ଓ ତରଞ୍ଜିଆ ଆଦି ପଞ୍ଚାୟତର ୧୫୦୦ ହେକ୍ଟର ଜମିରେ ମୁଗଚାଷ ପାଇଁ ସରକାରୀ ଭାବେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଧର୍ମଶାଳା କୃଷି ବିଭାଗ ପକ୍ଷରୁ ୨୫୭୩ ଚାଷୀଙ୍କୁ ୨୯୦ କୁଇଣ୍ଟାଲ ମୁଗ ବିହନ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନଙ୍କ ସୁପାରିସ କ୍ରମେ ଦିଆଯାଇଥିଲା। ଚାଷୀମାନଙ୍କୁ ଜୈବ ଓ ଅଣୁସାର ପ୍ରଦାନ କରାଯିବା ସହ ସାର ପ୍ରୟୋଗ ଉପରେ ସଚେତନ କରାଯାଇଥିଲା ବୋଲି ବ୍ଲକ କୃଷିଅଧିକାରୀ ତୁଷାରକାନ୍ତ ସେଠୀ ସୂଚନା ଦେଇଛନ୍ତି।

ମୁଗ ବିହନ ନେଇଥିବା ପ୍ରମୁଖ ଚାଷୀ ବସନ୍ତ ପରିଡ଼ା, ନିରଞ୍ଜନ ପାଢ଼ୀ, ବୃନ୍ଦାବନ ପରିଡ଼ା, ବିଶ୍ୱନାଥ ମହାପାତ୍ର, ନିରଞ୍ଜନ ନାୟକ, ରମେଶ ପ୍ରଧାନ, ସୁବାସ ନାୟକ, ଜତିନ୍ଦ୍ର ଦେଉରୀ, ସୁବ୍ରତ ମହାପାତ୍ର, ଦେବାଶିଷ ପରିଡା, ଦୀପ୍ତିରଞ୍ଜନ ଜେନା, ଅଭିମନ୍ୟୁ ପ୍ରଧାନ ଓ ନିତ୍ୟାନନ୍ଦ ବେହେରା ପ୍ରମୁଖ ଚାଷୀଙ୍କ ସହ ଯୋଗାଯୋଗ କରିବାରୁ ସେମାନେ କହିଛନ୍ତି ଯେଉଁ ଚାଷୀ ସରକାରୀ ବିହନ ନେଇ ଆଗୁଆ ଚାଷ କରିଥିଲେ ସେମାନେ ଲାଭବାନ ହେବେ। ମାତ୍ର ଯେଉଁ ଚାଷୀ ବିଳମ୍ବରେ ଚାଷ କରିଛନ୍ତି ସେମାନେ ଗ୍ରୀଷ୍ମ ପ୍ରବାହରେ କ୍ଷତିଗ୍ରସ୍ତ ହେବେ। କାରଣ ଏବେ ଗଛରେ ଫୁଲ ଓ ଫଳ ଧରିଥିବାବେଳେ ଗ୍ରୀଷ୍ମ ପ୍ରବାହ ଯୋଗୁ ତାହା ସୁଖି ଯାଉଛି। ଏନେଇ ଚାଷୀମାନେ ବ୍ଲକ କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଯେଉଁ ଚାଷୀମାନେ ବିଳମ୍ବରେ ଚାଷ କରିଛନ୍ତି ଗ୍ରୀଷ୍ମ ପ୍ରବାହ ଯୋଗୁ ସେମାନେ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଗ୍ରାମସେବକମାନଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ତଦନ୍ତ କରି ନିର୍ଦ୍ଦେଶ ଦେବାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।


କୃଷି ଅଧିକାରୀମାନେ ମୁଗ କ୍ଷେତ ବୁଲି ଦେଖୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅନୁପ


@ ବାଦଲ


@ ପ୍ରଭାତି


@ ଜଗନ୍ନାଥ


@ କାଶିଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଚରଣ ବିଧି ସମୟରେ ଚାଲିଛି ନିଯୁକ୍ତି

ନୟାଗଡ଼,୨୦।୪(ଲୋକନାଥ ମିଶ୍ର)

- ବଦଳି କମିଟି ବୈଠକ ନ ହୋଇ ୫୦ଜଣଙ୍କ ବଦଳି
- ବଦଳି ଓ ନିଯୁକ୍ତିରେ ଲାଞ୍ଚ କାରବାର ଅଭିଯୋଗ
- ଚର୍ଚ୍ଚାରେ ନୟାଗଡ଼ ସ୍ୱାସ୍ଥ୍ୟ ବିଭାଗ

ନିର୍ବାଚନ ଆଚରଣ ବିଧି ଲାଗୁ ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ନିଯୁକ୍ତି ହେଉଥିବା ଅଭିଯୋଗ ହୋଇଛି। ପୁଣି ଜିଲାପାଳଙ୍କ ଅଧକ୍ଷତାରେ ବଦଳି କମିଟି ବୈଠକ ନ ହୋଇ ୫୦ରୁ ଉର୍ଦ୍ଧ କର୍ମଚାରୀଙ୍କ ବଦଳି କରାଯାଇଛି । ବଦଳି ଓ ନିଯୁକ୍ତିରେ ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ହୋଇ ଆସୁଛି । ସ୍ୱାସ୍ଥ୍ୟ ବିଭାଗର ଜଣେ ମୁଖ୍ୟ କିରାଣୀ ବଦଳି, ନିଯୁକ୍ତି ପରି ବିଭିନ୍ନ ଅନିୟମିତତତା ଘଟଣାରେ ମୁଖ୍ୟ ନାୟକ ସାଜିଥିବା ଅଭିଯୋଗ ରହିଛି । ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଅନିୟମିତତା ବଢ଼ି ଚାଲିଥିବାବେଳେ ଏହାର ତଦନ୍ତ ହେଉନାହିଁ। ବେଆଇନ ନିଯୁକ୍ତ, ବଦଳି ଓ ଲାଞ୍ଚ କାରବାରର ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।

ଅଭିଯୋଗ ଅନୁଯାୟୀ, ଆଚରଣ ବିଧି ଲାଗୁ ସମୟରେ ଜଣେ କମ୍ୟୁନିଟ୍ ହେଲ୍‌ଥ ଅଫିସରଙ୍କ ଗଣିଆରୁ ଓଡ଼ଗାଁ ବଦଳି ହୋଇଛି । ସେହିପରି ଅନ୍ୟ ଜଣେ କମ୍ୟୁନିଟ୍ ହେଲ୍‌ଥ ଅଫିସରଙ୍କ ବଡସିଲିଙ୍ଗାରୁ ରଣପୁରର ଝାରପଡ଼ା ବଦଳି ହୋଇଛି । ଜଣେ ଲାବୋରୋଟାରୀ ଟେକ୍‌ନସିଆନଙ୍କ ଗଣିଆରୁ ଦଶପଲ୍ଲା ଓ ଅନ୍ୟଜଣେ ଲାବୋରୋଟାରୀ ଟେକ୍‌ନସିଆନଙ୍କ ମହିପୁରରୁ ନୟାଗଡ଼ ବଦଳିହୋଇଛି । ପୁଣି ଚର୍ଚ୍ଚାରେ ରହିଛିଜଣେ ଏଏନ୍‌ଏମ୍‌ଙ୍କ ବଦଳି । ଜଣେ ଏଏନ୍‌ଏମ୍‌ଙ୍କ ବଦଳି ପ୍ରଥମେ ସାକେରୀରୁ ଓଡ଼ଗାଁ, ପରେ ଓଡ଼ଗାଁରୁ ପନ୍ତିଖାରୀ, ପନ୍ତିଖାରୀରୁ ଗିରିଡିପଲ୍ଲୀ ହୋଇଛି । ଏପରି ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ବଦଳି ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ହୋଇଛି । ବଦଳି ହେବାକୁ ହେଲେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବଦଳି କମିଟି ବୈଠକ ବସିବାର ନିୟମ ରହିଛି। ବଦଳି କମିଟିରେ ବଦଳି ହେବା ପାଇଁ ନିଷ୍ପତ୍ତି ହେଲେ ମାର୍ଚ୍ଚରୁ ଜୁନ ମାସ ମଧ୍ୟରେ ବଦଳି କରାଯାଇପାରେ । ବର୍ଷର ସବୁ ସମୟରେ ବଦଳି କରାଯାଇ ପାରି ବ ନାହିଁ ବୋଲି ନିୟମ ରହିଛି । ହେଲେ ବଦଳି ନିୟମକୁ ଶୀତଳଭଣ୍ଡାରକୁ ଫୋପାଡ଼ି ବଦଳି କରାଯାଇଛି । ଅପରପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୪ଜଣ ଲିଫ୍ଟ ଅପରେଟରଙ୍କୁ ନୂଆ ନିଯୁକ୍ତି ମିଳିଛି । ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ନୂଆ ନିଯୁକ୍ତିକୁ ବାରଣ ଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ କଟକଣାକୁ ବାଟବଣା କରାଯାଇ ନିଯୁକ୍ତି ଦିଆଯାଇଛି। ଏନେଇ ସମାଜିକ କର୍ମୀ ସନ୍ତୋଷ ପ୍ରଧାନ କୁହନ୍ତି,ଆଚରଣ ବିଧି ଲାଗୁ ସମୟରେ ବଦଳି ଓ ନିଯୁକ୍ତି କରିବା ବେଆଇନ। ଏହାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉ । ନଚେତ୍ ଆମେ ଆଇନର ଆଶ୍ରୟ ନେବୁ ବୋଲି କହିଛନ୍ତି।




## ବରିଷ୍ଠ ଥାଉ ଥାଉ କନିଷ୍ଠଙ୍କୁ ଡିଏଚ୍‌ଏଚ୍ ଅଧୀକ୍ଷକ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ଡାକ୍ତର ଥିଲେ ମଧ୍ୟ କନିଷ୍ଠ ଡାକ୍ତରଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଭାବେ ନିଯୁକ୍ତି ମିଳିଛି। ଦାୟିତ୍ୱରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଛୁଟି କାଟି ଫେରିବା ବେଳକୁ ତାଙ୍କୁ ପଦବୀରୁ ହଟାଇ ଦିଆଯାଇଛି। ସମ୍ପୃକ୍ତ ଡାକ୍ତର ମୂଳ ପଦବୀରେ କାମ କରୁଥିବାର ଦେଖିବାକୁ ମିଳିଛି। ଏନେଇ ସିଡିଏମ୍‌ଓ ରମାକାନ୍ତ ପଣ୍ଡା କୁହନ୍ତି, ଆଉଟ୍ ସୋର୍ସିଂରେ ୨ଜଣ ଲିଫ୍ ଅପରେଟର ନିଯୁକ୍ତି ପାଇଛନ୍ତି। ଅତି ଜରୁରୀ ଥିବାରୁ ନିଯୁକ୍ତି ଦିଆଯାଇଛି। ଆଉଟ୍ ସୋର୍ସିଂରେ ନିଯୁକ୍ତି କରିବାରେ କୌଣସି ଅସୁବିଧା ନାହିଁ। ପୁଣି ବଦଳି ନେଇ କହିଥିଲେ ଆବଶ୍ୟକତା ହେବାରୁ କିଛିଟା ବଦଳି ହୋଇଛି। ଲାଞ୍ଚ କାରବାର ସମ୍ପୂର୍ଣ୍ଣ ମିଥ୍ୟା, ନିଯୁକ୍ତି ଓ ବଦଳିରେ କୌଣସି ଅନିୟମିତତା ହୋଇ ନ ଥିବା ସେ କହିଛନ୍ତି।

# ୧୩ ବଖରା ଭସ୍ମୀଭୂତ

## ବିଭିନ୍ନ ସାମଗ୍ରୀ ସହ ଭତ୍ତା ଟଙ୍କା ବି ଜଳିଗଲା

ନୂଆଗାଁ,୨୦।୪
(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଶିଖରଗୋଛା ଗ୍ରାମରେ ଶନିବାର ନିଆଁ ଲାଗି ୧୩ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିବିପନ୍ନମାନେ ପିନ୍ଧା ଲୁଗା ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର କରି ପାରିନାହାନ୍ତି। ଗ୍ରାମବାସୀଙ୍କ ସହିତ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଉଦୟପୁର ପଞ୍ଚାୟତ ଶିଖରଗୋଛା ଗ୍ରାମରେ ଶନିବାର ଅପରାହ୍ନ ୩ଟା ସମୟରେ କୌଣସି କାରଣରୁ ଜଣେ ଗ୍ରାମବାସୀଙ୍କ ଚାଳରେ ନିଆଁ ଲାଗି ଯାଇଥିଲା। ପ୍ରବଳ ଖରା ଯୋଗୁ ଚାଳର ନିଆଁକୁ ଆୟତ କରିବା କଷ୍ଟକର ହୋଇଥିଲା। ଖବର ପାଇ ନୂଆଁଗାଁ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ ଶିଖରଗୋଛା ଗ୍ରାମର ବାବାଜୀ ମହାକୁଡଙ୍କ ଗୁହାଳ, ଉଚ୍ଛବ ବେହେରାଙ୍କ ଘର ଓ ଗୁହାଳ, ମନୋରଞ୍ଜନ ବେହେରାଙ୍କ ଘର ଓ ଗୁହାଳ, ମାନସ ବେହେରା, ମାହାଲି ବେହେରା, ଦୈତାରୀ ବେହେରା, ଜଗନ୍ନାଥ ବେହେରା, ଭଗବାନ ବେହେରା, ବାମଦେବ ବେହେରା, କାଳିଆ ବେହେରା ଓ ଦୁଃଖୀଶ୍ୟାମ ବେହେରାଙ୍କ ମୋଟ ୧୩ ବଖରା ଘର ପୋଡ଼ିଯିବା ସହ ଅନେକ ସାମଗ୍ରୀ ଜଳି ପାଉଁଶ ହୋଇଛି। ବୃଦ୍ଧା ମାହାଲି ବେହେରା ପାଇଥିବା ଭତ୍ତା ଟଙ୍କାକୁ ଖର୍ଚ୍ଚ ନ କରି ସାଇତି ଥିବା ବେଳେ ବାକ୍ସରେ ଥିବା ୧୦ ହଜାର ଟଙ୍କା ପୋଡି ଯାଇଛି । ସେହିପରି ଉଚ୍ଛବ ବେହେରାଙ୍କ ପ୍ରାୟ ୩୦ ହଜାର ଟଙ୍କା ପୋଡ଼ି ଯାଇଥିବା କହିଛନ୍ତି। ମନୋରଞ୍ଜନ ବେହେରାଙ୍କ ଗୁହାଳରେ ଥିବା ଶଗଡ଼, ଗୋଖାଦ୍ୟ ଆଦି ପୋଡିଯିବା ସହ ଘରେ ଥିବା ଅନେକ ସାମଗ୍ରୀ ପୋଡ଼ି ଯାଇଛି। ମହିତମା ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀ ପହଞ୍ଚି ତଦନ୍ତ କରିବା ସହ ଯଥାଶୀଘ୍ର ଜରିପାଲ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବେ ବୋଲି କହିଛନ୍ତି । ତେବେ ନିଆଁ ଲାଗିବାର କାରଣ ଜଣାପଡି ନାହିଁ।



ଅଗ୍ନିଶମବାହିନୀ ନିଆଁ ଲିଭାଇବାକୁ ଚେଷ୍ଟା କରୁଛି ।



ମାହାଲି ବେହେରାଙ୍କ ପୋଡିଯାଇଥିବା ଟଙ୍କା ଓ ଜମି ଦଲିଲ ।

## ମହାନଦୀରେ ବୁଡ଼ି ମହିଳା ମୃତ

ଖଣ୍ଡପଡ଼ା,୨୦।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ଯାତ୍ରାପଦା ବଜାର ନିକଟସ୍ଥ ମହାନଦୀ ଘାଟରୁ ଜଣେ ଅଜଣା ମହିଳାଙ୍କ ମୃତଦେହକୁ ଶନିବାର ମଧ୍ୟାହ୍ନରେ ଉଦ୍ଧାର କରାଯାଇଛି । ପାରିପାର୍ଶ୍ୱିକ ଅବସ୍ଥା ତଥା ମହାନଦୀ କୂଳରେ ଜଳସମ୍ପଦ ବିଭାଗର କାର୍ଯ୍ୟ କରୁଥିବା କେତେଜଣ ଶ୍ରମିକଙ୍କ ସୂଚନା କ୍ରମେ ସଂପୃକ୍ତ ମହିଳା ଜଣକ ସ୍ନାନ ଶୌଚାଦି କାରଣ ପାଇଁ ନଦୀର ଅବସ୍ଥିତି ସଂପର୍କରେ କିଛି ନ ଜାଣି ନଦୀ ଭିତରକୁ ଯାଇଥିଲେ । ହେଲେ ନଦୀର ଗଣ୍ଡରେ ସେ ବୁଡି ଯାଇଥିଲେ । ଏ ଖବରପ୍ରଚାରିତ ହେବା ପରେ ସ୍ଥାନୀୟ କେତେକ ଯୁବକ ଓ କୃଷ୍ଣଚନ୍ଦ୍ର ମହାରଣା(ଟୁକୁନା)ମୋଟର ବୋଟ୍‌ରେ ସେହି ମହିଳାଙ୍କୁ ଖୋଜାଖୋଜି କରି ତାଙ୍କର ମୃତଦେହକୁ ଉଦ୍ଧାର କରିଥିଲେ । ଏହାପରେ ୧୦୮ ଆମ୍ବୁଲାନ୍ସରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ ଯେ, ସଂପୃକ୍ତ ମହିଳା ସ୍ନାନ ଶୌଚାଦି ପାଇଁ ନଦୀକୁ ଆସିଥିଲେ । କୂଳରେ ୭୦ଟଙ୍କା ଥିବା ଏକ ମନିପର୍ସ, ଚାବି ଓ ଚପଲ ରଖି ନଦୀକୁ ସ୍ନାନ କରିବାକୁ ଯାଇଥିଲେ । ହେଲେ ଗଣ୍ଡରେ ବୁଡ଼ି ଯାଇଥିଲେ । ମହିଳାଙ୍କ ପରିଚୟ ମିଳି ନାହିଁ । ତାଙ୍କର ବୟସ ଆନୁମାନିକ ୪୫ରୁ ୫୦ ବର୍ଷ ହେବ । ଖବର ପାଇ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ଓ ସହକର୍ମୀ ଘଟଣାସ୍ଥଳରେ ପହଁଚି ତଦନ୍ତ ଚଳାଇଛନ୍ତି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅରୂପ



@ ବାଦଲ



@ ପ୍ରଭାତୀ



@ ଜଗନ୍ନାଥ



@ କାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅହଲ୍ୟା ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ଶ୍ରୀରଘୁନାଥ

## ଓଡ଼ଗାଁ ଶ୍ରୀରାମନବମୀ ଯାତ୍ରାର ତୃତୀୟ ସନ୍ଧ୍ୟା

ଓଡ଼ଗାଁ,୨୦।୪
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲାର ଅନନ୍ୟ ଆଧ୍ୟାତ୍ମିକ କ୍ଷେତ୍ର ଭାବେ ସୁପରିଚିତ ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରାର ଶନିବାର ତୃତୀୟ ସନ୍ଧ୍ୟାରେ ଶ୍ରୀଜୀଉ ପାଷାଣି ଅହଲ୍ୟାଙ୍କ ଶାପ ମୁକ୍ତ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ । ଏଥିପାଇଁ ଶ୍ରୀଜୀଉଙ୍କ ମନ୍ଦିର ସୁସଜ୍ଜିତ ଆଲୋକ ମାଳାରେ ଝଟକୁ ଥିଲା । ପାପ ବିମୋଚନ କରିବାକୁ ସୁବର୍ଣ୍ଣ କଳସ ଉପରେ ସତ୍ୟ, ଧର୍ମ, ଶାନ୍ତିର ବାର୍ତ୍ତା ବହନ କରୁଥିବା ୩ ପତାକା ଉଡୁଥିଲା । କେବଳ ଜିଲା ନୁହେଁ, ରାଜ୍ୟ ବାହାରୁ ମଧ ଅନେକ ମାନସିକଧାରୀ ଏହି ନବଦିନ ଯାତ୍ରାରେ ଆସି ଶ୍ରୀଜୀଉମାନଙ୍କୁ ଦର୍ଶନ କରିଥିଲେ।

ରାମାୟଣ କଥାବସ୍ତୁ ଆଧାରରେ ଗୌତମଙ୍କ ରୂପ ଧାରଣ କରିଥିବା ଛଦ୍ମବେଶୀ ଇନ୍ଦ୍ରଙ୍କ ସହିତ ଅହଲ୍ୟାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତକୁ ସ୍ୱାମୀ ଗୌତମ ଋଷି ଧ୍ୟାନ ବଳରେ ଜାଣିପାରିଥିଲେ । ଏଥିରେ କ୍ଷୁବ୍ଧ ହୋଇ ଗୌତମ ମୁନୀ ଅହଲ୍ୟାଙ୍କୁ ପାଷାଣି ହେବାକୁ ଅଭିଶାପ ଦେଇଥିଲେ। ଅଭିଶାପ ଫେରାଇ ନେବାକୁ ଅହଲ୍ୟାଙ୍କ ବାରମ୍ବାର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ତ୍ରେତୟା ଯୁଗରେ ରାମାବତାରରେ ପ୍ରଭୁ ଶ୍ରୀରାମଙ୍କ ପାଦସ୍ପର୍ଶରେ ସାପମୁକ୍ତ ହେବ ବୋଲି ଗୌତମ ମୁନୀ ଅହଲ୍ୟାଙ୍କୁ ଆଶ୍ୱାସନା ଦେଇଥିଲେ । ତ୍ରେତୟା ଯୁଗରେ ମୁନିଋଷିଙ୍କ ଯଜ୍ଞରକ୍ଷା ଲାଗି ବିଶ୍ୱାମିତ୍ରଙ୍କ ସହ ଆସି ରାମ ଲକ୍ଷ୍ମଣ ତାଡକାଙ୍କୁ ବଧ କରି ମିଥିଳା ରାଜ୍ୟକୁ ଯାଉଥିଲେ । ବିଶ୍ୱାମିତ୍ରଙ୍କ ଇଙ୍ଗିତରେ ରାମଚନ୍ଦ୍ର ସ୍ମିତହସି ରାସ୍ତା ପାର୍ଶ୍ୱରେ ପଡିଥିବା ଏକ ପରିତ୍ୟକ୍ତ ପଥର ଉପରେ ପାଦ ଥାପି ଥିଲେ । ପଦସ୍ପର୍ଶ ମାତ୍ରେ ପଥରରୁ ଅହଲ୍ୟା ସାପମୁକ୍ତ ହୋଇଥିଲେ । ରବିବାର ଶ୍ରୀଜୀଉ ଗଙ୍ଗା ପାର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ।



ଶ୍ରୀଜୀଉଙ୍କ ଅହଲ୍ୟା ଉଦ୍ଧାରଣ ବେଶ ।

# ଚନ୍ଦନ ପୋଖରୀରେ ପଦ୍ମ,କଇଁ ଫୁଟିବ

## ବିକାଶ ପ୍ରକଳ୍ପ କାମ ଅନିୟମିତତାକୁ ନେଇ ପ୍ରତିକ୍ରିୟା

ଖଣ୍ଡପଡ଼ା,୨୦।୪
(ଅଜୟ କୁମାର ମହାରଣା)

ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀର ନବୀକରଣ କାର୍ଯ୍ୟ ସହ ପଙ୍କ ଉଦ୍ଧାର କାମ ସରିଛି । କାମ ସରିବା ପରେ ପାଣି ଭରି ଦିଆଯାଇଛି । ହେଲେ ଠିକ୍ ଭାବେ ପଙ୍କ ଉଠାଯାଇ ନ ଥିବାକୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଅଭିଯୋଗ ପରେ ବି କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା ଠିକାସଂସ୍ଥା । ଫଳରେ ପୋଖରୀରେ ପାଣି ଭରିବା ପରେ ଏବେ ପଦ୍ମ ଓ କଇଁ କାୟା ବିସ୍ତାର କରୁଛି । ଏହାକୁ ନେଇ ବୁଦ୍ଧିଜୀବି ଓ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ପାରମ୍ପରିକ ରୀତିରେ ପ୍ରତିବର୍ଷ ହୋଇ ଆସୁଛି । ପ୍ରତ୍ୟେହ ଅପରାହ୍ନରେ ନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଓ ଲକ୍ଷ୍ମୀ ସରସ୍ୱତୀ, ଶିବ ପାର୍ବତୀ ପୃଥକ ବିମାନରେ ଆରୁଢ ହୋଇ ଜଳକ୍ରୀଡା କରିବା ପାଇଁ ଚନ୍ଦନ ପୋଖରୀକୁ ବିଜେ ହୋଇଥାଆନ୍ତି । ଦୁଇଟି ବଡ଼ ଚାପ ଡଙ୍ଗାରେ ଠାକୁରଙ୍କ ଜଳକ୍ରୀଡା ନୀତି ସମ୍ପନ୍ନ ହୋଇଥାଏ । । ତେବେ ପୋଖରୀଟି ଦୀର୍ଘ ବର୍ଷରୁ ପରିତ୍ୟକ୍ତ ତଥା ଦଳ ଓ ପଦ୍ମବଣରେ ପରିପୂର୍ଣ୍ଣ ହୋଇଥିବାରୁ ବିଗତ ବର୍ଷରେ ଠାକୁରଙ୍କ ଚାପ ନୀତିରେ ସମସ୍ୟା ସୃଷ୍ଟି ହୋଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ନୀଳମାଧବ ବିକାଶ ପ୍ରକଳ୍ପ ନିମନ୍ତେ ୧୦୦ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଥିଲା । ଏହି ପ୍ରକଳ୍ପ ଅନୁଯାୟୀ ଚନ୍ଦନ ପୋଖରୀର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ଚାଲୁ ରହିଛି । ତେବେ ଧର୍ମକୁ ଆଖିଠାର ପରି ଯେଭଳି ଭାବେ କାର୍ଯ୍ୟ ସମ୍ପାଦନ ହେଉଛି ଏହାର ସ୍ଥାୟୀତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପଦ୍ମବଣରେ ପରିପୂର୍ଣ୍ଣ ଥିବା ପୋଖରୀର ପଙ୍କକୁ ଜେସିବ ମେଶିନରେ ଖୋଳାଯାଇଥିଲେ ମଧ ପରବର୍ତ୍ତୀ ସମୟରେ ସେହି ପଙ୍କକୁ ପୁନର୍ବାର ପୋଖରୀରେ ବିଛାଯାଇ ନିକଟସ୍ଥ ମହାନଦୀର ପାଣି ଭରି ଦିଆଯିବାକୁ ନେଇ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ପଙ୍କରେ ରହିଥିବା ପଦ୍ମ ଓ କଇଁ ନାଡ ଓ ଚେର ଧିରେ ଧିରେ କାୟା ବିସ୍ତାର କରିବ ବୋଲି ଅଭିଯୋଗ ହୋଇଛି । ହେଲେ ଏଥିପ୍ରତି କାର୍ଯ୍ୟନିର୍ବାହୀ ଅଧିକାରୀ କର୍ଣ୍ଣପାତ କରି ନ ଥିଲେ । ଫଳରେ ପୋଖରୀରେ ପାଣି ଭର୍ତ୍ତି କରାଯିବାର ଏକମାସ ମଧରେ ଏବେ ପଦ୍ମ ଓ କଇଁ ଫୁଲ ଗଛ ପୋଖରୀରେ କାୟା ବିସ୍ତାର କରୁଛି। ଏହାକୁ ନେଇ ଚନ୍ଦନ ପୋଖରୀରେ ପଦ୍ମ ଫୁଟିବ କେବେ ବୋଲି ସାଧାରଣରେ ଆଲୋଚନା ହେଉଛି ।

ସୂଚନାଯୋଗ୍ୟ, ରାଜ୍ୟ ନିର୍ମାଣ ବିଭାଗ ଶାସନ ସଚିବ ଭି. କେ. ଯାଦବ ଗତ ଫେବୃଆରୀ ୨୦ରେ ଏହି ପ୍ରକଳ୍ପର କାର୍ଯ୍ୟ ସମୀକ୍ଷା କରିଥିଲେ । ଶୀଘ୍ର କାମ ଶେଷ କରିବାକୁ ଓଡ଼ିଶା ସେତୁ ନିର୍ମାଣ ନିଗମ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଶ୍ରୀଜୀଉଙ୍କ ଚନ୍ଦନ ପୁଷ୍କରିଣୀରୁ ପୁରୁଣା ମାଟି ତଥା ପଙ୍କକୁ ଉଠା ନ ଯାଇ ସେହିମାଟିକୁ ପୋଖରୀରେ ବିଛାଯାଉଥିବା କଣ୍ଟିଲୋ ବିକାଶ ପରିଷଦର ସଭାପତି ଯୁଗଳ କିଶୋର ନାୟକ, ପୂଜକ ସମାଜର ପୂର୍ବତନ ସଭାପତି ନିହାର ରଞ୍ଜନ ମିଶ୍ରଙ୍କ ସମେତ ସ୍ଥାନୀୟ ସଚେତନ ନାଗରିକମାନେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଚିବ ଯାଦବ ଚନ୍ଦନ ପୋଖରୀ ପରିଦର୍ଶନ କରି ଅଭିଯୋଗର ସତ୍ୟତା ଦୃଷ୍ଟିରୁ ଅଭିଯୋଗ କ୍ରମେ ପୋଖରୀରୁ ଆବଶ୍ୟକ ପଙ୍କ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସଚିବ ଫେରିବା ପରେ ତାଙ୍କ ନିର୍ଦ୍ଦେଶକୁ ଗୁରୁତ୍ୱ ନ ଦେଇ ପଙ୍କ ଅନ୍ୟତ୍ର ନ ଉଠାଯାଇ ସେଠାରେ ଖେଳାଇ ଦିଆଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏ ସଂକ୍ରାନ୍ତରେ ସଚିବଙ୍କ ପରାମର୍ଶକୁ ଗୁରୁତ୍ୱ ଦେଉନାହାନ୍ତି ଠିକାସଂସ୍ଥା' ଶୀର୍ଷକ ଏକ ଖବର ଫେବୃଆରୀ ୨୨ରେ ଧରିତ୍ରୀରେ ପ୍ରକାଶ ପାଇଥିଲା ।



# ମିଶିବା ଆଗରୁ ସନାତନଙ୍କୁ ବିଜେଡି ଟିକେଟ

କେନ୍ଦୁଝର,୨୦।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)


ସନାତନ ମହାକୁଡ଼

ଚମ୍ପୁଆ ବିଧାନସଭା କ୍ଷେତ୍ରରେ ବିଜେଡି ପ୍ରାର୍ଥୀ ହୋଇଛନ୍ତି ପୂର୍ବତନ ବିଧାୟକ ସନାତନ ମହାକୁଡ଼। ଗତ ନିର୍ବାଚନରେ ନିଜେ ନ ଲଢ଼ି ସହଯୋଗୀ ମୀନାକ୍ଷୀ ମହାନ୍ତଙ୍କୁ ପ୍ରାର୍ଥୀ କରି ଜିତାଇଥିଲେ। ତେବେ ଚଳିତ ନିର୍ବାଚନରେ ମୀନାକ୍ଷୀଙ୍କ ଟିକେଟ କାଟି ବିଜେଡି ସନାତନଙ୍କୁ ପ୍ରାର୍ଥୀ କରିଛି। ସନାତନ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ହେଉଥିଲା। ହେଲେ ଦଳରେ ମିଶିବା ଆଗରୁ ତାଙ୍କୁ ପ୍ରାର୍ଥୀ କରାଯିବା ସମସ୍ତଙ୍କୁ ଆଚମ୍ବିତ କରିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସନାତନ ଭାଜପାରେ ବି ମିଶିବା ନେଇ ଦଳୀୟ ନେତା ଓ କର୍ମୀମାନେ ଆଶା ବାନ୍ଧିଥିବା ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କ ନାମ ଘୋଷଣା କରିବା ପରେ ଭାଜପା ଶିବିରରେ ନୈରାଶ୍ୟ ଖେଳିଯାଇଛି। ବିଜେଡି ଟିକେଟ ଦେଇଥିବାରୁ ଧନ୍ୟବାଦ ଦେବା ସହ ଦଳ ଭିତରେ ରହି କାମ କଲେ ଅଧିକ କାମ କରିପାରିବେ ବୋଲି ସନାତନ କହିଛନ୍ତି। କଂଗ୍ରେସରେ ରାଜନୀତି ଜୀବନ ଆରମ୍ଭ କରିଥିବା ସନାତନ ଦଳରୁ ଇସ୍ତଫା ଦେଇ ସ୍ୱାଧୀନ ଭାବରେ ୨ ଥର ନିର୍ବାଚନ ଲଢ଼ିଥିଲେ। ୨୦୦୯ରେ ହାରିଥିବା ବେଳେ ୨୦୧୪ରେ ଜିତିଥିଲେ। ୨୦୧୯ରେ ପ୍ରାର୍ଥୀ ନ ହୋଇ ତାଙ୍କ ସମର୍ଥିତ ଚନ୍ଦ୍ରାଣୀ ମୁର୍ମୁଙ୍କୁ ଲୋକ ସଭା ଏବଂ ମୀନାକ୍ଷୀ ମହାନ୍ତଙ୍କୁ ଚମ୍ପୁଆ ବିଧାନସଭା ପାଇଁ ବିଜେଡିରୁ ପ୍ରାର୍ଥୀ କରି ଜିତାଇଥିଲେ।

କେନ୍ଦୁଝର ରାଜନୀତିରେ ପ୍ରଭାବଶାଳୀ ଥିବା ସନାତନ କିଛି ବର୍ଷ ହେଲା ସକ୍ରିୟ ରାଜନୀତିରୁ ଦୂରେଇ ରହିଥିଲେ। ଏବେ କ୍ଷମତାସୀନ ବିଜେଡିରୁ ଟିକେଟ ପାଇଥିଲେ ମଧ୍ୟ ତାଙ୍କ ପାଇଁ ବିରୋଧୀଙ୍କ ରଣକୌଶଳ, ଦଳୀୟ ନେତାଙ୍କ ବିରୋଧ, ବ୍ୟବସାୟିକ ପ୍ରତିଯୋଗୀଙ୍କ ଗୋଟିଚାଳନା ତାଙ୍କ ପାଇଁ ଅଡୁଆ ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି। ସେହିପରି ପୂର୍ବରୁ ବିରୋଧ କରିଆସୁଥିବା ଦଳୀୟ ସ୍ୱାଭିମାନୀ ନେତା ଓ କର୍ମୀ ତାଙ୍କର ପ୍ରାର୍ଥିତ୍ୱକୁ କିଭଳି ଗ୍ରହଣ କରିବେ ଓ ଜିତାଇବାକୁ ଆଗେଇ ଆସିବେ ତାହା ମଧ୍ୟ ଦେଖିବାକୁ ବାକି ରହିଛି।

# ନିର୍ବାଚନ ପ୍ରଚାର କରିବାକୁ ରାୟଗଡ଼ା ଆସିବେ ମୁଖ୍ୟମନ୍ତ୍ରୀ



## ଏପ୍ରିଲ ୨୫ରେ ବିଷମକଟକ ଓ ଗୁଣପୁର, ମେ' ୪ରେ ରାୟଗଡ଼ା ନିର୍ବାଚନ ମଣ୍ଡଳୀରେ ହେବ ପ୍ରଚାର

ରାୟଗଡ଼ା,୨୦।୪(ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ସାଧାରଣ ନିର୍ବାଚନରେ ୩ ପ୍ରମୁଖ ଦଳ ନିଜ ନିଜର ହେଭିୱେଟ୍ ନେତାଙ୍କୁ ନେଇ ଅଞ୍ଚଳରେ ପ୍ରଚାର ପାଇଁ ଯୋଜନା ଚଳାଇଛନ୍ତି। ତେବେ ରାୟଗଡ଼ା ଜିଲାରେ ବିଜେଡିର ପ୍ରଚାର ପାଇଁ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିବା ନେଇ ସୂଚନା ମିଳିଛି। ୨ ପର୍ଯ୍ୟାୟରେ ଜିଲାର ୩ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ପ୍ରଚାର କରିବେ ବୋଲି ଜଣାପଡ଼ିଛି। ୨୫ ତାରିଖ ଗୁରୁବାର ବିଷମକଟକ ଓ ଗୁଣପୁର ନିର୍ବାଚନମଣ୍ଡଳୀରେ ପ୍ରଚାର କରିବା ନେଇ ଯୋଜନା ରହିଛି। ସେହିଭଳି ମେ' ୪ରେ ମୁଖ୍ୟମନ୍ତ୍ରୀ ରାୟଗଡ଼ା ନିର୍ବାଚନମଣ୍ଡଳୀରେ ପ୍ରଚାର କରିବେ। ଶନିବାର ଏହି ସୂଚନା ମିଳିବା ପରେ ଦଳୀୟ ନେତା କସରତ ଆରମ୍ଭ କରିଛନ୍ତି। ପ୍ରଚାର ସମୟରେ ମୁଖ୍ୟମନ୍ତ୍ରୀ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ଶନିବାର ରାତିରେ ବିଷମକଟକ ଓ ଗୁଣପୁରରେ ପ୍ରଚାର ପାଇଁ ସ୍ଥାନ ନିରୂପଣ ହେବ ବୋଲି ବିଜେଡି ଜିଲା ସଭାପତି ଏନ୍. ଭାସ୍କରରାଓ ସୂଚନା ଦେଇଛନ୍ତି। ଏହାପରେ ରାୟଗଡ଼ା ନିର୍ବାଚନମଣ୍ଡଳୀରେ ହେବାକୁଥିବା ପ୍ରଚାର ପାଇଁ ସ୍ଥାନ ସ୍ଥିର ହେବ ବୋଲି ସେ କହିଛନ୍ତି। ଏଥର ନିର୍ବାଚନରେ ନବୀନ ମ୍ୟାଜିକ୍ ଦଳ ପାଇଁ ବେଶ୍ ସହାୟକ ହେବ ବୋଲି ପ୍ରାର୍ଥୀମାନେ ଆଲୋଚନା କରିବା ସହ ଉତ୍ସାହିତ ଅଛନ୍ତି।

# କଟିଲେ ଭାଗୀରଥି, ଆସିଲେ ଅଭିମନ୍ୟୁ

ହାଟଡ଼ିହୀ,୨୦।୪(ଶୁଭକାନ୍ତ ନାୟକ/ପାର୍ଥ ସୌରଭ ସା)/ ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପୁରୁଣା ମୁହଁ ତଥା ବିଧାୟକ ଭାଗୀରଥି ସେଠୀଙ୍କ ସ୍ଥାନରେ ନୂଆ ମୁହଁ ଭାବେ ଅଭିମନ୍ୟୁ ସେଠୀଙ୍କୁ ପ୍ରାର୍ଥୀ କରିଛି। ନାମ ଘୋଷଣା ପରେ ଦଳୀୟ କର୍ମୀମାନେ ଅଭିମନ୍ୟୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନବୀନ ପଟ୍ଟନାୟକଙ୍କ ଆଦର୍ଶ ଏବଂ ଜନକଲ୍ୟାଣ ଯୋଜନାରେ ସେ ଅନୁପ୍ରାଣିତ ହୋଇ ସମସ୍ତଙ୍କୁ ସାଥିରେ ନେଇ ନିର୍ବାଚନ ଲଢ଼ିବେ ବୋଲି ଅଭିମନ୍ୟୁ କହିଛନ୍ତି। ଅଭିମନ୍ୟୁଙ୍କ ଘର ଇଞ୍ଜୋଳରେ ହୋଇଥିବା ବେଳେ ସେ ନିଜ ପଞ୍ଚାୟତର ବିଜେଡି ସଭାପତି ଏବଂ ବ୍ଲକ୍ ବିଜେଡି ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କ ସ୍ତ୍ରୀ ସାବିତ୍ରୀ ସେଠୀ ମଧ୍ୟ ସରପଞ୍ଚ, ୨ ଥର ବ୍ଲକ୍ ଅଧ୍ୟକ୍ଷା ଏବଂ ବ୍ଲକ ମହିଳା ସଭାନେତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ସୂଚନାଯୋଗ୍ୟ, ପୁରୁଣା ମୁହଁକୁ ହଟାଇ ନୂଆ ମୁହଁକୁ ବିଧାୟକ ପ୍ରାର୍ଥୀ ଦାବିରେ ଦଳୀୟ କର୍ମୀମାନେ ବହୁବାର ବୈଠକ କରି ଦଳ ମୁଖିଆଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅପରପକ୍ଷେ କଂଗ୍ରେସରୁ ଜୟଦେବ ଯେନା ଏବଂ ଭାଜପାରୁ ଆଲୋକ ସେଠୀ ବିଧାୟକ ପ୍ରାର୍ଥୀ ଭାବେ ପ୍ରଚାର ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

# ସଂଗ୍ରାମ କରି ଟିକେଟ ପାଇଲେ ରଘୁ

ଖୋର୍ଦ୍ଧା/ବାଲୁଗାଁ,୨୦।୪(ପ୍ରଭାତ ପାଣିଗ୍ରାହୀ/ସଂଗ୍ରାମ ପାଇକରାୟ)

ବିଜୁ ଜନତା ଦଳ ପକ୍ଷରୁ ଚିଲିକା ବିଧାନସଭା କ୍ଷେତ୍ର ପାଇଁ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନାମ ଶନିବାର ଘୋଷଣା କରାଯାଇଛି। ପ୍ରାର୍ଥୀ ଘୋଷଣା ପରେ ରଘୁ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ୨୦୦୯ରେ ରଘୁ ଚିଲିକାରୁ ବିଧାୟକ ନିର୍ବାଚିତ ହୋଇଥିଲେ। ୨୦୧୯ରେ ରଘୁଙ୍କୁ ବାଦ୍ ଦେଇ ଏଠାରେ ପ୍ରଶାନ୍ତ ଜଗଦେବଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ବିଧାୟକ ଜଗଦେବ ବାଣପୁର ବ୍ଲକ ଆଗରେ ଲୋକଙ୍କ ଉପରକୁ ଗାଡି ମଡ଼ାଇଦେବା ଘଟଣାରେ ଦଳ ତାଙ୍କୁ ବହିଷ୍କୃତ କରିଥିଲା। ନିକଟରେ ଜଗଦେବ ଭାଜପାରେ ଯୋଗଦେବା ପରେ ଚିଲିକା ଆସନକୁ ନେଇ ନେତା ଓ କର୍ମୀ ଦ୍ୱନ୍ଦ୍ୱରେ ଥିଲେ। ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀଙ୍କୁ ଚିଲିକା ପାଇଁ ବିଜେଡି ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ରଘୁଙ୍କ ସମର୍ଥକମାନେ ଶଙ୍ଖ ଭବନ ଆଗରେ ହୋହଲ୍ଲା କରିଥିଲେ। ଏଥିସହ ରଘୁଙ୍କୁ ଟିକେଟ ଦେବା ପାଇଁ ଦାବି କରିଥିଲେ। ଶନିବାର ଚିଲିକା ଆସନ ପାଇଁ ରଘୁଙ୍କ ନାଁ ଘୋଷଣା ହେବା ପରେ ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ତେବେ ସଂଗ୍ରାମ କରି ରଘୁ ଟିକେଟ ପାଇଲେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ଏହି ଆସନ ପାଇଁ ଭାଜପା ପୃଥ୍ୱୀରାଜ ହରିଚନ୍ଦନ ଓ କଂଗ୍ରେସ ପ୍ରଦୀପ କୁମାର ସ୍ୱାଇଁଙ୍କୁ ପ୍ରାର୍ଥୀଭାବେ ଘୋଷଣା କରିଛି।

# 'ନିମାପଡ଼ାରେ ସମୀର ନାହିଁ ତ ଶଙ୍ଖ ନାହିଁ ସ୍ଲୋଗାନ'


ବାରବାଟୀ ପଡ଼ିଆରେ ସମୀର ଦାଶଙ୍କ ସମର୍ଥକଙ୍କ ସମାବେଶ।

ନିମାପଡ଼ା,୨୦।୪(ରଞ୍ଜନ ପଟ୍ଟନାୟକ)

ବିଜେଡି ଟିକେଟ ବଣ୍ଟନରେ ଅସନ୍ତୋଷ ବ୍ୟକ୍ତ କରି ଶନିବାର ରଣହୁଙ୍କାର ଦେଇଛନ୍ତି ବିଧାୟକ ସମୀର ଦାଶଙ୍କ ସମର୍ଥକ। ସ୍ଥାନୀୟ ବାରବାଟୀ ପଡ଼ିଆଠାରେ ଏକ ବିଶାଳ ସମାବେଶ କରି ଶକ୍ତି ପ୍ରଦର୍ଶନ କରିଛନ୍ତି ବିଧାୟକ ସମୀର ଦାଶ। ନିମାପଡ଼ା ନିର୍ବାଚମଣ୍ଡଳୀ ଅନ୍ତର୍ଭୁକ୍ତ ସମସ୍ତ ୪୬ ପଞ୍ଚାୟତ ଏବଂ ନିମାପଡ଼ା ଏନ୍‌ଏସିରୁ ହଜାର ହଜାର ସଂଖ୍ୟାରେ ମହିଳା ଏବଂ ପୁରୁଷ ସମର୍ଥକମାନେ ଜୟଶ୍ରୀ ଛକ, ଗୋଲେଇ ଛକ, ପାଟପୁର ଛକ, କଲେଜ ଛକଠାରେ ଏକତ୍ରିତ ହୋଇ ସମୀର ଦାଶଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ସାମିଲ ହୋଇ ବାରବାଟୀ ପଡ଼ିଆଠାରେ ପହଞ୍ଚିଥିଲେ। ଶୋଭାଯାତ୍ରା ସମୟରେ 'ସମୀର ନାହିଁ ତ ଶଙ୍ଖ ନାହିଁ' ନାରାରେ କମ୍ପିଥିଲା ନିମାପଡ଼ା। ନବୀନ ମୋ ନେତା, ମୋର ମୋ ନିର୍ବାଚିତ ପ୍ରତିନିଧିମାନଙ୍କ ଉପରେ ବିଶ୍ୱାସ ରହିଛି। ମୋ ନେତା ନବୀନ ପଟ୍ଟନାୟକ ପୁନର୍ବିଚାର କରିବେ ବୋଲି ପୁରା ବିଶ୍ୱାସ ରହିଛି। ଉପସ୍ଥିତ କର୍ମୀ ଏବଂ ସମର୍ଥକଙ୍କୁ ସମ୍ବର୍ଦ୍ଧିତ କରି ସମୀର ଦାଶ ଏହା କହିଥିଲେ। ନଗର ସଭାପତି ଜୀବନାନନ୍ଦ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ସମାବେଶରେ ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଜିଲା ପରିଷଦ ପ୍ରଦୀପ୍ତ ଖଟୋଇ, ନିମାପଡ଼ା ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଗୋପ ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ରାଜ୍ୟ ଯୁବ ବିଜେଡ଼ି ସମ୍ପାଦକ ଅକ୍ଷୟ ବେହେରା, ଉପନଗରପାଳ ସନ୍ତୋଷ ଦାଶ ପ୍ରମୁଖ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରିଥିଲେ, ନ ହେଲେ ଆଗାମୀ ଦିନରେ ନିମାପଡ଼ାରୁ ବିଜେଡି ଲୋପ ପାଇଯିବ ବୋଲି ପରୋକ୍ଷରେ ରାଜ୍ୟ ନେତୃତ୍ୱଙ୍କୁ ଚେତାବନୀ ଦେଇଛନ୍ତି।

# କଟିଲେ ଅମର, ଆସିଲେ ବର୍ଷା

**ବଡ଼ଚଣା ବିଧାନସଭା ଆସନ**

- ଭୁବନେଶ୍ୱରରେ ଅମର ସମର୍ଥକଙ୍କ ମେଳି
- ଟିକେଟ ପୁନର୍ବିଚାର ପାଇଁ ଦାବି

ଚଣ୍ଡିଖୋଲ,୨୦।୪(ପ୍ରଦୀପ୍ତ କୁମାର ପୃଷ୍ଟି)


ବର୍ଷା ପ୍ରିୟଦର୍ଶିନୀ

ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀରେ ୬ଥର ବିଜୟୀ ହୋଇଥିବା ଅମର ପ୍ରସାଦ ଶତପଥୀଙ୍କୁ ବିଜେଡି ଚଳିତ ନିର୍ବାଚନ ପାଇଁ ଭରସା କରିନାହିଁ। ତାଙ୍କୁ ବାଦ୍‌ଦେଇ କିଛିଦିନ ତଳେ ବିଜେଡିରେ ସାମିଲ ହୋଇଥିବା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଶନିବାର ପୂର୍ବାହ୍ନରେ ପ୍ରାର୍ଥୀ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଠାରେ ବିଜେଡିରେ ଅନେକ ଆଶାୟୀ ଥିବାବେଳେ ଚର୍ଚ୍ଚାକୁ ଆସି ନ ଥିବା ବର୍ଷାଙ୍କ ନାମ ଘୋଷଣା କରି ମୁଖ୍ୟମନ୍ତ୍ରୀ ଅନେକଙ୍କୁ ଚକିତ କରିଛନ୍ତି। ହେଲେ ଏହାକୁ ନେଇ ବଡ଼ଚଣା ବିଜେଡି କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଅମରଙ୍କ ବାସଭବନରେ ଶତାଧିକ ସମର୍ଥକ ମେଳି ହୋଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟିକେଟ୍ ପାଇଁ ମୁଖ୍ୟମନ୍ତ୍ରୀ ପୁନର୍ବିଚାର କରିବାକୁ ଅମର ସମର୍ଥକମାନେ ଦାବି କରିଛନ୍ତି। ଆଗକୁ ଅମରଙ୍କ କ'ଣ ରଣନୀତି ରହିବ ତାହାକୁ ନେଇ ସମସ୍ତଙ୍କ ନଜର ରହିଛି। ଅନ୍ୟପକ୍ଷରେ ବର୍ଷାଙ୍କ ନାମ ଘୋଷଣା ପରେ ସେ କଟକ ଚଣ୍ଡୀ ମନ୍ଦିର ଯାଇ ପୂଜାପାଠ କରିବା ସହ ମା'ଙ୍କ ଆଶିଷ ଭିକ୍ଷା କରିଛନ୍ତି।

ବଡ଼ଚଣା ବିଧାନସଭା ଆସନରୁ ଅମର ୧୯୯୦, ୧୯୯୫ରେ ଜନତା ଦଳରୁ, ୨୦୦୦ରେ ବିଜେଡିରୁ, ୨୦୦୯ରେ ବିଜେଡି ସମର୍ଥନରେ ଏନ୍‌ସିପିରୁ, ୨୦୧୪ ଓ ୨୦୧୯ରେ ବିଜେଡିରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୨୦୦୪ରେ ବିଜେଡି ତାଙ୍କୁ ଏଠାରୁ ପ୍ରାର୍ଥୀ କରି ନ ଥିଲା। ଏଠାରୁ ଯାଜପୁର ଅଞ୍ଚଳର ନେତା ଗୌତମ ରାୟଙ୍କୁ ଦଳ ପ୍ରାର୍ଥୀ କରିଥିଲା। ସେଥିପାଇଁ ଏହି ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ସୀତାକାନ୍ତ ମହାପାତ୍ର ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ଅମର ନିଜେ କିମ୍ବା ତାଙ୍କ ପୁଅଙ୍କୁ ପ୍ରାର୍ଥୀ କରାଯିବାକୁ ଦାବି କରିଆସୁଥିଲେ। ସେହିଭଳି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ଏଠାରୁ ପ୍ରାର୍ଥୀ ହେବା ପାଇଁ ଦାବିଦାର ଥିଲାବେଳେ ଗତ କିଛି ଦିନ ତଳେ କଂଗ୍ରେସ ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ବିଜେଡିରେ ଯୋଗ ଦେଇଥିଲେ। ସେ ମଧ୍ୟ ଟିକେଟ ଆଶାୟୀ ଥିଲେ। ବଡ଼ଚଣା ବିଜୁ ଯୁବ ଜନତା ଦଳର ସଭାପତି ତଥା ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ମଧ୍ୟ ଟିକେଟ ଦୌଡ଼ରେ ଥିଲେ। ସମସ୍ତଙ୍କୁ ନିରାଶ ହେବାକୁ ପଡ଼ିଛି। ଆଶ୍ଚର୍ଯ୍ୟଜନକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ବାହାର ପ୍ରାର୍ଥୀଙ୍କୁ ଏଠାରେ ଦେଇଛନ୍ତି। ଏଠାରୁ ୩ଜଣ ମହିଳା ମଧ୍ୟ ଟିକେଟ ଆଶାୟୀ ଥିଲେ।

# କରଞ୍ଜିଆରୁ ବାସନ୍ତୀ, ସାରସକଣାରୁ ଦେବାଶିଷଙ୍କୁ ଟିକେଟ

ବାରିପଦା,୨୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ବିଜେଡି ପକ୍ଷରୁ ୬ଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା କରାଯାଇଛି। ବିଜେଡି ସଭାପତି ତଥା ସୁପ୍ରିମୋ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଜିଲାରେ ଅବଶିଷ୍ଟ ୩ ଆସନରୁ ୨ଟିରେ ପ୍ରାର୍ଥୀ ଘୋଷଣା କରିଛନ୍ତି। କରଞ୍ଜିଆ ଆସନରୁ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ସାରସକଣା ବିଧାନସଭା କ୍ଷେତ୍ରରୁ ଡା.ଦେବାଶିଷ ମାରାଣ୍ଡିଙ୍କୁ ଟିକେଟ ପ୍ରଦାନ କରାଯାଇଛି। କେବଳ ବାଙ୍ଗିରିପୋଷି ଆସନଟି ଖାଲି ପଡ଼ିଥିବା ବେଳେ ପ୍ରାର୍ଥୀ ଘୋଷଣାକୁ ନେଇ ଅଙ୍କକଷା ଚାଲିଛି।

ମୟୂରଭଞ୍ଜ ଜିଲାର ୯ ବିଧାନସଭା କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବା ବେଳେ ବିଜେଡିର ପ୍ରାର୍ଥୀ ଚୟନ ଶେଷ ହୋଇପାରୁନାହିଁ। ବିଜେଡି ପ୍ରଥମ ପର୍ଯ୍ୟାୟରେ ବାରିପଦା, ଉଦଳା, ବଡ଼ସାହି, ମୋରଡ଼ା ଓ ଯଶିପୁର ପାଇଁ ପ୍ରାର୍ଥୀ ଘୋଷଣା କରିବା ପରେ ରାଇରଙ୍ଗପୁର ଆସନରେ ପ୍ରାର୍ଥୀ ଘୋଷଣା କରିଥିଲା। ପରବର୍ତ୍ତୀ ସମୟରେ ଭାଜପାର ତାଲିକା ପ୍ରକାଶ ପାଇବା ପରେ ଅବଶିଷ୍ଟ ସାରସକଣା ଓ କରଞ୍ଜିଆ ଆସନରେ ପ୍ରାର୍ଥୀ ଘୋଷଣା କରିଛି। ବାଙ୍ଗିରିପୋଷି କ୍ଷେତ୍ରରେ କାହାକୁ ପ୍ରାର୍ଥୀ କରାଯିବ ସେ ନେଇ ବିଚାରବିମର୍ଶ ଚାଲୁ ରହିଥିବାରୁ ଆସନଟି ଝୁଲନ୍ତା ଅବସ୍ଥାରେ ରହିଛି। ତେବେ ବିଜେଡିର ଚର୍ଚ୍ଚିତ ଚେହେରା ଥିବା ବାସନ୍ତୀ ଓ ଦେବାଶିଷକୁ ଦଳ ଥଇଥାନ କରିଥିବା ବେଳେ ଅନ୍ୟ ଏକ ଟାଣୁଆ ନେତ୍ରୀ ସରୋଜିନୀ ହେମ୍ବ୍ରମ ବାଦ୍ ପଡ଼ିଛନ୍ତି। ୨୦୦୯ ସାଧାରଣ ନିର୍ବାଚନରେ ସରୋଜିନୀ ବାଙ୍ଗିରିପୋଷି ବିଧାନସଭା କ୍ଷେତ୍ରରୁ ବିଜୟୀ ହୋଇ ମନ୍ତ୍ରୀ ପଦ ହାତେଇଥିଲେ। ନିଜର କାର୍ଯ୍ୟଦକ୍ଷତା, ଲୋକପ୍ରିୟତା ଓ ସୁସଂଗଠକ ଭାବେ ଜଣେ ଆଦର୍ଶ ମହିଳା ନେତ୍ରୀ ଭାବେ ବେଶ୍ ଜଣାଶୁଣା ରହିଛନ୍ତି।

**ଝୁଲିଲା ବାଙ୍ଗିରିପୋଷି**

ଗତ ନିର୍ବାଚନରେ ବାରିପଦାରୁ ପ୍ରାର୍ଥୀକରି ପରାଜିତ ହୋଇଥିଲେ ହେଁ ଦଳୀୟ କନ୍ଦଳ ପରାଜୟର ମୁଖ୍ୟ କାରଣ ସାଜିଥିଲା। ଏପରି ସ୍ଥଳେ ସୁଦାମଙ୍କ ସ୍ତ୍ରୀଙ୍କୁ ପ୍ରାର୍ଥୀ କରିବା ନେଇ କର୍ମୀ ମହଲରେ କୁହାକୁହି ହେଉଛନ୍ତି। ଜିଲାରେ ୯ରୁ ୩ଟି ଆସନ ବଡ଼ସାହି, ମୋରଡ଼ା ଓ କରଞ୍ଜିଆରେ ବିଜେଡି ମହିଳା ପ୍ରାର୍ଥୀ ଦିଆଯାଇଛି। ତେବେ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀରେ ଭାଜପାରୁ ସଞ୍ଜଲୀ ମୁର୍ମୁଙ୍କୁ ଟିକେଟ ଦିଆଯାଇଥିବାରୁ ବିଜେଡିରୁ ମଧ୍ୟ ମହିଳା ଗୋଟି ଖେଳାଯିବ ବୋଲି ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ କଥା କଟାକଟି ଚାଲିଛି। ତେବେ ସମସ୍ତ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ବାକି ରହିଥିବା କ୍ଷେତ୍ର ପ୍ରତି ସମସ୍ତଙ୍କ ନଜର ଲାଖି ରହିଛି। ଲୋକ ସଭା ପ୍ରାର୍ଥୀ ସୁଦାମଙ୍କୁ ବିଜୟୀ କରିବା ପାଇଁ ଦଳ ପକ୍ଷରୁ କାହାକୁ ପ୍ରାର୍ଥୀ ଘୋଷଣା କରୁଛି ତାହାକୁ ନେଇ ଘୋଷଣାରେ ବିଳମ୍ବ ହେଉଛି। ଏକ ପ୍ରକାର ପ୍ରମୁଖ ଲଢ଼େଇ ହେବାକୁ ଯାଉଥିବା ବିଜେଡି ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା ସରିବାକୁ ବସିଥିବା ବେଳେ ଅଦ୍ୟାବଧି ଜେଏମ୍‌ଏମ୍ ପ୍ରାର୍ଥୀ ଘୋଷଣାରେ ବିଳମ୍ବ କରିଛି। କଂଗ୍ରେସରୁ ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦଳ ଯୁବ ନେତା କ୍ଷୀରୋଦ ପାତ୍ରଙ୍କ ନାମ ଶନିବାର ଘୋଷଣା କରିଛି। ବିଜେଡିରୁ ବାଙ୍ଗିରିପୋଷି ଆସନ ଚୟନ ଅପେକ୍ଷାରେ ରହିଛି।

# ମୀନାକ୍ଷୀ ମହାନ୍ତ ରାଇରଙ୍ଗପୁର, ଯଶୀପୁର ବିଜେଡି ନିର୍ବାଚନ ସଂଯୋଜକ

ଭୁବନେଶ୍ୱର,୨୦।୪(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଜିଲା ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତଙ୍କୁ ରାଇରଙ୍ଗପୁର ଏବଂ ଯଶୀପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ଟିକେଟ କଟିବା ପରେ ମହାନ୍ତଙ୍କୁ ତୁରନ୍ତ ଉକ୍ତ ପଦବୀରେ ନିଯୁକ୍ତି ଦିଆଯାଇଛି।

ସେହିପରି ସନ୍ଦୀପ ମିଶ୍ରଙ୍କୁ ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରଚାର ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ କୁଶ ଆପଟଙ୍କୁ କେନ୍ଦୁଝର ଜିଲା ବିଜୁ ଜନତା ଦଳର ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ଶନିବାର ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି।

**କୁଶ ଆପଟ କେନ୍ଦୁଝର ଜିଲା ବିଜେଡି ସଭାପତି**

# ଅଖିଳଙ୍କ ବିରୋଧରେ ଭାଜପାର ସମାବେଶ



ପାଟଣା,୨୦।୪(ବୀରକିଶୋର ଦାଶ)

**ପାଟଣା ଭାଜପା ପ୍ରାର୍ଥୀ ପରିବର୍ତ୍ତନ ଦାବି ତେଜିଲା**

କେନ୍ଦୁଝର ଜିଲା ପାଟଣା ବିଧାନସଭା କ୍ଷେତ୍ରରେ ଭାଜପା ପକ୍ଷରୁ ଅଖିଳ ନାୟକଙ୍କୁ ପ୍ରାର୍ଥୀ କରାଯାଇଛି। ମାତ୍ର ଭାଜପା କର୍ମକର୍ତ୍ତା ଅଖିଳଙ୍କ ପ୍ରାର୍ଥିତ୍ୱକୁ ବିରୋଧକରି ପୂର୍ବରୁ ସମୂହ ଇସ୍ତଫା ଦେଇଥିବା ବେଳେ ଶନିବାର ପୁଣି ବିରୋଧ ସମାବେଶ କରିଛନ୍ତି। ମୁଖ୍ୟାଳୟ ବୈତରଣୀ ନଦୀକୂଳ ଧାନବେଣୀ ପାର୍ଶ୍ୱରେ ପାଟଣା ଭାଜପା ନିର୍ବାଚନମଣ୍ଡଳୀସ୍ତରୀୟ, ବୁଥ୍ ସ୍ତରୀୟ, ପଞ୍ଚାୟତ ସ୍ତରୀୟ ଓ ମଣ୍ଡଳସ୍ତରୀୟ କର୍ମକର୍ତ୍ତାଙ୍କୁ ନେଇ ନିଷ୍ପତ୍ତି ସମାବେଶ ନାମରେ ସଭା ଅନୁଷ୍ଠିତ ହୋଇଥିଲା। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଏଥିରେ ୨ ହଜାରରୁ ଊର୍ଦ୍ଧ୍ୱ ଭାଜପା କର୍ମକର୍ତ୍ତା ସାମିଲ ହୋଇଥିଲେ।

ସୂଚନା ଅନୁଯାୟୀ, ଅଖିଳ ଚନ୍ଦ୍ର ନାୟକଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ନିର୍ବାଚନମଣ୍ଡଳୀ ସଂଯୋଜକ ସୁଦର୍ଶନ ମହାନ୍ତଙ୍କ ସଂଯୋଜନାରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ମମିତା ନାଏକ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସତ୍ୟବ୍ରତ ନାଏକ, ଜିଲା ଯୁବମୋର୍ଚ୍ଚା ସଭାପତି ସବୀର ଦାଶ ପ୍ରମୁଖ ନୂତନ ପ୍ରାର୍ଥୀ ଦେବାକୁ ଦାବି କରିଥିଲେ। ମହିଳା ଆଦିବାସୀ ନେତ୍ରୀ ମମିତା ନାଏକ କହିଛନ୍ତି, ଆମେ ଏକ ଶୃଙ୍ଖଳିତ ଦଳର କର୍ମକର୍ତ୍ତା। ସଂଗଠନ ସହ ଜଡ଼ିତ ନ ଥିବା ବ୍ୟକ୍ତି ଅଖିଳ ନାୟକଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରୁଛନ୍ତି । ତାଙ୍କୁ ଛାଡ଼ି ଦଳ ଯାହାକୁ ବି ପ୍ରାର୍ଥୀ କରିବ ସମସ୍ତେ କାର୍ଯ୍ୟ କରିବେ। ୨୯ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରାଯିବ। ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ପ୍ରକାଶଯୋଗ୍ୟ, ଗତ ମଙ୍ଗଳବାର ଭାଜପା ପକ୍ଷରୁ ଅଖିଳ ଚନ୍ଦ୍ର ନାୟକଙ୍କ ନାମ ପାଟଣା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ଘୋଷଣା ହେବା ଦିନଠାରୁ ବିଭିନ୍ନ ଫୋରମରୁ ଭାଜପାର ଏକ ବୃହତ୍ତର ଗୋଷ୍ଠୀ ଏହାକୁ ବିରୋଧ କରୁଛନ୍ତି। ନିର୍ବାଚନମଣ୍ଡଳୀର ୨୧୨ ଜଣ ବିଭିନ୍ନ ପଦପଦବୀରେ ଥିବା ସଦସ୍ୟ ଜିଲା ଭାଜପା କାର୍ଯ୍ୟାଳୟ ଓ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ବିରୋଧ ପ୍ରଦର୍ଶନକରି ଇସ୍ତଫା ପ୍ରଦାନ କରିଛନ୍ତି।

# ନୂଆ-ପୁରୁଣାଙ୍କ ମଧ୍ୟରେ ଲଢ଼େଇ

ମାଲକାନଗିରି,୨୦।୪(ନୃସିଂହ ଚରଣ ମହାନ୍ତି)

**ମାଲକାନଗିରି ନିର୍ବାଚନମଣ୍ଡଳୀ**


ମାନସ ମାଡ଼କାମୀ


ନରସିଂହ ମାଡ଼କାମୀ


ମାଳା ମାଢ଼ୀ

ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସର ମାଲା ମାଢ଼ୀ, ଭାଜପାର ନରସିଂହ ମାଡ଼କାମୀ ଓ ବିଜେଡିର ମାନସ ମାଡ଼କାମୀ ପ୍ରାର୍ଥୀ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ କେହି ନାମାଙ୍କନପତ୍ର ଦାଖଲକରି ନ ଥିବା ବେଳେ ପ୍ରଚାର ଜୋର୍‌ଦାର ଚଳାଇଛନ୍ତି। ଫଳରେ ରୋଚକ ହେବାରେ ଲାଗିଛି ମାଲକାନଗିରି ରାଜନୀତି।

ଗତ ବିଧାନସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ଆଦିତ୍ୟ ମାଢ଼ୀ ବିଜୟୀ ହୋଇଥିଲେ। ଦଳ ତାଙ୍କ ଉପରେ ଏଥର ଭରସା ନ କରି ନୂଆ ମୁହଁ ନରସିଂହ ମାଡ଼କାମୀଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସରୁ ୩ ଥର ପରାଜିତ ହୋଇଥିବା ମାଲା ମାଢ଼ୀଙ୍କ ଉପରେ ଦଳ ଭରସା ରଖି ପୁନର୍ବାର ଟିକେଟ ଦେଇଛି। ସେହିପରି ୨୦୧୪ରେ ଟିକେଟ ପାଇ ବିଜୟୀ ହୋଇଥିବା ମାନସ ମାଡ଼କାମୀଙ୍କୁ ୨୦୧୯ରେ ଦଳ ଟକେଟ ନ ଦେଇ ମୁକୁନ୍ଦ ସୋଡ଼ିଙ୍କୁ ପ୍ରାର୍ଥୀ କରିଥିଲା। ୨୦୨୪ରେ ପୁନର୍ବାର ବିଜେଡି ମାନସଙ୍କ ଉପରେ ଭରସା କରି ତାଙ୍କୁ ପ୍ରାର୍ଥୀ କରିଛି। ଫଳରେ ନୂଆ ଆଉ ପୁରୁଣାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଛି।

ଅନ୍ୟପକ୍ଷରେ ପୂର୍ବରୁ କଂଗ୍ରେସ ଏମ୍‌ପି ଥିବା ପ୍ରଦୀପ ମାଝି ବିଜେଡିରେ ଯୋଗଦେବା ପରେ ନିର୍ବାଚନ ସମୀକରଣ ବଦଳିବା ସମ୍ଭାବନା ରହିଛି। ଚଳିତଥର ନବରଙ୍ଗପୁର ଲୋକ ସଭା ଆସନ ପାଇଁ ପ୍ରଦୀପଙ୍କୁ ବିଜେଡି ଏମ୍‌ପି ଟିକେଟ ଦେଇଛି। ସେହିପରି ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ଉତ୍ତମ ଫଳ ପ୍ରଦର୍ଶନ କରିବା ପରେ ଏଥର ଭଲ କରିବ ବୋଲି ବରିଷ୍ଠ ନେତାମାନେ ମତ ଦେଉଛନ୍ତି। ଭାଜପା ମଧ୍ୟ ଚଳିତ ନିର୍ବାଚନରେ ଆଶାନୁରୂପ ପ୍ରଦର୍ଶନ କରିବା ନେଇ ସମ୍ପୃକ୍ତ ଦଳର ନେତା ଓ କର୍ମୀ ଆଶା ରଖିଛନ୍ତି। ତେଣୁ ୩ଦଳ ପକ୍ଷରୁ ସଭାସମିତି ସହ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା ଜାରି ରହିଛି।

ସେହିପରି ବର୍ତ୍ତମାନ କଂଗ୍ରେସ, ଭାଜପା ଓ ବିଜେଡି ବିଭିନ୍ନ କର୍ମୀ ଓ ବରିଷ୍ଠ କର୍ମକର୍ତ୍ତାଙ୍କୁ ନିଜ ସପକ୍ଷକୁ ନେଇ ଦଳରେ ସାମିଲକରି ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ନୂଆ ରଣନୀତି ଆପଣେଇଛନ୍ତି।

୨୦୦୯ ନିର୍ବାଚନ ଫଳାଫଳକୁ ଅନୁଧ୍ୟାନକଲେ ବିଜେଡି ପ୍ରାର୍ଥୀ ମୁକୁନ୍ଦ ସୋଡି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ନବୀନ ଚନ୍ଦ୍ର ମାଡକାମୀଙ୍କଠାରୁ ୧୦,୯୦୬ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ୨୦୧୪ରେ ବିଜେଡି ପ୍ରାର୍ଥୀ ମାନସ ମାଡ଼କାମୀ କଂଗ୍ରେସ ପ୍ରାର୍ଥୀ ମାଲା ମାଢୀଙ୍କଠାରୁ ୩,୪୬୦ ଭୋଟ ପାଇ ବିଜୟୀ ହୋଇଥିଲେ। ୨୦୧୯ ନିର୍ବାଚନରେ ଭାଜପା ପ୍ରାର୍ଥୀ ଆଦିତ୍ୟ ମାଢ଼ୀ କଂଗ୍ରେସ ପ୍ରାର୍ଥୀ ମାଲା ମାଢ଼ୀଙ୍କଠାରୁ ୨୩,୫୬୯ ଭୋଟରେ ଜିତିଥିଲେ।

ଚଳିତଥର ମାଲକାନଗିରି ନିର୍ବାଚନମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୨,୪୪,୮୯୦ଥିବା ବେଳେ ସେଥିମଧ୍ୟରୁ ମହିଳାଙ୍କ ସଂଖ୍ୟା ୧,୨୪,୮୨୬ ଓ ପୁରୁଷଙ୍କ ସଂଖ୍ୟା ୧,୨୦,୦୩୨। ତୃତୀୟ ଲିଙ୍ଗ ୩୨ ରହିଛନ୍ତି। ନିର୍ବାଚନମଣ୍ଡଳୀରେ ମୋଟ ୨୯୮ ବୁଥ୍ ରହିଛି।



ପ୍ରଚଣ୍ଡ ଖରାତାତିରେ ରାଜଧାନୀ ଭୁବନେଶ୍ୱରରେ ଜଣେ ମହିଳା ନିଜ ପିଲାଙ୍କୁ ହେଲ୍‌ମେଟ୍ ପିନ୍ଧାଇ ଟାୱେଲ ଘୋଡ଼ାଇ ସ୍କୁଟିରେ ଯାଉଛନ୍ତି।

# ୧୮ ଇଞ୍ଜିନିୟରିଂ ଛାତ୍ରଙ୍କୁ ଜଣ୍ଡିସ୍

କେନ୍ଦୁଝର,୨୦।୪ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ସରକାରୀ ଇଞ୍ଜିନିୟରିଂ କଲେଜ ଛାତ୍ରାବାସରେ ରହୁଥିବା ଛାତ୍ରଙ୍କୁ ଜଣ୍ଡିସ ବ୍ୟାପୁଥିବା ଘଟଣା ଆଲୋଚ୍ୟର ବିଷୟ ହୋଇଛି। ବର୍ତ୍ତମାନ ସୁଦ୍ଧା ପାଖାପାଖି ୧୮ ଜଣଙ୍କୁ ଜଣ୍ଡିସ ହୋଇଥିବା ଜଣାପଡ଼ିଛି। ଜଣ୍ଡିସରେ ଆକ୍ରାନ୍ତ ହେବା ପରେ ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ପରେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ପରିବାର ଲୋକ ଚିକିତ୍ସା ପାଇଁ ଘରକୁ ନେଇଯାଇଥିବା ବେଳେ କେତେଜଣ ହଷ୍ଟେଲରେ ରହି ଚିକିତ୍ସିତ ହେଉଥିବା ଜଣାପଡ଼ିଛି। କେଉଁ କାରଣରୁ ଜଣ୍ଡିସ ବ୍ୟାପିଛି ଜଣାପଡି ନ ଥିଲେ ହେଁ ମଇଳା ପାଣି ପାଇଁ



ବ୍ୟାପିଥିବା ଆଶଙ୍କା କରାଯାଉଛି।

ସୂଚନା ଅନୁଯାୟୀ, କିଛି ଦିନ ତଳେ ଛାତ୍ରାବାସରେ ଜଣେ ଛାତ୍ରଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାରୁ ପରୀକ୍ଷା ପରେ ଜଣ୍ଡିସ୍ ହୋଇଥିବା ଜଣାପଡ଼ିଥିଲା। ପରେ ଅନ୍ୟ ୧୭ ଜଣ ଜଣ୍ଡିସରେ ଆକ୍ରାନ୍ତ ହୋଇ ଅସୁସ୍ଥ ମନେ କରିଥିଲେ। ଖବର ପାଇ ଶୁକ୍ରବାର ଜିଲା ମୁଖ୍ୟ ଡାକ୍ତରଖାନାର ଏକ ଡାକ୍ତରୀ ଟିମ୍ ପିଲାମାନଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ବିଭିନ୍ନ ସ୍ଥାନରୁ ବ୍ୟବହାର କରୁଥିବା ପାଣି ନମୁନା ସଂଗ୍ରହ କରି ଯାଞ୍ଚ କରିଥିବା ଜଣାପଡ଼ିଛି। ଏ ନେଇ ଅଧକ୍ଷ ତ୍ରିଲୋଚନ ସାହୁ କହିଛନ୍ତି, ଜଣ୍ଡିସ ବ୍ୟାପିବାର କାରଣ ଜଣାପଡ଼ିନାହିଁ। ତେବେ ମେଡିକାଲ ଟିମ୍ ରକ୍ତ ଓ ପାଣି ନମୁନା ଯାଞ୍ଚ କରିବାକୁ ନେଇଛନ୍ତି। କଲେଜ ପକ୍ଷରୁ ମଧ୍ୟ ପାଣି ନମୁନା ଯାଞ୍ଚ ପାଇଁ ଭୁବନେଶ୍ୱର ସ୍ଥିତ ଲାବୋରଟୋରିକୁ ପଠାଯାଇଛି। କେତେ ଜଣ ପିଲା ତାଙ୍କ ଅଭିଭାବକଙ୍କ ସହିତ ଘରକୁ ଯାଇ ଚିକିତ୍ସିତ ହେଉଥିବା ବେଳେ ଅନ୍ୟମାନେ ହଷ୍ଟେଲରେ ରହି ଚିକିତ୍ସିତ ହେଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ଖବର ପାଇବା ପରେ ଡାକ୍ତରୀ ଟିମ୍ ଯାଇ ପିଲାମାନେ ବ୍ୟବହାର କରୁଥିବା ପାଣିର ୪ ସ୍ଥାନରୁ ନମୁନା ସଂଗ୍ରହ କରି ଯାଞ୍ଚ କରାଯାଉଛି। ସେହିପରି ହଷ୍ଟେଲରେ ଥିବା ୧୨ ପିଲାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଯାଞ୍ଚ କରାଯାଇଥିଲା। ଗୋଟିଏ ପିଲାର ହେପାଟାଇଟିସ ଏ ପଜିଟିଭ ବାହାରିଛି। ଅନ୍ୟ ୬ ଜଣଙ୍କ ଜଣ୍ଡିସ୍ ପଜିଟିଭ ବାହାରିଥିବା ବେଳେ ଅନ୍ୟ ୫ ଜଣଙ୍କ ରକ୍ତ ନମୁନା ଠିକ୍ ରହିଛି। ପାଣି ନମୁନା ମଧ୍ୟ ଠିକ୍ ରହିଛି। ପରିସ୍ଥିତି ଉପରେ ନଜର ରଖାଯାଇଛି। ନିୟମିତ ଯାଞ୍ଚ କରାଯିବ। ସେହିପରି ପାଣି ନମୁନାରେ ସେଭଳି କିଛି ବାହାରି ନାହିଁ ବୋଲି ସେ କହିଛନ୍ତି।

# ସହକାରୀ ପ୍ରଫେସର ନିଲମ୍ବିତ

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ମହିଳା ସହକର୍ମୀଙ୍କୁ ଦୁର୍ବ୍ୟବହାର

ସମ୍ବଲପୁର,୨୦।୪ (ପ୍ରମୋଦ ବହିଦାର)



ରଜତ କୁମାର କୁଜୁର

ପୂର୍ବରୁ ବିବାଦରେ ଛନ୍ଦି ହୋଇଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ. ରଜତ କୁମାର କୁଜୁର ଶନିବାର ନିଲମ୍ବିତ ହୋଇଛନ୍ତି। ଜଣେ ମହିଳା ସହକର୍ମୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ନିର୍ଦ୍ଦେଶକ୍ରମେ କୁଳସଚିବ ତାଙ୍କୁ ନିଲମ୍ବନ କରିଛନ୍ତି।

ସୂଚନା ଅନୁଯାୟୀ, ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ତାଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ଆପତ୍ତିଜନକ ପୋଷ୍ଟ କରିଥିବା ନେଇ ମହିଳା ସହକର୍ମୀ କୁଳପତିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତ ରିପୋର୍ଟ ମିଳିବା ପରେ ଡ. କୁଜୁରଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସଦୃଶ ତାଙ୍କୁ ନିଲମ୍ବନ କରାଯାଇଛି। ତେବେ ଏହି ନିଲମ୍ବନ ପରେ ବିନା ଅନୁମତିରେ ସେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନ, ସ୍ନାତକୋତ୍ତର ବିଭାଗ କିମ୍ବା ଲାଇବ୍ରେରିକୁ ପ୍ରବେଶ କରିପାରିବେ ନାହିଁ। ସେହିପରି ନିଲମ୍ବନ ଅବଧି ମଧ୍ୟରେ ସେ ଛୁଟି ଦରମା ସହିତ ସମାନ ହାରରେ ବେତନ ଓ ସହାୟକ ଭତ୍ତା ପାଇବେ। ତେବେ ସେ ଅନ୍ୟ କୌଣସି ଚାକିରି, ବ୍ୟବସାୟ ବା ବୃତ୍ତିରେ ନିୟୋଜିତ ନୁହନ୍ତି ବୋଲି ପ୍ରମାଣପତ୍ର ପ୍ରଦାନ ନ କଲେ କୌଣସି ଦେୟ ପ୍ରଦାନ କରାଯିବ ନାହିଁ ବୋଲି ନିଲମ୍ବନ ନୋଟିସରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ସମ୍ପୃକ୍ତ ପ୍ରଫେସରଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# କୋରାପୁଟ ସହରରେ ବୁଲିଲା ଭାଲୁ

- ଧରିବା ପାଇଁ ବନ ବିଭାଗ ନାକେଦମ
- ଜଙ୍ଗଲରେ ନିଆଁ ଯୋଗୁ ସହରମୁହାଁ ହେଉଛନ୍ତି ବନ୍ୟଜନ୍ତୁ

କୋରାପୁଟ,୨୦।୪ (ଅମିତାଭ ବେହେରା)





ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ଜଙ୍ଗଲ ନିଆଁକୁ ରୋକିବା, ଜଙ୍ଗଲରେ ନିଆଁ ନ ଲଗାଇବାକୁ ଲୋକଙ୍କୁ ଅବଗତ କରାଯାଉଥିଲେ ମଧ୍ୟ ଏଥିରେ କିଛି ଫରକ ପଡୁନାହିଁ। ସଚେତନତା ସୃଷ୍ଟି ସତ୍ତ୍ୱେ କେହି କେହି ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ବର୍ତ୍ତମାନ କୋରାପୁଟର ବିଭିନ୍ନ ଜଙ୍ଗଲରେ ଲୋକେ ନିଆଁ ଲଗାଇଛନ୍ତି। ଫଳରେ ଜଙ୍ଗଲରେ ଥିବା ବନ୍ୟପ୍ରାଣୀ ଖାଦ୍ୟ ଅନ୍ୱେଷଣରେ ସହର ମୁହାଁ ହେଉଥିବା ଜଣାପଡ଼ିଛି। ଏହାର ନଜିର ଶନିବାର ଦେଖିବାକୁ ମିଳିଛି। ଭୋର ୪ଟା ସମୟରେ କୋରାପୁଟ ସହର ଭିତରେ ଏକ ଭାଲୁ ବୁଲୁଥିବା ଦେଖିବାକୁ ମିଳିଥିଲା। ସହରସ୍ଥିତ ମୁଖ୍ୟ ଡାକଘର ନିକଟରେ ଭାଲୁ ବୁଲୁଥିବା ଖବର ପାଇ ବନ ବିଭାଗ କର୍ମଚାରୀ ଉକ୍ତ ଅଞ୍ଚଳରେ ପହଞ୍ଚିଥିଲେ ମଧ୍ୟ ଭାଲୁ ସୁନାରିସାହି ଦେଇ କେଉଁଆଡ଼େ ଚାଲିଯାଇଥିବା ଜଣାପଡିଥିଲା। ତେବେ ସହରରେ ଭାଲୁ ବୁଲିବା ନେଇ ଏବେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏବେ ଅଧିକାଂଶ ଜଙ୍ଗଲରେ ନିଆଁ ଲାଗୁଥିବାରୁ ଖାଦ୍ୟ ଅନ୍ୱେଷଣରେ ଭାଲୁଟି ସହର ମଧ୍ୟକୁ ପଶି ଆସିଥିବା ଅନୁମାନ କରାଯାଉଛି। ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଥିବା ବନ ବିଭାଗ ଅଧିକାରୀ ବିକାଶ ପାତ୍ର କହିଛନ୍ତି। ଭାଲୁଟି ଲୋକଙ୍କ କିଛି କ୍ଷତି କରିନାହିଁ। ତାକୁ ଧରିବାକୁ ସନ୍ଧ୍ୟାରେ ବନ ବିଭାଗର ଏକ ଟିମ୍ ସମ୍ପୃକ୍ତ ଅଞ୍ଚଳକୁ ବାହାରିଥିବା ସେ ସୂଚନା ଦେଇଛନ୍ତି।

# ଝାଡ଼ାବାନ୍ତିରେ ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

କୁତ୍ରା,୨୦।୪(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତିରେ ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନେକ ଆକ୍ରାନ୍ତ ଘରେ ରହି ଔଷଧ ଖାଉଛନ୍ତି। ଝାଡ଼ାବାନ୍ତି ବ୍ୟାପିବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଝାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳ ପ୍ରତି ଦୃଷ୍ଟି ରଖାଯାଇଛି। ଜଳଛତ୍ର ଖୋଲାଯାଇ ଓଆରଏସ୍ ପାଣି ବଣ୍ଟନ କରାଯିବା ସହ ଲୋକଙ୍କୁ ଏ ନେଇ ସଚେତନ କରାଯାଉଛି। ତେବେ ଝାଡ଼ାବାନ୍ତି ନିୟନ୍ତ୍ରଣାଧୀନ ଥିବା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଶ୍ରୀକାନ୍ତ ଟପ୍ପୋ କହିଛନ୍ତି। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ବ୍ଲକ ଅନ୍ତର୍ଗତ ନୂଆଗାଁ, ଜଉରାମୁଣ୍ଡା, ପଞ୍ଚରା, ଏଲଗା, ପଙ୍ଗନିଆବାହାଲ, ଝରେନ ଆଦି ଗ୍ରାମର ଅନେକଙ୍କ ଚିକିତ୍ସା କରାଯାଇ ଆବଶ୍ୟକ ଔଷଧ ଓ ପରାମର୍ଶ ଦିଆଯାଇଥିବା ସେ କହିଛନ୍ତି।



ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ରଶ୍ମୀ ମହାପାତ୍ରଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଏହାକୁ ବିରୋଧ କରି ଅନ୍ୟତମ ଆଶାୟୀ ସେଖ୍ ଅମିର୍ ମହମ୍ମଦଙ୍କ ସମର୍ଥକମାନେ ଶନିବାର ରାତିରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରୁଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲବଙ୍ଗଲତା ଫୁଲ ଚହଟା**
**ଫୁଲ କୋଉଦିନ ଫୁଟିବ**
**ଅନାଇ ଅନାଇ ବଅସ ଗଲା**
**କାନ୍ତ କୋଉଦିନ ଆସିବ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ଦୀର୍ଘ ବର୍ଷ ଧରି ପ୍ରେମିକକୁ ପ୍ରତୀକ୍ଷା କରି ହତାଶ ହୋଇପଡ଼ିଥିବା ପ୍ରେମିକାର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲଲାଟ ଲିଖନ କେ କରିବ ଆନ**
**ଲଲାଟେ ଥିଲାକୁ ରାମ ଗଲେ ବନ।**

ଲଲାଟ ବା କପାଳରେ ଯାହା ଲେଖାଥାଏ ତାହା ହିଁ ଘଟିଥାଏ। ସ୍ୱୟଂ ଭଗବାନ ରାମଚନ୍ଦ୍ର ମଧ୍ୟ ସେଥିରୁ ବାଦ ଯାଇନାହାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## କେଜ୍‌ରିୱାଲ୍‌ଙ୍କୁ ମୃତ୍ୟୁମୁଖକୁ ...

କରିଥିବା ସନ୍ଦେହ କରାଯାଉଛି। ଭାରତରେ ଭାଜପା ବିରୋଧରେ ଅଭିଯୋଗ ଆଣୁଥିବା ବିରୋଧୀ ଦଳଗୁଡ଼ିକର ନେତାମାନଙ୍କ ସ୍ୱର ଚପାଇଦେବା ପାଇଁ ଉଦ୍ୟମ ଜାରି ରହିଛି। ଲୋକ ସଭା ନିର୍ବାଚନ ପୂର୍ବରୁ ବିପକ୍ଷ ଦଳର ନେତାମାନଙ୍କ ବିରୋଧରେ ସିବିଆଇ, ଇଡି, ଆୟକର ବିଭାଗ ଆଦି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ତତ୍ପର ହୋଇ ଉଠିଛନ୍ତି। ନିର୍ବାଚନ ପୂର୍ବରୁ ଇଡି ଦ୍ୱାରା ଗିରଫ ହୋଇ ଜେଲରେ ଥିବା କେଜ୍‌ରିୱାଲଙ୍କୁ ଜରୁରୀ ଔଷଧ ଓ ଡାକ୍ତରୀ ଚିକିତ୍ସା ଯୋଗାଇ ଦିଆଯାଉ ନ ଥିବାରୁ ତାଙ୍କୁ ମଧ୍ୟ ନାଭାଲ୍‌ନିଙ୍କ ଭଳି ମାରିଦେବାକୁ ଷଡ଼ଯନ୍ତ୍ର ହେଉଥିବା ଅଭିଯୋଗ ଉଠିଲାଣି। ଆପ୍ ନେତାମାନେ କେନ୍ଦ୍ରୀୟ ଏଜେନ୍ସିର ସର୍ବାଧିକ ଆକ୍ରୋଶର ଶିକାର ହୋଇଛନ୍ତି। ଇଡି ପୂର୍ବରୁ ଦିଲ୍ଲୀର ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ମନି ଲଣ୍ଡରିଂ ମାମଲାରେ ଗିରଫ କରିଥିଲା। ପରେ ଅବକାରୀ ଦୁର୍ନୀତି ମାମଲରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଗିରଫ ହୋଇ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ଜେଲରେ ରହିଛନ୍ତି। ଆପ୍ ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ୬ ମାସ ତିହାର ଜେଲରେ ରହିବା ପରେ ଗତ ୩ ତାରିଖରେ ମୁକୁଳିଥିବାବେଳେ ସତ୍ୟେନ୍ଦ୍ର ଓ ମନୀଷ ଏବେ ମଧ୍ୟ ବନ୍ଦୀ ଜୀବନ ବିତାଉଛନ୍ତି।

୨୦ରୁ ୨୨ ବର୍ଷ ହେଲା ମଧୁମେହରେ ପୀଡ଼ିତ କେଜ୍‌ରିୱାଲଙ୍କୁ ଦୈନିକ ରକ୍ତଶର୍କରା ସ୍ତର ଯାଞ୍ଚ ପାଇଁ ଜେଲରେ ମେଶିନ୍ ବ୍ୟବହାର କରିବା ନିମନ୍ତେ କୋର୍ଟ ଅନୁମତି ଦେଇଥିଲେ। ଅଥଚ ତାଙ୍କୁ ଇନ୍‌ସୁଲିନ୍ ଦିଆଯାଉ ନାହିଁ କି ଡାକ୍ତରଙ୍କ ପରାମର୍ଶ ନେବା ଲାଗି ଅନୁମତି ମିଳୁନାହିଁ। ମୋଟାମୋଟି ଭାବେ ଜେଲରେ ତାଙ୍କର ବିଭିନ୍ନ ଅଙ୍ଗକୁ ନଷ୍ଟ କରିଦେବା ପାଇଁ ଷଡ଼ଯନ୍ତ୍ର ଚାଲିଛି। ୨/୪ ମାସ ପରେ ଯେତେବେଳେ କେଜ୍‌ରିୱାଲ ଜେଲରୁ ବାହାରିବେ, ସେତେବେଳେ ତାଙ୍କୁ କିଡ୍‌ନୀ, ହୃତ୍‌ପିଣ୍ଡ ଓ ଅନ୍ୟାନ୍ୟ ଅଙ୍ଗର ଚିକିତ୍ସା ପାଇଁ ଯିବାକୁ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଭରଦ୍ୱାଜ ଆଶଙ୍କା ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଟାଇପ୍-୨ ଡାଇବେଟିସ୍ ସତ୍ତ୍ୱେ କେଜ୍‌ରିୱାଲ ଜାମିନ ପାଇବା ପାଇଁ ଜେଲରେ ଜାଣିଶୁଣି ମିଠା, ଆମ୍ବ ଭଳି ଉଚ୍ଚ ଶର୍କରାଯୁକ୍ତ ଖାଦ୍ୟ ଖାଉଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିଯୋଗ କରିଥିଲା। ଆପ୍ ନେତା ଉକ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ଡାକ୍ତରଙ୍କ ଦ୍ୱାରା ପ୍ରସ୍ତୁତ ଚାର୍ଟ ଅନୁଯାୟୀ ଖାଦ୍ୟ ଗ୍ରହଣ କରୁଥିବା ଅଦାଲତଙ୍କୁ କହିଥିଲେ। ତାଙ୍କ ଓକିଲ ଅଭିଷେକ ମନୁ ସିଂଘଭି କୋର୍ଟରେ କହିଥିଲେ, କେଜ୍‌ରିୱାଲ ନବରାତ୍ରି ପ୍ରସାଦ ଭାବେ ଥରେ ଆଳୁ-ପୁରି ଖାଇଥିଲେ। ସେ ଚା'ରେ ଚିନି ବଦଳରେ କୃତ୍ରିମ ମିଠା ବ୍ୟବହାର କରୁଛନ୍ତି। ସେ ଜାମିନ ପାଇବା ପାଇଁ ପକ୍ଷାଘାତରେ ପୀଡ଼ିତ ହେବାକୁ ଚାହିଁବେ ନାହିଁ ବୋଲି ସିଂଘଭି କହିଥିଲେ। କେଜ୍‌ରିୱାଲ୍‌ଙ୍କ ରକ୍ତଶର୍କରା ସ୍ତର ଯଥେଷ୍ଟ ଅଧିକ ରହିଥିବା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଥିବା ଡାକ୍ତର ଇନ୍‌ସୁଲିନ୍ ଦେଉ ନ ଥିବା ସିଂଘଭି ଅଭିଯୋଗ କରିଛନ୍ତି।

## ଟ୍ରାଫିକ ପୋଲିସ ମୁଣ୍ଡରେ ...

ପୋଷ୍ଟରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏହି ଅଭିନବ ବ୍ୟବସ୍ଥାର ପରୀକ୍ଷାମୂଳକ ଭାବେ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଟ୍ରାଫିକ୍ ଡିସିପି ପି.କେ. ରାଉତ, ଟ୍ରାଫିକ ଏସିପି ଜୟନ୍ତ ଡୋରା, ଏସିପି ଶରତ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଜଣେ ମହିଳା ଟ୍ରାଫିକ ପୋଲିସ ଏସି ହେଲ୍‌ମେଟ୍ ପିନ୍ଧି ଡ୍ୟୁଟି କରିଥିଲେ। ଏନେଇ ପୋଲିସ କମିଶନର ପଣ୍ଡା କହିଛନ୍ତି, ପ୍ରଚଣ୍ଡ ଖରାରୁ ରକ୍ଷା ପାଇବା ପାଇଁ ଟ୍ରାଫିକ କର୍ମଚାରୀମାନେ ଏହି ହେଲ୍‌ମେଟକୁ ତିନିରୁ ଚାରି ଦିନ ପରୀକ୍ଷାମୂଳକ ଭାବେ ପରିଧାନ କରି ଡ୍ୟୁଟି କରିବେ। ପରେ ସେମାନଙ୍କଠାରୁ ଫିଡ୍‌ବ୍ୟାକ୍ ନିଆଯିବ। ଯଦି ଏଥିରୁ ସଫଳତା ମିଳିବ କିମ୍ବା କର୍ମଚାରୀମାନେ ଭଲ ଅନୁଭବ କରିବେ, ତା'ହେଲେ ଏହି ବ୍ୟବସ୍ଥାକୁ ବ୍ୟାପକ କରାଯିବ ବୋଲି କମିଶନର କହିଛନ୍ତି। ଏନେଇ ଟ୍ରାଏଲ କରାଯାଇଥିବା ମହିଳା ଟ୍ରାଫିକ କର୍ମଚାରୀ ନମିତା ପଣ୍ଡା କହିଛନ୍ତି, ଏହି ହେଲମେଟ ପିନ୍ଧିଲା ପରେ ବହୁତ ଭଲ ଲାଗୁଛି। ଖରାରେ ଛିଡା ହୋଇ ଡ୍ୟୁଟି କରୁଥିଲୁ। ହେଲେ ଏହି ହେଲ୍‌ମେଟ ପିନ୍ଧିଲା ପରେ ଥଣ୍ଡା ଅନୁଭବ ହେଉଛି। କାମ କରିବାକୁ ଭଲ ଲାଗୁଛି। କମିଶନରେଟ ପୋଲିସ ପକ୍ଷରୁ ଏହାଏକ ଭଲ ପଦକ୍ଷେପ। କିନ୍ତୁ ଏହି ବ୍ୟବସ୍ଥା ଟିକେ ଆଗରୁ କରାଯାଇଥିଲେ ଭଲ ହୋଇଥାନ୍ତା ବୋଲି ସେ କହିଥିଲେ। ସୂଚନାନୁସାରେ, ପୂର୍ବରୁ ଗୁଜରାଟ ପୋଲିସ ଏଭଳି ହେଲମେଟ ବ୍ୟବହାର କରୁଛି। ଭଦୋଦରା ଟ୍ରାଫିକ ପୋଲିସ ବିଭାଗ ଏହାର କର୍ମଚାରୀଙ୍କୁ ଏସି ହେଲମେଟ ଯୋଗାଇବା ଆରମ୍ଭ କରିସାରିଛି।

### କ'ଣ ରହିଛି ସୁବିଧା

ସ୍ୱତନ୍ତ୍ର ଜ୍ଞାନକୌଶଳରେ ତିଆରି ହୋଇଥିବା ଏହି ଏସି ହେଲ୍‌ମେଟରେ ରହିଛି ଅନେକ ସୁବିଧା। ହେଲମେଟ୍‌ର ଓଜନ ୮୦୦ ଗ୍ରାମ୍ ହୋଇଥିବା ବେଳେ ଏହା ବ୍ୟାଟେରିଚାଳିତ। ୬ ଘଣ୍ଟା ଚାର୍ଜ କଲେ ୮ ଘଣ୍ଟା ପର୍ଯ୍ୟନ୍ତ ଚାର୍ଜ ରହିବ। ଅଣ୍ଟାରେ ବ୍ୟାଟେରି ରହିବ। ଏହି ହେଲ୍‌ମେଟ ପିନ୍ଧିବା ପରେ ମୁଣ୍ଡର ଚତୁଃପାର୍ଶ୍ୱରୁ ଥଣ୍ଡା ପବନ ପ୍ରବାହିତ ହେବ। ଏପରିକି ୧୦ରୁ ୧୫ ଡିଗ୍ରୀ ପର୍ଯ୍ୟନ୍ତ ଥଣ୍ଡା ଅନୁଭୂତ ହେବ, ଯାହା ଟାଣ ଖରାରେ ଲମ୍ବା ସମୟ ପର୍ଯ୍ୟନ୍ତ ଆରାମ ପ୍ରଦାନ କରିବ। ସୂଚନାଯୋଗ୍ୟ, ଏସି ହେଲ୍‌ମେଟକୁ ଜର୍ସ କମ୍ପାନୀ ତିଆରି କରିଥିବାବେଳେ ଉତ୍ତରାଖଣ୍ଡର କରମ ସେଫ୍ଟି ଲିମିଟେଡ୍ ଯୋଗାଇଦେଇଛି।

## କଂଗ୍ରେସର ଆଉ ୩ ଲୋକ ସଭା,...

ବଡ଼ସାହିରୁ କ୍ଷୀରୋଦ ଚନ୍ଦ୍ର ପାତ୍ର, ସୁକିନ୍ଦାରୁ ବିଭୁଭୂଷଣ ରାଉତ, କନ୍ଧମାଳରୁ ମନୋଜ କୁମାର ଆଚାର୍ଯ୍ୟଙ୍କ ବଦଳରେ ଶରତ କୁମାର ପ୍ରଧାନ, ରାଜନଗରରୁ ଅଶୋକ ପ୍ରତିହାରୀ, ମହାକାଳପଡ଼ାରୁ ଲୋକନାଥ ମହାରଥୀ, ପିପିଲିରୁ ଜ୍ଞାନରଞ୍ଜନ ପଟ୍ଟନାୟକ, ଜୟଦେବରୁ କୃଷ୍ଣଚନ୍ଦ୍ର ସଗରିଆ, ଚିଲିକାରୁ ପ୍ରଦୀପ କୁମାର ସ୍ୱାଇଁ, ଖଣ୍ଡପଡ଼ାରୁ ମନୋଜ କୁମାର ପ୍ରଧାନ, ଦଶପଲ୍ଲାରୁ ନକୁଳ ନାୟକ, କବିସୂର୍ଯ୍ୟନଗରରୁ ସଞ୍ଜୟ କୁମାର ମଣ୍ଡଳ ଓ ଗୋପାଳପୁରରୁ ଶ୍ୟାମସୁନ୍ଦର ସାହୁଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। କନ୍ଧମାଳରେ ପୂର୍ବରୁ ମନୋଜ କୁମାର ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରିଥିବାବେଳେ ଏବେ ସେଥିରେ ପରିବର୍ତ୍ତନ କରି ଶରତ ପ୍ରଧାନଙ୍କୁ ଦଳ ଟିକେଟ ଦେଇଛି। ସେହିପରି ଜୟଦେବରେ ଜୟନ୍ତ ଭୋଇଙ୍କ ସ୍ଥାନରେ କୃଷ୍ଣଚନ୍ଦ୍ର ସଗରିଆ ଓ କବିସୂର୍ଯ୍ୟନଗରରେ ବିପିନ ସ୍ୱାଇଁଙ୍କ ପରିବର୍ତ୍ତେ ସଞ୍ଜୟ ମଣ୍ଡଳଙ୍କୁ ସୁଯୋଗ ଦିଆଯାଇଛି। ଅନ୍ୟପକ୍ଷେ ଟିକେଟ ବଣ୍ଟନକୁ ନେଇ କ୍ଷୁବ୍ଧ ଯୁବ କଂଗ୍ରେସ କର୍ମୀମାନେ କଂଗ୍ରେସ ଭବନରେ ଭଙ୍ଗାରୁଜା କରିବା ସହ ଗେଟ୍‌ରେ ତାଲା ପକାଇଛନ୍ତି। କଂଗ୍ରେସ ଯୁବ ନେତାଙ୍କୁ ସୁଯୋଗ ନ ଦେଇ ଦଳଡିଆଁ ନେତାଙ୍କୁ ଟିକେଟ ଦେଇଥିବାରୁ ଯୁବକର୍ମୀମାନେ ପ୍ରତିବାଦ କରିଛନ୍ତି।

## ୫ ବିଧାୟକ ...

ମହାଲିକଙ୍କୁ ପ୍ରାର୍ଥୀ କରିଛି। ବଡ଼ଚଣାର ୬ ଥର ବିଧାୟକ ଅମର ଶତପଥୀଙ୍କ ଟିକେଟ କାଟି ବିଜେଡି ଏଥର ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ଦୁଇ ଦିନ ପୂର୍ବେ ବର୍ଷା ବିଜେଡିରେ ସାମିଲ ହୋଇଥିବା ବେଳେ ବିଜେଡି ତାଙ୍କୁ ପ୍ରାର୍ଥୀ ଘୋଷଣା କରି ବଡ଼ ସର୍‌ପ୍ରାଇଜ ଦେଇଛି। ଅନ୍ୟପକ୍ଷରେ ପୂର୍ବତନ ସ୍ୱାଧୀନ ବିଧାୟକ ସନାତନ ମହାକୁଡ଼ ବିଜେଡିରେ ସାମିଲ ହୋଇ ନ ଥିଲେ ମଧ୍ୟ ଦଳ ତାଙ୍କୁ ଚମ୍ପୁଆରୁ ପ୍ରାର୍ଥୀ ଘୋଷଣା କରିଛି। ଚିଲିକାରେ ବିଜେଡି ପ୍ରାର୍ଥୀ ବଦଳିଛନ୍ତି। ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କୁ ବିଜେଡି ପୁଣି ପ୍ରାର୍ଥୀ କରିଛି। ୨୦୧୪ରେ ରଘୁନାଥ ସାହୁ ଚିଲିକାର ବିଧାୟକ ହୋଇଥିବା ବେଳେ ୨୦୧୯ରେ ସେଠାରୁ ପ୍ରଶାନ୍ତ ଜଗଦେବଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା ଓ ସେ ବିଜୟୀ ହୋଇଥିଲେ। ତେବେ ଭାଜପା କର୍ମୀଙ୍କୁ ଗାଡ଼ି ଚଢ଼ାଇବାକୁ ଉଦ୍ୟମ କରିବା ଘଟଣାରେ ପ୍ରଶାନ୍ତଙ୍କୁ ବିଜେଡି ଦଳରୁ ବହିଷ୍କାର କରିଛି। ଅନ୍ୟପକ୍ଷରେ ପୂର୍ବତନ ଏମ୍‌ପି ତଥା ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ପାଟଶାଣୀ ଚିଲିକାରୁ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଥିଲେ। ଏ ନେଇ ଚର୍ଚ୍ଚା ହେଉଥିଲା। ତେବେ ପ୍ରସନ୍ନଙ୍କୁ ପ୍ରାର୍ଥୀ ନ କରିବା ପାଇଁ ରଘୁନାଥ ଗୋଷ୍ଠୀ ବିରୋଧ କରିଥିଲେ। ଶେଷରେ ପ୍ରସନ୍ନ ପାଟଶାଣୀଙ୍କୁ ନିରାଶ ହେବାକୁ ପଡ଼ିଛି।

ସେହିପରି କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରାଙ୍କ ମଧ୍ୟ ଟିକେଟ କଟିଛି। କେନ୍ଦ୍ରାପଡ଼ାରୁ ଶଶିଭୂଷଣଙ୍କ ବଦଳରେ ଗଣେଶ୍ୱର ବେହେରାଙ୍କୁ ଟିକେଟ ମିଳିଛି। ଗଣେଶ୍ୱର କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ ଦଳ ତାଙ୍କ ଉପରେ ଭରସା କରିଛି। ଚମ୍ପୁଆରୁ ମୀନାକ୍ଷୀ ମହାନ୍ତଙ୍କ ଟିକେଟ କଟିଛି। ତାଙ୍କ ସ୍ଥାନରେ ୨୦୧୪ରେ ସ୍ୱାଧୀନ ଭାବେ ଲଢ଼ି ବିଜୟୀ ହୋଇଥିବା ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କୁ ବିଜେଡି ପ୍ରାର୍ଥୀ କରିଛି।

**ବିଜେଡିର ୯ ବିଧାନସଭା ପ୍ରାର୍ଥୀ**

| ବିଧାନସଭା ଆସନ | ପ୍ରାର୍ଥୀ |
|---|---|
| ବଡ଼ଚଣା | ବର୍ଷା ପ୍ରିୟଦର୍ଶିନୀ |
| ଚିଲିକା | ରଘୁନାଥ ସାହୁ |
| ଆନନ୍ଦପୁର | ଅଭିମନ୍ୟୁ ସେଠୀ |
| ସାରସକଣା | ଦେବାଶିଷ ମାରାଣ୍ଡି |
| କରଞ୍ଜିଆ | ବାସନ୍ତୀ ହେମ୍ବ୍ରମ |
| କେନ୍ଦ୍ରାପଡ଼ା | ଗଣେଶ୍ୱର ବେହେରା |
| ଚମ୍ପୁଆ | ସନାତନ ମହାକୁଡ଼ |
| ରେମୁଣା | ବିଦ୍ୟାସ୍ମିତା ମହାଲିକ |
| ସିମୁଳିଆ | ସୁଭାଷିନୀ ସାହୁ |

ସେପଟେ ସିମୁଳିଆରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ମଧ୍ୟ ନିରାଶ ହେବାକୁ ପଡ଼ିଛି। ଦଳ ତାଙ୍କୁ ଟିକେଟ ଦେଇ ନ ପାରେ ବୋଲି ଗତ କିଛିଦିନ ହେବ ଚର୍ଚ୍ଚା ହେଉଥିଲା। ତାଙ୍କ ବଦଳରେ ଦଳ ସେଠାରେ ଜଣେ ମହିଳା ପ୍ରାର୍ଥୀଙ୍କ ଉପରେ ଭରସା କରିଛି। ଆନନ୍ଦପୁର ବିଧାୟକ ଭାଗୀରଥୀ ସେଠୀ ନିଜ ଆସନ ରକ୍ଷା କରିବାରେ ସଫଳ ହୋଇପାରି ନାହାନ୍ତି। ଷଷ୍ଠ ପର୍ଯ୍ୟାୟ ତାଲିକା ସୁଦ୍ଧା ବିଜେଡି ୩୨ ମହିଳାଙ୍କୁ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦେଇସାରିଲାଣି। ଷଷ୍ଠ ପର୍ଯ୍ୟାୟକୁ ମିଶାଇ ବିଜେଡି ଏ ପର୍ଯ୍ୟନ୍ତ ସମୁଦାୟ ୧୩୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି।

## ବୌଦ୍ଧ, ବାରିପଦା ଦେଶରେ ...

ଓ ମାଲକାନଗିରିରେ ୪୧.୬, ଭଦ୍ରକ ୪୧.୫, ପାରଳାଖେମୁଣ୍ଡି, ଯାଜପୁର, ଫୁଲବାଣୀ, ବରଗଡ଼, ଖୋର୍ଦ୍ଧା ଓ ବାଲେଶ୍ୱରରେ ୪୧, ଭୁବନେଶ୍ୱର ୪୦.୫, କେନ୍ଦ୍ରାପଡ଼ା ଓ ଛତ୍ରପୁରରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ବୌଦ୍ଧ, ମୟୂରଭଞ୍ଜରେ ପ୍ରବଳ ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ଅନୁଭବ ହୋଇଥିବାବେଳେ କେନ୍ଦୁଝର, ନୂଆପଡ଼ା, ଢେଙ୍କାନାଳ, ଭଦ୍ରକ, ଯାଜପୁର, ନୟାଗଡ଼ ଓ ଖୋର୍ଦ୍ଧାରେ ମଧ୍ୟ ଦିନତମାମ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ରବିବାର ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୋଳ ଜିଲାକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଏବଂ ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୋମବାର ମଧ୍ୟ ୫ ଜିଲାକୁ ଗ୍ରୀଷ୍ମ ପ୍ରବାହ ନେଇ ପାଣିପାଗ କେନ୍ଦ୍ର ସତର୍କ କରିଛି।

ସେପଟେ ପୂର୍ବାନୁମାନ ଅନୁସାରେ, ଶନିବାର ସନ୍ଧ୍ୟାରେ ଦକ୍ଷିଣ ଉପକୂଳ ଓଡ଼ିଶା ତଥା ପାର୍ଶ୍ୱବର୍ତ୍ତୀ ଜିଲାରେ କାଳବୈଶାଖୀ ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ରାଜ୍ୟରେ ପଶ୍ଚିମା ଝଡ଼ ଦ୍ୱାରା ହୋଇଥିବା କାଳବୈଶାଖୀ ପ୍ରଭାବରେ ଅନେକ ସ୍ଥାନରେ ଦିନ ତାପମାତ୍ରା ୨ରୁ ୩ଡିଗ୍ରୀ ହ୍ରାସ ପାଇବ। ଭାରତୀୟ ପାଣିପାଗ ବିଭାଗର ବିସ୍ତାରିତ ପରିସର ଆକଳନ ଅନୁଯାୟୀ, ୨୧ ଓ ୨୨ରେ କାଳବୈଶାଖୀ ଯୋଗୁ ୨୧ରୁ ୨୪ ମଧ୍ୟରେ ରାଜ୍ୟରେ ଅନେକ ସ୍ଥାନରେ ଦିନ ତାପମାତ୍ରାରେ ୨ରୁ ୩ଡିଗ୍ରୀ ହ୍ରାସ ପାଇବ। ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ମିଳିବ। କିନ୍ତୁ ୨୫ ତାରିଖରୁ ପୁଣି ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଫଳରେ ୨୬ ରୁ ମେ' ୨ ମଧ୍ୟରେ ରାଜ୍ୟରେ ପୁଣି ଉଷ୍ମ-ଆର୍ଦ୍ର ପାଣିପାଗ ସହ କିଛି ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଜାରି ରହିବାର ଆଶଙ୍କା ରହିଛି। ସୂଚନାଯୋଗ୍ୟ, ୨୦୧୦ ଏପ୍ରିଲ ୨୧ରେ ବାରିପଦାର ତାପମାତ୍ରା ୪୬.୧ ଡିଗ୍ରୀ ଛୁଇଁଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହ୍ରାସ ପାଇଲା ଜେମ୍ସ ଆଣ୍ଡ ଜୁଏଲେରି ଏକ୍ସପୋର୍ଟ

ନୂଆଦିଲ୍ଲୀ,୨୦।୪ (ଅଭୟ ଦାଶ)

- ୨୦୨୩-୨୪ ଆର୍ଥିକ ବର୍ଷରେ ଖସିଲା ୧୨.୧୭%
- ୨.୬୫ ଲକ୍ଷ କୋଟିରେ ପହଞ୍ଚିଲା କାରବାର: କାଉନସିଲ

କ୍ରମାଗତ ଭାବେ ଘରୋଇ ବଜାରରେ ଜେମ୍ସ ଆଣ୍ଡ ଜୁଏଲେରି ଏକ୍ସପୋର୍ଟ ହ୍ରାସ ପାଇଚାଲିଛି। ଏପରିକି ଚଳିତ ଆର୍ଥିକ ବର୍ଷ(୨୦୨୩-୨୪ ଆର୍ଥିକ ବର୍ଷ)ରେ ଏହା ୧୨.୧୭% ହ୍ରାସ ପାଇ ୨,୬୫,୧୮୭.୯୫ କୋଟି (ୟୁଏସ୍‌ଡି ୩୨,୦୨୨.୦୮ ମିଲିୟନ ଡଲାର)ରେ ପହଞ୍ଚିଛି। ବିଶେଷକରି ଯୁକ୍ତରାଷ୍ଟ୍ର ଆମେରିକା ବା ୟୁଏସ୍‌ରେ ଅଧିକ ସୁଧ ହାର ଏବଂ ଚାଇନାରେ ଧିମା ସୁଧାର (ସ୍ଲୋ ରିକଭରି) ଭଳି କାରଣ ଯୋଗୁ ବଜାର ମାନ୍ଦା ରହିଥିଲାବେଳେ ମୁକ୍ତା ଏବଂ ଅଳଙ୍କାର ରପ୍ତାନି ପ୍ରୋତ୍ସାହନରେ ମାନ୍ଦାବସ୍ଥା ଜାରି ରହିଛି ବୋଲି ଜେମ୍ସ ଆଣ୍ଡ ଜୁଏଲେରି ଏକ୍ସପୋର୍ଟ ପ୍ରମୋଶନ କାଉନସିଲ (ଜିଜେଇପିସି) ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ, ଜିଜେଇପିସିର ତଥ୍ୟ ଅନୁଯାୟୀ, ୨୦୨୨-୨୩ ଆର୍ଥିକ ବର୍ଷରେ ମୁକ୍ତା ଏବଂ ଅଳଙ୍କାର ରପ୍ତାନି ୩,୦୧,୯୨୫.୯୭କୋଟି (ୟୁଏସ୍‌ଡି ୩୭,୬୪୬.୧୭ ମିଲିୟନ ଡଲାର) ଥିଲାବେଳେ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ମୁକ୍ତା ଏବଂ ଅଳଙ୍କାର ରପ୍ତାନି ୨୦୨୩-୨୪ ଆର୍ଥିକ ବର୍ଷରେ ୧୨.୧୭% ହ୍ରାସ ପାଇ ୨,୬୫,୧୮୭.୯୫କୋଟି (ୟୁଏସ୍‌ଡି ୩୨,୦୨୨.୦୮ ମିଲିୟନ ଡଲାର)ରେ ପହଞ୍ଚିଛି। ଏହି ସମୟ ମଧ୍ୟରେ କଟ୍ ଆଣ୍ଡ ପଲିସ୍‌ଡ ଡାଇମଣ୍ଡସ ଏକ୍ସପୋର୍ଟ ୨୫.୨୩% ହ୍ରାସ ହୋଇ ୧,୩୨,୧୨୮.୨୯କୋଟି (ୟୁଏସ୍‌ଡି ୧୫,୯୬୬.୪୭ ମିଲିୟନ ଡଲାର)ରେ ପହଞ୍ଚିଛି। ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧,୭୬,୭୧୬.୦୬ କୋଟି (ୟୁଏସ୍‌ଡି ୨୨,୦୪୬.୯ ମିଲିୟନ ଡଲାର)ରେ ରହିଥିଲା।



ସେହିଭଳି ପଲିସ୍‌ଡ ଲାବ୍ ଗ୍ରାଉଣ୍ଡ ଡାଇମଣ୍ଡସର ଅସ୍ଥାୟୀ କାରବାର ବା ମୋଟ ରପ୍ତାନି ୨୦୨୩-୨୪ ଆର୍ଥିକ ବର୍ଷରେ ୧୩.୭୯% ହ୍ରାସ ପାଇ ୧୧,୬୧୧.୨୫ କୋଟି (ୟୁଏସ୍‌ଡି ୧,୪୦୨.୩ ମିଲିୟନ ଡଲାର) ରହିଥିଲାବେଳେ ଚଳିତ ବର୍ଷର କାରବାର ଅପେକ୍ଷା ଗତବର୍ଷର ଏହି ଅବଧିର କାରବାର ୧୩,୪୬୮.୩୨ କୋଟି (ୟୁଏସ୍‌ଡି ୧,୬୮୦.୨୨ ମିଲିୟନ ଡଲାର)ରେ ସୀମିତ ଥିଲା।

ସେହିପରି ଚଳିତ ଆର୍ଥିକ ବର୍ଷରେ ମୋଟ ସୁନା ଅଳଙ୍କାରର ସାମୟିକ ରପ୍ତାନି ୨୦.୫୭% ଅଭିବୃଦ୍ଧି ଘଟି ୯୨,୩୪୬.୧୯ କୋଟି (ୟୁଏସ୍‌ଡି ୧୧,୧୪୦.୭୮୦ ମିଲିୟନ ଡଲାର)ରେ ରହିଛି। ଚଳିତ ବର୍ଷର କାରବାର ଅନୁଯାୟୀ ପୂର୍ବ ବର୍ଷରେ ସୁନା ଅଳଙ୍କାରର ସାମୟିକ ରପ୍ତାନି ୭୬,୫୮୯.୯୪ କୋଟି (ୟୁଏସ୍‌ଡି ୯,୫୩୮.୮୪ ମିଲିୟନ ଡଲାର) ରେ ଥିଲା।

ଅପରପକ୍ଷରେ ରୁପା ଅଳଙ୍କାରର ସାମୟିକ ରପ୍ତାନି ମଧ୍ୟ ହ୍ରାସ ପାଇଥିଲା। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ରୁପା ଅଳଙ୍କାରର ସାମୟିକ ରପ୍ତାନି ମୋଟ ୪୩% ହ୍ରାସ ପାଇ ୧୩,୪୦୬.୧ କୋଟି (ୟୁଏସ୍‌ଡି ୧,୬୧୬.୪୨ ମିଲିୟନ ଡଲାର)ରେ ପହଞ୍ଚିଛି। ଗତ ବର୍ଷ ଏହି ସମୟରେ ରୁପା ଅଳଙ୍କାରର ସାମୟିକ ରପ୍ତାନି ୨୩,୫୫୬.୭୧ କୋଟି (ୟୁଏସ୍‌ଡି ୨୯୩୯.୯ ମିଲିୟନ ଡଲାର)ରେ ଥିଲା।

ଏ ନେଇ ଜିଜେଇପିସିର ଅଧ୍ୟକ୍ଷ ବିପୁଲ ଶାହା କହିଛନ୍ତି, ଗତ ଆର୍ଥିକ ବର୍ଷ ସମସ୍ତ ଉତ୍ପାଦ ବର୍ଗ ପାଇଁ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଥିଲାବେଳେ ବିଭିନ୍ନ ପ୍ରକାର ଅନ୍ତରାଷ୍ଟ୍ରୀୟ ସମସ୍ୟା ଯୋଗୁ ଘରୋଇ ବଜାରର ମନ୍ଥରତା ଜାରି ରହିଛି।

# ବିଜିୟୁର ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ




ଭୁବନେଶ୍ୱର,୨୦।୪

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ଭୁବନେଶ୍ୱର କ୍ୟାମ୍ପସ (ଶାଖା) ପକ୍ଷରୁ ଆୟୋଜିତ ଏକ ୨୧ଦିନିଆ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ବିଜିୟୁର ନ୍ୟାଶନାଲ ସର୍ଭିସ୍ ସ୍କିମ୍ ବା ଏନ୍ଏସ୍ଏସ୍ ସେଲ୍ ଏବଂ ଭୁବନେଶ୍ୱରର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ଉପରୋକ୍ତ ପ୍ରଦର୍ଶନୀ ଆୟୋଜନ ହୋଇଥିଲା। ଉକ୍ତ ପ୍ରଦର୍ଶନୀ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ବିଜ୍ଞାନ ସଂଗ୍ରହାଳୟ ଜରିଆରେ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଜିୟୁ କୁଳପତି ପ୍ରଫେସର ଡ. ପି.ପି.ମାଥୁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରୋଜେକ୍ଟ କୋ-ଅର୍ଡିନେଟର କପିଲ ଜୈନ, ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ଶତପଥୀ, ଏନ୍ଏସ୍ଏସ୍‌ର କୋ-ଅର୍ଡିନେଟର ଶୁଭେନ୍ଦୁ କୁମାର ପ୍ରତିହାରୀ, ଏନ୍ଏସ୍ଏସ୍ ଏକ୍‌ଜିକ୍ୟୁଟିଭ କମିଟିର ଫାକଲ୍ଟି ସଦସ୍ୟ ଯୋଗେନ୍ଦ୍ର ସିଂ ଓ ଅନ୍ୟମାନେ ଥିଲେ। ସେହିଭଳି ସ୍ଥାୟୀ ବିକାଶର ଲକ୍ଷ୍ୟ,ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ସହ ଗ୍ରାମୀଣ ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବାର ଉଦ୍ଦେଶ୍ୟରେ ଏଭଳି ଏକ କାର୍ଯ୍ୟକ୍ରମ(ପ୍ରଦର୍ଶନୀ)ର ଆୟୋଜନ କରାଯାଇଥିଲା। ବିଶେଷକରି ଖୋର୍ଦ୍ଧା ଜିଲାର ବିଭିନ୍ନ ପଞ୍ଚାୟତରେ ଥିବା ସରକାରୀ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟଗୁଡିକରେ ପଢୁଥିବା ୧୮୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ନିକଟରେ ଉକ୍ତ ପ୍ରଦର୍ଶନୀକୁ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରଦର୍ଶନୀ ୨୦୨୪ ଏପ୍ରିଲ ୩୦ ପର୍ଯ୍ୟନ୍ତ ଚାଲୁ ରହିବ।

# କ୍ରେଡିଟ୍,ଡେବିଟ୍ କାର୍ଡ ତଥ୍ୟ ରଖିବେନି ଏଗ୍ରିଗେଟର କମ୍ପାନୀ

ଭୁବନେଶ୍ୱର,୨୦।୪(ଅନୁରାଧା ମହାରଣା)

## ୨୦୨୫ ଅଗଷ୍ଟରୁ ଆର୍‌ବିଆଇର ନୂତନ ନିୟମ

କ୍ରେଡିଟ୍ କାର୍ଡ ଏବଂ ଡେବିଟ୍ କାର୍ଡ ବ୍ୟବହାରକୁ ଅଧିକ ସୁରକ୍ଷିତ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ନୂଆ ଯୋଜନା କରାଯାଉଛି। ଆର୍‌ବିଆଇ ପ୍ରସ୍ତୁତି କରୁଥିବା ଯୋଜନାନୁସାରେ ପେମେଣ୍ଟ ଏଗ୍ରିଗେଟର୍ସ ଗ୍ରାହକମାନଙ୍କ ଦ୍ୱାରା ବ୍ୟବହୃତ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ସମ୍ବନ୍ଧିତ ତଥ୍ୟ ରଖିବେ ନାହିଁ। ଏଥିପାଇଁ ଆର୍‌ବିଆଇ ଏକ ଡ୍ରାଫ୍ଟ ସର୍କୁଲାର ଜାରି କରିଛି। ଏଥିରେ କୁହାଯାଇଛି ଯେ, କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ସୂଚନା ସଂରକ୍ଷଣ ସହ ସମ୍ବନ୍ଧିତ ନୂତନ ନିୟମ ୨୦୨୫ ଅଗଷ୍ଟ ୧ରୁ କାର୍ଯ୍ୟକାରୀ ହେବ। ପ୍ରସ୍ତାବିତ ନୂତନ ନିୟମରେ କୁହାଯାଇଛି ଯେ, ପେମେଣ୍ଟ ଏଗ୍ରିଗେଟର କମ୍ପାନୀଗୁଡ଼ିକୁ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଅନ୍ ଫାଇଲ (ସିଓଏଫ୍) ତଥ୍ୟ ରଖିବାକୁ ଅନୁମତି ଦିଆଯିବ ନାହିଁ। ନିୟମ ଲାଗୁହେବା ପରେ କାର୍ଡ ସୂଚନା କେବଳ କାର୍ଡ ପ୍ରଦାନକାରୀ ଏବଂ କାର୍ଡ ନେଟ୍‌ୱର୍କ ପ୍ରଦାନକାରୀଙ୍କ ନିକଟରେ ରହିବ। ପେମେଣ୍ଟ ଏଗ୍ରିଗେଟର କମ୍ପାନୀ କିମ୍ବା ଅନ୍ୟାନ୍ୟ ସଂସ୍ଥା କାର୍ଡ ସହ ଜଡ଼ିତ କୌଣସି ସୂଚନା ଯଦି ସଂରକ୍ଷଣ କରିସାରିଛନ୍ତି ତେବେ ଏହାକୁ ତୁରନ୍ତ ଡାଟା ଡିଲିଟ୍ କରିବାକୁ ପଡ଼ିବ। କାରବାରକୁ ଟ୍ରାକ୍ କରିବା ପାଇଁ କାର୍ଡ ନମ୍ବରର ଶେଷ ଚାରି ଅଙ୍କ କିମ୍ବା କାର୍ଡଧାରୀଙ୍କ ନାମ ଆଦି ସୀମିତ ସୂଚନା ସଂରକ୍ଷଣ କରିପାରିବେ। ତେବେ ଆର୍‌ବିଆଇ ଏପର୍ଯ୍ୟନ୍ତ ଏହି ନିୟମ ଚୂଡ଼ାନ୍ତ କରିନାହିଁ। ବର୍ତ୍ତମାନ କେବଳ ନିୟମର ଡ୍ରାଫ୍ଟ ପ୍ରକାଶ ପାଇଛି। ବିଭିନ୍ନ ମହଲରୁ ଆର୍‌ବିଆଇରୁ ପ୍ରସ୍ତାବିତ ନିୟମ ଉପରେ ମତାମତ ଗ୍ରହଣ କରାଯିବା ପରେ ସେମାନଙ୍କର ପରାମର୍ଶ ଉପରେ ବିଚାର କରାଯିବ। ଏହାପରେ ଏହି ନିୟମଗୁଡ଼ିକ ଆର୍‌ବିଆଇ ଦ୍ୱାରା ଚୂଡ଼ାନ୍ତ ହେବ ଏବଂ ଏହା ପରେ ଚୂଡ଼ାନ୍ତ ସର୍କୁଲାର ଜାରି କରାଯିବ।

# ଚିନ୍ତା ବଢ଼ାଉଛି ଆଳୁ ଦର

ଭୁବନେଶ୍ୱର,୨୦।୪
(ଅନୁରାଧା ମହାରଣା)

ହରଡ଼ ଡାଲି ଓ ପାମୋଲିନ ତେଲ ପରେ ବଢୁଥିବା ଆଳୁ ଦର ଖାଉଟିଙ୍କୁ ଚିନ୍ତାରେ ପକାଇଛି। ୧୫ ଦିନରେ ଆଳୁ ଦର ଦେଢ଼ଗୁଣା ବୃଦ୍ଧି ହୋଇ କିଲୋ ୩୦ ଟଙ୍କା ହେଲାଣି। ଗତ ୧୫ ଦିନରେ ୧୦ ଟଙ୍କା ମହଙ୍ଗା ହୋଇଗଲାଣି। ୧୫ ଦିନ ତଳେ ଆଳୁ କିଲୋ ପିଛା ୨୦ ଟଙ୍କାରେ ବିକ୍ରି ହେଉଥିଲା। ଗତ ସପ୍ତାହରେ ଏହି ଦର କିଲୋ ପ୍ରତି ୨୫ ଟଙ୍କାରେ ପହଞ୍ଚିଥିଲା। ରୋଷେଇ ଘରର ଏହା ଅତ୍ୟାବଶ୍ୟକ ସାମଗ୍ରୀ କୁହାଯାଉଥିବା ବେଳେ ଲଗାତର ବଢୁଥିବା ଦର ମଧ୍ୟବିତ୍ତଙ୍କ ଉପରେ ସିଧାସଳଖ ପ୍ରଭାବ ପ୍ରକାଉଛି। ପାଇକାରୀ ଦର ୨୨ ଟଙ୍କା ରହୁଥିବାବେଳେ ଖୁଚୁରା ବଜାରରେ ଏହି ଦର ୩୦ ଟଙ୍କା ଅତିକ୍ରମ କରିଛି।

ଏ ନେଇ ଖୁଚୁରା ବେପାରୀ କହିଛନ୍ତି, ଯେହେତୁ ପାଇକାରୀ ବଜାରରେ ଆଳୁ ଦର ପ୍ରତିଦିନ ବଦଳୁଛି, ତେଣୁ ସେମାନେ ଦର ବଢ଼ାଇବାକୁ ବାଧ ହେଉଛନ୍ତି। ଏଥିରେ ପୁଣି ଗାଡ଼ି ଭଡ଼ା ଏବଂ ମଜୁରି ମିଶାଇ ପରେ ଦର ବୃଦ୍ଧି ହେବା ସ୍ୱାଭାବିକ ବୋଲି ବ୍ୟବସାୟୀମାନେ କହୁଛନ୍ତି।



ଅନ୍ୟପଟେ ପାଇକାରୀ ବ୍ୟବସାୟୀଙ୍କ ସୂଚନାନୁସାରେ ଓଡ଼ିଶାରେ ପର୍ଯ୍ୟାପ୍ତ ଆଳୁ ଉତ୍ପାଦନ ହେଉନାହିଁ। ଆଳୁ ପାଇଁ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ଉପରେ ନିର୍ଭର କରିବାକୁ ପଡୁଛି। ଗତ କିଛିଦିନ ହେଲା ପଶ୍ଚିମବଙ୍ଗ ଶୀତଳଭଣ୍ଡାରରେ ନୂଆ ଆଳୁ ଲୋଡିଂ ଚାଲିଥିବାବେଳେ ଉତ୍ତରପ୍ରଦେଶ ଆଳୁ ବର୍ତ୍ତମାନ ଯାଏ ଓଡ଼ିଶାରେ ନ ପହଞ୍ଚିବା ଦର ବୃଦ୍ଧିର ମୁଖ୍ୟ କାରଣ। ତେଣୁ ବଜାରରେ ଆଳୁ ଅଭାବ ଦେଖାଦେଇଛି। ଏବେଠୁ ଲୋକଙ୍କୁ ଚାଷ ପାଇଁ ପ୍ରୋତ୍ସାହିତ ନ କରାଗଲେ ଆଗାମୀ ଦିନରେ ଭାରତରେ ମଧ୍ୟ ଶ୍ରୀଲଙ୍କା, ପାକିସ୍ତାନ ଭଳି ଖାଦ୍ୟ ସଙ୍କଟ ଘନେଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


# Classified Everyday 0674-2580101, 2549949




## GROOM WANTED

Beautiful Khandayat Girl 26 Govt. Class-I officer Bhubaneswar 9938199964, 9090486408. D-101

Only Bengali B.Tech/ M.Tech/ MCA girl for M.Tech boy serving in Jermany. Mobile-9437287547. D-125

ବୟସ 28, Primary School ଚାକିରି କରୁଥିବା ସୁନ୍ଦରୀ ସୁଶୀଳ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8917665209. D-75326

Handsome Brahmin boy 1982 regular State Govt. Service Orissa, 9853366347. D-127




## SALE

200ft. roadside commercial private plot sale Jharapada, Bhubaneswar. 9437283845. D-75325

Homestead plot sale. Nakhara East College,30 ft. Road, Electricity, Boundary @21,00,000/-. 9938603188. D-75948

**Flat for sale-** ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ NH-5 କଡ଼ରେ 1BHK flat କିଣନ୍ତୁ। ମାତ୍ର **@14.99 lakh**ରେ। Mob- 8249177191, 8249079730. D-031

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

ଭୁବନେଶ୍ୱର ପିତାପଲ୍ଲୀ **NH-16** କଡ଼ରେ **30' road,** ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। **(Owner). 9090963952.** D-75946

Buy or Sale Property-8984071303. Nandankanan Duplex-1, 10,00,000/-, Patia Apartment- 99,00,000/-, Hirapur Duplex-75,00,000/-, Residential Land at Balianta 1acre, Janla 2acre, Nakhara 1acre, Baranga 4acre, Plotting Nakhara-700, Chandaka-950, Janla-1050, Patrapada-2250, Jharpada-3990. D-118

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଖରୁ **2** କିଲୋମିଟର ଦୂର ମଙ୍ଗଳାଘାଟ ଛକ ନୂଆ ବସ୍‌ଷ୍ଟାଣ୍ଡ ପାଖରେ **12600** ବର୍ଗଫୁଟ ସ୍ଥିତିବାନ ଘରବାଡ଼ି ଜମି **40** ଫୁଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରୟ କରାଯିବ। ଆପାର୍ଟମେଣ୍ଟ ବା ସ୍କୁଲ, କଲେଜ ପାଇଁ ଉପଯୁକ୍ତ। ଆଗ୍ରହୀ ଗ୍ରାହକ ଯୋଗାଯୋଗ କରନ୍ତୁ: **9438109040, 8144658008.** D-097

ବାଲିଅନ୍ତା, ଅଟଳା ଏବଂ ହଂସପାଳ, ପୁରୀ କେନାଲକୁ ଲାଗି ରୋଡ୍, ବାଉଣ୍ଡରୀ electry ଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ଦିଆଯାଉଛି। 9853040854, 9438328183. D-75725

Duplex sale at Bhubaneswar @ 57 lakhs only. Contact-9777433701. D-75945

ଭୁବନେଶ୍ୱର ଗ୍ୟାରେଜ ଛକରେ ୟେଲୋଜୋନ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। **Mob-9827119799.** D-102

**Commercial plot, facing to NH Road Nakhara to Niali NH 10000sqft., 3sides road, 2-Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75731

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947




Shoproom (10'x10') 2Nos. opposite Biju Patnaik College main road Jayadev Vihar, Bhubaneswar. Contact: 7008296802. D-117




**Relax, Refresh your Body, Mind at Saikrupa Spa with best therapies. 8984068077.** D-094

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75729

Relax, refresh your body, mind by expert therapist. Contact- 9938843929. D-76114

Newly opened central SPA full-body massage. Trend Therapist. 8456885600. D-75730

## AFFIDAVIT

By virtue of an affidavit before Notary Public dtd. 20 April 2024 has been changed from Phul Munda to Phula Munda, D/o- Satari Munda, At- Garamian, Kaliapani, Dist.- Jajpur, Odisha for all purposes. D-126

I, Lambodar Behera, S/o- Aparti Behera, Village- Haridapasi, P.O.- Achalkote, P.S.- Tigiria, Dist.- Cuttack solemnly declared by affidavit that my Daughter's actual name is Minu Behera. But wrongly mentioned Puja Behera in LIC Policy. Puja Behera and Minu Behera is same and one person. Henceforth from now she will be known as Minu Behera all purposes. D-75431

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



**ସ୍ୱ.ରବୀନ୍ଦ୍ରନାଥ ତ୍ରିପାଠୀ**
ବ୍ରହ୍ମପୁର, ଚନ୍ଦନ ନଗର, ୫ମ ଲାଇନ
ଆବିର୍ଭାବ: ୨୩।୧୦।୧୯୩୮
ତିରୋଧାନ: ୦୯।୦୪।୨୦୨୪

ଚାହୁଁ ଚାହୁଁ ବାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୩୦

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ELECTION 2024

For POSTERS, LEAFLETS PUSHING CARDS, FLEX PRINTING, AUTO BRANDING, FLAGS, T-SHIRT, CAP, BADGE, WRIST BAND, SAREE, CHAIN, BIKE STAND, PEN, MASK, HEAD BAND, MUSIC RECORDING, SLOGANS & ALL CAMPAIGN MATERIALS AVAILABLE HERE
ALL IN ONE ROOF
SPACE SETTER PRESS SINCE 1992
For Best Price
Contact 7008993500 7008994500

## IZUMI JAPANESE LANGUAGE TRAINING BHUBANESWAR

ADMISSION OPEN
For the Japanese Language Course, JLPT (Japanese Language Proficiency Test)
Levels: N5, N4, N3 and N2
For details please visit: izumiclasses.com
Ph.: 9741039285, 9945599298

## SHUBHRA RANJAN

Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE (ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

## BINET SCIENCE ACADEMY

Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧– ଲାଲ୍‌ବାହାଦୁର୍ ଶାସ୍ତ୍ରୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଫର୍ ଓମେନ୍ ............. ସିଟିରେ ଅବସ୍ଥିତ ?
୨– 'ହ୍ୱାଏ ଭାରତ ମ୍ୟାଟର୍ସ' ପୁସ୍ତକର ଲେଖକ ................ ?
୩– ................. ରାଜ୍ୟରେ ଜାନୁୟାରୀ ପହିଲାରୁ ସମସ୍ତ ସରକାରୀ ଅଫିସରେ ଡିଜେଲ୍ ଏବଂ ପେଟ୍ରୋଲଚାଳିତ ଯାନ ବ୍ୟବହାର ବ୍ୟାନ୍ କରାଯାଇଛି ?
୪– .............. ଖେଳରେ ଡିସିଜନ୍ ରେଫରାଲ୍ ସିଷ୍ଟମ୍ ବ୍ୟବହାର କରାଯାଏ ?
୫– ଲଣ୍ଡନ୍ ମୁସ୍‌ଲିମ୍ ଲିଗ୍ ୧୯୦୮ .................. ପ୍ରତିଷ୍ଠା କରିଥିଲେ ?

## ଗତ ଥରର ଉତ୍ତର

୧ ପୋଖରାନ୍
୨ ପ୍ରଫେସର୍ ମୀନା ଚରନ୍ଦା
୩ ଉତ୍ତରପ୍ରଦେଶ
୪ ଆର୍ଜେଣ୍ଟିନା ଦେଶ
୫ ୩୦୦ ଖଣ୍ଡ

## ଉତ୍ତରଦାତା


ନମିତା ପଟ୍ଟନାୟକ
ଭୁବନେଶ୍ୱର


ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ ଭିଡିଓ ଗେମ୍–୨୦୨୪

୧.......... ଡ୍ରାଗନ୍ସ ଡଗ୍ମା ୨
୨.......... ପାସିଫିକ୍ ଡ୍ରାଇଭ୍
୩.......... ବାଲାଟ୍ରୋ
୪.......... ଲିସ୍ତାଞ୍ଜା: ଦି ଟାଇମ୍ ଶିଫ୍ଟ ୱାରିଅର୍
୫.......... ବାନିଶେର୍ସ: ଘୋଷ୍ଟସ୍ ଅଫ୍ ନ୍ୟୁ ଇଡେନ୍
୬.......... ହେଲ୍‌ଡାଇଭରସ୍ ୨
୭.......... ଲାଇକ୍ ଏ ଡ୍ରାଗନ୍: ଇନ୍‌ଫିନାଇଟ୍ ୱେଲ୍‌ଥ
୮.......... ଟେକ୍କେନ୍ ୮
୯.......... ପାଲ୍‌ୱାର୍ଲ୍ଡ
୧୦.......... ପ୍ରିନ୍ସ ଅଫ୍ ପର୍ସିଆ: ଦି ଲଷ୍ଟ କ୍ରାଉନ୍

# ଅସହ୍ୟ ତାତି



**ଦିନକୁ ଦିନ ବଢ଼ୁଛି ଖରାର ପ୍ରକୋପ, ଅସହ୍ୟ ହେଲାଣି ତାତି ଦିନବେଳା ଘରୁ ବାହାରିବା ମୁସ୍କିଲ୍। ହେଲେ ଜବ୍ ହେଉ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅନେକଙ୍କୁ ପ୍ରତିଦିନ ବାହାରକୁ ଯିବାକୁ ହେଉଛି। ଏମିତିରେ ଖରାଦାଉରୁ ନିଜକୁ ରକ୍ଷା କରିବା ସହ ଏଦିନେ ଫିଟ୍ ରହିବା ଲାଗି କେତେକ ଦିଗ ପ୍ରତି ସତର୍କ ରହିବା ଗୁରୁତ୍ୱପୂର୍ଣ୍ଣ...**

**ଡିହାଇଡ୍ରେଶନ୍‌ଠୁ ଦୂରେଇ ରୁହନ୍ତୁ:** ଖରାଦିନେ ଝାଳ ଅଧିକ ହେଉଥିବାରୁ ଶରୀରରେ ଜଳୀୟ ଅଂଶ କମିଯାଇ ଡିହାଇଡ୍ରେଶନ୍ ବା ଶରୀର ଶୁଷ୍କ ହୋଇଯିବା ଦ୍ୱାରା ଅଂଶୁଘାତର ଆଶଙ୍କା ବୃଦ୍ଧି ପାଇଥାଏ। ଏଦିନେ ଆବଶ୍ୟକତାଠାରୁ କମ୍ ପାଣି ପିଇଲେ ସୂର୍ଯ୍ୟକିରଣରେ ଥିବା ଅଲ୍‌ଟ୍ରା ଭାଓଲେଟ୍ ରଶ୍ମି ଶରୀରର ଉତ୍ତାପକୁ ବଢ଼ାଇ ଦେଇଥାଏ। ଫଳରେ ଅନେକଙ୍କଠାରେ ବାନ୍ତି, ମୁଣ୍ଡବିନ୍ଧା, ଝାଡ଼ା, ନିମ୍ନ ରକ୍ତଚାପ ଆଦି ସମସ୍ୟା ଦେଖାଦିଏ ଏବଂ ରୋଗୀ ଅଚେତ ହୋଇ ପଡ଼ିଯାଏ। ମାନସିକ ଅସନ୍ତୁଳନ ସହ ମୁଣ୍ଡ ବୁଲାଇ ଦେଇଥାଏ। ଶରୀରରୁ ଜଳୀୟ ଅଂଶ କମିଯାଇ ପରିସ୍ରାପୋଡ଼ା ସହ ପରିସ୍ରା ସଂକ୍ରମଣ ବେଶି ହୋଇଥାଏ। ଏହାଦ୍ୱାରା କିଡ୍‌ନୀ ଉପରେ ଚାପ ପଡ଼ିଥାଏ ଏବଂ କିଡ୍‌ନୀ ଫେଲ୍ୟୁଅର ହେବା ଆଶଙ୍କା ବଢ଼ିଯାଏ। ଏସବୁ ସମସ୍ୟା ନ ଉପୁଜିବା ଲାଗି ଦିନକୁଅତି କମ୍‌ରେ ୪ ଲିଟରରୁ ଊର୍ଦ୍ଧ୍ୱ ପାଣି ପିଅନ୍ତୁ। ଝାଳରେ ଶରୀରରୁ କ୍ଷୟ ହେଉଥିବା ସ୍ନେହସାର, ଖଣିଜ ଲବଣ ପରିମାଣ ଭରଣା ପାଇଁ ଲସି, ସର୍ବତ,



ପଇଡ଼ପାଣି, ସୁରେଇ, ମାଠିଆ ପାଣି, ଲେମ୍ବୁ ସରବତ, ଘୋଳଦହି, ଲୁଣମିଶା ତୋରାଣି, ବେଲପଣା, ଜୁସ୍, ଆଖୁରସ ଆଦି ମଧ୍ୟ ପିଅନ୍ତୁ।

**ଖାଦ୍ୟ ପ୍ରତି ହୁଅନ୍ତୁ ଯତ୍ନବାନ୍:** ସାଧାରଣତଃ ଅଧିକ ଗରମ ମଣିଷର ହଜମକ୍ରିୟାକୁ ପ୍ରଭାବିତ କରିଥାଏ। ଏମିତିରେ ଫାଷ୍ଟଫୁଡ୍, ତେଲମସଲାଯୁକ୍ତ ଖାଦ୍ୟ ଏବଂ ଅନ୍ୟ ଗରିଷ୍ଠ ଖାଦ୍ୟ ଖାଇବା ଅନୁଚିତ। କାରଣ ଏଭଳି ଖାଦ୍ୟ ସହଜରେ ହଜମ ହେଉ ନ ଥିବାରୁ ଏସିଡିଟି ସମସ୍ୟା ବଢ଼ାଇଥାଏ। ତା'ଛଡ଼ା ଏଭଳି ଖାଦ୍ୟ ବେଶି ସମୟ ରହୁଥିବାରୁ ଜୀବାଣୁ ସଂକ୍ରମଣ ହୋଇ ଫୁଡ୍ ପଏଜନିଂ କରାଇଥାଏ। ଫଳରେ ଝାଡ଼ା, ବାନ୍ତିର ଆଶଙ୍କା ବଢ଼ିଯାଏ। ତେଣୁ ଏଦିନେ ଏସବୁ ଖାଦ୍ୟ ପରିବର୍ତ୍ତେ ସୁଷମ ଖାଦ୍ୟ ଗ୍ରହଣ କରନ୍ତୁ। ଖରାଦିନ ପାଇଁ ପଖାଳ ସବୁଠାରୁ ଭଲ। ଏଥିରେ ଥିବା ତୋରାଣିରୁ ଝାଳରେ ବାହାରିଯାଉଥିବା ସ୍ନେହସାର, ଖଣିଜ ଲବଣ ଶରୀରକୁ ମିଳିଯାଇଥାଏ। ଏଦିନେ ଯଥାସମ୍ଭବ ଘରୋଇ ଖାଦ୍ୟ ସହ ସିଜିନାଲ୍ ଫଳ ଯଥା ତରଭୁଜ, ଆମ୍ବ, ଲିଚୁ, ସପୁରି, ପଣସ ଆଦି ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

**ଥଣ୍ଡା ଖାଦ୍ୟ ହୋଇପାରେ କ୍ଷତିକାରକ:** ଗରମରେ ଥଣ୍ଡା ଥଣ୍ଡା ଆଇସ୍‌କ୍ରିମ୍ ହେଉ କି କୋଲ୍ଡ଼ଡ୍ରିଙ୍କ୍ ପିଇବାକୁ କାହାକୁ ବା ଭଲ ନ ଲାଗେ! ଆଉ ଖରାରେ ବାହାରକୁ ଯାଉଥିବା ଅଧିକାଂଶ ଯୁବତୀ ଯୁବକ ଆଇସ୍‌କ୍ରିମ୍, ଚୁସ୍କି, କୋଲ୍ଡ ଡ୍ରିଙ୍କ୍ସ ଭଳି ଥଣ୍ଡା ଖାଦ୍ୟ ଓ ପାନୀୟ ଦୋକାନରେ ଭିଡ଼ ଲଗାଉଥିବା ଦେଖିବାକୁ ମିଳିଥାଏ। ହେଲେ ଖରାରେ ଶରୀରର ତାପମାତ୍ରା ଅଧିକ ଥିବାରୁ ହଠାତ୍ ଏଭଳି ଥଣ୍ଡା ଖାଦ୍ୟ ଖାଇବା ଦ୍ୱାରା ଶରୀରର ତାପମାତ୍ରା ଅସନ୍ତୁଳିତ ହୋଇ ଥଣ୍ଡା, କାଶ, ଥ୍ରୋଟ୍ ବା ଗଳା ଇନ୍‌ଫେକ୍ସନ୍ ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏଥିପ୍ରତି ସତର୍କ ରହିବା ଆବଶ୍ୟକ।



**ନିଅନ୍ତୁ ତ୍ୱଚାର ଯତ୍ନ:** ଖରାଦିନେ ଅନେକଙ୍କଠାରେ ଝାଳ ଲାଗି ଘିମିରି, ବଥ, ଫଙ୍ଗାଲ୍ ଇନ୍‌ଫେକ୍ସନ ଏବଂ ଅନ୍ୟାନ୍ୟ ଚର୍ମରୋଗ ମଧ୍ୟ ଦେଖାଦେଇଥାଏ। ତେଣୁ ଏସବୁ ନ ହେବା ଲାଗି ନିୟମିତ ଭଲଭାବେ ଗାଧୋଇବା ଆବଶ୍ୟକ। ପ୍ରଖର ସୂର୍ଯ୍ୟକିରଣ ଯୋଗୁ ଏଦିନେ ଅନେକଙ୍କ ଶରୀର କଳା ପଡିଯାଏ, ସନ୍‌ଟ୍ୟାନ୍ ଏବଂ ସ୍କିନ୍ ଆଲର୍ଜି ଦେଖାଦିଏ। କେବଳ ଏତିକି ନୁହେଁ ସୂର୍ଯ୍ୟ କିରଣରେ ଆସୁଥିବା ୟୁଭି ଲାଇଟ୍ ସ୍କିନ୍ କ୍ୟାନ୍‌ସର ଆଶଙ୍କା ବି ବୃଦ୍ଧି କରିଥାଏ। ତେଣୁ ଏସବୁ ସମସ୍ୟା ଦୂର କରିବା ଲାଗି ସନ୍‌ସ୍କ୍ରିନ୍ ଲୋଶନ୍ ଲଗାଇବା ସହ ଗ୍ଲୋବ୍ସ ପିନ୍ଧନ୍ତୁ ଏବଂ ସିନ୍ଥେଟିକ୍ ଲୁଗା ପରିବର୍ତ୍ତେ କଟନ ପୋଷାକ ବ୍ୟବହାର କରନ୍ତୁ।



**ବାହାରକୁ ଯିବାବେଳେ ରୁହନ୍ତୁ ସତର୍କ:** ଟାଣଖରାରେ ପଦାକୁ ଆଦୌ ବାହାରିବା ଠିକ୍ ନୁହେଁ। ତଥାପି ବାହାରକୁ ଯିବା ନିହାତି ଜରୁରୀ ହେଲେ ମୁଣ୍ଡକୁ ଓଦା କପଡ଼ାରେ ଗୁଡ଼ାଇ, ଛତା, ଜୋତା, ଗ୍ଲୋବ୍‌ସ ପିନ୍ଧନ୍ତୁ। ଆଖିର ସୁରକ୍ଷା ପାଇଁ କଳା ଚଷମା ବ୍ୟବହାର କରନ୍ତୁ। ସର୍ବୋପରି ସାଙ୍ଗରେ ପାଣି ବୋତଲ ନେବାକୁ ଆଦୌ ଭୁଲନ୍ତୁ ନାହିଁ। ବାଇକ୍‌ରେ ଯାଉଥିଲେ ହେଲ୍‌ମେଟ୍ ପିନ୍ଧିବାକୁ ଭୁଲନ୍ତୁ ନାହିଁ।





## ୟୁଥ୍ ଆଲର୍ଟ

# ସ୍ଲିମ୍ ହେବା ନିଶାରେ...

**ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ନିଜ ଫିଗରକୁ ନେଇ ବେଶ୍ ସଜାଗ। ତେଣୁ ସ୍ଲିମ୍ ଫିଗର ପାଇଁ ସେମାନେ ବିଭିନ୍ନ ଉପାୟ ଆପଣାଉଛନ୍ତି। ହେଲେ ଏପରି କରୁଥିଲେ କେତେକ ଦିଗ ପ୍ରତି ସଚେତନ ନ ହେଲେ ଶରୀର ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିପାରେ...**

⏭ଅନେକେ ଭାବନ୍ତି, ଖାଇବା କମାଇବା କିମ୍ବା ଅଧିକ ସମୟ ଖାଲି ପେଟରେ ରହିବା ଦ୍ୱାରା ଶରୀରର ଓଜନ କମିଥାଏ। ହେଲେ ଓଜନ କମିବା ଲାଗି ଖାଇଥିବା ଖାଦ୍ୟଠାରୁ ଅଧିକ ମାତ୍ରାରେ କ୍ୟାଲୋରି ବର୍ନ ହେବା ଆବଶ୍ୟକ। ତେଣୁ ଖାଲି ପେଟରେ



ରହିବା ଦ୍ୱାରା ଶରୀରର ମେଟାବଲିଜମ୍ ସ୍ତର କମିବା ସହ କ୍ୟାଲୋରି ବର୍ନ ଲାଗି ଆବଶ୍ୟକ ଶକ୍ତି ମଧ୍ୟ ମିଳିପାରେ ନାହିଁ। ଫଳରେ ଦୁର୍ବଳ ଲାଗିଥାଏ। ତା'ଛଡ଼ା ଅଧିକ ସମୟ ପେଟ ଖାଲି ରହିବା ଦ୍ୱାରା ପରବର୍ତ୍ତୀ ସମୟରେ ଅଧିକ ଭୋକ ଲାଗିବାରୁ ଅଧିକ ଖାଇ ହୋଇଯାଏ, ଯାହାକି ଓଜନ ବୃଦ୍ଧିର କାରଣ ସାଜିଥାଏ।

⏭ବର୍ତ୍ତମାନ ସ୍ଲିମ୍ ହେବା ନିଶାରେ ଅନେକ ଯୁବତୀ ଯୁବକ ଅଧିକ ସାଲାଡ୍ ଓ ଖୁବ୍ କମ୍ ଖାଦ୍ୟ ଖାଉଥିବା ବେଳେ କେତେକ ଖାଦ୍ୟ ଆଦୌ ଖାଉ ନ ଥିବା ଦେଖିବାକୁ ମିଳୁଛି। ହେଲେ ପ୍ରୋଟିନ୍‌ଯୁକ୍ତ, କାର୍ବୋହାଇଡ୍ରେଟ୍‌ଯୁକ୍ତ ଏବଂ ଚର୍ବିଜାତୀୟ ଖାଦ୍ୟରେ ଭିନ୍ନ ଭିନ୍ନ ମାତ୍ରାରେ କ୍ୟାଲୋରି ଥାଏ, ଯାହାକି ଆବଶ୍ୟକ ମାତ୍ରାରେ ଗ୍ରହଣ କଲେ ଶରୀରର ମେଟାବଲିଜମ୍‌ସ୍ତର ନିୟନ୍ତ୍ରଣରେ ରହିଥାଏ। ତେଣୁ ଓଜନ କମାଇବା ଲାଗି ମନଇଚ୍ଛା କୌଣସି ଖାଦ୍ୟ କମାଇବା ଅବା ସମ୍ପୂର୍ଣ୍ଣ ଛାଡ଼ିଦେବା ପରିବର୍ତ୍ତେ ଏକ୍ସପର୍ଟ, ଡାଏଟିସିଆନ୍ କିମ୍ବା ନ୍ୟୁଟ୍ରେସନିଷ୍ଟଙ୍କ ପରାମର୍ଶ କ୍ରମେ ଡାଏଟ୍ ପ୍ଲାନ୍ ଗ୍ରହଣ କରନ୍ତୁ।

⏭ବଡ଼ ପେଟ, ମୋଟା ହାତ, ଚଉଡ଼ା ଅଣ୍ଟା, ଜଙ୍ଘ ଭଳି ଅଧିକ ମୋଟା ଲାଗୁଥିବା ନିର୍ଦ୍ଦିଷ୍ଟ ଭାଗ ପତଳା ହୋଇଗଲେ ଓଜନ କମିବା ସହ ସ୍ଲିମ୍ ଲୁକ୍ ଆସିଯିବ ବୋଲି ଅନେକେ ଭାବନ୍ତି। ଆଉ ଏଥିପାଇଁ ସେମାନେ କେବଳ ସେହି ନିର୍ଦ୍ଦିଷ୍ଟ ଭାଗ ଲାଗି ଏକ୍ସରସାଇଜ୍ କରିଥାଆନ୍ତି। ହେଲେ ଓଜନ କମିବା ସହ ସ୍ଲିମ୍ ଫିଟ୍ ରଖିବା ଲାଗି ଏକ୍ସପର୍ଟଙ୍କ ପରାମର୍ଶ କ୍ରମେ ପୂରା ଶରୀର ଲାଗି ବ୍ୟାୟାମ ଆବଶ୍ୟକ।

⏭ବର୍ତ୍ତମାନ ସ୍ଲିମ୍ ହେବା ଲାଗି ଅନେକେ ସପ୍ଲିମେଣ୍ଟ ଖାଉଥିବା ଦେଖିବାକୁ ମିଳୁଛି। ହେଲେ ଆପଣ ଜାଣନ୍ତି କି, ଫ୍ୟାଟ୍ କଟର ଭାବେ ବିକ୍ରି ହେଉଥିବା ଏହି ପ୍ରୋଟିନ୍ ପାଉଡର ବି କେବେକେବେ ଓଜନ ବୃଦ୍ଧି କରିଥାଏ। ତେଣୁ ଏସବୁ ଖାଇବା ପରିବର୍ତ୍ତେ ସୁଷମ ଖାଦ୍ୟ ଖାଇବା ସହ ପ୍ରତିଦିନ ଯୋଗ, ପ୍ରାଣାୟାମ, ଏକ୍ସରସାଇଜ୍ କରନ୍ତୁ।

## ଜାଣନ୍ତୁ ଦୁନିଆ

# ଅଜବ ଖାଦ୍ୟପେୟ

**ମଣିଷ ଶରୀର ପାଇଁ ଖାଦ୍ୟ ନିହାତି ଆବଶ୍ୟକ। ତେଣୁ ସୁସ୍ଥ ରହିବା ଲାଗି ଆମେ ସୁଷମ ତଥା ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ଗ୍ରହଣ କରିଥାଉ। ହେଲେ ପୃଥିବୀର କେତେକ ସ୍ଥାନରେ ଏଭଳି କିଛି ଖାଦ୍ୟର ଚାହିଦା ରହିଛି, ଯାହାକି ନା ପାଟିକୁ ସ୍ୱାଦିଷ୍ଟ ନା ଶରୀର ପାଇଁ ହିତକର। ଜାଣିବା ଏଭଳି କେତେକ ଅଜବ ଖାଦ୍ୟ ସମ୍ପର୍କରେ...**



**ସୋର୍‌ଟୋ କକ୍‌ଟେଲ୍:** ଅନେକେ ଆଲ୍‌କହଲ୍ ପିଅନ୍ତି ଏହା ତ ସମସ୍ତଙ୍କୁ ଜଣା। ହେଲେ ଏଥିରେ ମଣିଷ ଗୋଡ଼ ଆଙ୍ଗୁଠି ପକାଇ ପିଇବା କଥା ଶୁଣିଲେ ହୁଏତ ଆପଣମାନେ ଆଦୌ ବିଶ୍ୱାସ ନ କରିପାରନ୍ତି। ହେଲେ ଏହା ସତ। କାନାଡ଼ାର ଡସନ୍ ସିଟିରେ ଥିବା ଡାଉନ୍‌ଟାଉନ୍ ହୋଟେଲ୍‌ରେ ରହିଛି ସୋର୍‌ଟୋ କକ୍‌ଟେଲ୍ କ୍ଲବ୍। ଏହାର ମେମ୍ବର ହେବାକୁ ହେଲେ ପିଇବାକୁ ହୋଇଥାଏ ଏହି ଅଜବ ସୋର୍‌ଟୋ କକ୍‌ଟେଲ୍। ତେବେ ଖାଲି ପିଇଲେ ହେବ ନାହିଁ, ସର୍ତ୍ତ ଅନୁଯାୟୀ ଆଲ୍‌କହଲ୍ ପିଇବା ବେଳେ ସେଥିରେ ପକାଯାଇଥିବା ଆଙ୍ଗୁଠିକୁ ଓଠ ସ୍ପର୍ଶ ହେଉଥିବା ଦରକାର। ଏହି କକ୍‌ଟେଲ୍ ପାଇଁ ସେଠାରେ କଟା ଆଙ୍ଗୁଠି ସଂରକ୍ଷଣ କରି ରଖାଯାଇଥାଏ। ଏଥିପାଇଁ ମଝିରେ ମଝିରେ ବିଜ୍ଞାପନ ପ୍ରକାଶ କରାଯାଇଥାଏ ଏବଂ ଡୋନରଙ୍କଠାରୁ ଆଙ୍ଗୁଠି ସଂଗ୍ରହ କରାଯାଇଥାଏ।

**ସାନକ୍‌ଜି:** ଦକ୍ଷିଣ କୋରିଆରେ ଏହା ଏକ ପ୍ରସିଦ୍ଧ ଖାଦ୍ୟ। ସେଠାକାର ରେସ୍ତୋରାଁଗୁଡ଼ିକରେ କଞ୍ଚା ଅକ୍ଟୋପସ୍‌କୁ କାଟି ସେଥିରେ ରାଶିତେଲ ମିଶାଇ ଏହି ଖାଦ୍ୟ ଗ୍ରାହକଙ୍କୁ ପରଷା ଯାଇଥାଏ। ଏହାକୁ ଖାଇବା ଦ୍ୱାରା ଅକ୍ଟୋପସ୍ ତଣ୍ଟିରେ ଲାଗି ମଣିଷର ଜୀବନ ଯିବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରେ ନାହିଁ। ତଥାପି ସେଠାରେ ଏହି ଖାଦ୍ୟର ଚାହିଦା ରହିଛି। ସେଠାକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଏହି ଅଜବ ଖାଦ୍ୟ ଥରେ ଟ୍ରାଏ କରିବାକୁ ଭୁଲନ୍ତି ନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି, ବର୍ତ୍ତମାନ ଅନ୍ୟ ଦେଶ ଏମିତିକି ଭାରତରେ ମଧ୍ୟ କେତେକ ସ୍ଥାନରେ ଏହି ଖାଦ୍ୟ ଆଗ୍ରହୀ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେଲାଣି।

**ହାକାର୍ଲ:** ଖାଦ୍ୟର ବାସ୍ନା ଓ ସ୍ୱାଦ ଆମକୁ ଆକର୍ଷିତ କରିଥାଏ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ହାକାର୍ଲ ଏମିତି ଏକ ଖାଦ୍ୟ ; ଯାହାକୁ ଖାଇବା ତ ଦୂରର କଥା ପ୍ଲେଟ୍‌ରେ ରଖିଲେ ବି ଗନ୍ଧରେ ରହିବା କଷ୍ଟ ହୋଇପଡ଼େ। କାହିଁକି ଜାଣନ୍ତି? ଏହା ପ୍ରସ୍ତୁତ ହୋଇଥାଏ ପଚା ସାର୍କ ମାଛରେ, ଯାହାକି ଆଇସ୍‌ଲାଣ୍ଡର ଏକ ବେଶ୍ ଲୋକପ୍ରିୟ ଖାଦ୍ୟ। ପୂର୍ବରୁ ଏହାକୁ ପ୍ରସ୍ତୁତ କରିବା ପାଇଁ ସାର୍କମାଛକୁ ଏକ ଖାଲ ଭିତରେ ରଖି ଏହା ଉପରେ ବାଲି ଘୋଡ଼ାଇ ଦିଆଯାଉଥିଲା ଏବଂ ଉପରେ ପଥର ରଖି କିଛିମାସ ପର୍ଯ୍ୟନ୍ତ ପଚିବାକୁ ଛାଡ଼ି ଦିଆଯାଉଥିଲା। ବର୍ତ୍ତମାନ ଏହାକୁ ପଚାଇବା ପାଇଁ ୪–୫ ମାସ ଟଙ୍ଗାଇ ରଖାଯାଉଛି। ପରେ ଏହାକୁ ଶୁଖାଇ ଛୋଟ ଛୋଟ କାଟି ଖାଇବାକୁ ଦିଆଯାଇଥାଏ। ବିଶେଷକରି ଏହାକୁ ଭୋଡ୍‌କା ସହିତ ସ୍ନାକ୍ସ ବା ଚାଖଣା ଭାବେ ଖାଇବାକୁ ଅନେକେ ପସନ୍ଦ କରିଥା'ନ୍ତି।





# ୫ମ ବିଜୟ ସହ ଦ୍ୱିତୀୟରେ ସନ୍‌ରାଇଜର୍ସ

ନୂଆଦିଲ୍ଲୀ, ୨୦।୪

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶନିବାର ଅନୁଷ୍ଠିତ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୬୭ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ୭ ମ୍ୟାଚରୁ ୫ମ ବିଜୟ ସହ ହାଇଦ୍ରାବାଦ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଏକାଧିକ ରେକର୍ଡ ବିଶିଷ୍ଟ ମ୍ୟାଚରେ ସନ୍‌ରାଇଜର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୨୬୬ ରନ କରିଥିଲା। ୨୬୭ ରନ ବିଜୟ ଲକ୍ଷ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯.୧ ଓଭରରେ ୧୯୯ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ୧୫ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ଜ୍ୟାକ ଫ୍ରାସର-ମ୍ୟାକଗୁର୍କ୍ ୧୮ ବଲ୍‌ରୁ ୬୫ (୫ ଚୌକା, ୭ ଛକା) ରନ କରିଥିଲେ ହେଁ ଅନ୍ୟ କୌଣସି ବ୍ୟାଟର ସେପରି ଦ୍ରୁତ ହାରରେ ରନ ସଂଗ୍ରହ କରିପାରି ନ ଥିଲେ। ଅଧିନାୟକ ଋଷଭ ପନ୍ତ ୩୫ ବଲ୍‌ରୁ ୪୪, ଅଭିଷେକ ପୋରେଲ ୨୨ ବଲ୍‌ରୁ ୪୨ ରନର ଯୋଗଦାନ ଦେଇଥିବାବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ସନ୍‌ରାଇଜର୍ସ ପକ୍ଷରୁ ଟି. ନଟରାଜନ ସର୍ବାଧିକ ୪ଟି, ମୟଙ୍କ ମାର୍କଣ୍ଡେ ଓ ନୀତୀଶ କୁମାର ରେଡ୍ଡୀ ୨ଟି ଲେଖାଏ ଏବଂ ୱାଶିଂଟନ ସୁନ୍ଦର ଓ ଭୁବନେଶ୍ୱର କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ଟ୍ରାଭିସ ହେଡ୍।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନ୍‌ରାଇଜର୍ସ ବିସ୍ଫୋରକ ଆରମ୍ଭ କରିଥିଲା। ଦୁଇ ଓପନର ପାୱାରପ୍ଲେରେ ପ୍ରତିପକ୍ଷ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ସାଜିଥିଲେ। ଆକ୍ରମଣର ନେତୃତ୍ୱ ନେଇଥିଲେ ଇନ୍ ଫର୍ମ ବ୍ୟାଟର ଟ୍ରାଭିସ ହେଡ୍। ମାତ୍ର ୧୬ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିବା ହେଡ୍ ଅଭିଷେକ ଶର୍ମାଙ୍କ ସହ ମିଶି ପାୱାରପ୍ଲେ ୬ ଓଭରରେ ଦଳପାଇଁ ୧୨୫ ରନର ପାର୍ଟନରଶିପ୍ ଗଢ଼ିଥିଲେ। ୫ ଓଭରରେ ହାଇଦ୍ରାବାଦ ଇନିଂସ ୧୦୦ ଅତିକ୍ରମ କରିଥିଲା। ଯାହାକି ଆଇପିଏଲ୍ ଇତିହାସରେ ଦଳଗତ ଶତକରେ ଏହା ପ୍ରଥମ। ପୂର୍ବରୁ ୨୦୧୪ରେ ମୁମ୍ବାଇଠାରେ ଚେନ୍ନାଇ ସୁପର କିଙ୍ଗ୍ସ ପ୍ରତିପକ୍ଷ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ୬ ଓଭରରେ ଦଳଗତ ଶତକ ହାସଲ କରି ରେକର୍ଡର ଅଧିକାରୀ ଥିଲା। ନିଜ ପ୍ରଥମ ଓଭରରେ ୨୦ ରନ ବ୍ୟୟ କରିଥିବା ସ୍ପିନର କୁଲଦୀପ ଯାଦବ ଦ୍ୱିତୀୟ ଓଭରରେ ମାତ୍ର ୮ ରନ ଦେଇ ୨ଟି ଉଇକେଟ ନେବାରୁ ରନ ହାରରେ ଅଙ୍କୁଶ ଲାଗିଥିଲା। ୭ମ ଓଭରର ଦ୍ୱିତୀୟ ବଲ୍‌ରେ ସେ ଅଭିଷେକ ଶର୍ମାଙ୍କୁ ଆଉଟ କରି ଦିଲ୍ଲୀକୁ ବ୍ରେକ୍ ଥ୍ରୁ ଦେଇଥିଲେ। ସେହି ଓଭରର ୬ଷ୍ଠ ଓଭରରେ ସେ ଏଡେନ ମାରକ୍ରମଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ଅଭିଷେକ ୧୨ ବଲ୍‌ରୁ ୪୬ ରନ କରିଥିବାବେଳେ ମାରକ୍ରମ ମାତ୍ର ୧ ରନର ଯୋଗଦାନ ଦେଇଥିଲେ। କେବଳ ସେତିକି ନୁହେଁ କୁଲଦୀପ ନିଜ ପରବର୍ତ୍ତୀ ଓଭରର ଅନ୍ତିମ ବଲ୍‌ରେ ବିପଜ୍ଜନକ ଟ୍ରାଭିସ ହେଡ୍‌ଙ୍କୁ ଆଉଟ କରିବାରୁ ଦିଲ୍ଲୀ ଶିବିର ଆଶ୍ୱସ୍ତ ହୋଇଥିଲା। ହେଡ୍ ମାତ୍ର ୩୨ ବଲ୍‌ରୁ ୧୧ ଚୌକା ଓ ୬ ଛକା ସହାୟତାରେ ୮୯ ରନ ସ୍କୋର କରିଥିଲେ। ୧୬ ବଲ୍‌ରୁ ହେଡ୍‌ଙ୍କ ଅର୍ଦ୍ଧଶତକ ପୂରଣ ଆଇପିଏଲ୍‌ରେ ସନ୍‌ରାଇଜର୍ସ ପାଇଁ ଯୁଗ୍ମ ଦ୍ରୁତତମ। ପୂର୍ବରୁ ଚଳିତ ବର୍ଷ ହାଇଦ୍ରାବାଦରେ ଅନ୍ୟତମ ସ୍ପିନର ଅକ୍ଷର ପଟେଲ ମାପଚୁପ ବୋଲିଂ କରିଥିଲେ। ସେ ନିଜ ୪ ଓଭରରେ ୨୯ ରନ ଦେଇ ଅନ୍ୟତମ ବିପଜ୍ଜନକ ବ୍ୟାଟର ହେନରିଚ୍ କ୍ଲାସେନ (୧୫ ରନ)ଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଶେଷ ଭାଗରେ ନୀତୀଶ କୁମାର ରେଡ୍ଡୀ ୨୭ ବଲ୍‌ରୁ ୩୭ (୨ ଚୌକା, ୨ ଛକା) ଓ ଶାହାବାଜ ଅହମଦ ୨୯ ବଲ୍‌ରୁ ୫୯ (୨ ଚୌକା, ୫ ଛକା) ରନରେ ଅପରାଜିତ ରହିବାରୁ ସନ୍‌ରାଇଜର୍ସ ସ୍କୋର ୨୬୬ରେ ପହଞ୍ଚି ଯାଇଥିଲା। ଦିଲ୍ଲୀ ବୋଲରଙ୍କ ମଧ୍ୟରେ କୁଲଦୀପ ଯାଦବ ୪ଟି ଏବଂ ମୁକେଶ କୁମାର ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସନ୍‌ରାଇଜର୍ସ ଇନିଂସରେ ମୋଟ ୨୨ଟି ଛକା ଦେଖିବାକୁ ମିଳିଥିଲା। ଯାହାକି ଆଇପିଏଲ୍ ଇତିହାସରେ ଯୁଗ୍ମ ସର୍ବାଧିକ। ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ସନ୍‌ରାଇଜର୍ସ ଇନିଂସରେ ୨୨ ଛକା ହୋଇଥିଲା। ଆଇପିଏଲ୍‌ରେ ୩ ଥର ୨୫୦ରୁ ଊର୍ଦ୍ଧ୍ୱ ସ୍କୋର କରି ମଧ୍ୟ ହାଇଦ୍ରାବାଦ ଦଳ ରେକର୍ଡ କରିଛି।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୬୬/୭ (ଟ୍ରାଭିସ ହେଡ୍-୮୯, ଶାହାବାଜ ଅହମଦ-୫୯*, ଅଭିଷେକ ଶର୍ମା-୪୬, ନୀତୀଶ ରେଡ୍ଡୀ-୩୭, କୁଲଦୀପ ଯାଦବ-୪/୫୫, ମୁକେଶ କୁମାର-୧/୫୭, ଅକ୍ଷର ପଟେଲ-୧/୨୯)। ଦିଲ୍ଲୀ କ୍ୟାପିଟାଲ୍ସ ୧୯.୧ ଓଭରରେ ୧୯୯/ଅଲ୍‌ଆଉଟ (ଜ୍ୟାକ ଫ୍ରାସର ମ୍ୟାକଗୁର୍କ୍-୬୫, ଋଷଭ ପନ୍ତ-୪୪, ଅଭିଷେକ ପୋରେଲ-୪୨, ଟି. ନଟରାଜନ-୪/୧୯, ମୟଙ୍କ ମାର୍କଣ୍ଡେ-୨/୨୬, ନୀତୀଶ ରେଡ୍ଡୀ-୨/୧୭, ଭୁବନେଶ୍ୱର କୁମାର-୧/୩୩, ୱାଶିଂଟନ ସୁନ୍ଦର-୧/୪୬)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୭ | ୬ | ୧ | ୧୨ | +୦.୬୭୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୯୧୪ |
| କୋଲକାତା ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୧.୩୯୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୪ | ୩ | ୮ | +୦.୫୨୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୪ | ୩ | ୮ | +୦.୧୨୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | -୦.୧୩୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୩ | ୫ | ୬ | -୦.୪୭୭ |
| ଗୁଜରାଟ ଟାଇଟନ୍ସ | ୭ | ୩ | ୪ | ୬ | -୧.୩୦୩ |
| ପଞ୍ଜାବ କିଙ୍ଗ୍ସ | ୭ | ୨ | ୫ | ୪ | -୦.୨୫୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୭ | ୧ | ୬ | ୨ | -୧.୧୮୫ |

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲକାତା ବନାମ ବେଙ୍ଗାଲୁରୁ**
ସ୍ଥାନ: କୋଲକାତା
ସମୟ: ଅପରାହ୍ନ ୩.୩୦

**ପଞ୍ଜାବ ବନାମ ଗୁଜରାଟ**
ସ୍ଥାନ: ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଓଡ଼ିଶାର ସାତ୍ତ୍ୱିକଙ୍କୁ ଯୋଗ୍ୟତା

## ୮ ବର୍ଷରୁ କମ୍ ଚେସ୍ ବିଶ୍ୱକପ୍

ଭୁବନେଶ୍ୱର, ୨୦।୪ (ତପନ ସ୍ୱାଇଁ)

ଜର୍ଜିଆର ବାଟୁମିରେ ଫିଡେ ବିଶ୍ୱକପ୍ (୮, ୧୦ ଓ ୧୨ ବର୍ଷରୁ କମ୍) ଆସନ୍ତା ଜୁନ୍ ୨୨ରୁ ଜୁଲାଇ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାର ୮ ବର୍ଷରୁ କମ୍ ବୟସ ବର୍ଗରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୦୨୩ରେ ଅନୁଷ୍ଠିତ ୭ ବର୍ଷରୁ କମ୍ ଜାତୀୟ ଚେସ୍ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ ଭିତ୍ତିରେ ସାତ୍ତ୍ୱିକ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ପାଇଛନ୍ତି। ଓପନ ବର୍ଗରେ ସେ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ତାଙ୍କ ବ୍ୟତୀତ ୮ ବର୍ଷରୁ କମ୍ ଓପନ ବର୍ଗରେ ପଶ୍ଚିମବଙ୍ଗର ମନି ସର୍ବର୍ଥୋ, ତାମିଲନାଡୁର କଭିସ ପାଲାନିଆପ୍ପାନ କେ. ଓ ଉତ୍ତର ପ୍ରଦେଶର ଶିଭୟ ସିଂ ବିଶ୍ୱକପ୍ ଖେଳିବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶାର ସାତ୍ତ୍ୱିକ ଭୁବନେଶ୍ୱର ଶୈଳଶ୍ରୀ ବିହାରସ୍ଥିତ କିଙ୍ଗ ଚେସ୍ ସେଣ୍ଟର ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ସମ୍ବିତ ପଣ୍ଡା ଓ ମହୀତୋଷ ଦେ'ଙ୍କ ପରେ ପାଖାପାଖି ୧୦ ବର୍ଷ ବ୍ୟବଧାନରେ ସାତ୍ତ୍ୱିକ ଏପରି ବଡ଼ ସୁଯୋଗ ପାଇଛନ୍ତି ବୋଲି କିଙ୍ଗ୍ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା କୋଚ୍ ବିଶ୍ୱଜିତ ରାୟ ପ୍ରକାଶ କରିଛନ୍ତି।



ସାତ୍ତ୍ୱିକ ସ୍ୱାଇଁ

# ଭିନେଶ, ଅଂଶୁ ଓ ରୀତିକାଙ୍କୁ ଅଲିମ୍ପିକ କୋଟା

ବିଶ୍‌କେକ (କିରଗିଜସ୍ତାନ), ୨୦।୪ (ପିଟିଆଇ)

ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟ ଗୋଟିଏ ହେଲେ ପଏଣ୍ଟ ନ ହରାଇ ୫୦କେଜି ଓଜନ ଶ୍ରେଣୀରେ ଏସିଆନ ଅଲିମ୍ପିକ କ୍ୱାଲିଫାୟର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ସେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଦେଶ ଲାଗି ଦ୍ୱିତୀୟ କୋଟା ପକ୍କା କରିଛନ୍ତି। ଅଂଶୁ ମଲିକ (୫୭କେଜି) ଓ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ରୀତିକା (୭୬କେଜି) ମଧ୍ୟ ଚମତ୍କାର ପ୍ରଦର୍ଶନ ସହ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରି ପ୍ୟାରିସ ଅଲିମ୍ପିକ୍ସ ଟିକେଟ ହାସଲ କରିଛନ୍ତି। ପୂର୍ବରୁ ଗତ ବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ସହ ଅନ୍ତିମ ପଙ୍ଘାଲ ୫୩ କେଜି ଶ୍ରେଣୀରେ କୋଟା ହାସଲ କରିଛନ୍ତି। ୨୯ ବର୍ଷୀୟା ଭିନେଶ ଏଥରକୁ ମିଶାଇ କ୍ରମାଗତ ତୃତୀୟ ଥର ଅଲିମ୍ପିକ କୋଟା ହାସଲ କରିଛନ୍ତି। ପୂର୍ବରୁ ସେ ରିଓ ଗେମ୍ସ (୨୦୧୬) ଓ ଟୋକିଓ (୨୦୨୦) ପାଇଁ କୋଟା ହାସଲ କରିଥିଲେ। ଭାରତୀୟ କୁସ୍ତି ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ବ୍ରିଜ ଭୂଷଣ ଶରଣଙ୍କ ବିରୋଧରେ ହୋଇଥିବା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ଭିନେଶ ବଳିଷ୍ଠ ପ୍ରଦର୍ଶନ ସହ ଜଣକ ପରେ ଜଣେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅତି ସହଜରେ ପରାସ୍ତ କରିଥିଲେ। ସେ ତାଙ୍କ କୋରିଆ ପ୍ରତିଦ୍ୱନ୍ଦ୍ୱୀଙ୍କୁ ମାତ୍ର ୧ ମିନିଟ ୩୯ ସେକେଣ୍ଡରେ ହରାଇ ଦେଇଥିଲେ। ପରେ ସେ କାମ୍ବୋଡିଆର ସ୍ମାନାଙ୍ଗ ଦିତ୍‌ଙ୍କୁ ୬୭ ସେକେଣ୍ଡରେ ହରାଇ ଦେଇଥିଲେ। କିନ୍ତୁ ଭାରତର ଏହି ରେସ୍‌ଲିଂ ସେଲିବ୍ରେଟି କାଜାଖସ୍ତାନର ୧୯ ବର୍ଷୀୟା ଲାଉରା ଗାନିକିଜିଙ୍କ ବିପକ୍ଷରେ କିଛିଟା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ମାତ୍ର ସେ ତାଙ୍କ ସମସ୍ତ ଅଭିଜ୍ଞତାର ଉପଯୋଗ କରି ଯୁବ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରିଥିଲେ। ଭିନେଶ ସିଲେକ୍ସନ ଟ୍ରାଏଲ ଜିତିବା ପରେ ୫୦ କେଜି କାଟେଗୋରିରେ ଭାଗ ନେଇଥିଲେ।

# ନିଜ ବିଶ୍ୱ ରେକର୍ଡ ଭାଙ୍ଗିଲେ ଡୁପ୍ଲାଣ୍ଟିସ

ଜିଆମେନ୍ (ଚାଇନା), ୨୦।୪

ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ସୁଇଡେନର ଆର୍ମାଣ୍ଡ ଡୁପ୍ଲାଣ୍ଟିସ ପୋଲ୍‌ଭଲ୍ଟରେ ନିଜ ବିଶ୍ୱରେକର୍ଡକୁ ଭଙ୍ଗ କରିଛନ୍ତି। ଶନିବାର ଏଠାରେ ୨୦୨୪ ସିଜନର ପ୍ରଥମ ଡାଇମଣ୍ଡ ଲିଗ୍ ମିଟିଂରେ ୬.୨୪ ମିଟର ପ୍ରଚେଷ୍ଟା ସହ ଏହି ସଫଳତା ଅର୍ଜନ କରିଛନ୍ତି। ପୂର୍ବରୁ ସେ ଗତବର୍ଷ ସେପ୍ଟେମ୍ବରରେ ୟୁଜିନ୍ ଡାଇମଣ୍ଡ ଲିଗ୍ ଫିନାଲେରେ ୬.୨୩ ମିଟର ଅଙ୍କ ସହ ବିଶ୍ୱ ରେକର୍ଡ କରିଥିଲେ। ଏଥକୁ ମିଶାଇ ଡୁପ୍ଲାଣ୍ଟିସ ୮ ଥର ବିଶ୍ୱ ରେକର୍ଡ ଭଙ୍ଗ କରିସାରିଲେଣି। ଏହି ୨୪ ବର୍ଷୀୟ ଏକମାତ୍ର ପୁରୁଷ ଆଥଲେଟ ଭାବେ ଇଗ୍ରେଟ ଷ୍ଟାଡିୟମରେ ୬ ମିଟର କ୍ଲିୟର ପରିପାରିଛନ୍ତି।

# ମାରାଥନ ଚେସ୍‌ରେ ଓନାକୋୟାଙ୍କ ବିଶ୍ୱ ରେକର୍ଡ

ନ୍ୟୁୟର୍କ, ୨୦।୪(ଏପି)

ନ୍ୟୁୟର୍କ ସିଟି ଟାଇମ୍ସ ସ୍କୋୟାରରେ ଅବିରାମ ୬୦ଘଣ୍ଟା ସମୟ ଧରି ଚେସ୍ ଖେଳି ନାଇଜେରିଆର ଜଣେ ଚେସ୍ ଚାମ୍ପିୟନ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଭଙ୍ଗ କରିଛନ୍ତି। ସମଗ୍ର ଆଫ୍ରିକାରେ ଶିଶୁ ଶିକ୍ଷା ଅଭିଯାନ ପାଇଁ କାର୍ଯ୍ୟ କରୁଥିବା ୨୯ ବର୍ଷୀୟ ଟୁଣ୍ଡେ ଓନାକୋୟା ୧ନିୟୁତ ଡଲାର ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ତାଙ୍କର ଏହି ପ୍ରଚେଷ୍ଟା ବୁଧବାର ଆରମ୍ଭ କରିଥିଲେ। ଏହି ରୟାଲ ଗେମ୍‌କୁ ପ୍ରଥମେ ସେ ୫୮ଘଣ୍ଟା ଧରି ଖେଳିବା ଲାଗି ସ୍ଥିର କରିଥିଲେ। ମାତ୍ର ସେ ୬୦ ଘଣ୍ଟା ଧରି ଖେଳିଥିଲେ। ଶନିବାର ରାତି ୧୨ଟା ୪୦ରେ ତାଙ୍କ ଖେଳ ସରିଥିଲା। ପୂର୍ବରୁ ମାରାଥନ ଚେସ୍ ଖେଳିବାରେ ବିଶ୍ୱ ରେକର୍ଡ ନରୱେର ଦୁଇ ଖେଳାଳି ହଲାର୍ଡ ହଗ୍ ଫ୍ଲାଟେବ ଓ ଏସଜୁର ଫର୍କିଙ୍ଗଷ୍ଟାଡଙ୍କ ନାମରେ ରହିଥିଲା। ୨୦୧୮ରେ ଏହି ଦୁଇ ଖେଳାଳି ୫୬ ଘଣ୍ଟା ୯ ମିନିଟ ଓ ୩୭ ସେକେଣ୍ଡ ସମୟ ଧରି ଖେଳିଥିଲେ। ଓନାକୋୟାଙ୍କ ଏହି ପ୍ରଚେଷ୍ଟା ସମ୍ପର୍କରେ ଗିନିଜ ୱାର୍ଲ୍ଡ ରେକର୍ଡ ସଂଗଠନ ତରଫରୁ କିନ୍ତୁ ଏପର୍ଯ୍ୟନ୍ତ ସର୍ବସାଧାରଣରେ କୌଣସି ଟିପ୍ପଣୀ ଦିଆଯାଇ ନାହିଁ। କୌଣସି ନୂଆ ରେକର୍ଡ ସମ୍ପର୍କରେ ସ୍ପଷ୍ଟ କରିବା ଲାଗି ସଂଗଠନ କିଛି ସପ୍ତାହ ସମୟ ନେଇଥାଏ। ଓନାକୋୟା ଗିନିଜ ୱାର୍ଲ୍ଡ ରେକର୍ଡ ଗାଇଡ୍ ଲାଇନ୍ ଅନୁସାରେ ଜଣେ ଆମେରିକୀୟ ଚେସ୍ ଚାମ୍ପିୟନ ସ୍ୱାନ ମାର୍ଟିନେଜ୍‌ଙ୍କ ବିପକ୍ଷରେ ଖେଳିଥିଲେ। ଏହି ମାରାଥନ ଚେସ୍ ପାଇଁ ଅନଲାଇନ୍‌ରେ ବିପୁଳ ସମର୍ଥନ ମିଳିଥିଲା। ମ୍ୟାଚ ସ୍ଥଳରେ କେତେକ ଆଫ୍ରିକାନ୍ ମ୍ୟୁଜିକ୍ ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ନାଇଜେରିଆନ ମ୍ୟୁଜିକ୍ ଷ୍ଟାର ଡାଭିଡୋଙ୍କୁ ମଧ୍ୟ ସେଠାରେ ଦେଖିବାକୁ ମିଳିଥିଲା। ୨୦୧୮ରେ ଚେସ୍ ଇନ୍ ସ୍ଲମ୍ସ ଆଫ୍ରିକା ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି।

# ଟେନିସରୁ ମୁଗୁରୁଜାଙ୍କ ଅବସର

ମାଡ୍ରିଡ, ୨୦।୪

ସ୍ପେନର ଏକାଧିକ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ତଥା ବିଶ୍ୱର ପୂର୍ବତନ ନମ୍ବର ୱାନ ଖେଳାଳି ଗାର୍ବିନ ମୁଗୁରୁଜା ଶନିବାର ଟେନିସରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ୩୦ବର୍ଷୀୟା ଖେଳାଳି ୨୦୨୩ରୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉ ନାହାନ୍ତି। ଆସନ୍ତା ସୋମବାର ମାଡ୍ରିଡଠାରେ ଲୌରିଅସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ପୂର୍ବରୁ ସେ ତାଙ୍କର ଅବସର ଘୋଷଣା କରିଛନ୍ତି। ଆଗକୁ ତାଙ୍କୁ ଲୌରିଅସ୍ ଆମ୍ବାସାଡର ଭୂମିକାରେ ଦେଖିବାକୁ ମିଳିବ ବୋଲି ସେ କହିଛନ୍ତି।



ମୁଗୁରୁଜା ୨୦୧୨ରେ ପ୍ରଫେସନାଲ ହୋଇଥିଲେ। ୨୦୧୬ରେ ଫ୍ରେଞ୍ଚ ଓପନ ଫାଇନାଲରେ ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ସେ ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଏହାର ପରବର୍ତ୍ତି ବର୍ଷ ସେ ଫାଇନାଲରେ ଭେନସ ୱିଲିୟମ୍ସଙ୍କୁ ହରାଇ ୱିମ୍ବଲଡନ ଚାମ୍ପିୟନ ହୋଇଥିଲେ ଏବଂ ବିଶ୍ୱ ର୍‍ୟାଙ୍କିଙ୍ଗରେ ନମ୍ବର ୱାନ ହୋଇଥିଲେ। ଏହାର ବର୍ଷକ ପରେ ସେ ସିଜନ ଶେଷ ଡବ୍ଲ୍ୟୁଟିଏ ଫାଇନାଲ୍ସ ଚାମ୍ପିୟନଶିପ୍ ଜିତିଥିଲେ। ସୋମବାର ମାଡ୍ରିଡଠାରେ ହେବାକୁଥିବା ସମ୍ମାନଜନକ ଲୌରିଅସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ଉତ୍ସବରେ ଅନେକ ପୂର୍ବତନ ଓ ବର୍ତ୍ତମାନର ସ୍ପୋର୍ଟ୍ସ ଷ୍ଟାରଙ୍କୁ ଦେଖିବାକୁ ମିଳିବ। ତନ୍ମଧ୍ୟରେ ମୁଗୁରାଜା ଅନ୍ୟତମ। ମୁଗୁରୁଜା କହିଛନ୍ତି, ୨୫ ବର୍ଷ ପୂର୍ବେ ସେ ପ୍ରଥମେ ଟେନିସ ଖେଳିବା ଆରମ୍ଭ କରିଥିଲେ।

# ଅମିତ 'କଳିଙ୍ଗ କୁମାର', ବାଦଲ 'ଭୁବନେଶ୍ୱର କୁମାର'

ଭୁବନେଶ୍ୱର, ୨୦।୪ (ବିଜୟ ରଣା)

ପୁରୁଣା ଭୁବନେଶ୍ୱରସ୍ଥିତ ରାମେଶ୍ୱର କ୍ଲବ ଓ ଓଡ଼ିଶା ବଡ଼ି ବିଲ୍ଡିଂ ଆସୋସିଏଶନର ମିଳିତ ସହଯୋଗରେ ଦୁଇ ଦିନ ଧରି ରାମେଶ୍ୱର ମହୋତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୦ତମ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ସମେତ ବିଭିନ୍ନ ଜିଲାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ।




ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ରାଜ୍ୟସ୍ତରୀୟ ବିଭାଗରେ ଅମିତ କୁମାର ଭୂୟାଁ 'କଳିଙ୍ଗ କୁମାର' ବିବେଚିତ ହୋଇଥିଲେ। ଏଥିରେ ଉତ୍କଳ ଫିଟ୍‌ନେସ୍ ଜିମ୍‌ର ବାଦଲ ବେହେରା 'ଭୁବନେଶ୍ୱର କୁମାର' ବିବେଚିତ ହୋଇଥିବାବେଳେ ଦି ୱାର ହାଉସ୍ ଜିମ୍‌ର ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ୱିତୀୟ ଏବଂ ଫିଟ୍‌ନେସ୍ ବୁଲ୍‌ର ପାର୍ଥସାରଥି ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଫିଟ୍‌ନେସ ବୁଲ୍‌ର ବିନ୍ଦୁସାଗର କଳସ ଏବଂ ବଉଳଗଡ଼ କ୍ଲବର ପ୍ରମୋଦ କୁମାର ସ୍ୱାଇଁ ଯଥାକ୍ରମେ ୪ର୍ଥ ଓ ୫ମ ହୋଇଛନ୍ତି। ରାଜ୍ୟସ୍ତରୀୟ ବିଭାଗରେ ବାଦଲ ବେହେରା (ଭୁବନେଶ୍ୱର) ଦ୍ୱିତୀୟ ଓ ସତ୍ୟନାରାୟଣ ସାହୁ (ଗଞ୍ଜାମ) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପାର୍ଥସାରଥି ଜେନା(ଭୁବନେଶ୍ୱର) ଓ ସୂର୍ଯ୍ୟକାନ୍ତ ପ୍ରଧାନ(ଭୁବନେଶ୍ୱର) ଯଥାକ୍ରମେ ୪ର୍ଥ ଓ ୫ମ ହୋଇଛନ୍ତି। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ସଭାପତି ସୁମିତ୍ରା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାମେଶ୍ୱର କ୍ଲବର ପ୍ରତିଷ୍ଠାତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବ ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର, ଆର୍ଥିକ ପୁରସ୍କାର ଓ ଟ୍ରଫି ପ୍ରଦାନ ସହ ସମ୍ମାନିତ କରାଯାଇଥିଲା।

**ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ